ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 27/2023 Page 20 ₹ 7.00 SAMBALPUR

୪୯ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 272 ମୂଲ୍ୟ ₹୭/-

## ୨ରେ ଲଘୁଚାପ

ଭୁବନେଶ୍ୱର,୨୬।୮ (ଅନିଲ ଦାସ)

ଆସନ୍ତା ୩୦ ତାରିଖରେ ଉତ୍ତର-ପୂର୍ବ ବାଲାଂଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ବେଳକୁ ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସମ୍ଭାବ୍ୟ ଲଘୁଚାପ ରାଜ୍ୟର ବର୍ଷାଭାବକୁ ଦୂରକରିବା ସମ୍ଭାବନା କ୍ଷୀଣ। ଉତ୍ତର ଓଡ଼ିଶାର କିଛି ଜିଲାରେ ବର୍ଷା ହେଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏହା ପ୍ରଭାବହୀନ ରହିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଦୁର୍ବଳ ମୌସୁମୀ ଯୋଗୁ ରାଜ୍ୟର ୧୧ ଜିଲାରେ ପରିସ୍ଥିତି ସଙ୍ଗିନ ହୋଇଛି । ପାଣିପାଗ ବିଭାଗ ହିସାବ ଅନୁଯାୟୀ, ଜୁନ୍ ପହିଲାରୁ ଅଗଷ୍ଟ ୨୬ ଯାଏ ରାଜ୍ୟରେ ୮୫୬.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୭୭୮.୪ ମିଲିମିଟର। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମହାକାଶରେ ପ୍ରଗତି**

**ଆଜିର ମନ୍ତବ୍ୟ**

“ଲାଲ ଡାଏରିରେ ରାଜସ୍ଥାନ ସରକାରଙ୍କ କଳା କାରନାମା ଓ ଦୁର୍ନୀତି ଲୁଚି ରହିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଇସ୍ତଫା ଦିଅନ୍ତୁ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# ନବୀନ ପୁଣି ନଂ.୧ ମୁଖ୍ୟମନ୍ତ୍ରୀ

## ୨୩ ବର୍ଷ ଶାସନ ପରେ ବି ସର୍ବାଗ୍ରେ

**ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ବର୍ଷ କ୍ଷମତାରେ ରହିବା ପରେ ବି ଲୋକପ୍ରିୟତାର ଶୀର୍ଷରେ ରହିଛନ୍ତି। ରାଜ୍ୟର ୬୧.୩% ଲୋକ ନବୀନଙ୍କୁ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ଭୋଟ ଦେଇଥିବା ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରୁ ଜଣାପଡ଼ିଛି। ଏହି କ୍ଷେତ୍ରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ୫୯.୧% ସମର୍ଥନ ସହ ଦେଶର ଦ୍ୱିତୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟତା ଲାଭ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲ(ଦିଲ୍ଲୀ) ୫୭.୭%, ଭୂପେନ୍ଦ୍ର ପଟେଲ (ଗୁଜରାଟ) ୫୫.୩% ଏବଂ ହିମନ୍ତ ବିଶ୍ୱଶର୍ମା (ଆସାମ) ୪୯.୨% ଭୋଟ ପାଇ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି।**



ଭୁବନେଶ୍ୱର,୨୬।୮ (ଅନିଲ ଦାସ)

୫ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ପରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ଛବି ଅମଳିନ ରହିଛି। ରାଜ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପୁଣିଥରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ସର୍ଭେରେ ନବୀନ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସ୍ଥାନ ବଜାୟ ରଖିଛନ୍ତି । ସର୍ଭେରେ ମୋଟ ୩୭୬୦ ଜଣଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେଥିରେ ନବୀନ ରାଜ୍ୟରେ ୬୧.୩ ପ୍ରତିଶତ ସମର୍ଥନ ପାଇ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଭାବେ ସୁଶାସନ, ବିକାଶ, ଜନହିତକର କାର୍ଯ୍ୟ ଯୋଗାଇ ଜାତୀୟ ସ୍ତରରେ ବାରମ୍ବାର ଏକ ନମ୍ବର ହୋଇଆସୁଛନ୍ତି। ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, କ୍ରୀଡ଼ା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରି ନବୀନ ରାଜ୍ୟବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ମୋ ସରକାର, ୫-ଟି ରୂପାନ୍ତରଣ ଜରିଆରେ ଓଡ଼ିଶାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ନବୀନ ସଫଳ ହୋଇଛନ୍ତି। ତେବେ ଗତବର୍ଷ ସର୍ଭେରେ ନବୀନଙ୍କୁ ୭୮ ପ୍ରତିଶତ ସମର୍ଥନ ମିଳିଥିବା ବେଳେ ଚଳିତ ସର୍ଭେରେ ଏହା ୬୧.୩ ପ୍ରତିଶତକୁ ଖସି ଆସିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଇଣ୍ଡିଆ ଟୁଡେ ସର୍ଭେ ତାଲିକାର ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ରହିଛନ୍ତି। ତାଙ୍କୁ ୫୯. ୧ ପ୍ରତିଶତ ସମର୍ଥନ ମିଳିଛି। ତୃତୀୟ ସ୍ଥାନରେ ରହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ତାଙ୍କୁ ୫୭.୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ସେହିପରି ଚତୁର୍ଥ ସ୍ଥାନରେ ରହିଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ। ତାଙ୍କ କାର୍ଯ୍ୟଶୈଳୀକୁ ୫୫.୩ ପ୍ରତିଶତ ସମର୍ଥନ ମିଳିଛି। ପଞ୍ଚମ ସ୍ଥାନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରହିଛନ୍ତି। ତାଙ୍କ କାମରେ ୪୯.୨ ପ୍ରତିଶତ ଲୋକ ଖୁସିଥିବା ରିପୋର୍ଟରେ ଦର୍ଶାଯାଇଛି।

ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସର୍ଭେ ପକ୍ଷରୁ ସମଗ୍ର ଦେଶରୁ ୧,୩୪,୪୮୭ ଜଣଙ୍କଠାରୁ ମତାମତ ନିଆଯାଇଥିଲା। ଦେଶର ୪୮% ଲୋକ ଯୋଗୀଙ୍କ କାର୍ଯ୍ୟଶୈଳୀକୁ ପସନ୍ଦ କରିଛନ୍ତି। ସେହିପରି ଦେଶରେ ଅରବିନ୍ଦ କେଜ୍‌ରିୱାଲ ଦ୍ୱିତୀୟ ଜନପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ରହିଥିବା ବେଳେ ତୃତୀୟ ସ୍ଥାନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୪ର୍ଥ ସ୍ଥାନରେ ରହିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ।






## ସଂକ୍ଷେପରେ

### ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଭୋପାଳ,୨୬।୮:** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି। ଭାଜପାର ୩ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ମନ୍ତ୍ରୀ ପରିଷଦରେ ଜାତି ଓ ଅଞ୍ଚଳ ସମୀକରଣରେ ସନ୍ତୁଳନ ପାଇଁ ସମ୍ପ୍ରସାରଣ କରାଯାଇଥିବା କୁହାଯାଉଛି। ୩ ନୂଆ ମନ୍ତ୍ରୀଙ୍କ ମଧ୍ୟରୁ ରାଜେନ୍ଦ୍ର ଶୁକ୍ଳା ବ୍ରାହ୍ମଣ ହୋଇଥିବାବେଳେ ଗୌରୀଶଙ୍କର ବିସେନ୍ ଏବଂ ରାହୁଲ ଲୋଧି ଅନ୍ୟାନ୍ୟ ପଛୁଆ ବର୍ଗର। ସେମାନଙ୍କୁ ମିଶାଇ ଶିବରାଜଙ୍କ କ୍ୟାବିନେଟର ମନ୍ତ୍ରୀ ସଂଖ୍ୟା ୩୪ରେ ପହଞ୍ଚିଛି। ରାଜ୍ୟପାଳ ମଙ୍ଗୁଭାଇ ପଟେଲ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

### ଅଦାଲତ ଭାଷାରେ ଚାର୍ଜଶିଟ୍ ଦାଖଲ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮(ପି.ଟି.):** ତଦନ୍ତକାରୀ ସଂସ୍ଥା ଅଦାଲତି ଭାଷାରେ ଚାର୍ଜଶିଟ୍ ଦାଖଲ କରିବା ଅନିବାର୍ଯ୍ୟ ନୁହେଁ। ଏଥିପାଇଁ କ୍ରିମିନାଲ ପ୍ରୋସିଜିଓର କୋଡ୍ (ସିଆର୍‌ପିସି)ରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥିବା ସୁପ୍ରିମକୋର୍ଟ କହିଛନ୍ତି। ସିଆର୍‌ପିସିର ଧାରା ୨୭୨ରେ କୋର୍ଟରେ କେଉଁ ଭାଷା ବ୍ୟବହାର କରାଯିବ ତାହା ଉଲ୍ଲେଖ ରହିଛି। ହାଇକୋର୍ଟ ଭିନ୍ନ ରାଜ୍ୟର ଅନ୍ୟ ଅଦାଲତଗୁଡ଼ିକରେ କ'ଣ ଭାଷା ବ୍ୟବହାର କରାଯିବା ସେ ନେଇ ସମ୍ପୃକ୍ତ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ବ୍ୟାପମ ଦୁର୍ନୀତି ମାମଲାରେ ଚାର୍ଜଶିଟ୍‌ର ନକଲ ହିନ୍ଦୀ ଭାଷାରେ ଦେବା ଲାଗି ମଧ୍ୟପ୍ରଦେଶ ହାଇକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସିବିଆଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଉକ୍ତ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ଉପରୋକ୍ତ ରୁଲିଂ ଦେଇଛନ୍ତି।

### ସ୍ତ୍ରୀଙ୍କୁ ଛାଡ଼ି ଅଲଗା ରହିବା ଛାଡ଼ପତ୍ର ନୁହେଁ: ହାଇକୋର୍ଟ

**ପାଟନା,୨୬।୮:** ସ୍ତ୍ରୀଙ୍କୁ ଛାଡ଼ି ଜଣେ ଲୋକ ଆର୍‌ଏସ୍‌ଏସ୍ ଅଫିସରେ ରହୁଥିଲେ। ତଳକୋର୍ଟ ସେମାନଙ୍କୁ ଛାଡ଼ପତ୍ର ପାଇଁ ଅନୁମତି ଦେଇଥିଲେ। ରାୟ ବିରୋଧରେ ମହିଳା ଜଣକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାରକରି ତଳ କୋର୍ଟର ରାୟକୁ ରଦ୍ଦ କରିଛନ୍ତି। ଜଷ୍ଟିସ୍ ପି.ବି. ବଜନ୍ତ୍ରି ଏବଂ ଜିତେନ୍ଦ୍ର କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଶା ଗୁପ୍ତାଙ୍କ ପିଟିଶନର ଶୁଣାଣି କରିଥିଲେ। ୨୦୧୭ ଅକ୍ଟୋବର ୭ରେ ନାଳନ୍ଦା ପରିବାର ଅଦାଲତ ଦ୍ୱାରା ଦିଆଯାଇଥିବା ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଭିଯୁକ୍ତ ଉଦୟ ଚାନ୍ଦ ଗୁପ୍ତା, ନିଶାଙ୍କୁ ୧୯୮୭ରେ ବିବାହ କରିଥିଲେ ଏବଂ ସେମାନଙ୍କର ୨ଟି ପୁଅ ଅଛନ୍ତି। ହେଲେ ଅଭିଯୁକ୍ତ ଜଣକ ତାଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିବା ଅଭିଯୋଗ କରି ଛାଡ଼ପତ୍ର ଦେବା ପାଇଁ ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ହାଇକୋର୍ଟ କହିଥିଲେ, ବୈବାହିକ ଜୀବନରେ ଛୋଟ ବଡ଼ କଳି ହୋଇଥାଏ, ତେବେ ଏଠାରେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ନିର୍ଯାତନା ଦେଉଥିବାର କୌଣସି ଠିକ୍ ପ୍ରମାଣ ମିଳିନାହିଁ। ସେହିପରି ପୀଡ଼ିତା ଜଣକ ବର୍ତ୍ତମାନ ସୁଦ୍ଧା ତାଙ୍କ ଦୁଇ ପୁଅ ସହିତ ଶାଶୁଘରେ ରହି ଆସୁଥିବାବେଳେ ଅଭିଯୁକ୍ତ ସ୍ୱାମୀ ଘରେ ରହିବା ବଦଳରେ ଆର୍‌ଏସ୍‌ଏସ୍ ଅଫିସରେ ରହୁଛନ୍ତି। ଏଭଳି ସ୍ଥିତିରେ ଛାଡ଼ପତ୍ର ମାମଲାକୁ ରଦ୍ଦ କରାଯାଉଛି ବୋଲି ଖଣ୍ଡପୀଠ କହିଛନ୍ତି।



ଚେନ୍ନାଇର ଏଡ୍‌ୱାର୍ଡ ଏଲିଅଟ୍ ବେଳାଭୂମିରେ ଲୋକମାନେ ଭ୍ରମଣ କରୁଛନ୍ତି।

## ବର୍ଷୀୟାନ ବଲିଉଡ୍ ଗୀତିକାର ଦେବ କୋହଲିଙ୍କ ପରଲୋକ



**ମୁମ୍ବାଇ,୨୬।୮**

ବଲିଉଡ୍ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଗୀତିକାର ଦେବ କୋହଲିଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ମୈନେ ପ୍ୟାର କିୟା, ବାଜିଗର, ଜୁଡ୍‌ୱା-୨, ମୁସାଫିର, ଶୁଟ୍ ଆଉଟ୍ ଆଟ୍ ଲୋଖଣ୍ଡୱାଲା ଭଳି ଶତାଧିକ ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଥିଲେ। ସେ ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକ, ରାମଲକ୍ଷ୍ମଣ, ଆନନ୍ଦ ରାଜ ଆନନ୍ଦ, ଆନନ୍ଦ ମିଲିନ୍ଦଙ୍କ ସହ କାମ କରିଛନ୍ତି। କୋହଲି କିଛି ମାସ ହେବ ଅସୁସ୍ଥ ଥିଲେ। ସେ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ଭର୍ତ୍ତି ହୋଇ ୧୦ ଦିନ ପୂର୍ବରୁ ଘରକୁ ଫେରିଥିଲେ। ପାକିସ୍ତାନର ରାୱଲପିଣ୍ଡିରେ ଏକ ଶିଖ୍ ପରିବାରରେ ଜନ୍ମିତ କୋହଲି ଦେଶ ବିଭାଜନ ବେଳେ ଡେରାଡୁନ୍ ଚାଲିଆସିଥିଲେ। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

# ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇଲେ ଶିକ୍ଷୟିତ୍ରୀ

### ମାମଲା ରୁଜୁ

**ମୁଜାଫରପୁର,୨୬।୮ (ପି.ଟି.)**

ଉତ୍ତରପ୍ରଦେଶ ମୁଜାଫରପୁରରେ ଜଣେ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସହପାଠୀମାନେ ଦ୍ୱିତୀୟ ଶ୍ରେଣୀର ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଶିକ୍ଷୟିତ୍ରୀ ଜଣକ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ସହ ଛାତ୍ରମାନଙ୍କୁ ଚାପୁଡ଼ା ମାରିବା ପାଇଁ ନିର୍ଦ୍ଦେଶ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀଙ୍କ ବିରୋଧରେ ଶନିବାର ମୁଜାଫରନଗର ପୋଲିସ ମାମଲା ରୁଜୁ କରିଛି। ଖୁବାପୁର ଗ୍ରାମର ନେହା ପବ୍ଲିକ୍ ସ୍କୁଲ୍‌ରେ ଏହି ଘଟଣା ଘଟିଛି। ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ରାଜନେତାମାନେ ଏହାକୁ ଭାଜପାର ଘୃଣା ରାଜନୀତି କହି କଡ଼ା ସମାଲୋଚନା କରିଛନ୍ତି। ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଏନ୍‌ସିପି-ସିଆର୍ ନେତା ଏବଂ ଶିଶୁ ଅଧିକାରୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଛାତ୍ରଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ତ୍ୟାଗୀଙ୍କ ବିରୋଧରେ ଆଇପିସିର ଧାରା ୩୨୩ ଏବଂ ୫୦୪ରେ ମାମଲା ରୁଜୁ ହୋଇଛି। ଏହା ଜାମିନଯୋଗ୍ୟ ଦଫା ହୋଇଥିବାରୁ ଶିକ୍ଷୟିତ୍ରୀ ଗିରଫ ହୋଇ ନ ପାରନ୍ତି।

ଅନ୍ୟପକ୍ଷରେ ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ୟାଗୀ କହିଛନ୍ତି, ଉତ୍ତେଜନା ସୃଷ୍ଟି ଲାଗି ଭିଡିଓକୁ ଜାଲିଆତି କରାଯାଇଛି। ପୀଡ଼ିତ ଛାତ୍ରଙ୍କ ଜଣେ ଦାଦା ଉକ୍ତ ଭିଡିଓ ଶୁଟ୍ କରିଥିଲେ ବୋଲି ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଛାତ୍ର ଜଣକ ପାଠପଢ଼ା କରି ନ ଥିବାରୁ ତାଙ୍କୁ ଦଣ୍ଡ ଦେବା ଆବଶ୍ୟକ ଥିଲା। ତେବେ ଶିକ୍ଷୟିତ୍ରୀ ଜଣେ ଭିନ୍ନକ୍ଷମ ଏବଂ ସେ ଛିଡ଼ାହୋଇ ଛାତ୍ରଙ୍କ ପାଖକୁ ଯିବାକୁ ସମର୍ଥ ନ ଥିବାରୁ ଚାପୁଡ଼ା ମାରିବା ପାଇଁ ସେ ଅନ୍ୟ ଛାତ୍ରଙ୍କୁ କହିଥିଲେ ବୋଲି ସଫେଇ ଦେଇଛନ୍ତି। ମୁଜାଫରନଗରର ମୌଳିକ ଶିକ୍ଷା ଅଧିକାରୀ ଶୁଭମ୍ ଶୁକ୍ଳା ସ୍କୁଲ୍ ପରିଚାଳନା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ପଠାଇଛନ୍ତି। ଉକ୍ତ ସ୍କୁଲ୍‌କୁ ସରକାରୀ ସ୍ୱୀକୃତି କାହିଁକି ବାତିଲ କରା ନ ଯିବ ଅଗଷ୍ଟ ୨୮ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି।



ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀ।



ଛାତ୍ରଙ୍କୁ ସହପାଠୀ ଚାପୁଡ଼ା ମାରୁଥିବାର ଭିଡ଼ିଓ।

### ଭାଜପା ଘୃଣା ରାଜନୀତି କରୁଛି: ବିରୋଧୀ

ଶିକ୍ଷୟିତ୍ରୀ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ଓ ଜଣେ ମୁସଲମାନ ଛାତ୍ର ହୋମ୍‌ୱାର୍କ କରି ନ ଥିବାରୁ ଅନ୍ୟ ପିଲାଙ୍କ ଦ୍ୱାରା ତାଙ୍କୁ ମାଡ଼ ମରାଇବା ଘଟଣା ଏବେ ରାଜନୈତିକ ରୂପ ନେଇଛି। ଧର୍ମୀୟ ପାତରଅନ୍ତର ଯୋଗୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଯେଉଁଭଳି ଅନ୍ୟ ପିଲାଙ୍କ ଦ୍ୱାରା ମାଡ଼ ମରାଇଲେ, ତାହା ଭାଜପା-ଆର୍‌ଏସ୍‌ଏସ୍‌ର ଘୃଣାପୂର୍ଣ୍ଣ ରାଜନୀତିର ପରିଣାମ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଭଳି ଘଟଣା ସାରା ବିଶ୍ୱରେ ଆମ ଛବିକୁ ମଳିନ କରିବ। ଏହା ସମ୍ବିଧାନ ବିରୋଧୀ ବୋଲି ଖାର୍ଗେ ଏକ୍ସରେ ପୋଷ୍ଟ କରିଛନ୍ତି। ଗତ ମାସ ୩୧ରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ଜଣେ ଯବାନ ଧର୍ମ ନାମରେ ଟ୍ରେନ୍ ଭିତରେ ନିଜର ଉପରିସ୍ଥ ଅଧିକାରୀ ଓ ୩ ଜଣ ଯାତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିଲେ ବୋଲି ଖାର୍ଗେ କହିଛନ୍ତି।

ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାହିଁକି ଦୁର୍ବଳ ଧାରା ଲାଗୁ କରାଗଲା ବୋଲି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୃଣା କାରଖାନାର ପରିଚାଳକ ବୋଲି ଡେରେକ୍ ଅଭିଯୋଗ କରିଛନ୍ତି। ଏହା ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଘୃଣା ରାଜନୀତି ବୋଲି ସମାଜବାଦୀ ପାର୍ଟି କହିଛି। ସମ୍ପୃକ୍ତା ଶିୟୟିତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯିବା ସହ ତାଙ୍କୁ ଶିକ୍ଷକ ସମାଜର କଳଙ୍କ କୁହାଯାଉ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଲୋକ ଦଳ ଅଧ୍ୟକ୍ଷ ଜୟନ୍ତ ଚୌଧରୀ ପୀଡ଼ିତ ଛାତ୍ରଙ୍କ ବାପା ଇର୍ଶାଦଙ୍କ ସହ କଥା ହୋଇ ତାଙ୍କୁ ସୁନିଶ୍ଚିତ ନ୍ୟାୟ ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ଅନ୍ୟ ପିଲାଙ୍କ ଦ୍ୱାରା ଶିକ୍ଷୟିତ୍ରୀ ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇବା ଘଟଣା ଲଜ୍ଜାଜନକ ବୋଲି ପିଲିଭିଟ୍ ଭାଜପା ଏମ୍‌ପି ବରୁଣ ଗାନ୍ଧୀ କହିଛନ୍ତି।

## ମଣିପୁର ହିଂସା: ସିବିଆଇ ମାମଲା ଆସାମ ଗଲା

**ନୂଆଦିଲ୍ଲୀ, ୨୬।୮**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତାଧୀନ ମଣିପୁର ହିଂସାର ୧୭ଟି ମାମଲା ପଡ଼ୋଶୀ ଆସାମକୁ ସ୍ଥାନାନ୍ତର କରିଛନ୍ତି। ସେଥିମଧ୍ୟରୁ ଦୁଇ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବା ନେଇ ଭାଇରାଲ ହୋଇଥିବା ଭିଡିଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ମାମଲାଗୁଡ଼ିକର ଶୁଣାଣି ପାଇଁ ଜଣେ କିମ୍ବା ଏକାଧିକ ବିଚାରପତିଙ୍କୁ ମନୋନୀତ କରିବା ସକାଶେ ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। କୋର୍ଟଦ୍ୱାରା ପୀଡ଼ିତା ପୀଡ଼ିତ ଏବଂ ସାକ୍ଷୀମାନଙ୍କ ଭର୍ଚୁଆଲ ଜବାବ ସୁଆଲ ସମେତ ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସାମକୁ ସିବିଆଇ ମାମଲା ସ୍ଥାନାନ୍ତର ବିରୋଧରେ ଅନେକ ଓକିଲ ବାଢ଼ିଥିବା ଯୁକ୍ତିକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର୍ ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଆସାମରେ ଉନ୍ନତ ଇଣ୍ଟରନେଟ ସଂଯୋଗ ଥିବାରୁ ଏପରି ପ୍ରସ୍ତାବ ଦିଆଯାଇଥିଲା। ଉଭୟ ପକ୍ଷ(କୁକି ଓ ମେଇତି)କ୍ଷତିଗ୍ରସ୍ତ ହୋଇଛନ୍ତି। ଉପତ୍ୟକା ଓ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଏହି ସମ୍ପ୍ରଦାୟର ଲୋକେ ଗୋଟିଏ ସ୍ଥାନରେ ଶୁଣାଣି ହେଲେ ପହଞ୍ଚିବା କଷ୍ଟକର ହୋଇଯିବ।

## ନାସାର ୬ ମାସିଆ ମିଶନ

### ୪ ଦେଶର ମହାକାଶ ବିଜ୍ଞାନୀ ସାମିଲ



**କେପ୍ କାନାଭେରାଲ,୨୬।୮**

୪ ଦେଶରୁ ୪ଜଣ ମହାକାଶ ବିଜ୍ଞାନୀ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ ଅଭିମୁଖେ ଶନିବାର ଯାତ୍ରା କରିଛନ୍ତି। ରବିବାର ସେମାନେ ଗବେଷଣାକେନ୍ଦ୍ରରେ ପହଞ୍ଚିବା ସହ ଗତ ମାର୍ଚ୍ଚରୁ ସେଠାରେ ରହି ଆସୁଥିବା ଅନ୍ୟ ମହାକାଶ ବିଜ୍ଞାନୀଙ୍କ ସ୍ଥାନ ନେବେ। ଏହି ୪ ଜଣିଆ ମହାକାଶ ବିଜ୍ଞାନୀଙ୍କ ଦଳରେ ନାସା ସମେତ ଡେନ୍‌ମାର୍କ, ଜାପାନ ଏବଂ ରୁଷିଆର ବୈଜ୍ଞାନିକ ଅଛନ୍ତି। ଆମେରିକା ଦ୍ୱାରା ଆରମ୍ଭ ହୋଇଥିବା ଏହି ମିଶନରେ ପ୍ରଥମ ଥର ଲାଗି ୪ ଦେଶର ମହାକାଶ ବିଜ୍ଞାନୀ ଏକାଠି ଯାତ୍ରା କରିଛନ୍ତି। ଏହି ମିଶନରେ ୟୁରୋପୀୟ ମହାକାଶ ସଂସ୍ଥାର ଆଣ୍ଡେରସ୍ ମୋଗେନସନ୍, ଜାପାନର ସତୋଶୀ ଫୁରୁକାୱା ଏବଂ ରୁଷିଆର କୋନଷ୍ଟାନଟିନ୍ ବୋରିସଭ୍ ସାମିଲ ଅଛନ୍ତି। ମହାକାଶ ବିଷୟରେ ଅଧିକ ଗବେଷଣା କରିବାକୁ ହେଲେ ଆମକୁ ଏକାଠି କାମ କରିବାକୁ ପଡ଼ିବ ବୋଲି ୟୁରୋପୀୟନ ମହାକାଶ ସଂସ୍ଥାର ମହାନିର୍ଦ୍ଦେଶକ ଜେସେଫ୍ ଆସବାଚେର୍ କହିଛନ୍ତି। ସେହିପରି ନାସାର ଆଉ ଜଣେ ମହାକାଶ ବିଜ୍ଞାନୀ ଦୁଇ ରୁଷିଆ ବିଜ୍ଞାନୀଙ୍କ ସହ ମିଶି ସେପ୍ଟେମ୍ବରରେ କାଜାଖସ୍ତାନ୍ ମହାକାଶ ବିଜ୍ଞାନ କେନ୍ଦ୍ରରୁ ଯାତ୍ରା ଆରମ୍ଭ କରିବେ।

## ସେପ୍ଟେମ୍ବର ୨ରେ ଇସ୍ରୋର ସୂର୍ଯ୍ୟ ଅଭିଯାନ

**ବେଙ୍ଗାଲୁରୁ,୨୬।୮**

ଚନ୍ଦ୍ରଯାନ-୩ ସଫଳ ହେବା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୂର୍ଯ୍ୟ ଅଭିଯାନ ଆରମ୍ଭ ଲାଗି ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ପାଇଁ ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍‌୧କୁ ଲଞ୍ଚ କରିବା ଲାଗି ଯୋଜନା ହୋଇଛି। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଏଲ୍‌୧ (ସୂର୍ଯ୍ୟ-ପୃଥିବୀର ଲାଗ୍ରାନ୍‌ଜିଆନ୍ ପଏଣ୍ଟ)ରୁ ସୋଲାର କରୋନା ଏବଂ ସୋଲାର ୱିଣ୍ଡର ଅନୁଧ୍ୟାନ କରିବ। ସୂର୍ଯ୍ୟଙ୍କ ଉପରେ ଅନୁଧ୍ୟାନ କରିବାରେ ଏହା ଭାରତର ପ୍ରଥମ ସ୍ପେସ୍ ମିଶନ ହେବ। ଏଲ୍‌୧ ଚତୁଃପାର୍ଶ୍ୱରେ ଥିବା କକ୍ଷରୁ ଆଦିତ୍ୟ-ଏଲ୍‌୧ ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଚଳାଇବ। ସୂର୍ଯ୍ୟଙ୍କ ଫଟୋସ୍ପିୟର, କ୍ରୋମୋସ୍ପିୟର ଏବଂ ବାହ୍ୟ ସ୍ତର କରୋନାର ଅନୁଧ୍ୟାନ ଲାଗି ଉକ୍ତ ମହାକାଶ ଯାନରେ ବିଭିନ୍ନ ୱେଭ୍ ବ୍ରାଣ୍ଡର ୭ଟି ପ୍ଲେଲୋଡ୍ ରହିବ। ଆଦିତ୍ୟ-ଏଲ୍‌୧ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଏହାର ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ ପ୍ଲେଲୋଡ୍ ପ୍ରସ୍ତୁତ କରିବାରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ(ଆଇଆଇଏ) ମୁଖ୍ୟ ଅନୁଷ୍ଠାନ। ସେହିପରି ପୁଣେର ଇଣ୍ଟରୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ ମିଶନ ପାଇଁ ସୋଲାର ଅଲ୍‌ଟ୍ରାଭାଓଲେଟ୍ ଇମେଜର ପ୍ଲେଲୋଡ୍ ବିକଶିତ କରିଛି।

# ନୁହରେ ପୁଣି ୧୪୪ ଧାରା ଜାରି

### ୨୮ରେ ବିଶ୍ୱ ହିନ୍ଦୁ ପରିଷଦର ଧାର୍ମିକ ଶୋଭାଯାତ୍ରା ପାଇଁ ସତର୍କତା

**ଚଣ୍ଡିଗଡ଼,୨୬।୮**

ଆସନ୍ତା ୨୮ ତାରିଖରେ ହରିୟାଣାର ନୁହ ଜିଲାରେ ପୁଣିଏକ ଧାର୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ନୁହ ଜିଲାରେ ପୁନର୍ବାର ଇଣ୍ଟରନେଟ୍ ଓ ମୋବାଇଲ୍ ସେବା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୨୮ ତାରିଖ ରାତି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ଶୋଭାଯାତ୍ରାବେଳେ ପୁନର୍ବାର ହିଂସାକାଣ୍ଡ ଘଟିବା ଆଶଙ୍କା କରି ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୨୮ରେ ହେବାକୁ ଥିବା ଧାର୍ମିକ ଶୋଭାଯାତ୍ରା ଲାଗି ନୁହ ପ୍ରଶାସନ କିଛି ଦିନ ତଳେ ଅନୁମତି ଦେଇଥିଲେ। କିନ୍ତୁ ଜୁଲାଇ ମାସରେ ଘଟିଥିବା ହିଂସାକାଣ୍ଡ ଦୃଷ୍ଟିରୁ ପ୍ରଶାସନ ଅଧିକ ସଜାଗ ରହିବାକୁ ସ୍ଥିର କରିଥିଲେ। ଶନିବାର ରାତିରୁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ବନ୍ଦ ରହିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଟିଭିଏସ୍‌ଏନ୍ ପ୍ରସାଦ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ସାରା ଜିଲାରେ ୧୪୪ ଧାରା ଲାଗୁ କରାଯାଇଛି। ଏହା ୨୬ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ମାସରେ ହୋଇଥିବା ହିଂସାକାଣ୍ଡ ଦୃଷ୍ଟିରୁ ପୂର୍ବରୁ ମଧ୍ୟ ରାଜ୍ୟ ସରକାର ଏଭଳି ମୋବାଇଲ,ଇଣ୍ଟରନେଟ, ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଥିଲେ। ନୁହରେ ଘଟିଥିବା ଏହି ସାମ୍ପ୍ରଦାୟିକା ଦଙ୍ଗାରେ ଦୁଇ ହୋମ୍‌ଗାର୍ଡଙ୍କ ସମେତ ଛଅ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ତେଣୁ ପ୍ରଶାସନ ଚଳିତ ଥର ଆଗୁଆ ସତର୍କ ହେବା ସହ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ | Bhubaneswar, Sunday, August 27/2023 | ପୃଷ୍ଠା-୧




**ମିକାଏଲ ୟମେରଙ୍କ ଅବସର**
ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର୍ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି।

୧୦

୦୮

**ସୁଶାନ୍ତଙ୍କ ଫ୍ଲାଟ୍ କିଣିଲେ ଅଦା ଶର୍ମା**
ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପୂର୍ବରୁ ସେ ରହୁଥିବା ମୁମ୍ବାଇସ୍ଥିତ ଫ୍ଲାଟ୍‌କୁ ଅଭିନେତ୍ରୀ ଅଦା ଶର୍ମା କିଣିଛନ୍ତି।



# ମହାକାଶ ଯିବ ମହିଳା ରୋବୋ

**ଚନ୍ଦ୍ରୟାନ-୩ର ସଫଳତା ପରେ ମହାକାଶ ମିଶନ ପାଇଁ ପ୍ରସ୍ତୁତି ଚଳାଇଛି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଗଗନୟାନ ମିଶନର ଟ୍ରାଏଲ୍ ହେବ। ଏଥିରେ ସ୍ପେସ୍‌କୁ ଏକ ଫିମେଲ ରୋବୋ 'ବ୍ୟୋମମିତ୍ର'କୁ ପଠାଯିବ। ଏହି ମିଶନ ସଫଳ ହେଲେ ମହାକାଶକୁ ମାନବ ପ୍ରେରଣ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।**

## ଗଗନୟାନରେ ବ୍ୟୋମମିତ୍ର



ଫିମେଲ୍ ରୋବୋର ପ୍ରତୀକାତ୍ମକ ଚିତ୍ର।

**ନୂଆଦିଲ୍ଲୀ,୨୬।୮**

ଭାରତ ଏହାର ଗଗନୟାନ ମିଶନରେ ମହାକାଶକୁ ଏକ ଫିମେଲ୍ ରୋବୋ 'ବ୍ୟୋମମିତ୍ର' ପଠାଇବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଶନିବାର ଏହା ଘୋଷଣା କରିଛନ୍ତି। ମହାକାଶକୁ ମାନବ ପଠାଇବା ପାଇଁ ଗଗନୟାନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ମହାମାରୀ ଯୋଗୁ ଏହି ପ୍ରକଳ୍ପ ବିଳମ୍ବିତ ହୋଇଛି। ଏବେ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହାର ପ୍ରଥମ ପରୀକ୍ଷାମୂଳକ ମିଶନ ପାଇଁ ଯୋଜନା ହୋଇଛି। ମହାକାଶଯାତ୍ରୀମାନଙ୍କୁ ସ୍ପେସ୍‌କୁ ପଠାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କୁ ଫେରାଇ ଆଣିବା ସେହିଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ଜିତେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଗଗନୟାନର ଦ୍ୱିତୀୟ ମିଶନରେ ଫିମେଲ୍ ରୋବୋକୁ ମହାକାଶକୁ ପଠାଯିବ। ଉକ୍ତ ରୋବୋ ସମସ୍ତ ମାନବ କାର୍ଯ୍ୟକଳାପ କରିବ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଗଗନୟାନ କାର୍ଯ୍ୟକ୍ରମ ପାଇଁ ଆମେ ଆଗେଇବୁ। ଏଥିପାଇଁ ଅର୍ବିଟାଲ ମଡ୍ୟୁଲ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପରୀକ୍ଷାମୂଳକ ଅଭିଯାନ ପାଇଁ ସେଗୁଡ଼ିକୁ କମିଶନ କରାଯାଇଛି ଏବଂ ଲଞ୍ଚପ୍ୟାଡ୍ ବଢ଼ାଇବା କାର୍ଯ୍ୟ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି। ଇସ୍ରୋ ଚୂଡ଼ାନ୍ତ ମାନବ ମିଶନ ପୂର୍ବରୁ ଦୁଇଥର ମାନବ ସଦୃଶ ବ୍ୟୋମମିତ୍ରଙ୍କୁ ନେଇ ମିଶନ କରିବାକୁ ଯୋଜନା କରିଛି। ଏହା ୨୦୨୪ କିମ୍ବା ୨୦୨୫ରେ ହେବ। ଗଗନୟାନ ମିଶନ ସଫଳ ହେଲେ ମହାକାଶକୁ ମାନବ ପଠାଇବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହେବ। ପୂର୍ବରୁ ଆମେରିକା, ରୁଷିଆ ଏବଂ ଚାଇନା ହ୍ୟୁମ୍ୟାନ୍ ସ୍ପେସ୍‌ଫ୍ଲାଇଟ୍ ମିଶନରେ ସଫଳ ହୋଇଛନ୍ତି।

## ଅଗଷ୍ଟ ୨୩ ମହାକାଶ ଦିବସ

### ଚନ୍ଦ୍ରୟାନ-୩ର ଅବତରଣ ସ୍ଥାନ ନାଁ ଶିବଶକ୍ତିଃ ମୋଦି

**ବେଙ୍ଗାଲୁରୁ,୨୬।୮**

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଅବତରଣ କରିଥିବା ସ୍ଥାନର ନାଁ 'ଶିବଶକ୍ତି' ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୨ ଲ୍ୟାଣ୍ଡର ଯେଉଁଠି ଖସିପଡ଼ିଥିଲା, ତାହାର ନାଁ ତ୍ରିରଙ୍ଗା ରହିବ। ପ୍ରଧାନମନ୍ତ୍ରୀ ଗ୍ରୀସ୍ ଗସ୍ତରୁ ଫେରି ଶନିବାର ସକାଳେ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱାର୍କ(ଇଷ୍ଟ୍ରାକ୍)ରେ ପହଞ୍ଚିବା ପରେ ଉପରୋକ୍ତ ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୩ର ସଫଳ ଅବତରଣ ଦିନକୁ ମନେରଖିବା ଲାଗି ଅଗଷ୍ଟ ୨୩କୁ ମହାକାଶ ଦିବସ ଭାବେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଥିଲେ, ରୋଭର ପ୍ରଜ୍ଞାନ ଶନିବାର ସକାଳେ ଚନ୍ଦ୍ରପୃଷ୍ଠରେ ୧୨ ମିଟର ଗତି କରିବା ସହ ସେଠାରୁ ଅନେକ ଫଟୋ ଶେୟାର କରିଛି। ଖୁବ୍‌ଶୀଘ୍ର ପ୍ରଜ୍ଞାନ ବିକ୍ରମର ଫଟୋ ପଠାଇବ ବୋଲି ସେ କହିଛନ୍ତି। ଆମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ 'ଅଙ୍ଗଦ' ଭଳି ଦୃଢ଼ ଭାବେ ପାଦ ପକାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ବେଙ୍ଗାଲୁରୁରେ ମୋଦି ଇସ୍ରୋ ବୈଜ୍ଞାନିକମାନଙ୍କୁ ଭେଟିଥିଲେ। ସାରା ବିଶ୍ୱ ଭାରତର ବୈଜ୍ଞାନିକ ଭାବନା, ପ୍ରଯୁକ୍ତି ଏବଂ ମନୋଭାବକୁ ସ୍ୱୀକୃତି ଦେଇଛି। ଚନ୍ଦ୍ରୟାନ-୩ର ସଫଳତା କେବଳ ଭାରତର ସଫଳତା ନୁହେଁ, ଏହା ସମଗ୍ର ମାନବ ଜାତିର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମାଲକାନଗିରିରୁ ଇସ୍ରୋ ବୈଜ୍ଞାନିକ

### ଚନ୍ଦ୍ରୟାନ-୩ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିଲେ ଜୟନ୍ତ



ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର

**ମାଲକାନଗିରି,୨୬।୮**

(ନୃସିଂହ ଚରଣ ମହାନ୍ତି)- ମାଲକାନଗିରି ଜିଲା ପୋଟେରୁର ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର କେରଳ ଥିରୁଭାନନ୍ତପୁରମ୍ ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର ମେକାନିଜମ୍ ବିଭାଗରେ ବରିଷ୍ଠ ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଚନ୍ଦ୍ରୟାନ- ୩ ପ୍ରକଳ୍ପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ବରିଷ୍ଠ ମେକାନିକ୍ ବୈଜ୍ଞାନିକ ଭାବେ ଯୋଗଦେଇ ଚନ୍ଦ୍ରୟାନ-୩ ପ୍ରକଳ୍ପର ରକେଟ ପେଲୋଡ୍ ଫେରିଙ୍ଗ ଡିଭିଜନର ଦାୟିତ୍ୱରେ ଥିଲେ ଜୟନ୍ତ ଓ ତାଙ୍କ ଟିମ୍। ମାଲକାନଗିରି ଜିଲାରେ ତାଙ୍କ ବାପା ସ୍ୱର୍ଗତ ଜୟଦେବ ହାଲ୍‌ଦାର ଶିକ୍ଷକତା କରୁଥିଲେ । ଜୟନ୍ତ ପୋଟେରୁ ସରକାରୀ ବିଦ୍ୟାଳୟରେ ପଞ୍ଚମ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ଷଷ୍ଠରୁ କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟରେ ପାଠପଢି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏସ୍‌ଟି) ଅନୁଷ୍ଠାନରେ ବିଟେକ ଏରୋସ୍ପେସ୍ ଇଞ୍ଜିନିୟରିଂ କରିବା ଲାଗି ସୁଯୋଗ ପାଇଥିଲେ। ୨୦୧୨ରେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ ହେବା ପରେ ଇସ୍ରୋରେ ଯୁବ ବୈଜ୍ଞାନିକ ଭାବେ କାମ କରୁଥିଲେ। ପ୍ରଥମେ ୨୦୧୨ରୁ ୨୦୧୮ ଯାଏ ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ର କ୍ରାୟୋଜେନିକ ପ୍ରୋପେଲର ବିଭାଗରେ କାମ କରୁଥିଲେ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ଖାଇବ ନା
ମାଛି ହୁରୁଡ଼େଇବ।**

ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ ପାଇଁ ତାକୁ ସେତିକି ନିଷ୍ଠା ଓ ଦାୟିତ୍ୱ ସହ ସମୟ ଦେବାକୁ ପଡ଼ିଥାଏ। ତେଣୁ ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ କରିବା ନିହାତି କଷ୍ଟସାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଗିଥିବ ଭଗିଆ,
ମାରି ନେ ଭଗିଆ।।**

ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ। 'ଦୀପ ତେଜିଲେ ହାତ ଚିକ୍କଣ' ନ୍ୟାୟରେ ଯେ ଜଗିବା ଦାୟିତ୍ୱ ନେବ ତା'ର ମଧ୍ୟ ଲାଭ ହେବ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ମାଙ୍କଡ଼ ଗୋଡ଼ାଇବାରୁ ପୋଖରୀକୁ ଡେଇଁପଡ଼ିଲେ

# ଝିଅ ମୃତ, ମା' ଉଦ୍ଧାର

**ରାସୋଲ, ୨୬।୮ (ସରୋଜ ମିଶ୍ର)**

ଗାଧୋଇବାକୁ ଯାଉଥିବାବେଳେ ଆକ୍ରମଣ କରିବାକୁ ଗୋଡ଼ାଇଲେ ମାଙ୍କଡ଼ ପଲ। ଜୀବନ ବଞ୍ଚାଇବା ଲାଗି ଆଗପଛ ବିଚାର ନ କରି ପୋଖରୀକୁ ଡେଇଁ ପଡ଼ିଲେ ମା' ଏବଂ ଝିଅ। ଏଥିରେ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ମା'ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି ପାଖପଡ଼ୋଶୀ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ କଳିଙ୍ଗାପାଳ ଗ୍ରାମରେ ଶନିବାର ସକାଳେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତା ନାବାଳିକା ହେଲେ ସୁମିତ୍ରା ସର (୧୩)।


ମୃତ ସୁମିତ୍ରା ସର

ଘଟଣାରୁ ଜଣାପଡ଼ିଛି, କଳିଙ୍ଗାପାଳ ଗ୍ରାମ ସରସାହିର ବଳରାମ ସରଙ୍କ ସ୍ତ୍ରୀ ଉର୍ମିଳା ଏବଂ ବଡ଼ ଝିଅ ସୁମିତ୍ରା ସକାଳେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ ମାଙ୍କଡ଼ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ପଲରୁ କେତେକ ମାଙ୍କଡ଼ ମା'ଝିଅଙ୍କୁ କାମୁଡ଼ିବାକୁ ଗୋଡ଼ାଇବାରୁ ଉଭୟେ ଭୟଭୀତ ହୋଇ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଉର୍ମିଳାଙ୍କୁ ଉଦ୍ଧାର କରିଥିବାବେଳେ ସୁମିତ୍ରା ଗଭୀର ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ତାଙ୍କୁ ଉଦ୍ଧାର କରି ଏକ ବାଇକ୍‌ରେ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ରାସୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଏହି ଘଟଣାରେ ମୃତ ନାବାଳିକାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି। ସୂଚନା ଦେବା ସତ୍ତ୍ୱେ ବିଳମ୍ବରେ ପହଞ୍ଚିବାରୁ ନାବାଳିକାଙ୍କ ଜୀବନ ବଞ୍ଚାଯାଇ ପାରିଲାନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବଳରାମ ଜଣେ ସାଇକେଲ ମେକାନିକ୍। ୩ ଝିଅଙ୍କ ମଧ୍ୟରୁ ବଡ଼ ଝିଅ ସୁମିତ୍ରା ଗାଁ ପାଖ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ୮ମ ଶ୍ରେଣୀରେ ପଢୁଥିଲେ। ମେଧାବୀ ସୁମିତ୍ରାଙ୍କ ଏଭଳି ଅକାଳ ବିୟୋଗ ଶିକ୍ଷାନୁଷ୍ଠାନ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ପରଲୋକ

**ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)**



ନୟାଗଡ଼ ସହର ପିଡବ୍ଲ୍ୟୁଡି ଗଳିର ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ଭୁବନେଶ୍ୱର ବାସଭବନରେ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ, ପ୍ରଦେଶ ଶୃଙ୍ଖଳା କମିଟି ଅଧ୍ୟକ୍ଷା, ନୟାଗଡ଼ ଜିଲା ମହିଳା କଂଗ୍ରେସର ପ୍ରଥମ ସଭାନେତ୍ରୀ ଭାବେ କାମ କରି ବେଶ ଲୋକପ୍ରିୟ ହୋଇପାରିଥିଲେ। ଏଥିସହ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କାମ କରି ନାରୀଶିକ୍ଷାର ପ୍ରଚାର ପ୍ରସାରରେ ଲାଗି ପଡିଥିଲେ। ୨୦୦୯ରେ ନୟାଗଡ଼ ବିଧାନସଭା ଆସନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ମହାପାତ୍ରଙ୍କ ପରଲୋକରେ ନୟାଗଡ଼ ଜିଲା ସମେତ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ବରିଷ୍ଠ କଂଗ୍ରେସ ନେତା ସରୋଜ ପରିଡ଼ା, ହୁସେନ ଖାନ, ଫକୀର ମଲ୍ଲ, ମନୋଜ ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା ଜେନା, ବିନୋଦିନୀ ମହାନ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। କଂଗ୍ରେସ ଜଣେ ଦକ୍ଷ ମହିଳା ନେତ୍ରୀ, ସଙ୍ଗଠକଙ୍କୁ ହରାଇଲା ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ୨ରେ ଲଘୁଚାପ...

ରାଜ୍ୟର ୧୧ ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ଏହି ସମୟ ମଧ୍ୟରେ ୩୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୩୧, କଳାହାଣ୍ଡି ୩୪, ରାୟଗଡ଼ା ୨୨, ପୁରୀ ୨୨, ଯାଜପୁର ୨୪, ଜଗତ୍‌ସିଂହପୁର ୨୪, କଟକ ୨୧, କୋରାପୁଟ ୨୦ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ଦୁର୍ବଳ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋପାଳପୁରରେ ୩୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୩୩.୬, ରାୟଗଡ଼ା ୨୫.୪, ନବରଙ୍ଗପୁର ୨୫.୬, ପୁରୀ ୧୬.୪, କୋରାପୁଟରେ ୧୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଆଦି ଜିଲାରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା

### ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ

**ପୁରୀ, ୨୬।୮ (ଅଜିତ ମହାନ୍ତି)**


ପୁରୀର ରାଧେଶ୍ୟାମ ମଠରେ ଝୁଲଣ କୁଞ୍ଜରେ ବିରାଜିତ ରାଧାକୃଷ୍ଣ ।

ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଯାଇଛି ମହାପ୍ରଭୁଙ୍କ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଝୁଲଣ ଯାତ୍ରା ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠରେ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପଠାରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଦେବୀ ଭୂଦେବୀ ଏବଂ ଶ୍ରୀମଦନମୋହନ ଉପବେସନ କରି କୁଞ୍ଜରେ ଝୁଲିଛନ୍ତି। ସେହିପରି ବିଭିନ୍ନ ମଠ ବାଡିରେ ଝୁଲଣ କୁଞ୍ଜରେ ବସି ରାଧାକୃଷ୍ଣ ଝୁଲୁଛନ୍ତି। ଭାଦ୍ରବ କୃଷ୍ଣ ପ୍ରତିପ୍ରଦା ତଥା ୭ ଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ମୁତାବକ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ମୁକ୍ତିମଣ୍ଡପଠାରେ ସଜ୍ଜିତ ହୋଇଥିବା ଝୁଲଣ କୁଞ୍ଜରେ ବିରାଜମାନ କରିଥାନ୍ତି। ଝୁଲଣ ଯାତ୍ରା ପାଇଁ ମୁକ୍ତି ମଣ୍ଡପରେ ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଥିବା ଝୁଲଣକୁଞ୍ଜରେ ପ୍ରଭୁ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ଉପବେସନ କରିବା ସହ କୁଞ୍ଜରେ ଝୁଲିଥାନ୍ତି। କେବଳ ଶ୍ରୀମନ୍ଦିର ନୁହେଁ ଶ୍ରୀମନ୍ଦିର ସହ ଜଡ଼ିତଥିବା ମଠ ମନ୍ଦିରରେ ମଧ୍ୟ ଏହି ଝୁଲଣ ପର୍ବ ଆରମ୍ଭ ହୋଇଛି।

ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହୋଇଥିଲେ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ ଭୂଦେବୀଙ୍କୁ ଏବଂ ଦକ୍ଷିଣ ଘରୁ ମଦନମୋହନଙ୍କୁ ଆଣି ଖଟ ଶେଯରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବାପରେ ତିନିବାଡ଼ରେ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ମାଳ ପାଇ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ବିଜେ କରିଥିଲେ। ପରେ ବିଡ଼ିଆ ପାନ ମଣହି କରାଯିବା ପରେ ମନ୍ଦିରରେ ସନ୍ଧ୍ୟା ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ଝୁଲଣ ମଣ୍ଡପଠାରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜା ଓ ଭୋଗ କରାଯାଇଥିଲା। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭ ଗୃହକୁ ବିଜେ କରାଇଥିଲେ। ଏହି କୁଞ୍ଜରେ କେବଳ ଦେବାଦେବୀ ନୁହନ୍ତି ସଖୀ, ପଶୁ, ପକ୍ଷୀ ତଥା ବିଭିନ୍ନ ଗଛଲତା ସହ ସୁବାସିତ ଫୁଲ ଓ ଫଳମୂଳକୁ ମଧ୍ୟ ସ୍ଥାନ ଦିଆଯାଏ। ଯାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ସେହିପରି ବିଭିନ୍ନ ମଠରେ, ସ୍ୱତନ୍ତ୍ର ଶୈଳୀରେ ଚାଳି ତିଆରି ହୋଇ ପଛପାର୍ଶ୍ୱରେ ଝୁଲଣ କୁଞ୍ଜ ତିଆରି ହୋଇଛି। ମେଡଫୁଲ, ଜରି ଜମ୍ଭୁରା ଓ ସୋଲର ଆକର୍ଷଣୀୟ କାରୁକାର୍ଯ୍ୟରେ ଝୁଲଣ କୁଞ୍ଜ ତିଆରି ହୋଇଛି। ପୁରାଣରେ ବର୍ଣ୍ଣନା ଅନୁଯାୟୀ, ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧାରାଣୀ ଝୁଲଣ କୁଞ୍ଜର ରାସଲୀଳାକୁ ସ୍ମରଣ କରି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସହ ବିଭିନ୍ନ ମଠରେ ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଛି। ତେବେ ଗଜପତି ମହାରାଜ ଦିବ୍ୟସିଂହ ଦେବ(ଦ୍ୱିତୀୟ)ଙ୍କ ସମୟରେ ଝୁଲଣ ଯାତ୍ରା ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ସୂଚନା ମିଳେ। ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲିକ୍ଷିତ ହୁଏ। ସେହିପରି ବିଭିନ୍ନ ମଠ, ମନ୍ଦିରଗୁଡିକରେ ଝୁଲଣ ଯାତ ହେବା ସହ ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଗୋଲ୍ଡେନ ବାବାଙ୍କ ୧.୫୩ କୋଟି ସମ୍ପତ୍ତି ବାଜ୍ୟାପ୍ତ

**ଭୁବନେଶ୍ୱର, ୨୬।୮ (ସୂର୍ଯ୍ୟକାନ୍ତ ବେହେରା)**

### ଋଣ କରାଇଦେବା ନାଁରେ ବ୍ୟବସାୟୀଙ୍କଠାରୁ ୫.୫୦କୋଟି ଟଙ୍କା ଠକେଇ ମାମଲା

ବିଭିନ୍ନ ଠକେଇ ମାମଲାରେ ଫେରାର ଥିବା ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ୧.୫୩ କୋଟି ସମ୍ପତ୍ତି ଆଟାଚ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହାପୂର୍ବରୁ ବାବାଙ୍କ ୪ଟି ଦାମୀ କାର୍ ଓ ୨ରୁ ଅଧିକ ବିଳାସମୟ ଘର ଜବତ କରିସାରିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପାଇଁ ମଧ୍ୟ ଗୋଲ୍ଡେନ ବାବା ୱାଣ୍ଟେଡ ଅଛନ୍ତି। ଓଡିଶାର ବ୍ୟବସାୟୀମାନଙ୍କୁ ଲୋନ୍ ଦେବା ନାଁରେ ୫.୫୦ କୋଟି ଟଙ୍କା ଠକେଇ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ଏହି ଠକେଇ ଘଟଣାରେ ଇଡି ବାବାଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଜ୍ୟୋତି ଟ୍ରେଡିଙ୍ଗ ଆଣ୍ଡ୍ କୋ.ର ମାଲିକ ଗୋଲ୍ଡେନ ବାବାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୯ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଏଥିମଧ୍ୟରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଆଦି ଥାନାରେ ୮ରୁ ଉର୍ଦ୍ଧ୍ୱ ଠକେଇ ମାମଲା ରହିଛି। ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ ନାମକ ଏକ ଖଣି କମ୍ପାନୀକୁ ୧୨.୪ କୋଟି ଟଙ୍କା ଠକେଇ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨୦୧୮ ଡିସେମ୍ବର ୩୧ରେ ଗୋଲ୍ଡେନ ବାବାଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ସେ ବେଲରେ ଆସି ଫେରାର ହୋଇଯାଇଥିଲେ। ଏହାପରେ ଇଓଡବ୍ଲ୍ୟୁରେ ବାବାଙ୍କ ନାମରେ ବହୁ ଠକେଇ ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଗୋଲ୍ଡେନ ବାବାଙ୍କୁ ଖୋଜାଖୋଜି କରି ପାଇ ନ ଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ଇଡି ତାଙ୍କ ଆକାଉଣ୍ଟରୁ ପ୍ରାୟ ୫୧ ଲକ୍ଷ ଟଙ୍କା ମଧ୍ୟ ଫ୍ରିଜ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।


ଜ୍ୟୋତିରଞ୍ଜନ ବେଉରା

# ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତ ସାମିଲ



ଧନ୍ୟବାଦ ଜ୍ଞାପନ ସଭାରେ ବିଧାୟକ ଓ ଅନ୍ୟମାନେ ।

**ଚିତ୍ରକୋଣ୍ଡା, ୨୬।୮ (କ୍ଷୀରୋଦ ବେହେରା)**

### ମାଲକାନଗିରି ଜିଲା

- **୩ ସେତୁ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**
- **ଧନ୍ୟବାଦ ଜଣାଇଲେ ସ୍ୱାଭିମାନ ଅଞ୍ଚଳବାସୀ**

ମାଲକାନଗିରି ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ସେତୁ ମଞ୍ଜୁର କରିବା ସହ ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତକୁ ସାମିଲ କରିଛନ୍ତି । ଫଳରେ ୧୯ ପଞ୍ଚାୟତକୁ ନେଇ ସ୍ୱାଭିମାନ ଅଞ୍ଚଳ ହୋଇଛି। ଏ ନେଇ ଶନିବାର ଚିତ୍ରକୋଣ୍ଡା ବ୍ଲକ ଶିବ ମନ୍ଦିରଠାରେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଧନ୍ୟବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଓ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଯୋଗଦେଇଥିଲେ। ଏଥିରେ ସ୍ୱାଭିମାନ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆଗରୁ ସ୍ୱାଭିମାନ ଅଞ୍ଚଳରେ ଚିତ୍ରକୋଣ୍ଡା ବ୍ଲକର ୯ ପଞ୍ଚାୟତ ବଡପଦା, ପାପରମେଟେଲା, ରାଲେଗାଡା, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି ଓ ଗାଜୁଲୁମାମୁଡି ଥିବାବେଳେ ବର୍ତ୍ତମାନ ଆଉ ୧୦ ପଞ୍ଚାୟତକୁ ସାମିଲ କରାଯାଇଛି। ସେଗୁଡିକ ହେଲା ବଡପଦର, ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାଡା, କପାଟୁଟି, ଟନେଲକ୍ୟାମ୍ପ, କୁରୁମାନୁର ଓ ପାପୁଲୁର ଏବଂ କୋରୁକୋଣ୍ଡା ବ୍ଲକର ନାକାମାମୁଡି। ଫଳରେ ମୋଟ ୧୯ ପଞ୍ଚାୟତ ସ୍ୱାଭିମାନ ଅଞ୍ଚଳ ଭାବେ ନାମିତ ହୋଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳକୁ ୩ ସେତୁ ନିମନ୍ତେ ଅର୍ଥ ମଞ୍ଜୁର କରିଥିବାରୁ ଆୟୋଜିତ ସଭାରେ ସ୍ୱାଭିମାନ ଅଞ୍ଚଳର ୧୯ ପଞ୍ଚାୟତ ତରଫରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ଖଲିଆଗଡ ନାଳ ଉପରେ ଯନ୍ତ୍ରୀଠାରୁ ଧାକଡପଦର ରାସ୍ତା ପର୍ଯ୍ୟନ୍ତ ୧୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ପଣସପୁଟ ଓ ଯନ୍ତ୍ରୀ ପଞ୍ଚାୟତ ଲୋକମାନେ ଏହାଦ୍ୱାରା ଉପକୃତ ହେବେ। କମୁଡାଗୁଡା ନଦୀ ଉପରେ ଘନବେଡାଠାରୁ କୋଡଗନ୍ଧି ରାସ୍ତା ପର୍ଯ୍ୟନ୍ତ ସେତୁ ନିର୍ମାଣ କରାଯିବ। ମାଛକୁଣ୍ଡ ନଦୀ ଉପରେ ବିଶୋଇଗୁଡାଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ୩୭୨ ମିଟର ସେତୁ ନିର୍ମାଣ କରାଯିବ, ଯାହାର ବ୍ୟୟ ଅଟକଳ ରହିଛି ୫୪ କୋଟି ଟଙ୍କା। ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଟେଲି ଯୋଗାଯୋଗ ଆଦି ବିଭିନ୍ନ ମୌଳିକ ସେବା ସୁବିଧାରେ ଉପଲବ୍ଧ ହେଉଛି। ଏଥିସହ ସ୍ୱାଭିମାନ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସେହି ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେଇ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିତ୍ରକୋଣ୍ଡା ବ୍ଲକର ୩ଟି ବୃହତ୍ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ୧୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ୩୫ ହଜାର ଲୋକ ଉପକୃତ ହେବେ। ଗମନାଗମନ ସୁବିଧା ସହିତ ସାମାଜିକ ସୁବିଧାସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାର୍ଚ୍ଚ ୨୯ରେ ମାଲକାନଗିରି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାରେ ୩ ନୂତନ ସେତୁ ନିର୍ମାଣ ପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ଅଷ୍ଟମ ଚନ୍ଦ୍ର ହେତୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ତଥାପି ସମସ୍ୟା ଥିଲେ ମଧ୍ୟ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଆବଶ୍ୟକତାନୁସାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବୃଷ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ସ୍ୱଗୃହୀ ରବି ଓ ବୁଧ ହେତୁ ପରିବାର ମଧ୍ୟରେ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିହିତ ପଦକ୍ଷେପ ନେବା ଭଲ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆପଣଙ୍କୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି।

**ମିଥୁନ**
ତୃତୀୟସ୍ଥ ବୁଧାଦିତ୍ୟ ହେତୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ ବ୍ୟବସାୟକୁ ସଙ୍କୁଚିତ କରି ନେଇ ପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିସ୍ଥିତିକୁ ଲାଘବ କରିବେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ଉନ୍ନତି କରିବାର ସୂଚନା ରହିଛି।

**କର୍କଟ**
ଭାଗ୍ୟସ୍ଥାନ ପ୍ରତି ମଙ୍ଗଳଙ୍କ ଦୃଷ୍ଟି କାରଣରୁ ସଫଳତାରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ତର୍କ ଓ ବିବାଦକୁ କେନ୍ଦ୍ର କରି ଟଣାଓଟରା ଦେଖାଦେଇପାରେ। ଆପଣ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
ଚନ୍ଦ୍ରଙ୍କ ଶୁଭଦୃଷ୍ଟିଜନିତ ନିଜ ପରିସରରେ ରହୁଥିବା ବ୍ୟକ୍ତିମାନଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ହଠାତ୍ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ଛୋଟ ଛୋଟ ଘଟଣାକୁ ଅସାଧାରଣ ମନେ କରି ବ୍ୟସ୍ତ ହୁଅନ୍ତୁ ନାହିଁ। କୋର୍ଟକାର୍ଯ୍ୟ ଅନୁକୂଳ ହୋଇପାରେ।

**କନ୍ୟା**
ପାପଗ୍ରହଯୁକ୍ତ ବୃହସ୍ପତି ହେତୁ ଆପଣଙ୍କ ସରଳତାର ସୁଯୋଗ ନେଇ କେହି କ୍ଷତି ସାଧନ କରିପାରେ। ଅନ୍ୟକୁ ଦେଇଥିବା ଟଙ୍କା ଫେରି ପାଇବା ପାଇଁ ବିବାଦ ଭିତରକୁ ଟାଣି ହେବାକୁ ପଡ଼ିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସାଙ୍ଗକୁ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ମଙ୍ଗଳଙ୍କ ଦ୍ୱାଦଶାବସ୍ଥାନ ଜନିତ ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ନ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ବିଶେଷ ଭଲ ରହି ନ ପାରେ।

**ବିଛା**
ଦୁଃସ୍ଥାନସ୍ଥ କେତୁ ପ୍ରଭାବରେ ଅତୀତ ଦିନର କେତେକ କଥା ମନକୁ ଆଲୋଡ଼ିତ କରିପାରେ। ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚ ବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
କର୍ମସ୍ଥ ମଙ୍ଗଳଜନିତ ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଏହା ସାଙ୍ଗକୁ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅଭାବ ପୂର୍ଣ୍ଣତା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମକର**
ଚତୁର୍ଥଭାବ ପାପଗ୍ରସ୍ତ ହେତୁ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ଏହା ସାଙ୍ଗକୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ କଥାରେ ବିଶ୍ୱାସୀ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ**
ତୃତୀୟ ଭାବର ଅଶୁଭତ୍ୱ କାରଣରୁ ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆଜି ଆୟ ତୁଳନାରେ ବ୍ୟୟ ବଢ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ଉପକୃତ ହେବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ**
ଚନ୍ଦ୍ର କ୍ଷେତ୍ରସ୍ଥ ଶୁକ୍ରଜନିତ ପଡ଼ୋଶୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଦୀର୍ଘ ଦିନରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରି ଚିନ୍ତିତ ରହିବେ। ପୂର୍ବ ଆଲୋଚନା ଅନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଆକସ୍ମିକ ଭାବରେ ଦୂରଯାତ୍ରାର ମସୁଧା କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ସର୍ବସମ୍ମତ ପୁତ୍ରଦା ଏକାଦଶୀ ରବିବାର, ରବିନାରାୟଣ ବ୍ରତ, ଅଗଷ୍ଟ ୨୭ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, ଅଗଷ୍ଟ ୨୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୯ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ।




# ‘ମାମଲା ଦୁର୍ବଳ କରିବାକୁ ସମୟ ଗଡ଼ାଅ’

■ ଅଭିଯୁକ୍ତ-ଭିଜିଲାନ୍ସ ବିଭାଗ କର୍ମଚାରୀଙ୍କ ଅଡିଓ ଭାଇରାଲ

■ ମହିଳା କର୍ମଚାରୀ ବାଲେଶ୍ୱର ମୁଖ୍ୟାଳୟକୁ ବଦଳି

**କେନ୍ଦୁଝର, ୨୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ବିଚାରପତି ବଦଳିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। କେସ୍‌କୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରିବା ଏବଂ ପିପିଙ୍କୁ କିଛି ଦେଇ ସମୟ ବଢାଇବାକୁ ପଡ଼ିବ। ଏହି ବାର୍ତ୍ତାଳାପ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଓ ବିଭାଗ ହାତରେ ଧରାପଡ଼ିଥିବା ଜଣେ ଅଭିଯୁକ୍ତଙ୍କ ମଧ୍ୟରେ ହୋଇଛି। ଯାହାର ଅଡିଓ କ୍ଲିପ୍ ଏବେ ଭାଇରାଲ ହେବାରେ ଲାଗିଛି। ମହିଳା କର୍ମଚାରୀ କେସ୍‌କୁ କୋହଳ କରିବା ପାଇଁ ତଥ୍ୟ ଯୋଗାଇବା ଏବଂ ସେ ବାବଦକୁ ଲାଞ୍ଚ ମାଗୁଥିବା ଭାଇରାଲ ଅଡିଓରୁ ସ୍ପଷ୍ଟ ଭାବେ ଜଣାପଡ଼ିଛି। ଅଡିଓ କେବେ ରେକର୍ଡ ହୋଇଛି, ଅଭିଯୁକ୍ତ କିଏ ଏବଂ କିପରି ଅଡିଓ ଭାଇରାଲ ହେଲା ସେ ନେଇ ଠିକ୍ ଭାବେ ଜଣାପଡ଼ି ନ ଥିଲେ ହେଁ ମହିଳା କର୍ମଚାରୀଙ୍କ ଜଣଙ୍କ ଭିଜିଲାନ୍ସ ମହିଳା କନଷ୍ଟେବଲ ସାଗରିକା ବାରିକ। ଘଟଣା ପରେ ତାଙ୍କୁ ବାଲେଶ୍ୱର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

ପ୍ରକାଶ ଯେ, ମହିଳା କର୍ମଚାରୀ ସାଗରିକାଙ୍କ ସହ ଅଭିଯୁକ୍ତଙ୍କ ବିଭିନ୍ନ ସମୟର କଥାବର୍ତ୍ତାର ଅନେକ ଅଡିଓ ଭାଇରାଲ ହୋଇଛି। ସବୁଥିରେ କର୍ମଚାରୀ ଜଣଙ୍କ କିପରି ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ସେନେଇ ଅଭଯୁକ୍ତଙ୍କୁ ଉପାୟ ବତାଇଛନ୍ତି। ଅନ୍ୟ ଏକ କ୍ଲିପ୍‌ରେ ସେ କହିଛନ୍ତି ଯେ, ପିପି ରାଗି କି ସାକ୍ଷୀ ପକାଇବାକୁ କହୁଛନ୍ତି। ଏଣୁ ପିପିଙ୍କୁ କିଛି ଦେବାକୁ ପଡ଼ିବ। ଅନ୍ୟ ଏକ ଅଡିଓରେ ହାତୁଡ଼ିରେ ପିଟିବା ଅପେକ୍ଷା ବାଡିରେ ପିଟିବା ଭଲ ଭଳି କେସ୍‌କୁ ଧୀରେ ଧୀରେ ଆଗକୁ ଗଡ଼ାଇଲେ ଦୁର୍ବଳ ହୋଇଯିବ ବୋଲି କହୁଛନ୍ତି। ଏ ନେଇ କେନ୍ଦୁଝର ଭିଜିଲାନ୍ସ ଏସ୍‌ପି ନରହରି ନାଏକ କହିଛନ୍ତି, ଘଟଣାରେ ମହିଳା କନଷ୍ଟେବଲଙ୍କୁ ବାଲେଶ୍ୱର ଭିଜିଲାନ୍ସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭିଜିଲାନ୍ସ କୋର୍ଟର ପିପି ଦେବଦତ୍ତ ବିଶ୍ୱାଳ କହିଛନ୍ତି, ସେ ଏ ସମ୍ପର୍କରେ ଅବଗତ ନୁହନ୍ତି। ଯଦି କେହି ତାଙ୍କ ନାମ ଧରିଥିବେ, ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ପରେ ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥିବା ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଘଟଣାର ଠିକ୍ ତଦନ୍ତ ହେଲେ ସବୁ କିଛି ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ଏସ୍‌ଏଚ୍‌ଜିକୁ ବିନା ସୁଧରେ ୧୦ଲକ୍ଷ ଋଣ ମିଳିବ

■ ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତର ଦ୍ୱିତୀୟ ଦିନ

■ ୩ ସୁଦ୍ଧା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଖୁସି ଖବର ଦେବେ


ଭଞ୍ଜନଗର ସଭାସ୍ଥଳରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି ।

**ଭଞ୍ଜନଗର, ୨୬।୮ (ବାବୁଲା ପ୍ରଧାନ)**

୫-ଟି ସଚିବ ଭି.କେ.ପାଣ୍ଡିଆନ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଥିବା ବେଳେ ଶନିବାର ଦ୍ୱିତୀୟ ଦିନରେ ଭଞ୍ଜନଗର, ସୋରଡ଼ା, ଆସିକା, ପୋଲସରା, ଖଲ୍ଲିକୋଟରେ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ବିଭିନ୍ନ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି।

୫-ଟି ସଚିବ ପୂର୍ବାହ୍ନରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ଫସଲ ବୀମା ପ୍ରିମିୟମ ଛାଡ଼ କରିଛନ୍ତି। ଏହାଦ୍ୱାରା ଗଞ୍ଜାମ ଜିଲାର ୧ଲକ୍ଷ ୨୫ ହଜାର ଚାଷୀ ଲାଭବାନ ହୋଇଛନ୍ତି। ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୨୦୦୧ରେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କଲେ। ବର୍ତ୍ତମାନ ୭୦ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି। ଗଞ୍ଜାମ ଜିଲାରେ ମହିଳାମାନେ ସାଢ଼େ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରୁଛନ୍ତି। ବଳକା ଦେଢ଼ଲକ୍ଷ ବ୍ୟାଙ୍କରେ ରହିଯାଉଛି । ମା’ମାନେ ୫ଲକ୍ଷ ଟଙ୍କା ପୂରା ଋଣ ନେଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ବ୍ୟବସ୍ଥା କରିବେ। ଗତବର୍ଷ ରାଜ୍ୟରେ ଏସ୍‌ଏଚ୍‌ଜିକୁ ୧୧ହଜାର ୩ଶହ କୋଟି ଟଙ୍କା ଋଣ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ୧୧୧୩ କୋଟି ଟଙ୍କା ଋଣ ଦିଆଯାଇଛି। ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ମୁଖ୍ୟମନ୍ତ୍ରୀ ଆସନ୍ତା ୩ ତାରିଖ ସୁଦ୍ଧା ରାଜ୍ୟବାସୀଙ୍କୁ ଏକ ଖୁସି ଖବର ଦେବେ ବୋଲି ୫-ଟି ସଚିବ ସଭାରେ ଘୋଷଣା କରିଥିଲେ। ହାଇସ୍କୁଲ ଭଳି କଲେଜଗୁଡ଼ିକୁ ରୂପାନ୍ତରଣ କରାଯାଉଛି। ୧୫ଦିନ ମଧ୍ୟରେ କାମ ଆରମ୍ଭ ହୋଇ ୬ ମାସ ମଧ୍ୟରେ ସରିବ। ଛାତ୍ରୀଛାତ୍ରମାନେ ସ୍ମାର୍ଟ ଶ୍ରେଣୀ କକ୍ଷରେ ବସି ପାଠ ପଢ଼ିବେ। ଇ-ଲାଇବ୍ରେରୀ, କମନ୍ ରୁମ୍ ଆଦି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ କଲେଜ ଅଧ୍ୟାପକ ଏବଂ ଅନ୍ୟମାନଙ୍କ କଥା ମଧ୍ୟ ବିଚାରକୁ ନେବେ ବୋଲି ସଚିବ କହିଥିଲେ। ସ୍ମାର୍ଟ କଲେଜ କାର୍ଯ୍ୟ ଚାଲିବା ସମୟରେ ଏହା ସାମାଜିକ କାର୍ଯ୍ୟକ୍ରମ ମନେକରି ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ଭଞ୍ଜନଗର, ଜଗନ୍ନାଥପ୍ରସାଦ ସମେତ ଅନ୍ୟ ଅଞ୍ଚଳର ପିଇବା ପାଣି ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଢୋଲପିଟାଠାରେ ୨୬ କୋଟି ଟଙ୍କା ବ୍ୟୟରେ ଜଳସେଚନ ବ୍ୟବସ୍ଥା ଚାଲିଛି । ବଡ଼ନଦୀ ଉପରେ ରାଇପଲ୍ଲୀ ରାସ୍ତାରେ ୧୪ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ହେଉଛି । ନୂଆଁଗା କେନାଲ ସିଷ୍ଟମ ମଧ୍ୟ ହେଉଛି । ମାସକ ମଧ୍ୟରେ ଭଞ୍ଜନଗର ଇନଡ଼ୋର ଷ୍ଟାଡିୟମ କାର୍ଯ୍ୟ ସରିବ। ଆଜି ଦିନରେ ମିଳିଥିବା ପ୍ରତ୍ୟେକ ଦରଖାସ୍ତ ଉପରେ ଏକ ମାସ ମଧ୍ୟରେ ଉତ୍ତର ମିଳିବ। ମଧୁବାବୁ ପେନସନ ଯୋଜନାରେ ଗତ ୧୫ ଦିନ ମଧ୍ୟରେ ସମସ୍ତଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଆଉ କେହି ରହିଯାଇଥିଲେ ସେମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ୫-ଟି ସଚିବଙ୍କୁ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଅନ୍ୟପକ୍ଷରେ ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ରଙ୍କ ନେତୃତ୍ୱରେ କେତେଜଣ କର୍ମୀ ସଭାସ୍ଥଳଠାରୁ ୨ କି.ମି. ଦୂର ଶିରିଡ଼ି ସାଇମନ୍ଦିର ସମ୍ମୁଖରେ ନିରବ ପ୍ରତିବାଦ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ପୋଲିସ ଘୁମୁସର ଜିଲା ଦାବି ନେଇ ଆନ୍ଦୋଳନ କରୁଥିବା କେତେଜଣ ଲୋକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୨୬।୮ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଧାତକିଡିହୀ ଗ୍ରାମରେ ସାପ କାମୁଡ଼ାରେ ଶୁକ୍ରବାର ରାତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ମାଇନ ମାରାଣ୍ଡି (୬୫)। ସେ ରାତିରେ ଘରେ ଶୋଇଥିବା ବେଳେ ରାତି ୧୧ ଘଟିକା ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ମାଇନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୩)ରେ ରୁଜୁ ହୋଇଛି।




## ଗାଈ ପାଟିରେ ଫୁଟିଲା ବୋମା

**ଜମି ନିକଟରେ ବାରାହା ଶିକାର ପାଇଁ ଥିଲା**

**ବ୍ରହ୍ମପୁର, ୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲଟା ଗ୍ରାମର ଏକ ଜମି ନିକଟରେ ବାର୍‌ହା ଶିକାର ପାଇଁ ରହିଥିବା ବୋମା ଗାଈ ପାଟିରେ ଫୁଟିଛି। ବୋମାଟି ପଲିଥିନରେ ଗୁଡାହୋଇ ଥିଲା। ଖାଦ୍ୟ ଭାବି ଗାଈ ଏହାକୁ ଖାଇ ଦେବାରୁ ଫୁଟି ଯାଇଛି। ଗାଈଟି ଗୁରୁତର ହୋଇ ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ପ୍ରାଣୀପ୍ରେମୀ ମନୋଜ କୁମାର ତରାଇଙ୍କୁ ଜଣାଇଥିଲେ। ସେ ଏ ନେଇ ପ୍ରାଣୀ ବିଭାଗକୁ ଜଣାଇ ଆମ୍ବୁଲାନ୍ସ ପଠାଇବାକୁ କହିଥିଲେ। ହେଲେ ଘଟଣାଟି ଗ୍ରାମାଞ୍ଚଳରେ ହୋଇଥିବାରୁ ସେଠାକୁ ଆମ୍ବୁଲାନ୍ସ ଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମନୋଜ ଅନ୍ୟଜଣେ ପ୍ରାଣୀପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଜଣାଇବାରୁ ସେ ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆମ୍ବୁଲାନ୍ସ ପହଞ୍ଚି ଗାଈକୁ ଉଦ୍ଧାର କରି ପ୍ରାଣୀ ଡାକ୍ତରଖାନାକୁ ନେଇଛି। ସୂଚନାଯୋଗ୍ୟ, ଗତ ଜୁନ ୧୮ ତାରିଖରେ କୁକୁଡ଼ାଖଣ୍ଡି ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମରେ ଅନୁରୂପ ଭାବେ ଏଭଳି ଏକ ଘଟଣା ଘଟିଥିଲା।



> ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡ଼ିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ

# ମହାକାଶରେ ପ୍ରଗତି



**ଆକାର ପଟେଲ**

୫୦ ବର୍ଷ ପୂର୍ବେ ଶେଷ ମହାକାଶଚାରୀମାନେ ଚନ୍ଦ୍ରରେ ଅବତରଣ କରିଥିଲେ। ସେହି ଆମେରିକୀୟମାନଙ୍କ ସାଙ୍ଗିଆ ହେଲା କର୍ନାନ, ଇଭାନ୍ସ ଏବଂ ସ୍ମିଟ୍। ଆମ ପାଇଁ ଏମାନେ ଆର୍ମଷ୍ଟ୍ରଙ୍ଗ୍ ନାମ ପରି ଏତେ ପରିଚିତ ନୁହନ୍ତି। କାରଣ ୧୯୬୯ରେ ପ୍ରଥମେ ଚନ୍ଦ୍ରରେ ଅବତରଣ ପରେ ସ୍ପେସ୍ ରେସ୍ ଶେଷ ହୋଇଗଲା ବୋଲି ଧରି ନିଆଯାଇଥିଲା। ସ୍ପେସ୍ ପ୍ରୋଗ୍ରାମ ବା ମହାକାଶ କାର୍ଯ୍ୟକ୍ରମ ଅତ୍ୟନ୍ତ ବ୍ୟୟବହୁଳ ଓ ଏଥିପ୍ରତି ଜନସାଧାରଣଙ୍କ ଆଗ୍ରହ କମିବାରୁ ୧୯୬୯ ପରେ ଆମେରିକା ଏବଂ ରୁଷିଆର କାର୍ଯ୍ୟକ୍ରମଗୁଡ଼ିକର ତୀବ୍ରତା, କ୍ଷମତା ହ୍ରାସ ପାଇଥିଲା। ତେବେ ଆର୍ମଷ୍ଟ୍ରଙ୍ଗଙ୍କ ସଫଳତା ପରେ ମଙ୍ଗଳକୁ ମାନବ ପଠାଇବା ଲାଗି ଯୋଜନା କରାଯାଇଥିଲା। କିନ୍ତୁ ତାହା କେବେ ବି କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଯୋଜନା ପ୍ରସ୍ତୁତ କରିଥିଲେ ନାଜି ରକେଟ ବୈଜ୍ଞାନିକ ଭୋନ୍ ବ୍ରାଉନ। ଆମେରିକୀୟମାନଙ୍କ ଦ୍ୱାରା ସେ ଧରାପଡ଼ିଥିଲେ ଓ ତାଙ୍କୁ ଆମେରିକା ଅଣାଯାଇଥିଲା। ପରେ ବ୍ରାଉନ୍‌ଙ୍କ ଦ୍ୱାରା ଚନ୍ଦ୍ରକୁ ଯିବା ପାଇଁ ଆପୋଲୋ ମିଶନ ଶେଷ ହୋଇଥିଲା। ଆମେରିକୀୟମାନଙ୍କୁ ଚନ୍ଦ୍ରକୁ ନେଇଯାଇଥିବା ବିଶାଳ ରକେଟ ଷ୍ଟାଟର୍ନ-୫କୁ ଭାଙ୍ଗି ଟୁକୁଡ଼ା କରିଦିଆଯାଇଥିଲା। ପରେ କମ୍ ଖର୍ଚ୍ଚରେ ନିର୍ମିତ ମଧ୍ୟମ ଆକାରର ସ୍ପେସ୍ ସଟଲକୁ ପୁନଃ ବ୍ୟବହାର କରାଯାଇ ମହାକାଶଚାରୀଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ନିଆଗଲା। ୧୯୮୧ ରୁ ୨୦୧୧ ପର୍ଯ୍ୟନ୍ତ ଏହା ୩୦ ବର୍ଷ ପାଇଁ ଚାଲିଲା। ପରେ ଏକ ଦଶନ୍ଧି ଧରି ଆମେରିକା ତା' ମହାକାଶଚାରୀଙ୍କୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନକୁ ପଠାଇବା କ୍ଷମତା ହରାଇଥିଲା। ତେବେ କୋଭିଡ୍ ମହାମାରୀ ସମୟରେ ଘରୋଇ କମ୍ପାନୀ ସ୍ପେସ୍ ଏକ୍ସ ଏହି କ୍ଷମତା ହାସଲ କଲା ପର୍ଯ୍ୟନ୍ତ ଆମେରିକା ସେଥିରେ ଆଉ ମନ ବଳାଇ ନ ଥିଲା। ସେପର୍ଯ୍ୟନ୍ତ ଏକ ଦଶନ୍ଧି ଧରି ନାସା ଏବଂ ୟୁରୋପୀୟ ମହାକାଶଚାରୀମାନେ ରୁଷିଆର ରକେଟରେ ମହାକାଶକୁ ଯାଉଥିଲେ। ଏବେ ସ୍ପେସ୍ ଏକ୍ସ ଓ ଚାଇନା ଦ୍ୱାରା ପୃଥିବୀର ସବୁଠୁ ସକ୍ରିୟ ମହାକାଶ କାର୍ଯ୍ୟକ୍ରମ ଚାଲିଛି। ୨୦୨୨ରେ ସ୍ପେସ୍ ଏକ୍ସ ୬୧ଟି ମହାକାଶ ଯାନ ମହାକାଶକୁ ପଠାଇଥିଲା। ଚାଇନା ମଧ୍ୟ ପାଖାପାଖି ସମାନ ସଂଖ୍ୟକ ଯାନ ପଠାଇଥିଲା। ତୁଳନାତ୍ମକ ଭାବେ ୨୦୨୨ରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମାତ୍ର ୪ଟି ମହାକାଶ ଯାନ ସଫଳତାର ସହ ପଠାଇଥିଲା। ସେଥି ମଧ୍ୟରେ ଥିଲା ୩ଟି ପିଏସ୍ଏଲ୍‌ଭି ଏବଂ ଗୋଟିଏ ଜିଏସ୍ଏଲ୍‌ଭି, ଯାହାର ନାମ ବଦଳାଯାଇ ରଖାଯାଇଛି ଏଲ୍‌ଭିଏମ୍। ଏହି ସଂଖ୍ୟାକୁ ନେଇ ନିରାଶ ହେବା ଉଚିତ ନୁହେଁ, କାରଣ ଏଥିପାଇଁ ଆମର ବଜେଟ ବହୁତ କମ୍।

ଭାରତର ଚନ୍ଦ୍ର ଅଭିଯାନର ଅଭୁତପୂର୍ବ ସଫଳତା ପରେ ପରବର୍ତ୍ତୀ ପଦକ୍ଷେପ ହେଉଛି ମଣିଷକୁ କକ୍ଷପଥରେ ସ୍ଥାପନ କରିବା। ୧୯୮୦ ଦଶକରେ ସୋଭିଏଟ୍ ରକେଟ ସାହାଯ୍ୟରେ ଭାରତ ଏହା ହାସଲ କରିଥିଲା। କକ୍ଷପଥରେ ପୃଥିବୀକୁ ପରିକ୍ରମା କରିବାରେ ଏକମାତ୍ର ଭାରତୀୟ ହେଉଛନ୍ତି ମହାକାଶଚାରୀ ରାକେଶ ଶର୍ମା ଏବଂ ଏହା ୪୦ ବର୍ଷ ପୂର୍ବେ ଏପ୍ରିଲ ୧୯୮୪ରେ ସଫଳ ହୋଇଥିଲା। ଯଦି ସବୁ କିଛି ଠିକ୍ ଚାଲେ ତେବେ ଭାରତ ଆସନ୍ତା ୨ ବର୍ଷ ମଧ୍ୟରେ ଗଗନାୟନ ମହାକାଶଯାନରେ ଭାରତୀୟଙ୍କୁ କକ୍ଷକୁ ପଠାଇବାକୁ ଆଶାକରୁଛି। ସୁରକ୍ଷିତ ଭାବେ କକ୍ଷପଥକୁ ଏକ ରକେଟ ପଠାଇବାର ସବୁଠାରୁ କଠିନ ଦିଗକୁ ଭାରତ ହାସଲ କରିସାରିଛି। ସମ୍ପ୍ରତି ଆମେ ଦେଖିଛୁ ଭାରତ କକ୍ଷପଥ ବେଗକୁ ମନ୍ଥର ଏବଂ ନିୟନ୍ତ୍ରିଣ କରିବା ପରେ ନିଜର ଶକ୍ତି ବଳରେ ଏକ ମହାକାଶ ଯାନକୁ ଅବତରଣ କରିବା କ୍ଷମତା ହାସଲ କରିଛି। ଯେତେବେଳେ ମହାକାଶ ଯାନରେ ମଣିଷ ପଠାଇବା କ୍ଷମତା ହାସଲ କରିବୁ, ସେତେବେଳେ ରୁଷିଆ, ଆମେରିକା, ଚାଇନା ଏବଂ ସ୍ପେସ୍ ଏକ୍ସ ପରକୁ ଆମେ ପଞ୍ଚମ ରାଷ୍ଟ୍ର ହୋଇଯିବୁ। ସେଠାରେ ପହଞ୍ଚିବା ପରେ ସମ୍ଭବତଃ ଆମେ ଆଉ ଅଧିକ ପାଇଁ ଆଗେଇବୁ। କକ୍ଷପଥକୁ ପ୍ରଥମ ବ୍ୟକ୍ତି ଯିବା, ମହାକାଶରେ ପ୍ରଥମ ବ୍ୟକ୍ତି ଚାଲିବା ଓ ଚନ୍ଦ୍ରରେ ଅବତରଣ ୫୦ ବର୍ଷ ପୂର୍ବେ ଘଟିଥିଲା। କିଛି ଲୋକ ମଧ୍ୟ ସ୍ପେସ୍ ଷ୍ଟେଶନରେ କକ୍ଷପଥରେ ୧ ବର୍ଷ ବିତାଇଛନ୍ତି। ପରବର୍ତ୍ତୀ ୨ ଦଶନ୍ଧି ମଧ୍ୟରେ ହାସଲ ହେବାକୁ ଥିବା ଏକମାତ୍ର 'ପ୍ରଥମ' କାର୍ଯ୍ୟ ହେଉଛି ମଙ୍ଗଳ ଗ୍ରହରେ ମାନବ ଅବତରଣ। ତେଣୁ ସ୍ପେସ୍ ରେସ୍‌ରେ ପ୍ରଥମ ହେବା ମୂଳ ଲକ୍ଷ୍ୟ ନୁହେଁ। ଆମ ଗ୍ରହରୁ ଏକ ମହାକାଶଯାନ ସୌରଜଗତ ଛାଡି ଯେତେବେଳେ ଅନ୍ୟଟିରେ ପ୍ରବେଶ କରେ ସେତେବେଳେ ଏହା ଏକ ରାଷ୍ଟ୍ରର ନୁହେଁ ବରଂ ଏକ ଗ୍ରହର ବାର୍ତ୍ତାବହ ପାଲଟିଯିବ। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍ଏସ୍) ଏହାକୁ ସ୍ୱୀକୃତି ଦେଇଛି। ଆଇଏସ୍ଏସ୍ ଆମେରିକା, ଜାପାନ, ରୁଷିଆ, କାନାଡା ଏବଂ ୟୁରୋପୀୟ ୟୁନିୟନର ଏକ ମିଳିତ ପ୍ରୟାସ। ବର୍ତ୍ତମାନ ସେଠାରେ ଥିବା ମହାକାଶଚାରୀ ନାମ ଯଥା ରୁବିଓ, ପ୍ରୋକୋପିଏଭ, ପେଟେଲିନ, ବୋଓ୍ୱେନ, ହୋବର୍ଗ, ଆଲନେୟାଡି ଏବଂ ଫେଡିୟାଭ ବିବିଧତାରେ ଏକତାକୁ ପ୍ରତିଫଳିତ କରେ। ଅଗଷ୍ଟ ୨୬ରେ ଅନ୍ୟ ଚାରିଜଣଙ୍କୁ ଆଇଏସ୍ଏସ୍‌କୁ ପଠାଇବା କାର୍ଯ୍ୟକ୍ରମ ରହିଛି ଏବଂ ସେମାନଙ୍କର ନାମ ହେଲା ଫୁରୁକାୱା, ବୋରିସୋଭ, ମୋଗବେଲି ଏବଂ ମୋଗେନସେନ। ଉଲ୍ଲେଖନୀୟ ଯେ, ୟୁକ୍ରେନ୍‌କୁ ନେଇ ସୃଷ୍ଟି ହୋଇଥିବା ଶତ୍ରୁତା ଏବଂ ୟୁଏଇ ଓ ଆମେରିକା ତାକୁ ରୁଷିଆ ବିରୋଧରେ ଅସ୍ତ୍ର ଯୋଗାଉଥିବାବେଳେ ମିଳିତ ମହାକାଶ କାର୍ଯ୍ୟକ୍ରମ ଜାରି ରହିଛି। ଏହା କରିବାର କାରଣ ହେଉଛି, ମହାକାଶରେ ସଫଳତା ଏବଂ ପ୍ରଗତି ଦେଶଠାରୁ କିଛି ଅଧିକ। ଚାଇନା ଆଇଏସ୍ଏସ୍ ଗୋଷ୍ଠୀର ସଦସ୍ୟ ନୁହେଁ, କିନ୍ତୁ ଏହା ନିଜସ୍ୱ ସ୍ପେସ୍ ଷ୍ଟେଶନ ନିର୍ମାଣ କରିଛି ଏବଂ ଏହାକୁ ପ୍ରତିବର୍ଷ ବଢାଇଚାଲିଛି।

ମହାକାଶ ବିଜ୍ଞାନ ଆମକୁ ଏକ ଜାତି ଏବଂ ଗ୍ରହ ଭାବରେ ଏକତ୍ର କରିବାକୁ ଚାହେଁ। ପୃଥିବୀ ପରିକ୍ରମା କରିଥିବା ସମସ୍ତ ମହାକାଶଚାରୀଙ୍କୁ ସ୍ଥାୟୀ ଭାବେ ବଦଳାଯାଇଛି। ସେମାନେ ଆମ ଗ୍ରହକୁ ଯେପରି ଦେଖନ୍ତି ତାହା ଆମେ ଅବଶିଷ୍ଟ କରିପାରିବେ ନାହିଁ। ନୀଳ ବାୟୁମଣ୍ଡଳ କେତେ ପତଳା ଓ କେତେ ଅସୁରକ୍ଷିତ ତାହା ସେମାନେ ଦେଖନ୍ତି। ସେମାନେ ଦେଖନ୍ତି କୃତ୍ରିମ ସୀମା ଓ ଜାତିବିନା ପୃଥିବୀର ଭୌତିକ ରୂପକୁ ଏକ ଏକୀକୃତ ସମୁଦାୟ ଭାବେ। ସେଥିପାଇଁ ମହାକାଶରେ ସମସ୍ତ ପ୍ରଗତିରେ ଆମେ ଉତ୍ସାହିତ ହେବା ଉଚିତ। ଏହା ଆମ ଗ୍ରହ ଏବଂ ଆମ ସମସ୍ତଙ୍କ ସକାଶେ ଏକ ଉତ୍ତମ ଭବିଷ୍ୟତ ପାଇଁ ଆଶାବାଦୀ ହେବାକୁ ଆମକୁ ଉତ୍ସାହିତ କରିବା ଦରକାର।

Email:aakar.patel@gmail.com

# ଜନଜାତି ସଂସ୍କୃତି ଓ ନାରୀ ସଶକ୍ତୀକରଣ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଭାରତୀୟ ସମାଜ ଜୀବନର ଏକ ପ୍ରଧାନ ଅଙ୍ଗ ହେଉଛି ଆଦିବାସୀ ସଂସ୍କୃତି। ପ୍ରକୃତିର ମନୋଜ୍ଞ ପରିବେଶରେ ଜୀବନ ଧାରଣ କରି ଏକ ସୁଦୀର୍ଘ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଥିବା ଆଦିବାସୀମାନେ ହିଁ ଏ ଦେଶର ମୂଳ ବାସିନ୍ଦା ବା ଆଦିମ ଅଧିବାସୀ। ଜନଜାତି ମଣିଷ ପ୍ରକୃତିର ସନ୍ତାନ। ପ୍ରକୃତି ଏମାନଙ୍କ ଜୀବନ ଓ ଜୀବିକାର ଆଧାର। ବଣ ଝରଣା ପରି ଏମାନଙ୍କ ମନ ସ୍ୱଚ୍ଛ ଓ ପ୍ରବାହଧର୍ମୀ। ଅରଣ୍ୟ ପରି ଜାଙ୍ଗଲିକ ଏମାନଙ୍କ ଜୀବନଚର୍ଯ୍ୟା। ଆପଣା ଐତିହ୍ୟପୂର୍ଣ୍ଣ ରୀତିନୀତି, ଚାଲିଚଳନ, ବେଶପୋଷାକ, ଖାଦ୍ୟପେୟ, ସଂସ୍କାର ଓ ଧର୍ମ ବିଶ୍ୱାସକୁ ଜାବୁଡ଼ି ଧରି ଏମାନେ ଗୋଷ୍ଠୀବଦ୍ଧ ଜୀବନ ବଞ୍ଚନ୍ତି। ଜୀବନରେ ଦୁଃଖ ଆସେ, ଯନ୍ତ୍ରଣା ଆସେ, ହେଲେ ସେଥିରେ ଆଦୌ କାତର ହୁଏନି ପାର୍ବତ୍ୟ ମଣିଷ। ମହୁଲ ଫୁଲର ମହକ ଓ ସଲପର ମାଦକତା ଭିତରେ ସେମାନେ ଅନୁଭବ କରନ୍ତି ପ୍ରାଚୁର୍ଯ୍ୟମୟ ଜୀବନର ଉଲ୍ଲାସ। ସଭ୍ୟତାର ମାପକାଠିରେ ସେମାନେ ହୋଇପାରନ୍ତି ଅନୁନ୍ନତ, ମାତ୍ର ସେମାନଙ୍କ ସାଂସ୍କୃତିକ ପରମ୍ପରା ଯେମିତି ବୈଚିତ୍ର୍ୟମୟ, ସାମାଜିକ ଜୀବନବୋଧ ସେମିତି ସୌହାର୍ଦ୍ଦପୂର୍ଣ୍ଣ। ବିଶେଷକରି ଜନଜାତି ସଂସ୍କୃତିରେ ନାରୀର ସ୍ଥିତି, ସୁରକ୍ଷା ଓ ସ୍ୱାଧୀନତା ପ୍ରସଙ୍ଗ ଆସିଲେ ଖୁବ୍ ଉଚ୍ଚାଙ୍ଗ ମନେହୁଏ ସେମାନଙ୍କ ସାଂସ୍କୃତିକ ପରମ୍ପରା ଓ ସାମାଜିକ ବିଚାରଧାରା।

ଆଦିବାସୀ ଲଳନା ପାହାଡ଼ ଦେଶର ଶ୍ରୀ ଓ ଶୋଭା। ସେମାନେ ପ୍ରକୃତି ପରି ସୁନ୍ଦର ଓ ମାଟି ମା'ପରି ମମତାମୟୀ। ସେମାନଙ୍କ ଚାଲିରେ ଥାଏ କବିତାର ଛନ୍ଦ ଓ କଥାରେ ସଙ୍ଗୀତର ମାଧୁରିମା। ପାହାଡ଼ି କନ୍ୟା ଯେତିକି ସୁନ୍ଦର ସେତିକି ବେପରୁଆ। ପ୍ରକୃତି କନ୍ୟା ନିଜସ୍ୱ ସୌନ୍ଦର୍ଯ୍ୟ ଓ ଲାଳିତ୍ୟରେ ସ୍ୱୟଂ ସମ୍ପୂର୍ଣ୍ଣ ହେଲେ ବି ଅଳଙ୍କାର ପ୍ରତି ଥାଏ ସେମାନଙ୍କର ବିଶେଷ ଆକର୍ଷଣ। ବେଶଭୂଷା ସେମାନଙ୍କର ସରଳ ଓ ନିରାଡ଼ମ୍ବର। ମୋଟା ସୂତାର ଶାଢ଼ି ଏମାନଙ୍କ ପରିଧାନ। ଦେହର ଆଭରଣ ପ୍ରତି ବେପରୁଆ। ଜଡ଼ାତେଲ ଲଗେଇ ଖୋଷା ବାନ୍ଧନ୍ତି ଏବଂ ସେଥିରେ ଖୋସନ୍ତି ଧୋବ ଫରଫର ଫୁଲପେନ୍ଥା।

ଆଦିବାସୀ ସମାଜରେ ନାରୀ ଓ ପୁରୁଷ ବିଭିନ୍ନ ନୁହନ୍ତି, ବରଂ ମନୁଷ୍ୟ ଭାବରେ ସମାନ। ଏହି ବିଚାରବୋଧ ଯୋଗୁ ଜନଜାତି ସମାଜରେ ଦେଖିବାକୁ ମିଳେନି ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା ଭଳି ଘୃଣ୍ୟ ବ୍ୟବସ୍ଥା। ପରିବାରକୁ କନ୍ୟା ସନ୍ତାନଟିଏ ଆସିଲେ ତାକୁ ସେମାନେ ବୋଝ ବୋଲି ଭାବନ୍ତିନି କି ଲିଙ୍ଗଗତ ବୈଷମ୍ୟର ଶିକାର ହୋଇ କନ୍ୟାସନ୍ତାନକୁ ଭୋଗିବାକୁ ପଡ଼େନି ମାନସିକ ନିର୍ଯାତନା। ବଣ ଝରଣାର ଅମାନିଆ ଗତି ପରି ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ ସେ ଅତିବାହିତ କରେ ତା'ର ଶୈଶବ ଓ କୈଶୋର। ଆଦିବାସୀ ଝିଅ (ଧାଙ୍ଗଡ଼ୀ) ପ୍ରକୃତି କୋଳର ମୁକ୍ତନାରୀ। ଜ୍ୟୋସ୍ନା ଭଳି ନିର୍ମଳ, ପବନ ଭଳି ଉଦାର, ଝରଣା ଭଳି ଚଞ୍ଚଳ ଓ ବଣର ପକ୍ଷୀପରି ସେ ମୁକ୍ତ ଏବଂ ସ୍ୱାଧୀନ। ତା'ର ଇଚ୍ଛା ଉପରେ ନଥାଏ କାହାରି ଲଗାମ। ଦେହ ଉପରେ



ଯୌବନର ରଙ୍ଗ ବୋଳି ହୋଇଗଲେ ମନରେ ଲାଗିଯାଏ କଳ୍ପନାର ଡେଣା। ଧାଙ୍ଗଡ଼ୀ ଜୀବନରେ ଆରମ୍ଭ ହୁଏ ଯୌବନର ଉପାସନା। ନୃତ୍ୟ ଗୀତ ପ୍ରତି ଆଦିବାସୀ ଯୁବତୀର ଦୁର୍ବାର ଆକର୍ଷଣ। ନୃତ୍ୟଗୀତ ତା' ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଧାଙ୍ଗଡ଼ା ଓ ଧାଙ୍ଗିଡ଼ୀ ଏକାଠି ମିଶି ଗୋଜିଆ ପର୍ବତର ସରୁ ଚଟାଣ ଉପରେ ଛାଡ଼ି ଦିଅନ୍ତି ଗୀତର ଲହରୀ। ପୁଷ୍ ପୂନେଇଁ ଓ ଚଇତି ପରବ ବେଳେ ଧାଙ୍ଗଡ଼ା ବସାରୁ ଭାସିଆସେ ଗୀତ ଓ ବାଜାର ଧୁନ୍। ସେ ଧୁନ୍‌ରେ ଥାଏ ଧାଙ୍ଗଡ଼ୀମାନଙ୍କ ପ୍ରତି ଆଦର, ସ୍ନେହ ଓ ମଧୁର ସମ୍ବୋଧନ। ସେଥିରେ ଫାଟି ପଡ଼େ ଧାଙ୍ଗଡ଼ୀ ମନର ସରାଗ। ଆଖିରେ ଆଖିଏ ସ୍ୱପ୍ନ ନେଇ ସେ ଧାଙ୍ଗଡ଼ା ବସା ଆଡ଼କୁ ଧାଏଁ ତୋଫା ଜହ୍ନ ଆଲୁଅରେ। ଧାଙ୍ଗଡ଼ା ସହ ବାହୁରେ ବାହୁ ଛନ୍ଦି, ହୃଦୟରେ ହୃଦୟ ଯୋଡ଼ି ଝୁଲି ଝୁଲି ନାଚେ ଢୁଙ୍ଗ୍‌ଢୁଙ୍ଗାର ତାଳେ ତାଳେ। ଏଥିରେ ଯୋଗ ଦିଅନ୍ତି ଗାଁସାରା ଲୋକେ। ବୁଢ଼ାମାନେ ସାଜନ୍ତି ଦେଖଣାହାରି। ଥରେ ନାଚଗୀତ ଆରମ୍ଭ ହୋଇଗଲେ ରାତି ପାହିଯାଏ, ହେଲେ ଥକି ପଡ଼େନି ଧାଙ୍ଗଡ଼ୀର ପାଦ। ମନ ଭିତରେ ଚେଇଁ ଉଠେ ଉଦ୍ଦାମ ପାଶବିକତା। ତାକୁ ସେ ନିଜ ଭିତରେ ବିଲୀନ ହେବାକୁ ନଦେଇ ହୁଏତ ସ୍ୱୀକାର କରିନିଏ ବଣର ଝୋଲା କୂଳରେ କିମ୍ବା ଢେଉଢେଉକା ପାହାଡର ଡଙ୍ଗର ଉପରେ।

ଧାଙ୍ଗଡ଼ା ଧାଙ୍ଗଡ଼ୀମାନଙ୍କ ପ୍ରାଣରେ ଏହି ଅଦମ୍ୟ ବାସନା, ସତେ ଯେମିତି ପ୍ରକୃତି ଓ ପୁରୁଷର ସ୍ୱାଭାବିକ ଜୀବନ ପ୍ରକ୍ରିୟା। ସେଥିରେ ନଥାଏ କୃତ୍ରିମତା ବା ପ୍ରବଞ୍ଚନା। ଏହା କେବଳ ଆନନ୍ଦର ଉଦ୍‌ବୋଧନ ନୁହେଁ, ଅମୃତର ଅନ୍ୱେଷଣ। ବିବାହ ନ ସରିବାଯାଏ ଆକଟ କରେନି ସମାଜ। ପରମ୍ପରାର ପଥର ପାଚେରି ଭିତରେ ଥାଇ ଧାଙ୍ଗଡ଼ା ଧାଙ୍ଗଡ଼ୀ ଅନୁଭବ କରନ୍ତି ମିଳନର ଆନନ୍ଦ, ପ୍ରେମର ସାର୍ଥକତା। ସେ ପ୍ରେମରେ କିନ୍ତୁ ନଥାଏ ସାମାନ୍ୟତମ ଆବିଳତା। ଧାଙ୍ଗଡ଼ା ଏଠି ଧାଙ୍ଗଡ଼ୀର ମନ ଜିଣେ ନାନା ଉପାୟରେ। ସେ ଗୀତ ଗାଏ, ବାଜା ବଜାଏ ଓ ମିଠା ମିଠା କଥା କହେ ଧାଙ୍ଗଡ଼ୀର ମନ ମୋହିବା ପାଇଁ। ସବୁ ସତ୍ତ୍ୱେ ବି ଧାଙ୍ଗଡ଼ୀର ମନ ଜିଣି ନ ପାରିଲେ ସେ ଫେରିଯାଏ, ହେଲେ ଆଦିବାସୀ ସମାଜରେ କେବେ ଘଟେନି ବଳାତ୍କାର ଭଳି ଅସାମାଜିକ ଘଟଣା। ପ୍ରେମ ଏଠି ଅବାଧ। ମାତ୍ର ସେ ପ୍ରେମରେ ଦେହର ଦାବି ଅପେକ୍ଷା ହୃଦୟର ଆହ୍ୱାନ ବେଶି। ସେଥିପାଇଁ ସକାଳର ଶାଳପତ୍ରରେ ବିନ୍ଦୁଏ ବର୍ଷାଜଳ ପରି ସର୍ବଦା ଚିକ୍ ଚିକ୍ କରୁଥାଏ ଆଦିବାସୀ ଯୁବତୀର ନିର୍ଭେଜାଲ ମନ ଓ ଶୁଦ୍ଧ ସତୀତ୍ୱ।

ଆଦିବାସୀ ନାରୀ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଉଛି ବିବାହ। ସେମାନଙ୍କ ସମାଜରେ ଝିକାଟଣା ବିବାହ, ପ୍ରେମ ବିବାହ ଓ ପ୍ରାୟୋଜିତ ବିବାହ ଆଦି ନାନା ପ୍ରକାର ବିବାହ ପ୍ରଚଳିତ ଥିଲେ ବି ପ୍ରେମ ବିବାହକୁ ଅଧିକ ପସନ୍ଦକରେ ଆଦିବାସୀ ଯୁବତୀ। ନାଚଗୀତ ମାଧ୍ୟମରେ ଏମାନେ ବ୍ୟକ୍ତ କରନ୍ତି ମନର ଭାବ। ବିଭିନ୍ନ ପର୍ବପର୍ବାଣି ଅବସରରେ ଆୟୋଜିତ ନାଚଗୀତରେ ମନ ଆକର୍ଷିତ ହେଲେ ପରସ୍ପରକୁ ବିବାହ କରନ୍ତି ଏବଂ ଏହି ଉଦୁଉଦିଆ (ପ୍ରେମ ବିବାହ)କୁ ସ୍ୱୀକୃତି ଦିଏ ସମାଜ। ସେମାନଙ୍କ ବାହାଘରରେ ଯୌତୁକ ପ୍ରଥା ନାହିଁ, ବରଂ ଏଠି ବରପକ୍ଷକୁ ଦେବାକୁ ହୁଏ କନ୍ୟାସୁନା। ବିଧବା ନାରୀକୁ ଅଶୁଭ ସଂକେତ ବୋଲି କେବେ ବିବେଚନା କରେନି ଆଦିବାସୀ ସମାଜ। ଏଠି ବିଧବା ବିବାହ ଏକ ସାଧାରଣ କଥା। ଛାଡ଼ପତ୍ର ବ୍ୟବସ୍ଥାଟି ମଧ୍ୟ ଖୁବ୍ ସହଜ। ସ୍ୱାମୀ ସ୍ତ୍ରୀ ଯେ କେହି ଚାହିଁଲେ ଅପରକୁ ପରିତ୍ୟାଗ କରି ଦ୍ୱିତୀୟ ବିବାହ କରିପାରେ ନିଜ ମନଇଚ୍ଛାରେ। ହେଲେବି ଆଦିବାସୀ ସମାଜରେ ଛାଡ଼ପତ୍ର ସଂଖ୍ୟା ଖୁବ୍ ନଗଣ୍ୟ।

ପୁରୁଷର ଉପାର୍ଜନ ଉପରେ ନିର୍ଭର କରି ଦିନ କାଟେନି ଆଦିବାସୀ ରମଣୀ। ସେ କେତେବେଳେ ଘରେ ରନ୍ଧାବଢ଼ା କରେ ତ କେତେବେଳେ ଖରାବର୍ଷାକୁ ଖାତିର ନ କରି ଲାଗିଥାଏ ଚାଷ କାମରେ। କେବେ ତା' ମୁଣ୍ଡରେ ପାଣି ମାଠିଆ ତ' କେବେ ଜାଳକାଠର ବୋଝ। କଠିନ ପରିଶ୍ରମ କରି ବଞ୍ଚିବାରେ ଥାଏ ସେମାନଙ୍କର ଆନନ୍ଦ। ତେଣୁ ବିବାହ ବେଳେ ସେମାନେ କେବେ ଖୋଜନ୍ତିନି ବରର ଆର୍ଥିକ ସ୍ୱଚ୍ଛଳତା। ଆଦିବାସୀ ସ୍ତ୍ରୀ ଜୀବନର ବନ୍ଧୁର ପଥରେ ପୁରୁଷର ସହଯାତ୍ରିଣୀ, ସହକର୍ମିଣୀ ଓ ସାହାଯ୍ୟକାରିଣୀ। ସେ ପସରା ମୁଣ୍ଡାଏ ସିନା ଦାୟିତ୍ୱ ମୁଣ୍ଡାଏ ନାହିଁ। ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ରୋଜଗାର କଲେ ବି ପରିବାର ଭିତରେ ଜାହିର କରେନି ମୁରବିପଣିଆ। ଆପଣା ପୁରୁଷ ହିଁ ଆଦିବାସୀ ନାରୀ ଜୀବନର ସର୍ବସ୍ୱ। ସେଥିପାଇଁ ପୁରୁଷ ପ୍ରତି ନିଜର ଆନୁଗତ୍ୟରେ ଥାଏ ତା'ର ପରିତୃପ୍ତି। ଏହି ମାନସିକତା ଯୋଗୁ ନିଜର ସାମର୍ଥ୍ୟ ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ କୌଣସି କ୍ଷେତ୍ରରେ ସ୍ୱାମୀକୁ କେବେ ଅବହେଳା ଓ ଅବମାନନା କରିବାକୁ ଚାହେଁନି ଆଦିବାସୀ ନାରୀ। ଏହି ଦୃଷ୍ଟିରୁ ଆଦିବାସୀ ସମାଜ ପୁରୁଷପ୍ରଧାନ ହେଲେ ବି ନାରୀର ସମ୍ମାନ ପ୍ରତି ଏଠି ଆଦୌ ଊଣା ନୁହେଁ ପୁରୁଷର ପ୍ରତିବଦ୍ଧତା। ନାରୀକୁ ସମ୍ମାନ ଓ ସୁରକ୍ଷା ସେଠାରେ ସ୍ଲୋଗାନ ନୁହେଁ, ବରଂ ଏକ ସାଂସ୍କୃତିକ ଅକଳବନ୍ଦୀ, ଏକ ସାମାଜିକ ଦାୟିତ୍ୱବୋଧ। ସେଥିପାଇଁ ଆଦିବାସୀ ନାରୀ ସ୍ୱାଧୀନ, ସଶକ୍ତ ଓ ସୁରକ୍ଷିତ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଚନ୍ଦ୍ରଯାନର ନାୟକ

**ବ୍ୟକ୍ତିତ୍ୱ**



ଏସ୍. ୟୁନିକ୍ରିଷ୍ଣନ୍ ନାୟାର

ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ବା ଜହ୍ନ। ପୃଥିବୀକୁ ମାଆ ବୋଲି ଧରାଯାଇଥିବାରୁ ତା'ର ଭାଇ ଜହ୍ନକୁ ପୃଥିବୀବାସୀ ମାମୁ ବୋଲି ସମ୍ବୋଧନ କରିଥାଆନ୍ତି। ସନ୍ଧ୍ୟା ଆକାଶକୁ ଆଲୋକିତ କରୁଥିବା ଏହି ଜହ୍ନକୁ ଦେଖାଇ ମା'ମାନେ ପିଲାକୁ କାଖରେ ଧରି ଖୁଆଇବାକୁ ଯାଇ କହିଥାଆନ୍ତି-ହେଇ ଦେଖ ଜହ୍ନ, ତୋ ମାମୁ। ବହୁ ଦୂରରେ ଥିବା ଜହ୍ନମାମୁକୁ ଦେଖି ପିଲାମାନେ ଖାଇଦେଇଥାଆନ୍ତି। ସାହିତ୍ୟିକ ଜହ୍ନକୁ ନେଇ ଢେର ବର୍ଣ୍ଣନା କରିଛନ୍ତି। ହେଲେ ବିଜ୍ଞାନୀମାନେ କାଳ୍ପନିକ ରାଇଜରେ ବିଚରଣ ନ କରି ତା'ର ବାସ୍ତବ ପୃଷ୍ଠଭୂମିରେ ପାଦ ଥାପିଛନ୍ତି। ଆମେରିକା, ରୁଷିଆ ଓ ଚାଇନା ଚନ୍ଦ୍ରରେ ସେମାନଙ୍କ ଯାନ ପହଞ୍ଚାଇଥିବା ବେଳେ ଏବେ ଭାରତ ସେହି କ୍ଲବରେ ସାମିଲ ହୋଇ ଆଉ ପାଦେ ଆଗେଇଯାଇଛି। ୨୩ ଅଗଷ୍ଟ ୨୦୨୩ ସନ୍ଧ୍ୟା ୬ଟା ୪ ମିନିଟ୍‌ରେ ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ତା'ର ଲ୍ୟାଣ୍ଡର 'ବିକ୍ରମ'କୁ କୋମଳ ଅବତରଣ କରାଇବା ପରେ ଭାରତ ଐତିହାସିକ ସଫଳତା ହାସଲ କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପୂର୍ବରୁ ଘୋଷଣା କରିଥିବା ସମୟ ଅନୁଯାୟୀ ଏହା ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ସେହି ଆକାଂକ୍ଷିତ ଦିନ ଉପସ୍ଥିତ ହେବା ପରେ ସନ୍ଧ୍ୟା ୫ଟା ୪୦ ମିନିଟ୍‌ରେ ଲ୍ୟାଣ୍ଡର 'ବିକ୍ରମ' ଜହ୍ନଠାରୁ ୩୦ କିଲୋମିଟର ଦୂରରେ ଥିଲା। ଏହା ପରେ ଧୀର ଗତିରେ ଓହ୍ଲାଇ ୨୩ ମିନିଟ୍ ପରେ ଯେତେବେଳେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାକୁ ଯାଉଥିଲା ସେତେବେଳେ ଇସ୍ରୋ ବୈଜ୍ଞାନିକଙ୍କ ସମେତ ଦେଶବାସୀ ଖୁସିରେ ଆତ୍ମହରା ହୋଇଯାଇଥିଲେ। ମୁନ୍ ମିଶନ ପଛରେ ଥିବା ଇଞ୍ଜିନିୟର ଓ ବୈଜ୍ଞାନିକଙ୍କୁ ସବୁ ଶ୍ରେୟ ଯାଇଥିବା ବେଳେ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ଅକ୍ଲାନ୍ତ ଉଦ୍ୟମ ଓ ପ୍ରତିବଦ୍ଧତା ବିଷୟରେ ଏବେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ, ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍ଏସ୍‌ସି) ନିର୍ଦ୍ଦେଶକ ଏସ୍. ୟୁନିକ୍ରିଷ୍ଣନ ନାୟାର, ଚନ୍ଦ୍ରୟାନ-୩ ପ୍ରୋଜେକ୍ଟ ଡାଇରେକ୍ଟର ପି. ଭେରାମୁଥୁଭେଲ, ୟୁ ଆର୍ ରାଓ ସାଟେଲାଇଟ୍ ସେଣ୍ଟର(ୟୁଆର୍ଏସ୍‌ସି) ନିର୍ଦ୍ଦେଶକ ଏମ୍. ଶଙ୍କରନ୍, ଲିକ୍ୱିଡ୍ ପ୍ରପଲଶନ୍ ସିଷ୍ଟମ୍ସ ସେଣ୍ଟର ନିର୍ଦ୍ଦେଶକ ଭି. ନାରାୟଣନ୍, ସତୀଶ ଧାୱନ ସ୍ପେସ୍ ସେଣ୍ଟର (ଏସ୍‌ଡିଏସ୍‌ସି) ନିର୍ଦ୍ଦେଶକ ଏ.ରାଜାରାଜନ୍, ଚନ୍ଦ୍ରୟାନ-୩ ଲଞ୍ଚର ମିଶନ ଡାରେକ୍ଟର ଏସ୍. ମୋହନା କୁମାର ଏବଂ ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ ସେଣ୍ଟର (ଆଇଏସ୍‌ଟିଆର୍ଏସି) ନିର୍ଦ୍ଦେଶକ ବି. ଏନ୍.ରାମକ୍ରିଷ୍ଣ। ତେବେ ଏଠାରେ ନମ୍ବର-୨ରେ ଥିବା ଏସ୍. ୟୁନିକ୍ରିଷ୍ଣନ ନାୟାର ହିସାବ କରି କହିଥିଲେ ଯେ ଏଥର ଭାରତ କଦାପି ଲକ୍ଷ୍ୟଚ୍ୟୁତ ହେବ ନାହିଁ ଓ ଠିକ୍ ୬ଟା ୪ ମିନିଟ୍‌ରେ ନିଶ୍ଚିୟ ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ବିନା ବାଧାରେ ପହଞ୍ଚିବ। ସମ୍ଭବତଃ ସେଥିପାଇଁ ୟୁନିକ୍ରିଷ୍ଣନ୍‌ଙ୍କୁ ନେଇ ଏବେ ଅଧିକ ଚର୍ଚ୍ଚା ହେଉଛି।

ୟୁନିକ୍ରିଷ୍ଣନ୍ କେରଳରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତା ରାଜମ୍ମା ଓ ପିତା ଶ୍ରୀଧରନ୍ ନାୟାର କୋଟାୟାମ୍ ସର୍ଭେ ଅଫିସ୍‌ରେ କାର୍ଯ୍ୟ କରୁଥିଲେ। ୟୁନିକ୍ରିଷ୍ଣନ୍ କେରଳ ବିଶ୍ୱବିଦ୍ୟାଳୟ ଅଧୀନ ମାର୍ ଆଥିନାସିୟୁସ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍)ରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଏମ୍ଇ ଡିଗ୍ରୀ ହାସଲ କରିବା ପରେ ସେ ଆଇଆଇଟି ମାଡ୍ରାସରୁ ମେକାନିକାଲ ଇଞ୍ଜିନିୟରିଂରେ ପିଏଚ୍.ଡି. କରିଥିଲେ। ୧୯୮୫ରେ ସେ ଭିଏସ୍ଏସ୍‌ସିରେ ଯୋଗ ଦେଇଥିଲେ। ଭାରତୀୟ ଏରୋସ୍ପେସ୍ ଇଞ୍ଜିନିୟର ଭାବେ ସେ ଅନେକ ପରୀକ୍ଷଣ କରିଛନ୍ତି। ଭେହିକିଲ୍ ଡିଜାଇନ୍ କ୍ଷେତ୍ରରେ ତାଙ୍କର ବେଶ୍ ଦକ୍ଷତା ଥିବାରୁ ପିଏସ୍ଏଲ୍‌ଭି, ଜିଏସ୍ଏଲ୍‌ଭି ଓ ଏଲ୍‌ଭିଏମ୍୩ର ଏରୋସ୍ପେସ୍ ସିଷ୍ଟମ ଓ ପ୍ରସ୍ତୁତିରେ ତାଙ୍କ ସମ୍ପୃକ୍ତ ରହିଆସିଛି। ମହାକାଶକୁ ମାନବ ମହାକାଶଚାରୀ ପ୍ରେରଣ କରିବା ଲାଗି ଭାରତର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ 'ଗଗନାୟନ' ଲାଗି କାର୍ଯ୍ୟ କରୁଥିବା ଟିମ୍‌ର ନେତୃତ୍ୱ ୟୁନିକ୍ରିଷ୍ଣନ୍ ନେଉଛନ୍ତି।

ଭିଏସ୍ଏସ୍‌ସି ନିର୍ଦ୍ଦେଶକ ରହିବା ସହ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ଭାବେ ୟୁନିକ୍ରିଷ୍ଣନ୍ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏତେ କାର୍ଯ୍ୟ ସହିତ ସେ ଜଣେ ମାଲୟାଲମ୍ ଭାଷାରେ କ୍ଷୁଦ୍ର ଗଳ୍ପ ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ଭିଏସ୍ଏସ୍‌ସିରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିବା ଜୟା ଜି ନାୟାର ହେଉଛନ୍ତି ତାଙ୍କ ସହଧର୍ମିଣୀ। ସେମାନଙ୍କର ଦୁଇ ଝିଅ ଅଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମଧ୍ୟପ୍ରଦେଶ ଖାର୍ଗୋନ ଜିଲାର ୪୩ ବର୍ଷୀୟ ସଚିନ ଶର୍ମା ଜଣେ ବନ୍ୟପ୍ରାଣୀ ସଂରକ୍ଷକ। ସେ ମଧ୍ୟ ଟୋନି ନାମରେ ଜଣାଶୁଣା। ସେ ମୋଟର ୱାଇଣ୍ଡିଂ କାମ କରିବା ସହ ୨୨ ବର୍ଷ ହେଲା ବନ୍ୟପ୍ରାଣୀ ସଂରକ୍ଷଣରେ ଲାଗିଛନ୍ତି। ଇତିମଧ୍ୟରେ ସେ ୧୫ ହଜାରରୁ ଅଧିକ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିସାରିଲେଣି। କେବଳ ଏତିକି ନୁହେଁ, ସେ ଉଦ୍ଧାର କରୁଥିବା ପ୍ରାଣୀମାନଙ୍କୁ ସୁରକ୍ଷିତ ବାସସ୍ଥାନରେ ଆଶ୍ରୟ ଦେଇଛନ୍ତି। ଏଥିରେ ଜଙ୍ଗଲ ବିଭାଗ ମଧ୍ୟ ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରୁଛି। ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରିବା ପାଇଁ ସେ କୌଣସି ପାରିଶ୍ରମିକ ନେଇ ନ ଥାନ୍ତି। ଜିଲାର ବଡ଼ବାହର ଗୁରୁ ନାନକ ମାର୍ଗରେ ରହୁଥିବା ଟୋନି ମୁଖ୍ୟତଃ ସେ ସାପ ଧରିବାରେ ପାରଙ୍ଗମ। ସେ ସାପ ପ୍ରଜାତିର କୋବ୍ରା, କ୍ରାଇଟ, ଡମଣା, ରସେଲ ଭାଇପର, ସ୍ୱକେଲ୍ଡ ଭାଇପର ସହିତ ଅନେକ ବିଷାକ୍ତ ସାପ ଏବଂ ପାଇଥନ ମଧ୍ୟ ଉଦ୍ଧାର କରିଛନ୍ତି। ଏହା ବ୍ୟତୀତ ସେ ଭାଲୁ, ନୀଳଗାଇ, ଶୃଗାଳ, କୁମ୍ଭୀର, ବଣୁଆ ଘୁଷୁରି, ଭାଲୁ, ବିଛା ସମେତ ଅନ୍ୟ ବଣୁଆ ପ୍ରାଣୀଙ୍କୁ ମଧ୍ୟ ଉଦ୍ଧାର କରିଛନ୍ତି। ସେ ଚିତାବାଘ ଏବଂ ବାଘ ଉଦ୍ଧାରକାରୀ ଦଳରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ୯ଟି କୁମ୍ଭୀରକୁ ଉଦ୍ଧାର କରି ପୁନର୍ବାର ସେମାନଙ୍କ ପ୍ରାକୃତିକ ବାସସ୍ଥାନରେ ଛାଡି ଦେଇଛନ୍ତି। ସେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଯୁବବର୍ଗଙ୍କୁ ଉଦ୍ଧାର କୌଶଳ ତାଲିମ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଅଗଷ୍ଟ ୧୯୯୮**

- ଶ୍ରୀଲଙ୍କାର କିଲିନୋଚି ଅଞ୍ଚଳରେ ଜବାନ ଓ ଏଲ୍‌ଟିଟିଇ ଗେରିଲାଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ୧୬ ତାମିଲ ଗେରିଲା ନିହତ।
- କଙ୍ଗୋର ଦକ୍ଷିଣାଞ୍ଚଳ କିଭୁ ପ୍ରଦେଶରେ ଟୁଟ୍‌ସୀ ବିଦ୍ରୋହୀଙ୍କ ଆକ୍ରମଣରେ ୩୭ଜଣ ଶରଣାର୍ଥୀ ନିହତ।
- ଆସାମର ବୋଙ୍ଗାଇଗାଁ ଜିଲାର ଆଇ ନଦୀରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ଏଥିରେ ଯାତ୍ରା କରୁଥିବା ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହା ଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନୁ ଦଶଦିଶ।
(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବର୍ଷା, ବନ୍ୟା ବିପ୍ରାତ

ମହାଶୟ,

ସାରା ବିଶ୍ୱରେ ବନ୍ୟା ଓ ବର୍ଷାବିପ୍ରାତ ଯୋଗୁ ଯେତିକି ପ୍ରାଣହାନି ଘଟେ, ସେଥିରୁ ଏକ ପଞ୍ଚମାଂଶ ଭାରତରେ ଘଟିଥାଏ। କେନ୍ଦ୍ର ଜଳ କମିଶନଙ୍କ ତଥ୍ୟ ଅନୁଯାୟୀ ୧୯୫୩ରୁ ୨୦୧୭ (୬୪ ବର୍ଷ) ମଧ୍ୟରେ ଭାରତରେ ବନ୍ୟା ଓ ବର୍ଷା ବିପ୍ରାତ ଜନିତ ମୃତ୍ୟୁସଂଖ୍ୟା ୧,୦୭.୪୮୭। ଅର୍ଥାତ୍ ଦେଶରେ ବନ୍ୟା ଓ ବର୍ଷା ବିପ୍ରାତ ଭଳି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବାର୍ଷିକ ହାରାହାରି ୧୬୦୦ ଜୀବନ ଯାଉଛି ଓ ବାର୍ଷିକ ହାରାହାରି ୩ କୋଟି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଜୀବନ ହରାଉଥିବା ଗାଈଗୋରୁଙ୍କ ସଂଖ୍ୟା ବାର୍ଷିକ ହାରାହାରି ୯୨ ହଜାର। ବର୍ଷା ଓ ବନ୍ୟାରେ ଧନ-ସମ୍ପତ୍ତି କ୍ଷୟକ୍ଷତିର ପରିମାଣ ମଧ୍ୟ କିଛି କମ୍ ନୁହେଁ। ତଥ୍ୟ ଅନୁଯାୟୀ ବନ୍ୟା ଓ ବର୍ଷା ଯୋଗୁ ବାର୍ଷିକ ହାରାହାରି ୭ ନିୟୁତ ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଥାଏ। ଅଧିକ ବନ୍ୟା ପ୍ରବଣ ରାଜ୍ୟଗୁଡ଼ିକ ତାଲିକାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ପଶ୍ଚିମବଙ୍ଗ ଓ ଓଡ଼ିଶା ରହିଛନ୍ତି। ଦେଶରେ ବନ୍ୟାର ଚାରିଟି ପ୍ରମୁଖ କାରଣ ସ୍ୱଳ୍ପ ସମୟରେ ପ୍ରବଳ ବୃଷ୍ଟିପାତ, ଦୁର୍ବଳ ଜଳ ନିଷ୍କାସନ ବ୍ୟବସ୍ଥା, ଜଳଭଣ୍ଡାରଗୁଡ଼ିକରେ ବନ୍ୟା ପାଣି ନିୟନ୍ତ୍ରଣ ସଂକ୍ରାନ୍ତ ଯୋଜନାରେ ତ୍ରୁଟି ବିଚ୍ୟୁତି ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତାରେ ବିଫଳତା। ଆଗାମୀ ସମୟରେ ବର୍ଷା ଓ ବନ୍ୟା ବିପ୍ରାତ ପ୍ରତି ସତର୍କ ରହିବା ଆବଶ୍ୟକତା ରହିଛି।

**- ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 2 | | 9 | | 5 | |
| | 2 | | | | 1 | | | |
| | | 8 | | | 7 | 6 | | |
| | | | | | | | | |
| | 5 | 1 | 8 | | 3 | | | |
| | | | | 6 | | | 4 | 9 |
| 4 | | | 7 | | | | | |
| | | 7 | | | | | | 3 |
| 1 | | | | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 2 | 9 | 3 | 4 | 7 | 5 |
| 2 | 4 | 9 | 5 | 8 | 7 | 3 | 6 | 1 |
| 5 | 3 | 7 | 4 | 6 | 1 | 2 | 8 | 9 |
| 3 | 8 | 6 | 1 | 4 | 9 | 5 | 2 | 7 |
| 9 | 5 | 4 | 6 | 7 | 2 | 8 | 1 | 3 |
| 7 | 2 | 1 | 3 | 5 | 8 | 9 | 4 | 6 |
| 8 | 7 | 3 | 9 | 2 | 6 | 1 | 5 | 4 |
| 1 | 6 | 5 | 8 | 3 | 4 | 7 | 9 | 2 |
| 4 | 9 | 2 | 7 | 1 | 5 | 6 | 3 | 8 |

ଗତ କାଲିର ଉତ୍ତର



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଦାଖରୁ ଫେରି ଶନିବାର ଶ୍ରୀନଗରଠାରେ ପହଞ୍ଚିବା ପରେ ତାଙ୍କ ମା’ ସୋନିଆ ଗାନ୍ଧୀଙ୍କୁ ଭେଟୁଛନ୍ତି।

# ଲାଲ୍ ଡାଏରୀକୁ କାହିଁକି ଭୟ

## ଗେହଲଟଙ୍କୁ ଶାହାଙ୍କ ପ୍ରଶ୍ନ

ଜୟପୁର,୨୬।୮

ରାଜସ୍ଥାନର ଗଙ୍ଗାପୁରରେ ଶନିବାର ଏକ କୃଷକ ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଜ୍ୟମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସରକାରଙ୍କୁ କଡ଼ା ସମାଲୋଚନା କରଛନ୍ତି। ସେ କହିଛନ୍ତି ଆଜିକାଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଗେହଲଟ ଲାଲ ଡାଏରୀକୁ ବହୁତ ଭୟ କରୁଛନ୍ତି। କିନ୍ତୁ କାହିଁକି? ପ୍ରକୃତପକ୍ଷେ ତାଙ୍କର କଳା କାର୍ଯ୍ୟଗୁଡ଼ିକ ଲାଲ ଡାଏରୀରେ ଲୁଚି ରହିଛି। ସେଥିରେ କୋଟି କୋଟି ଟଙ୍କା ଦୁର୍ନୀତିର ବିବରଣୀ ଅଛି। ଯଦି ତାଙ୍କର ସାହସ ଅଛି, ତେବେ ସେ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ। ସତ ସାମ୍ନାକୁ ଆସିବ । ତେବେ ଗଙ୍ଗାପୁର କାର୍ଯ୍ୟକ୍ରମ ଆରମ୍ଭରେ କିଛି କଂଗ୍ରେସ କର୍ମୀ ତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ଏ ନେଇ ଶାହା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଥିଲେ, ଗେହଲଟ ଏଭଳି କରିବା ଲାଗି କିଛି ଲୋକଙ୍କୁ ପଠାଇଛନ୍ତି। ଆଉ ଉପସ୍ଥିତ ଲୋକଙ୍କୁ ଶାହା ନିବେଦନ କରି କହିଥିଲେ, ସେମାନଙ୍କୁ ସ୍ଲୋଗାନ ଦେବାକୁ ଦିଅ। କେହି ସେଠାକୁ ଯିବା ଉଚିତ ନୁହେଁ। କିଛି ସମୟ ପାଇଁ ଏଭଳି କରି ସେମାନେ କ୍ଳାନ୍ତ ହୋଇ ଫେରିଯିବେ। ଏଥିସହ ଶାହା କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମର ମହାକାଶ ମିଶନକୁ ନୂତନ ଗତି ଏବଂ ଶକ୍ତି ଦେଇଛନ୍ତି । ଆଜି ଚନ୍ଦ୍ରର ଦକ୍ଷିଣ ଭାଗରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। ଦେଶବାସୀଙ୍କ ପାଇଁ ଏହା ଗର୍ବର ବିଷୟ।



ଅମିତ ଶାହା



ଅଶୋକ ଗେହଲଟ

# ନୀତୀଶଙ୍କ ଭଳି ୧୦୦ ମୁଖ୍ୟମନ୍ତ୍ରୀ ଆସିଲେ ବି ପାରିବେନି: ପ୍ରଶାନ୍ତ କିଶୋର

ପାଟନା,୨୬।୮

ବିହାରରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ବହୁ ସଂଖ୍ୟକ ପ୍ରାର୍ଥୀ ଏହି ନିଯୁକ୍ତି ପରୀକ୍ଷାରେ ଯୋଗଦେବା ପାଇଁ ନିଜ ନିଜ କେନ୍ଦ୍ରରେ ପହଞ୍ଚିଛନ୍ତି। ମହାମେଣ୍ଟ ସରକାର ଏହି ପରୀକ୍ଷାକୁ ନେଇ ବହୁତ ଉତ୍ସାହିତ ଏବଂ ଚାକିରୀ ସମ୍ବନ୍ଧରେ ଆମ ସରକାର ଦେଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପୂରଣ ହେଉଛି ବୋଲି ଦାବି କରିସାରିଛନ୍ତି। କିନ୍ତୁ, ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର(ପିକେ) ଏହି ଦାବି ଉପରେ ମହାମେଣ୍ଟର ନେତାଙ୍କୁ ଟାର୍ଗେଟ କରିଛନ୍ତି। ବିହାରରେ ସରକାରୀ ଚାକିରି ପ୍ରସଙ୍ଗରେ କଟାକ୍ଷ କରି ମହାମେଣ୍ଟ ସରକାରଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, କେବଳ ଖାଲି ପଦବୀ ସୃଷ୍ଟି ହୋଇଛି, କାହାକୁ ଚାକିରି ମିଳିନାହିଁ। ପ୍ରଥମେ ପରୀକ୍ଷା ହେଉ। ପରୀକ୍ଷାରେ ପେପର ଲିକ ହେବା ଉଚିତ ନୁହେଁ। ଏନେଇ କୋର୍ଟରେ କୌଣସି ମାମଲା ଦାଖଲ ହେବା ଠିକ ନୁହେଁ। ଥରେ ନିଯୁକ୍ତି ପରୀକ୍ଷା ସରିବା ପରେ, ଆପଣ ପ୍ରଚାର କରିବେ। ବିହାର ସରକାର ଦାବି କରୁଛନ୍ତି ଯେ,ଦୁଇ ଲକ୍ଷ ପଦବୀ ଖାଲି କରିଛନ୍ତି କିନ୍ତୁ କାହାକୁ ଚାକିରି ମିଳିନାହିଁ। ଆପଣ କେତେ ଲୋକଙ୍କୁ ଚାକିରି ଦେଇଛନ୍ତି ତାହା କେବଳ କୁହନ୍ତୁ। ବର୍ତ୍ତମାନ ନୀତୀଶ କୁମାରଙ୍କ ସମୟ ସମାପ୍ତ ହୋଇଛି, ତାଙ୍କୁ ଉତ୍ତର ଦେବାକୁ ପଡିବ ଚାକିରି କେଉଁଠାରେ ଅଛି। କ୍ଷମତାରେ ରହିବାକୁ ଏଭଳି ଲୋକମାନେ କିଛି କହିବାକୁ ପ୍ରସ୍ତୁତ। ନୀତୀଶ କୁମାରଙ୍କ ପରି ୧୦୦ ଜଣ ମୁଖ୍ୟମନ୍ତ୍ରୀ ଆସିଲେ ମଧ୍ୟ ସେମାନେ ୧୦ ଲକ୍ଷ ଚାକିରି ଯୋଗାଇ ପାରିବେ ନାହିଁ। ଏନେଇ ଜେଡିୟୁ ମୁଖପାତ୍ର ନୀରଜ କୁମାର କହିଛନ୍ତି, ପ୍ରଶାନ୍ତ କିଶୋର ମନ୍ତବ୍ୟର କୌଣସି ଅର୍ଥ ନାହିଁ। ବିହାରର ଲୋକମାନେ ତାଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ମହାମେଣ୍ଟ ସରକାର ରୋଜଗାର ବିଷୟରେ ଅତ୍ୟନ୍ତ ସଚେତନ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସବୁ ପୂରଣ ହେବ। ଶିକ୍ଷକ ନିଯୁକ୍ତି ପରୀକ୍ଷା ଏହି ପର୍ଯ୍ୟାୟର ଏକ ଅଂଶ ବୋଲି ସେ କହିଛନ୍ତି।



ପ୍ରଶାନ୍ତ କିଶୋର

# ପାୱାର ଗେରିଲା ରଣନୀତି ଆପଣାଉଛନ୍ତି: ସଞ୍ଜୟ

ମୁମ୍ବାଇ,୨୬।୮

ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର କହିଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାର ତାଙ୍କ ଦଳ ଛାଡୁଥିବା ଲୋକଙ୍କ ସହ ଗେରିଲା ଯୁଦ୍ଧ କୌଶଳ ବ୍ୟବହାର କରୁଛନ୍ତି। ତାଙ୍କ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ସହିତ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରୁଛି । ଦଳ ଛାଡିଥିବା ଲୋକଙ୍କ ସହ ଲଢ଼ିବା ପାଇଁ ଶରଦ ପାୱାର ଏବଂ ତାଙ୍କ ସହଯୋଗୀମାନେ ଗେରିଲା ଯୁଦ୍ଧ ରଣନୀତି ବାଛିଛନ୍ତି। ଶରଦ ପାୱାର କେବେ ବି ଭାଜପା ସହ ମେଣ୍ଟ କରିବେ ନାହିଁ। ସେ ମହା ବିକାଶ ଆଘାଡି ଏବଂ ବିରୋଧୀ ମେଣ୍ଟ‘ଇଣ୍ଡିଆ’ର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା। ଏହାର ଅର୍ଥ ନୁହେଁ ଯେ ସେ ଦୁଇଟି ପଥର ଉପରେ ଠିଆ ହୋଇଛନ୍ତି। ଶରଦଙ୍କ ସମ୍ପର୍କରେ କାହାର ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଉଭୟ ଶିବସେନା ଏବଂ ଏନ୍‌ସିପି ବିଭାଜନର ସମ୍ମୁଖୀନ ହୋଇଛନ୍ତି। ମାତ୍ର ଉଭୟ ଦଳର ମୂଳ ସଦସ୍ୟ ଅନ୍ୟ କେଉଁ ଦଳକୁ ଯାଇ ନାହାନ୍ତି। ସୂଚନାଯୋଗ୍ୟ, ଅଜିତ ପାୱାର ଏବଂ ଆଠ ଜଣ ଏନ୍‌ସିପି ବିଧାୟକ ଗତ ଜୁଲାଇ ୨ରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ସରକାରରେ ଯୋଗ ଦେଇ ଶରଦ ପାୱାରଙ୍କ ପ୍ରତିଷ୍ଠିତ ଏନ୍‌ସିପିରେ ବିଭାଜନ ସୃଷ୍ଟି କରିଥିଲେ।



ସଞ୍ଜୟ ରାଉତ

# ବିଧାୟକ ପଦ ହାତେଇବାକୁ ଭାଜପା କର୍ମୀଙ୍କ ଶପଥ

ସାକ୍ଷୀଗୋପାଳ,୨୬।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ସତ୍ୟବାଦୀ ବ୍ଲକ ଛକ ନିକଟ ଏକ ମଣ୍ଡପରେ ଭାଜପାର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ସାଧାରଣ ନିର୍ବାଚନ ନିମନ୍ତେ ରାଜନୈତିକ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଚାଲିଥିବା ବିଜେଡିର ମନମୁଖୀ ଶାସନରେ ସାଧାରଣ ଲୋକ ଅତିଷ୍ଠ ହୋଇଗଲେଣି। ବର୍ତ୍ତମାନ ସମୟ ପରିବର୍ତ୍ତନର ଆସିଛି। ଏହି ଏକାଚାଟିଆ ଶାସନକୁ ହଟାଇବାର ସମୟ ଆସିଛି। ସେଥିପାଇଁ ଭାଜପା ତୃଣମୂଳରୁ ଚେଷ୍ଟା ଚଳାଇଛି। ଯେଭଳି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଧାୟକ ପଦବୀ ହାସଲ କରିବା ସହ ରାଜ୍ୟରେ ଭାଜପା ସରକାର ଗଢିବାରେ ସହାୟକ ହେବ ସେଥିପାଇଁ ନେତା ଓ କର୍ମୀମାନେ ଶପଥ ନେଇଥିଲେ। ସତ୍ୟବାଦୀର ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ଆହ୍ୱାନକ୍ରମେ ସତ୍ୟବାଦୀ ବ୍ଲକରେ ଦୀର୍ଘଦିନ ଧରି ଚାଲିଥିବା, ଅରାଜକତା ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଆଗାମୀ ଦିନରେ ବ୍ଲକ ଘେରାଉ ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଛି। ବୁଥ୍‌ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କର୍ମୀଙ୍କୁ ସଜାଗ ରଖିବା ସହ ପ୍ରତ୍ୟେକ ସ୍ତରରେ କରାଯାଉଥିବା ଦୁର୍ନୀତିକୁ ବିରୋଧ କରାଯିବ ବୋଲି କୁହାଯାଇଛି। ବୈଠକରେ ଭାଜପା ମୁଖପାତ୍ର ରମାରଞ୍ଜନ ବଳିୟାରସିଂ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ୩୨ ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ସଭ୍ୟ ରତିକାନ୍ତ ମିଶ୍ର, ତିନି ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ନିର୍ବାଚନମଣ୍ଡଳୀ ସଂଯୋଜକ ରଞ୍ଜନ ବରାଳ, ବରିଷ୍ଠ ନେତା ତ୍ରିଲୋଚନ ରଥ, ଭାଜପା ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଶହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

# ରାଜ୍ୟରେ ଚାଲିଛି ଜଙ୍ଗଲୀ ଶାସନ : ଶରତ

ଭୁବନେଶ୍ୱର,୨୬।୮(ଅନିଲଦାସ)

ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଅପମାନିତ କରାଯାଉଛି। ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିନ୍ଦା କରିବା ସହିତ ଦୃଢ଼ ଭାବରେ ବିରୋଧ କରିଛନ୍ତି।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ ସମ୍ବିଧାନରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ କିଏ କେଉଁ କାମ କରିବ ଏହାର ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇଛି। ପ୍ରତ୍ୟେକେ ସୀମାରେଖା ମଧ୍ୟରେ ରହି କାର୍ଯ୍ୟ କରିବା ଆବଶ୍ୟକ। କିନ୍ତୁ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ନ୍ୟୂନ କରିଦିଆଯାଉଛି। ଏଭଳି ସମ୍ବିଧାନ ବିରୋଧୀ କାର୍ଯ୍ୟକୁ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ବୋଲି ପିସିସି ସଭାପତି କହିଛନ୍ତି। ରାଜ୍ୟରେ ଏଭଳି ଅଧଃପତନ ପାଇଁ ବିଜୁ ଜନତା ଦଳର ନେତୃବର୍ଗଙ୍କ ଦୀର୍ଘ ନୀରବତା ହିଁ ଦାୟୀ। କିନ୍ତୁ କଂଗ୍ରେସ ଏଭଳି ପରିସ୍ଥିତିକୁ ବରଦାସ୍ତ କରିବ ନାହିଁ। ସରକାରୀ ଅଧିକାରୀମାନେ ନିଜ ସୀମା ଭିତରେ ରହି କାମ କରନ୍ତୁ। ସୀମା ଉଲ୍ଲଂଘନ କଲେ କଂଗ୍ରେସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବ। ଓଡ଼ିଶାର ଜନସାଧାରଣ ବିଚାର କରିବାର ସମୟ ଆସିଛି। ଯେଉଁ ବିଜୁ ଜନତା ଦଳର ନେତୃବୃନ୍ଦଙ୍କୁ ନିଜ ଅଞ୍ଚଳରୁ ନିର୍ବାଚିତ କରି ପଠାଇଥିଲେ, ସେମାନେ ରାଜ୍ୟରେ ଏଭଳି ସ୍ଥିତିକୁ ଦେଖି କାହିଁକି ପ୍ରତିବାଦ କରୁନାହାନ୍ତି। କଲେଜର ଛାତ୍ରୀଛାତ୍ରଙ୍କୁ ସଭାକୁ କାହିଁକି ବୁହାହୋଇ ଅଣାଯାଉଛି। ୨୦୦୯ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯେ ଛାତ୍ରୀଛାତ୍ରଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମକୁ ଅଣାଯିବ ନାହିଁ। କିନ୍ତୁ ଏବେ କଲେଜର ପ୍ରିନ୍ସିପାଲମାନେ ଚିଠି ଲେଖି ଛାତ୍ରୀଛାତ୍ରଙ୍କୁ ଭୟଭୀତ କରାଇ ସଭାକୁ ଆଣୁଛନ୍ତି। ଏ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶରତ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳା ନିର୍ଯାତନା ଭାରତବର୍ଷର ଶୀର୍ଷରେ ରହିଛି । ରାଜ୍ୟରେ ପ୍ରତିଦିନ ୭ ଜଣ ମହିଳା ଉତ୍ପୀଡ଼ନ, ଅତ୍ୟାଚାରର ଶିକାର ହେଉଛନ୍ତି। ହଜାର ହଜାର ମହିଳା ପ୍ରତିବର୍ଷ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି। ଗତବର୍ଷ ତୁଳନାରେ ୩୭.୧ ପ୍ରତିଶତ ମହିଳା ଅପହରଣ ବୃଦ୍ଧି ଘଟିଛି। କଟକ ଜିଲା ମାହାଙ୍ଗାର ଗୋକର୍ଣ୍ଣ ହାଇସ୍କୁଲରେ ଦଶମଶ୍ରେଣୀ ଛାତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଶରତ ନାୟକ ଝିଅର ବାପା ସହିତ ମିଶି ଝିଅକୁ ମାରିଦେଲେ। ଝିଅର ପୋଷ୍ଟମର୍ଟମ କରିବା ପରିବର୍ତ୍ତେ ମାହାଙ୍ଗା ଏସ୍‌ଡିପିଓ ଏବଂ ଆଇଆଇସିଙ୍କ ସହାୟତାରେ ଶବକୁ ପୋଡ଼ି ଦିଆଗଲା । ଆଇଆଇସି ଏବଂ ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ଅନୁଗୋଳ ଜିଲାର ମହିଳା ହୋମ୍‌ଗାର୍ଡ ସୌରିଦ୍ରୀ ସାହୁ ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ଦ୍ୱାରା ବାରମ୍ବାର ନିର୍ଯାତନାର ଶିକାର ହେଉଥିଲେ। ମାନସିକ ସ୍ତରରେ ଅତ୍ୟନ୍ତ ଆଘାତପ୍ରାପ୍ତ ହେତୁ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରି ନିଜର ଦୁଇ ଗୋଡ଼ ସବୁଦିନ ପାଇଁ ହରାଇ ବସିଛନ୍ତି। ଏ ପର୍ଯ୍ୟନ୍ତ ଡିଆଇଜିଙ୍କ ସ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ ହେଲାନାହିଁ । ଏହା କ’ଣ ଆଇନର ଶାସନ ବୋଲି ଶରତ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଜଣେ ସଚିବ ଜଣେ ଲୋକ ପ୍ରତିନିଧିଙ୍କୁ ଅପମାନିତ କରିପାରିବ ନାହିଁ କିମ୍ବା ତାଙ୍କ ବିରୋଧରେ କୌଣସି ଟିପ୍ପଣୀ କରିପାରିବ ନାହିଁ। ଏହା ରୁଲ୍ ବୁକ୍ ୪୭ର ଖୋଲାଖୋଲି ଉଲ୍ଲଂଘନ। ବିଜେଡି ବିଧାୟକମାନେ କାହିଁକି ଏ ସମସ୍ତ ଘଟଣା ଉପରେ ଚୁପ୍ ରହିଛନ୍ତି ବୋଲି ସେ କହିଛନ୍ତି।

ଏ ରାଜ୍ୟର ଅଧିକାରୀମାନେ ସଭାସ୍ଥଳକୁ ଗୁଣ୍ଡା ନେଇ ଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ଇସ୍ତାହାର କମିଟିର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ରାଜ୍ୟରେ ନାରୀ ନିର୍ଯାତନା ଯେଉଁ ବେଗରେ ବଢ଼ି ଚାଲିଛି ତାହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା,ମୁଖପାତ୍ର ରଶ୍ମି ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


सत्यमेव जयते
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
## ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା

ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ

## ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି

ସମ୍ପର୍କରେ ଘୋଷଣା କରୁଛନ୍ତି

**ଯୋଗ୍ୟତା**
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

**ପରିସର**
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

**ହକ୍‌ଦାରିତା**
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି’ ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/13/0018/2324

## ସଂକ୍ଷେପରେ

### କମ୍ ଯନ୍ତ୍ରଣାରେ ସାୟାଟିକା ଚିକିତ୍ସା

ଭୁବନେଶ୍ୱର, ୨୬।୮ (ଅସମାପିକା ସାହୁ)

ମେରୁଦଣ୍ଡ ଓ ମେରୁହାଡ଼ର ଦୁଇଟି ସବୁଠାରୁ ସାଧାରଣ କିନ୍ତୁ ଯନ୍ତ୍ରଣାଦାୟକ ରୋଗ ହେଉଛି ସ୍ଲିପ୍‌ଡ ଡିସ୍କ ଓ ସାୟାଟିକା। ଏହି ଦୁଇଟି ରୋଗ ଲୋକଙ୍କ ମଧ୍ୟରେ ସାଧାରଣ ରୂପେ ଦେଖାଯାଉଥିବା ବ୍ୟାକ୍ ପେନ୍ ବା ଅଣ୍ଟା ଯନ୍ତ୍ରଣା ସମସ୍ୟାର ମୁଖ୍ୟ କାରଣ। ଏଭଳି ଅଧିକାଂଶ ମାମଲାରେ ସ୍ନାୟୁଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହା ଫଳରେ ଯନ୍ତ୍ରଣା ଦ୍ରୁତ ବେଗରେ ବଢ଼ିଯାଏ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଯାଏ ତେବେ ବେଳେବେଳେ ଏହା ପାଦରେ ବଧିରା ଓ ଫୋଡ଼ିଲା ଭଳି ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏକ ଆକଳନରୁ ଜଣାପଡ଼ିଛି, ୭୭% ଲୋକଙ୍କଠାରେ ଅଣ୍ଟା ଯନ୍ତ୍ରଣା ରହିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୩୫% ଲୋକଙ୍କ ଜୀବନକାଳ ମଧ୍ୟରେ ସର୍ବନିମ୍ନ ଥରେ ସାୟାଟିକା ରୋଗ ଦେଖାଦେଇଛି। ଏହି ରୋଗକୁ ଠିକ୍ ସମୟରେ ଜାଣିପାରିଲେ ତା'ର ଚିକିତ୍ସା ସଫଳ ହୋଇପାରୁଛି। ଏହି ରୋଗର ଚିକିତ୍ସା ପାଇଁ ଅତ୍ୟାଧୁନିକ ୩-ଡି ଏଣ୍ଡୋସ୍ପାଇନ୍ ସର୍ଜରି ଏକ ପଦ୍ଧତି, ଯାହା ଏବେ ଓଡ଼ିଶାରେ ଉପଲବ୍ଧ ହେଉଛି। ଏହି ସର୍ଜରି ଖୁବ୍ କମ୍ ଯନ୍ତ୍ରଣା ଦେବା ସହ ରୋଗୀକୁ ଶୀଘ୍ର ସୁସ୍ଥ କରିଥାଏ। ସ୍ଲିପ୍‌ଡ ଡିସ୍କ ଓ ସାୟାଟିକାକୁ ଏବେ ଖୁବ୍ କମ୍ ଯନ୍ତ୍ରଣା ସହ ସଫଳତାର ସହ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ଏଣ୍ଡୋସ୍କୋପିକ୍ ସର୍ଜନ ଓ ଅର୍ଥୋପେଡିସିଆନ୍ ଡା. ପିସି ଦେ କହିଛନ୍ତି। ୩ଡି ଏଣ୍ଡୋସ୍ପାଇନ୍ ସର୍ଜରି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ଡା. ଦେ ଉପସ୍ଥିତ ରହି ସ୍ଲିପ୍‌ଡ ଡିସ୍କ, ସାୟାଟିକାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ଏଣ୍ଡୋସ୍କୋପିକ୍ ସ୍ପାଇନାଲ ସର୍ଜରୀଗୁଡ଼ିକରେ ରୋଗୀ ଅସ୍ତ୍ରୋପଚାରର ୩ରୁ ୪ ଘଣ୍ଟା ମଧ୍ୟରେ ଟଏଲେଟ୍ ଯିବାକୁ ସକ୍ଷମ ହୋଇପାରନ୍ତି ଏବଂ ପରଦିନ ଘରକୁ ଯାଇପାରିଥାନ୍ତି। ଏହି ଅସ୍ତ୍ରୋପଚାର ରୋଗୀଙ୍କୁ କମ୍ ଯନ୍ତ୍ରଣା ଦେଇଥାଏ ଓ ଏହାର ଆରୋଗ୍ୟ ସମୟ ଅଧିକ ଦ୍ରୁତ ହୋଇଥାଏ। ଏହି ପଦ୍ଧତି ସହିତ ଅସ୍ତ୍ରୋପଚାର ପରେ ରୋଗ ପୁଣିଥରେ ଫେରିବାର ସମ୍ଭାବନା ଖୁବ୍ କମ୍ ଥାଏ ବୋଲି ଡା. ଦେ କହିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଏହି ରୋଗ ଏବଂ ଏହାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ।

### ମାଲବାହୀ ଟ୍ରେନ୍ ଧକ୍କାରେ ଟ୍ରାକ୍ଟର ଚୂରମାର

କଳିଙ୍ଗନଗର, ୨୬।୮ (ଶୁଭାଶିଷ ରାଉତ)

ଯାଜପୁର ଜିଲା ସୁକିନ୍ଦା-କେନ୍ଦୁଝର ରେଲୱେ ଲାଇନର ଗୋଡ଼ିଗୋଠ ଉଙ୍କାଗାଡ଼ିଆଠାରେ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଏକ ଟ୍ରାକ୍ଟର ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଯାଜପୁର ରୋଡ୍ ରେଳବାଇ ପୋଲିସ ପହଞ୍ଚି ଖଣ୍ଡ ବିଖଣ୍ଡିତ ଟ୍ରାକ୍ଟରକୁ ଧାରଣାରୁ ହଟାଇବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ଉଙ୍କାଗାଡିଆ ଗାଁର ଜଣେ ଡ୍ରାଇଭର ଶୁକ୍ରବାର ରାତିରେ ଉକ୍ତ ଟ୍ରେନ୍ ଲାଇନ ଦେଇ ଟ୍ରାକ୍ଟର ନେଇ ଯାଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ଆସୁଥିବା ଦେଖି ସେ ଟ୍ରାକ୍ଟରରୁ ଡେଇଁ ପଡ଼ିଥିଲେ। ସମ୍ପୃକ୍ତ ଡ୍ରାଇଭର ଓ ଟ୍ରାକ୍ଟର ମାଲିକଙ୍କ ପରିଚୟ ମିଳି ପାରିନାହିଁ। ରେଳବାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସାତକୋଶିଆରୁ ବିସ୍ଥାପନ ସ୍ଥଗିତ

## ଆତଙ୍କିତ ଅଭୟାରଣ୍ୟବାସୀ ଆଶ୍ୱସ୍ତ

ଅନୁଗୋଳ, ୨୬।୮ (ଅମିତ ସାମଲ)



ସାତକୋଶିଆ ଅଭୟାରଣ୍ୟ ପ୍ରବେଶ ପଥ।)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବସବାସ କରୁଥିବା ପରିବାର ବିସ୍ଥାପିତ ହେବେନାହିଁ। ବିସ୍ଥାପନ ପ୍ରକ୍ରିୟାରେ ଅନେକ ତ୍ରୁଟିବିଚ୍ୟୁତି ରହିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାମୟିକ ଭାବେ ଏହାକୁ ସ୍ଥଗିତ ରଖାଯାଇଛି। ଏହା ଜଣାପଡ଼ିବା ପରେ ବିସ୍ଥାପିତ ହେବାକୁ ଥିବା ପୁରୁଣାକୋଟ, ଟିକରପଡ଼ା ଓ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ୨୨ ଗ୍ରାମର ବାସିନ୍ଦା ସାମୟିକ ଭାବେ ଆଶ୍ୱସ୍ତ ହୋଇଛନ୍ତି। ଏଥିଲାଗି ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବନ୍ୟପ୍ରାଣୀ ଏବଂ ଅଭୟାରଣ୍ୟ ସୁରକ୍ଷା ଆଳରେ ସାତକୋଶିଆରେ ବର୍ଷ ବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ପରିବାରକୁ ବିସ୍ଥାପନ କରାଯିବାକୁ ଯୋଜନା କରାଯାଇଥିଲା। ପ୍ରଶାସନ ଏବଂ ବନ ବିଭାଗର ଏଭଳି ନିଷ୍ପତ୍ତିକୁ ୨ ବର୍ଷ ହେଲା ସମ୍ପୃକ୍ତ ଅଞ୍ଚଳବାସୀ ବିରୋଧ କରିଆସୁଥିଲେ। ବିନା ଗ୍ରାମସଭାରେ ବିସ୍ଥାପନ କରାଯାଉଥିବା ଏବଂ ପ୍ରଶାସନିକ ଅଧିକାରୀମାନେ ଚକ୍ରାନ୍ତ କରି ବିଷମଞ୍ଜି ବୁଣୁଥିବା ଅଭୟାରଣ୍ୟବାସୀ ଅଭିଯୋଗ କରିଥିଲେ। ଆଦିବାସୀଙ୍କୁ ପ୍ରଲୋଭିତ କରି ୨୦ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା, ଖାଲି ପଡ଼ିଥିବା ଘରକୁ କବ୍‌ଜା କରାଯିବା, ବାସହୀନ ପରିବାରକୁ ଗାଁ ଛାଡ଼ି ଚାଲିଯିବାକୁ କହିବା, ସପକ୍ଷବାଦୀ-ବିପକ୍ଷବାଦୀ ଗୋଷ୍ଠୀ ସୃଷ୍ଟି କରି ବିସ୍ଥାପନ ପ୍ରକ୍ରିୟା ଜାରି ରଖିବା, ବିନା ଆଲୋଚନାରେ ମୁଷ୍ଟିମେୟ ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ ଆଦିକୁ ନେଇ ଅସନ୍ତୋଷ ତୀବ୍ର ହୋଇଥିଲା। ଅଞ୍ଚଳବାସୀ ଏକାଧିକ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କମିଶନକୁ ଲିଖିତ ଭାବେ ଜଣାଇବା ସହ ଆଇନର ଆଶ୍ରୟ ନେଇଥିଲେ। ସମସ୍ୟା ନେଇ ସେମାନେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବିସ୍ଥାପନ ପ୍ରକ୍ରିୟା ଆଇନ ଅନୁଯାୟୀ ହେଉ ନ ଥିବା ଏବଂ ଏଥିରେ ଭୁଲ ରହିଥିବା ଜଣାପଡ଼ିଥିଲା। ଏହାପରେ ପ୍ରଧାନ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ସହସ୍ରାଧିକ ଆଦିବାସୀ ପରିବାରର ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଯାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିସ୍ଥାପନ ପ୍ରକ୍ରିୟା ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

ଏ ନେଇ ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମଗୋପନ ରଖି କହିଛନ୍ତି, ବିସ୍ଥାପନ ସାମୟିକ ସମୟ ପାଇଁ ସ୍ଥଗିତ ରହିଛି। ଉପରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଖୋଲୁଛି ଜାଲ୍‌ନୋଟ କାରବାର ଗୁମର

## ଜଣେ ମହିଳାଙ୍କ ସମେତ ୨ ଗିରଫ

ନୀଳଗିରି, ୨୬।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜାଲ୍ ନୋଟ କାରବାର ଚାଲିଥିବା ନେଇ ପୋଲିସ ସୂଚନା ପାଇ ତନାଘନା ଚଳାଇଥିଲା। ଗତ ୨୨ତାରିଖରେ ସନ୍ତରାଗଡ଼ିଆ ଅଞ୍ଚଳର ଜଣେ ବ୍ୟକ୍ତି ଜାଲ ନୋଟ୍ କାରବାର ଘଟଣାରେ ଧରାପଡିବା ପରେ ଏହାର ଗୁମର ଖୋଲିବାରେ ଲାଗିଛି। ଏହାର ମୁଖ୍ୟଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଜାଲ ବିଛାଯାଇଥିଲା। ଏହି କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଥିବା ଶୁକ୍ରବାର ନୀଳଗିରି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାର ନିକଟସ୍ଥ ଘୁଡାଡ଼ିଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ସନ୍ତରାଗଡିଆ ବଜାରରେ ମଦ କାଉଣ୍ଟରରୁ ୩ହଜାର ଟଙ୍କାର ମଦ କିଣି ଦୋକାନୀଙ୍କୁ ୬ଖଣ୍ଡ ୫ଶହ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ଦୋକାନ ବନ୍ଦ କରିବା ପାଇଁ ଟଙ୍କା ଗଣିବା ବେଳେ ଉକ୍ତ ଟଙ୍କାଗୁଡ଼ିକ ଜାଲ୍ ଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ସେ ଅନ୍ୟ ଖୁଚୁରା ଦୋକାନରେ ମଧ୍ୟ ଜାଲ୍ ନୋଟ ଦେଇ ବିଭିନ୍ନ ସାମଗ୍ରୀ କିଣିଥିଲେ। ଅଭିଯୋଗ ପାଇ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କୁ ଉଠାଇ ଆଣିଥିଲା। ନୀଳଗିରି ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ପଚରାଉଚୁରା କରାଯାଇଥିଲା। ଉକ୍ତ ଘଟଣାରେ ଖଇରା ଅଞ୍ଚଳ ସହାରପୁର ଗ୍ରାମର ବୀଣାପାଣି ମୁଖି (୫୦)ଙ୍କ ସମେତ ଯାଜପୁର ଜିଲାର ଜଣେ ପୁରୁଷ ସଂପୃକ୍ତ ଥିବା ପୂର୍ଣ୍ଣଚନ୍ଦ୍ର ପୋଲିସ ଆଗରେ ମାନିଥିଲେ। ତେବେ ବୀଣାପାଣିଙ୍କୁ ପୋଲିସ ସୋରସ୍ଥିତ ଭଡ଼ାଘରୁ ଗିରଫ କରିବା ପରେ ମୁଖ୍ୟ ଆସାମୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି ଦୁଇ ଅଭିଯୁକ୍ତଙ୍କଠାରୁ ୩୮ଖଣ୍ଡ ୫ଶହ ଟଙ୍କିଆ, ୪୫ଖଣ୍ଡ ୨ଶହ ଟଙ୍କିଆ, ୪୭ଖଣ୍ଡ ଶହେ ଟଙ୍କିଆ ଜାଲ୍ ନୋଟ ଓ ଦୁଇଟି ମୋବାଇଲ୍ ଜବତ କରାଯାଇଥିଲା। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୨୭୬ / ୨୩) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଉପସ୍ଥିତ ଥିଲେ।


ଜବତ ଜାଲ ନୋଟ୍ ସହ ୨ ଗିରଫ।

# ପୋଲିସ ସ୍କୁଟିରେ ଗଞ୍ଜେଇ ଚାଲାଣ


ସୋନପୁର ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।


ଜବତ ସ୍କୁଟି।

ସୋନପୁର, ୨୬।୮ (ମୃତ୍ୟୁଞ୍ଜୟ ଶତପଥୀ)

- ଗଞ୍ଜେଇ, ସ୍କୁଟି ଜବତ : ଯୁବକ ଗିରଫ
- ଏଏସ୍‌ଆଇଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି : ଏସ୍‌ଡିପିଓ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ କାର୍ଯ୍ୟରତ ମହିଳା ଏଏସ୍‌ଆଇ ସ୍ମିତାରାଣୀ ଦାଶଙ୍କ ସ୍କୁଟିରେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ସୁବଳୟା ଥାନା ଟେଭାପଦର ଗ୍ରାମର ସଂଗ୍ରାମ କୁମାର କର୍ଡିଆ(୨୭) ପୋଲିସ ଅଧିକାରୀଙ୍କ ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିଲେ। ସୋନପୁର ଟାଉନ ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସୋନପୁର ଥାନା ଏସ୍‌ଆଇ ସସ୍ମିତା ଭୂତିଆଙ୍କ ନେତୃତ୍ୱରେ ସହରରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଟେଭାପଦର ଗ୍ରାମର ସଂଗ୍ରାମ ଏକ ସ୍କୁଟି(ନଂ.ଓଡି ୧୭ ଏକ୍ସ-୯୭୭୧)ରେ ଜରିବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ଚାଲାଣ କରୁଥିଲେ। ସନ୍ଦେହରେ ପୋଲିସ ଟିମ୍ ତାଙ୍କ ପିଛା କରିଥିଲା। ବୁଢ଼ାରାଜା ଛକରେ ସଂଗ୍ରାମଙ୍କୁ ଅଟକ ରଖି ତନଖି କରିବା ପରେ ଜରିବ୍ୟାଗ୍‌ରୁ ୧୨ କିଲୋ ୬୦୦ ଗ୍ରାମ୍ ଗଞ୍ଜେଇ ଠାବ ହୋଇଥିଲା। ପୋଲିସ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓ ସ୍କୁଟିକୁ ଜବତ କରିଛି। ଏ ନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି ସୁବଳୟାକୁ ନେଉଥିଲେ। ସେଠାରୁ ଜିଲା ବାହାରକୁ ଚାଲାଣ କରିବାର ଯୋଜନା ଥିବା ପୋଲିସ ତଦନ୍ତ ସମୟରେ ସେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ସଂଗ୍ରାମଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ଲମ୍ବୋଦର ଡାଙ୍ଗ ମାମଲାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ରାଜକିଶୋର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଗଞ୍ଜେଇ ଚୋରାଚାଲାଣରେ ମହିଳା ଏଏସ୍‌ଆଇଙ୍କ ସ୍କୁଟି ବ୍ୟବହାର ହୋଇଥିବାରୁ ପୋଲିସ ବଦନାମ ହୋଇଛି। ପୋଲିସ ଅଧିକାରୀଙ୍କ ନାମରେ ଥିବା ସ୍କୁଟି ଗଞ୍ଜେଇ ଚାଲାଣକାରୀ ବ୍ୟବହାର କରୁଥିବାରୁ ପୋଲିସ ଓ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଛି। ତେବେ ପୋଲିସ ଏଏସ୍‌ଆଇଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ମିଶ୍ର କହିଛନ୍ତି। ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

### ଫୁଲଟା ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର

ବ୍ରହ୍ମପୁର, ୨୬।୮ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ସହର ଉପକଣ୍ଠସ୍ଥ ଫୁଲଟା ଗ୍ରାମରୁ ଶନିବାର ସନ୍ଧ୍ୟାରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗ୍ରାମର ଉମାକାନ୍ତ ସାସମଲଙ୍କ ବାରିପଟେ ଏକ ବଜ୍ରକାପ୍ତା ବୁଲୁଥିଲା। ଉମାକାନ୍ତ ଏହା ଦେଖି ପରିବାର ଲୋକଙ୍କ ସହାୟତାରେ ବଜ୍ରକାପ୍ତାଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦାଙ୍କ ନେତୃତ୍ୱରେ ଏକ ଟିମ ଫୁଲଟା ଗ୍ରାମରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଲମ୍ବ ୩ ଫୁଟ ରହିଥିବା ବେଳେ ବୟସ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଉଦ୍ଧାର କରାଯାଇଥିବା ବଜ୍ରକାପ୍ତାଟିକୁ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିବା ବ୍ରହ୍ମପୁର ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦା ସୂଚନା ଦେଇଛନ୍ତି।



# ବଲାଙ୍ଗୀରରୁ ଭବାନୀପାଟଣା ଗଲେ କେମିତି

## ହସ୍ପିଟାଲରୁ ମହିଳା ପୋଲିସ ଏସ୍‌ଆଇ ଉଭାନ୍ ଘଟଣା

### ଏସ୍‌ଆଇଙ୍କ ବାପା କହିଲେ ଘରେ ଅଛି, ସୁସ୍ଥ ଅଛି


ପୋଲିସ ଏସ୍‌ଆଇ କାଜଲ ବାଗ୍

ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବିଷପାନ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଇଁତଲା ଥାନାର ଟ୍ରେନି ମହିଳା ପୋଲିସ ଏସ୍‌ଆଇ କାଜଲ ବାଗ୍ ହସ୍ପିଟାଲରୁ କୁଆଡ଼େ ଉଭାନ୍ ହୋଇଯାଇଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲା ପୋଲିସ ଅଧିକାରୀଙ୍କ ପରସ୍ପର ବିରୋଧୀ ସୂଚନା ଘଟଣାକୁ ଜଟିଳ କରିଦେଇଥିଲା। ତେବେ ଘଟଣାର ପ୍ରାୟ ଦୁଇଦିନ ପରେ କାଜଲ ତାଙ୍କ ଭବାନୀପାଟଣାସ୍ଥିତ ଘରେ ଅଛନ୍ତି ଏବଂ ସେ ଶତପ୍ରତିଶତ ସୁସ୍ଥ ଅଛନ୍ତି ବୋଲି ତାଙ୍କ ବାପା ମାନଗୋବିନ୍ଦ ବାଗ ଗଣମାଧ୍ୟମରେ କହିଛନ୍ତି। ଘର କଳହ ଏବଂ ପାରିବାରିକ ଯୋଗୁ ଏଭଳି ଘଟଣା ଘଟିଥିଲା। ଏବେ ସେ ଭଲ ଅଛନ୍ତି ବୋଲି ମାନଗୋବିନ୍ଦ କହିଛନ୍ତି। ତେବେ କେଉଁ କାରଣରୁ ସେ ଜଣେ ଦାୟିତ୍ୱସମ୍ପନ୍ନ ପୋଲିସ ଅଧିକାରୀ ହୋଇ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ହସ୍ପିଟାଲରୁ ଫେରାର ହେଲେ ସେନେଇ କୌଣସି ସୂଚନା ମିଳିନାହିଁ। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରୁ କିଏ ଭବାନୀପାଟଣା ଘରେ ପହଞ୍ଚାଇଲା ସେନେଇ ପୋଲିସ ପକ୍ଷରୁ କିଛି କୁହାଯାଉନାହିଁ।

ଗତ ବୁଧବାର ରାତିରେ ବଲାଙ୍ଗୀର ଜିଲା ସଇଁତଲା ଥାନାରେ ଟ୍ରେନି ଅଫିସର ଭାବେ କାର୍ଯ୍ୟରତ ମହିଳା ପୋଲିସ ଏସ୍‌ଆଇ କାଜଲ ବିଷପାନ କରିଥିବା ଜଣାପଡ଼ିଥିଲା। ସଇଁତଲାର ଏକ ଭଡ଼ାଘରୁ ତାଙ୍କୁ ପୋଲିସ କର୍ମଚାରୀମାନେ ଉଦ୍ଧାର କରି ରାତି ପ୍ରାୟ ଗୋଟାଏରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ ବଲାଙ୍ଗୀର ଅଣାଯାଇ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ଡାକ୍ତର ରାଉଣ୍ଡ ବେଳେ ସମ୍ପୃକ୍ତ ମହିଳା ଏସ୍‌ଆଇ ମହିଳା ମେଡିସିନ୍ ୱାର୍ଡରେ ନ ଥିଲେ। ଗୁରୁବାର ଅପରାହ୍ନ ଏବଂ ସନ୍ଧ୍ୟା ରାଉଣ୍ଡ ବେଳେ ମଧ୍ୟ ସେ ଅନୁପସ୍ଥିତ ଥିବା ଜାଣିବାକୁ ମିଳିଥିଲା। ଏନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଭାରପ୍ରାପ୍ତ ଅଧୀକ୍ଷକ ଡା. ସଚଳା ଭୋଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମହିଳା ଏସ୍‌ଆଇ ବିଷପାନ କରିବା, ହସ୍ପିଟାଲରୁ ରହସ୍ୟଜନକ ଭାବେ ଉଭାନ୍ ହେବା ଏବଂ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ଭିତରେ ବଲାଙ୍ଗୀର ପୋଲିସର ଭୂମିକା ସନ୍ଦେହଜନକ ହୋଇପଡ଼ିଥିଲା।

# ନଦୀକୂଳରେ କୁମ୍ଭୀର, ଲୋକେ ଆତଙ୍କିତ

ସୋର, ୨୬।୮ (ଜନ୍ମେଜୟ ମିଶ୍ର)



ବାଲେଶ୍ୱର ଜିଲା ସୋର ବ୍ଲକ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମ ଦେଇ ପ୍ରବାହିତ ହୋଇଥିବା କାଂଶବାଂଶ ନଦୀ କୂଳରେ ଶନିବାର ଏକ କୁମ୍ଭୀର ଶୋଇଥିବା ଜଣେ ଛାତ୍ରୀ ଦେଖି ଭୟଭୀତ ହୋଇପଡିଥିଲେ। ପରେ ଆଖପାଖ ଅଞ୍ଚଳର ଶହ ଶହ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ବନବିଭାଗକୁ ଖବର ଦେଇଥିଲେ। କୁମ୍ଭୀର ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କୂଳରେ ରହିବା ପରେ ପାଣି ଭିତରକୁ ଚାଲିଯାଇଥିଲେ ମଧ୍ୟ ବନବିଭାଗ ପହଞ୍ଚି ପାରି ନ ଥିଲା। ଫଳରେ ସ୍ଥାନୀୟ ନଦୀକୂଳରେ ରହୁଥିବା ଲୋକମାନେ ଭୟଭୀତ ହୋଇପଡିଛନ୍ତି।

ଗତ ୧୧ତାରିଖ ସନ୍ଧ୍ୟାରେ ସୋର ବ୍ଲକ କେଦାରପୁର ପଞ୍ଚାୟତ ବାଣିସିଆ କୁରୁବାଙ୍କ ନିକଟରେ ପ୍ରବାହିତ କାଂଶବାଂଶ ନଦୀରେ ଏକ କୁମ୍ଭୀରକୁ ଲୋକମାନେ ଦେଖିଥିଲେ। ଯାହାକୁ ନେଇ ସ୍ଥାନୀୟ ନଦୀକୂଳିଆ ଲୋକେ ଭୟଭୀତ ହୋଇପଡିଥିଲେ। ବନକର୍ମଚାରୀମାନେ ତୁରନ୍ତ କୁମ୍ଭୀରକୁ ଉଦ୍ଧାର କରିବା ସହିତ ଲୋକଙ୍କୁ ସଚେତନତା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# କଟୁ ଭାଷାରେ ଗାଳି କରୁଥିଲେ ପ୍ରଫେସର

ସମ୍ବଲପୁର, ୨୬।୮ (ଶୁଭାଶିଷ ପାଢ଼ୀ)

- ମହିଳା ସହକର୍ମୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ
- ତଦନ୍ତ ଆରମ୍ଭ, ସୁପାରିସକ୍ରମେ ହେବ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଜଣେ ମହିଳା ସହକାରୀ ପ୍ରଫେସର ତାଙ୍କ ସହକର୍ମୀ ତଥା ସହକାରୀ ପ୍ରଫେସର ରଜତ କୁଜୁରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ନିକଟରେ ସେ ଏହି ଅଭିଯୋଗ କରିବା ପରେ ୯ଜଣିଆ କମିଟି ଏହାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମହିଳା ସହକାରୀ ପ୍ରଫେସର ୨୦୧୬ ମସିହାରେ ବିଭାଗରେ ଯୋଗଦେବା ଦିନଠାରୁ କୌଣସି କାରଣରୁ ପ୍ରଫେସର କୁଜୁର ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଅଫିସ ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଆସୁଛନ୍ତି। ଏପରି କି ଅକ୍ଷମ ବୋଲି କହି ଗାଳି କରିଥିଲେ। ମହିଳା ପ୍ରଫେସର ବିଭାଗର ସଂଯୋଜକ ଭାବରେ ନିଯୁକ୍ତ ହେବାର ନିଷ୍ପତ୍ତି ଉପରେ ମଧ୍ୟ ସେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ନିକଟରେ ତାଙ୍କ ଅଫିସ ଚାମ୍ବରର ଏୟାର କଣ୍ଡିସନର ମରାମତି ନେଇ କୁଜୁର ତାଙ୍କ ସହ କଟୁ ଭାଷାରେ କଥା ହୋଇଥିଲେ। କୁଜୁର ପୂର୍ବରୁ ନିଲମ୍ବିତ ହୋଇଥିବାବେଳେ ବିଭାଗ ସୁରୁଖୁରୁରେ ଚାଲୁଥିଲା। ନିଲମ୍ବନ ସମୟରେ ସେ କର୍ତ୍ତୃପକ୍ଷଙ୍କୁ ଅବମାନନାକରି ବିଭାଗକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ନିଲମ୍ବନ ପ୍ରତ୍ୟାହାର ପରେ ବିଭାଗ ପୁନର୍ବାର ଅସୁରକ୍ଷିତ ହୋଇପଡ଼ିଛି। ଦୁର୍ବ୍ୟବହାର ପରିମାଣ ଆହୁରି ବଢ଼ିଯାଇଛି। ମହିଳା ପ୍ରଫେସର ଆହୁରି କହିଛନ୍ତି, ବିଭାଗରେ ଏପରି ନିଶାସକ୍ତ ପରିବେଶରେ କାର୍ଯ୍ୟ କରିବା ପାଇଁ ସେ ଜଣେ ମହିଳା କର୍ମଚାରୀ ଭାବରେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ବି. ମିଶ୍ର କହିଛନ୍ତି, ଏହି ମାମଲା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ପଠାଯାଇଛି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ମହିଳା ପ୍ରଫେସର ଲିଖିତ ଅଭିଯୋଗ କରିବା ପରେ ୯ଜଣ ସଦସ୍ୟଙ୍କୁ ନେଇ ଗଠିତ ଆଭ୍ୟନ୍ତରୀଣ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଗଷ୍ଟ ୨୮ ସୁଦ୍ଧା କମିଟି ରିପୋର୍ଟ ଦେବ। ରିପୋର୍ଟ ଆଧାରରେ ବୈଠକ ହେବ ଓ କମିଟିର ସୁପାରିସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପ୍ରଫେସର କୁଜୁର ଏହି ଅଭିଯୋଗକୁ ଅସ୍ୱୀକାର କରି କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ ମୁଁ ଅବଗତ ନୁହେଁ। ଅଭିଯୋଗ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୋ ସହ ଯୋଗାଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ଆଦିତ୍ୟ ସାମନ୍ତ ବର୍ତ୍ତମାନ ......... ଖେଳ ପାଇଁ ଏକ ଜଣାଶୁଣା ଚେହେରା ?
୨– ରାଜକୋଟ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ........... ରାଜ୍ୟରେ ଉଦ୍‌ଘାଟିତ ହୋଇଯାଇଛି ?
୩– ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡକପ୍ ............. ମସିହାରେ ଖେଳାଯାଇଥିଲା ?
୪– ଗୀତା ରହସ୍ୟ ପୁସ୍ତକର ଲେଖକ ଧାନ୍ ................ ?
୫– ସ୍କାର୍ଲେଟ୍ ମକାଉ ............ ଦେଶର ଜାତୀୟ ପକ୍ଷୀ ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଭରଭି
୩ ବିହାର
୪ ଭୀମରାଓ ରାମ୍‌ଜୀ ଆମ୍ବେଡକର
୫ ବିଜୟଲକ୍ଷ୍ମୀ ପଣ୍ଡିତ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଛବିଲାଲ୍ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ମାଇନିଂ କମ୍ପାନି

୧– ଗ୍ଲେନ୍‌କୋର ପିଏଲ୍‌ସି........ ସ୍ୱିଜରଲାଣ୍ଡ
୨– ଜିଆଙ୍ଗ୍‌କ୍ସି କପର କୋ. ଲିମିଟେଡ୍........ ଚାଇନା
୩– ବିଏଚ୍‌ପି ଗ୍ରୁପ୍ ଲିମିଟେଡ୍........ ଅଷ୍ଟ୍ରେଲିଆ
୪– ରିଓ ଟିଣ୍ଟୋ ପିଏଲ୍‌ସି ........ ଇଂଲଣ୍ଡ
୫– ଆଲୁମିନିଅମ୍ କର୍ପୋରେଶନ ଅଫ୍ ଚାଇନା ଲିମିଟେଡ୍........ ଚାଇନା
୬– ଭେଲ୍ ଏସ୍‌ଏ........ ବ୍ରାଜିଲ୍
୭– ଜିଜିନ୍ ମାଇନିଂ ଗ୍ରୁପ୍ କୋ. ଲିମିଟେଡ୍........ ଚାଇନା
୮– ଆଙ୍ଗ୍ଲୋ ଆମେରିକାନ୍ ପିଏଲ୍‌ସି........ ଇଂଲଣ୍ଡ
୯– ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍........ ଭାରତ
୧୦– ସିଏମ୍‌ଓସି ଗ୍ରୁପ୍ ଲିମିଟେଡ୍ ........ ଚାଇନା

## ଯୁବ ପ୍ରତିଭା

# ସମାଜସେବାରେ ବ୍ରତୀ ସ୍ୱାଧୀନ



ପରିବେଶ ସୁରକ୍ଷା ଦିଗରେ ହେଉ ଅବା କାହାର ରକ୍ତ ଆବଶ୍ୟକ ହେଲେ ସଙ୍ଗେ ସଙ୍ଗେ ସେ ଆଗଭର ହୋଇ ଚାଲିଆସନ୍ତି। ଏହି ପରୋପକାର ଓ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀରେ ରହୁଥିବା ମିନତି ଏବଂ ଭଗବାନ୍ ପଣ୍ଡାଙ୍କ ପୁଅ ସ୍ୱାଧୀନ। ହାଇସ୍କୁଲ ପାଠପଢ଼ା ବେଳଠୁ ହିଁ ସେ ଗରିବ, ଅସହାୟଙ୍କ ସେବା, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ସ୍ଥାନୀୟ ବାସିନ୍ଦାଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ମେଡିକାଲରେ ରୋଗୀଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ସହ ରକ୍ତାଭାବ ଜନିତ ସମସ୍ୟା ଦୂର ପାଇଁ ସାଙ୍ଗସାଥୀମାନଙ୍କୁ ଏକାଠି କରି ରକ୍ତଦାନ ଶିବିର ଆୟୋଜନ ଭଳି କାର୍ଯ୍ୟ ସମାଜରେ ସ୍ୱାଧୀନଙ୍କ ପ୍ରତିଷ୍ଠା ବଢ଼ାଇଛି। ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରାର ଏକ ନିଆରା ଅନୁଭବ ହେଉଛି ଶ୍ରୀକ୍ଷେତ୍ରର କୁମାର ଉତ୍ସବ ସମିତି। ଜଣେ ଯୁବ ସଙ୍ଗଠକ ଭାବେ ସେ ଦୀର୍ଘ ୧୪ବର୍ଷ ହେବ ଏହି ଅନୁଷ୍ଠାନର ଏକମାତ୍ର ଯୁବ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହାଦ୍ୱାରା ହଜିଯାଉଥିବା ଲୋକକଳା, ଲୋକ ପରମ୍ପରା, ଓଡ଼ିଶାର ପାରମ୍ପରିକ ଜୀବନଶୈଳୀକୁ ଜୀବିତ ରଖିପାରିଛନ୍ତି। ପିଲାଙ୍କ ମଧ୍ୟରେ ଗୀତା, ଭାଗବତ ପାଠ, ହନୁମାନ ଚାଳିଶା ପାଠ ପ୍ରଭୃତି ପ୍ରତିଯୋଗିତା କରି ପୁରସ୍କୃତ କରିବା ସହ ପିଲାଙ୍କ ଭିତରେ ଆଧାତ୍ମିକ ଭାବ ସୃଷ୍ଟି କରିପାରୁଛନ୍ତି। ବର୍ଷସାରା ଅନୁଷ୍ଠାନ ମାଧ୍ୟମରେ ଖରାଦିନରେ ଜଳଛତ୍ର, ଆଶୁ ଚିକିତ୍ସା କେନ୍ଦ୍ର, ରଥଯାତ୍ରାରେ ନବଦିନ ବ୍ୟାପୀ ଲୋକଙ୍କୁ ସେବା, ଗଣେଶ ପୂଜା ମାଧ୍ୟମରେ ଭାଇଚାରା ସୃଷ୍ଟି କରିବା, ବେଳାଭୂମି ସଫେଇ, ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷା ସମ୍ପର୍କିତ କର୍ମଶାଳା, ଆଲୋଚନାଚକ୍ର ଆଦି ଆୟୋଜନ କରୁଛନ୍ତି। ରାସ୍ତାକଡ଼ର ଅସହାୟ ଲୋକଙ୍କୁ ତୁରନ୍ତ ମେଡିକାଲ ସେବା ସହ ଆର୍ଥିକ ସହଯୋଗ ଯୋଗାଇ ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଜଣେ ଦାୟିତ୍ୱସମ୍ପନ୍ନ ଯୁବକ ଭାବେ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦାବିକୁ ଜିଲା ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି। ସେ ଶ୍ରୀକ୍ଷେତ୍ରର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ। ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଆବାହକ, ପୁରୀ ବିକାଶ ପରିଷଦ, ପୁରୀ ପୁସ୍ତକ ମେଳା କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟରତ। କରୋନାର ଭୟାନକ ପରିସ୍ଥିତିରେ କରୋନା ସଚେତନତା, ମାସ୍କ ବଣ୍ଟନ, ଲୋକଙ୍କୁ ଆର୍ଥିକ ସହଯୋଗ, ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ଯୋଗାଡ଼ ଦିଗରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ। ସମାଜର ଜଣେ ସଚେତନ ଯୁବକ ଭାବେ ସମାଜର କଲ୍ୟାଣ, ସେବା ଦିଗରେ ସ୍ୱାଧୀନ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଏଥିଲାଗି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। କବି କୁମାର ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ଯୁବରତ୍ନ ସମ୍ମାନ ସହ ଶ୍ରୀକ୍ଷେତ୍ର ଗୌରବ, ଯୁବ ବ୍ୟକ୍ତିତ୍ୱ ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

– ପ୍ରଭାତ ପାଣିଗ୍ରାହୀ



**ରୁଚି ଲେଖିବା। ହେଲେ ନିଜ ଲେଖାକୁ ପାଠକଙ୍କ ନିକଟରେ ପହଞ୍ଚାଇବା କଷ୍ଟ। କେବେ ଖବରକାଗଜ ତ ପୁଣି କେବେ ବିଭିନ୍ନ ମାଗାଜିନ୍‌ରେ ସ୍ଥାନ ପାଇବାକୁ ଅପେକ୍ଷା। ତେବେ ବର୍ତ୍ତମାନର ଡିଜିଟାଲ ଯୁଗରେ ଉଭୟ ଲେଖିବା ଏବଂ ବିଭିନ୍ନ ବିଷୟବସ୍ତୁ ପଢ଼ିବାରେ ରୁଚି ରଖୁଥିବା ସଭିଙ୍କ ପାଇଁ ଖୁବ୍ ସହଜ ଉପାୟ ପାଲଟିଛି ବ୍ଲଗ୍। ଏହାଦ୍ୱାରା ବିଭିନ୍ନ ସୋସିଆଲ୍ ମିଡିଆ ଜରିଆରେ ନା କେବଳ ରୁଚି ପୂରଣ ହୋଇପାରୁଛି ବରଂ ଏହା ପାଲଟିଛି ଅନେକଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍‌ସନ...**




ବର୍ତ୍ତମାନ ସୋସିଆଲ୍ ମିଡିଆର ବ୍ୟବହାର ବହୁମାତ୍ରାରେ ବଢ଼ିଯାଇଛି। ଯେକୌଣସି ମିଡିଆରେ ସ୍କ୍ରୋଲ୍ କରିବା ବେଳେ ବିଭିନ୍ନ କଣ୍ଟେଣ୍ଟ ସହିତ ଅନେକ ବ୍ଲଗରଙ୍କ ପୋଷ୍ଟ ମଧ୍ୟ ଦେଖିବାକୁ ମିଳୁଛି। ଯାହାକି ହେଲ୍‌ଥ, ଟ୍ରାଭେଲ, ଟେକ୍, ନେଚର୍, ଫିଲ୍ମ, ସ୍ପୋର୍ଟସ, କୁକିଂ ଭଳି ବିଭିନ୍ନ ଟପିକ୍‌କୁ ନେଇ ଲେଖାହେଉଛି। ଏହାକୁ ଲେଖୁଥିବା ବ୍ଲଗରମାନେ ପ୍ରତିଦିନ ନିଜ ଫଲୋଅର୍ସମାନଙ୍କ ପାଇଁ କିଛି କିଛି ନୂଆ ବିଷୟବସ୍ତୁ ଲେଖିଥା'ନ୍ତି। ପାଠକଙ୍କ ମନ ପସନ୍ଦ ଲେଖା ଦେଉଥିବା ବ୍ଲଗରମାନଙ୍କର ବହୁତ ଭଲ ସଂଖ୍ୟାରେ ଫ୍ୟାନ୍ ଫଲୋଅର୍ସ ବି ବଢ଼ିଥାଆନ୍ତି। ତେବେ ଲେଖାଲେଖିରେ ରୁଚି ରଖୁଥିବା ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ଏହି ବ୍ଲଗିଂ ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍‌ସନ ମଧ୍ୟ ପାଲଟିଛି।

**ପାଠକଙ୍କୁ ମିଳୁଛି ନୂଆ ନୂଆ ଲେଖା:** ଲେଖିବାରେ ରୁଚି ରଖୁଥିବା ଯୁବତୀ ଯୁବକଙ୍କ ପାଇଁ ନିଜ ଲେଖାକୁ ପାଠକମାନଙ୍କ ପାଖରେ ପହଞ୍ଚାଇବା ଲାଗି ଏହି ଫିଲ୍ଡ ପାଲଟିଛି ସବୁଠୁ ଭଲ ମାଧ୍ୟମ। ଏହାଦ୍ୱାରା ପାଠକମାନେ ପ୍ରତିଦିନ ନୂଆ ନୂଆ ଲେଖା ପଢ଼ିବାର ସୁଯୋଗ ପାଉଛନ୍ତି ଏବଂ ସେମାନଙ୍କ ମତାମତ ଏବଂ ପ୍ରଶଂସା ବ୍ଲଗରଙ୍କୁ ଆହୁରି ଅଧିକ ଲେଖିବାକୁ ପ୍ରେରଣା ଯୋଗାଉଛି।

**ବଢୁଛି ସୃଜନଶୀଳତା:** ଯେ କୌଣସି ବିଷୟବସ୍ତୁକୁ ସୃଜନଶୀଳ ଢଙ୍ଗରେ ଲେଖିବାର କଳା ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯଦି ନିଜ କଣ୍ଟେଣ୍ଟକୁ ଭିନ୍ନ ଢଙ୍ଗରେ ପାଠକଙ୍କ ନିକଟରେ ପହଞ୍ଚାଇବାର କଳା ଅଛି, ତେବେ ବ୍ଲଗିଂ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ସହ ଭଲ ରୋଜଗାର ମଧ୍ୟ କରିହେବ।

**ଲେଖାକୁ ଅଧିକ ଆଦୃତ କରେ ଫଟୋଗ୍ରାଫ୍:** କୁହାଯାଏ ଗୋଟିଏ ଫଟୋ ହଜାରଟି ଶବ୍ଦ ସହିତ ସମାନ। ତେଣୁ ଲେଖିବା ସହିତ ବ୍ଲଗ୍‌ରେ ଫଟୋ ଦେବା ଦ୍ୱାରା ସୋସିଆଲ୍ ମିଡିଆରେ ଏହା ଅଧିକ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରୁଛି।

**ରିସର୍ଚ୍ଚ:** ଗୋଟିଏ ଟପିକ୍‌ରେ ଅନେକ ବ୍ଲଗ୍ ଆସିଥାଏ। ହେଲେ ପାଠକ ସେହି ଲେଖାକୁ ପସନ୍ଦ କରନ୍ତି, ଯାହାର ଲେଖାଶୈଳୀ ୟୁନିକ୍ ଏବଂ କ୍ୟାଚି ହୋଇଥାଏ। ତେଣୁ ଏଥିପାଇଁ କୌଣସି ବିଷୟବସ୍ତୁ ଉପରେ ଭଲ ଭାବେ ରିସର୍ଚ୍ଚ କରି ତଥ୍ୟ ସଂଗ୍ରହ କରିବା ଆବଶ୍ୟକ।

**ସାଜିଛି ରୋଜଗାରର ମାଧ୍ୟମ:** ବ୍ଲଗିଂ ଯଦିଓ ନୂଆ ନୁହେଁ, ହେଲେ ବର୍ତ୍ତମାନ ସୋସିଆଲ୍ ମିଡିଆରେ ସବୁଠୁ ଅଧିକ ଆକ୍ଟିଭ୍ ରଖୁଥିବା ଯୁବପିଢ଼ି ଏଥିପାଇଁ ସମୟ ଦେଉଥିବା ଦେଖିବାକୁ ମିଳୁଛି। କେହି କେହି ଏହାକୁ ପଢ଼ା କିମ୍ବା ଜବ୍ ସହିତ ପାର୍ଟଟାଇମ୍ ରୋଜଗାରର ମାଧ୍ୟମ ଭାବେ ତ ଆଉ କେହି ଫୁଲ୍‌ଟାଇମ୍ କ୍ୟାରିୟର ଭାବେ ବାଛି ନେଉଛନ୍ତି।

**ରୋଜଗାର ପାଇଁ ଆବଶ୍ୟକ ଧୈର୍ଯ୍ୟ:** କୌଣସି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରୁ କରୁ ସଫଳତା ମିଳି ନ ଥାଏ। ସେହିପରି ଆରମ୍ଭରୁ ହିଁ ଅଧିକ ଟଙ୍କା ମିଳିବା ଆଶା ରଖିବା କିମ୍ବା ଧୈର୍ଯ୍ୟହରା ହୋଇ କାମ ବନ୍ଦ କରିଦେବା ଠିକ୍ ନୁହେଁ। କାରଣ ଆଗକୁ ବଢ଼ିବା ଲାଗି ଧୈର୍ଯ୍ୟର ସହ କାର୍ଯ୍ୟ କରିବା ଦରକାର।







## କଳା ପ୍ରଦର୍ଶନ ପାଇଁ ଡିଜିଟାଲ ମିଡିଆ ଭଲ ମାଧ୍ୟମ


ପ୍ରଜ୍ଞା ପ୍ରସାଦ ମହାରଣା

**ପ୍ରଜ୍ଞା ପ୍ରସାଦ ମହାରଣା(ବ୍ରହ୍ମପୁର)–** ଯେଉଁମାନେ ନିଜ କଳାକୁ ପ୍ରଦର୍ଶନ କରିବାକୁ ଚାହାନ୍ତି, ସୋସିଆଲ ମିଡିଆ ସେମାନଙ୍କ ପାଇଁ ଗୋଟେ ଭଲ ମାଧ୍ୟମ। ଛାତ୍ରୀଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ ସମସ୍ତେ ୟୁଟ୍ୟୁବ୍ ଏବଂ ବିଭିନ୍ନ ସୋସିଆଲ୍ ମିଡିଆରେ କାମ କରିପାରିବେ। ପରିଶ୍ରମ ଓ କିଛି ସମୟର ଅପେକ୍ଷା ପରେ ଭଲ କ୍ୟାରିୟର ବି ଗଢିପାରିବେ। ଲୋକଙ୍କ ଭଲପାଇବା ମିଳିବା ସହ ଭଲ ପଇସା ବି ରୋଜଗାର କରିବା, ଡିଜିଟାଲ ଯୁଗରେ ୟା'ଠୁ ଭଲ ମାଧ୍ୟମ ଆଉ କଣବା ହୋଇପାରେ। ନିଜ କଥା କହିବି, ବିଭିନ୍ନ ପ୍ରସଙ୍ଗରେ ଲେଖାଲେଖି କରିବାକୁ ଭଲଲାଗେ। କିଛି ବର୍ଷତଳେ ମୁମ୍ବାଇରେ କାର୍ଯ୍ୟରତ ଥିବା ସମୟରେ ବ୍ଲଗ୍ ଲେଖିବା ଆରମ୍ଭ କରିଥିଲି। ଟ୍ରାଭେଲ୍ କରିବା ମୋର ହବି ହୋଇଥିବାରୁ ଏ ସମ୍ବନ୍ଧିତ ଫଟୋ ସହିତ ଲେଖା ପୋଷ୍ଟ କରୁଥିଲି। ଯାହାକୁ ପାଠକ ବେଶ୍ ପସନ୍ଦ କରୁଥିଲେ। ନିଜର ଏକ ୱେବ୍‌ସାଇଟ୍ ମଧ୍ୟ ଖୋଲିଥିଲି। ଧିରେ ଧିରେ ୟୁଟ୍ୟୁବ୍ ଭ୍ଲଗ୍ ଟ୍ରେଣ୍ଡ ଆରମ୍ଭ ହେବାରୁ ମୋତେ କେଜାଣି କାହିଁକି ଜିନିଷଟି ଭାରି ଭଲ ଲାଗିଲା। ମୁଁ ମଧ୍ୟ ଧୀରେ ଧୀରେ ଏଥିରେ ବିଭିନ୍ନ ଭ୍ଲଗ୍ ଏବଂ ଡକ୍ୟୁମେଣ୍ଟାରୀ ଅପ୍‌ଲୋଡ କରିବାରେ ଲାଗିଲି। କିଛିଦିନ ପରେ ମୋତେ ଭଲ ପେମେଣ୍ଟ ବି ମିଳିଲା, ଯାହାକି ମୋତେ ଆହୁରି ମୋଟିଭେଟ୍ କଲା। ଚାକିରି ଛାଡି ଓଡ଼ିଶା ଆସିବା ପରେ ଫ୍ରିଲାନ୍ସର ଭାବେ କାମ କରୁଛି। ଭାରତର ବିଭିନ୍ନ ଜାଗା ବୁଲି ସେଠାକାର ପର୍ଯ୍ୟଟନସ୍ଥଳ, ଧାର୍ମିକ ସ୍ଥାନ, ସେ ଜାଗାର ପରମ୍ପରା ଓ ପାରମ୍ପରିକ ଖାଦ୍ୟକୁ ଭର୍ଚୁଆଲି ଲୋକଙ୍କ ପାଖରେ ପହଞ୍ଚାଉଛି। ସବୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଓଡ଼ିଶା ତଥା ଓଡ଼ିଶା ବାହାରର କଣ୍ଟେଣ୍ଟ ଦର୍ଶକଙ୍କ ପାଇଁ ନେଇ ଆସୁଛି ।

# ଭଉଣୀ ପାଇଁ ଗିଫ୍ଟ



**ଆଉ ମାତ୍ର ଦୁଇଦିନ ପରେ ରାଖୀ ପୂର୍ଣ୍ଣିମା। ଭାଇର ଦୀର୍ଘ ଜୀବନ କାମନା କରି ତା' ହାତରେ ସ୍ନେହ, ଶ୍ରଦ୍ଧାର ପ୍ରତୀକ ରାଖୀ ବାନ୍ଧିବାକୁ ଭଉଣୀ ମନରେ ଉତ୍କଣ୍ଠା କହିଲେ ନ ସରେ। ଆଉ ତା' ବଦଳରେ କ'ଣ ଉପହାର ଦେଲେ ଭଉଣୀ ଖୁସିହେବ, ତା'କୁ ନେଇ ଭାଇମାନେ ବି ରଖିଛନ୍ତି ଅନେକ ପ୍ଲାନିଂ। ଯଦି ଭଉଣୀକୁ କ'ଣ ଗିଫ୍ଟ ଦେବେ ଭାବୁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଗିଫ୍ଟ ଆଇଡିଆ...**

**ଡ୍ରେସ୍:** ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ତେଣୁ ଆପଣଙ୍କ ଗିଫ୍ଟ ଲିଷ୍ଟରେ ଏହାକୁ ସାମିଲ କରିପାରନ୍ତି।

**ଆସେସରିଜ୍:** ବର୍ତ୍ତମାନ ମାର୍କେଟ୍‌ରେ ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ଏହା ମଧ୍ୟ ଭଉଣୀକୁ ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍, କ୍ୟାମେରା:** ଆଜିକାଲି ଝିଅମାନଙ୍କ ଭିତରେ ମୋବାଇଲ୍ ଫୋନ୍‌କୁ ନେଇ କ୍ରେଜ୍ କେତେ ତାହା କିଏ ବା ନ ଜାଣେ ! ତେଣୁ ଯଦି ଆପଣଙ୍କ ଭଉଣୀ ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ ଆଦି ପୋଷ୍ଟ କରିବାର ରୁଚି ରଖନ୍ତି ; ତେବେ ଏକ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ୟୁଟ୍ୟୁବର୍ ହୋଇଥିଲେ କିମ୍ବା ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ। ଏହାସହ ଟ୍ରାଇପଡ୍, ସେଲ୍ଫି ଷ୍ଟିକ୍ ଆଦି ମଧ୍ୟ ଦେଇପାରିବେ।

**ଇ–ଗିଫ୍ଟ ଭାଉଚର:** ବର୍ତ୍ତମାନ ଦୂରରେ ଥିବା କାରଣରୁ ହେଉ କିମ୍ବା ଭଉଣୀର ପସନ୍ଦ ମୁତାବକ କ'ଣ କିଣିବେ ଦ୍ୱନ୍ଦ୍ୱରେ ପଡ଼ିଥିଲେ ଅନ୍‌ଲାଇନ୍ ଗିଫ୍ଟ ଭାଉଚର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାଦ୍ୱାରା ଆପଣ ନିଜ ବଜେଟ ଅନୁଯାୟୀ ଭଉଣୀକୁ ମନ ପସନ୍ଦର ଗିଫ୍ଟ ବାଛିବାର ସୁଯୋଗ ଦେଇ ଅଧିକ ଖୁସି କରାଇପାରିବେ।

**ଜିମ୍ ଗ୍ୟାଜେଟ୍ସ:** ଯଦି ଆପଣଙ୍କ ଭଉଣୀ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ, ତେବେ ତାଙ୍କୁ ଫିଟ୍‌ନେସ୍ ବ୍ୟାଣ୍ଡ, ଯୋଗ ମ୍ୟାଟ୍, ଟ୍ରେଡ୍‌ମିଲ୍, ଏକ୍ସରସାଇଜ୍ ସାଇକେଲ୍, ଡମ୍‌ବେଲ୍, ଏକ୍ସରସାଇଜ୍ ବଲ ଆଦି ଆବଶ୍ୟକ ଜିମ୍ ଗ୍ୟାଜେଟ୍ ଉପହାରରେ ଦେଇପାରିବେ। ଏହା ସହ ସ୍ପୋର୍ଟ୍ସ ସୁଜ୍, ଏକ୍ସରସାଇଜ୍ ଡ୍ରେସ୍, ଥର୍ମୋ ୱାଟର ବଟଲ ବି ଦେଇପାରିବେ।

**ମେକ୍‌ଅପ୍ କିଟ୍ ଏବଂ ବ୍ୟୁଟିପାର୍ଲରର କୁପନ:** ଝିଅମାନେ ସାଧାରଣତଃ ମେକ୍‌ଅପ୍‌ପ୍ରିୟ। ତେଣୁ ମେକ୍‌ଅପ୍ କିଟ୍ କିମ୍ବା କୌଣସି ବ୍ୟୁଟିପାର୍ଲରର ସ୍ପେଶାଲ କୁପନ୍ ଗିଫ୍ଟ କଲେ ଆପଣଙ୍କ ଭଉଣୀ ନିଶ୍ଚୟ ଖୁସିହେବେ।



ଧରିତ୍ରୀ
DHARITRI



# ଶାଙ୍କୁଲେଙ୍କୁ ମହିଳା ମାରାଥନ ଟାଇଟଲ

ବୁଦାପେଷ୍ଟ,୨୬।୮(ପି.ଟି.)

ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ବର୍ଗର ମାରାଥନରେ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ସାଥୀ ଖେଳାଳି ଗୋଟ୍ୟୋଟମ ଗେବ୍ରେଲେସଙ୍କୁ ପଛରେ ପକାଇ ଶାଙ୍କୁଲେ ଟାଇଟଲ ହାସଲ କରିଛନ୍ତି। ମରକ୍କୋର ଏଜହାରା ଗର୍ଦାଡି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୧ ବର୍ଷୀୟା ଶାଙ୍କୁଲେ ୨:୨୪:୨୩ସେକେଣ୍ଡ ସମୟ ନେଇଥିଲେ।

ବୁଦାପେଷ୍ଟର ଗରମ ଓ ଗୁଳୁଗୁଳିଆ ପରିବେଶର ଫାଇଦା ଉଠାଇଥିଲେ ଇଥିଓପିଆର ଏହି ଦୁଇ ଧାବିକା। ଶନିବାର ରେସ୍ ଆରମ୍ଭରୁ ତାପମାତ୍ରା ୨୩ ଡିଗ୍ରୀ ରହିଥିବା ବେଳେ ରେସ୍ ଅଧା ବେଳକୁ ଏହା ୨୯ ଓ ରେସ୍ ଶେଷ ବେଳକୁ ଏହା ୩୫ ଡିଗ୍ରୀରେ ପହଞ୍ଚି ଯାଇଥିଲା। ସମୁଦାୟ ୭୭ ଜଣ ଧାବିକା ରେସ୍ ଆରମ୍ଭ କରିଥିବା ବେଳେ ଏହା ମଧ୍ୟରୁ ୬୫ ଜଣ ରେସ୍ ସମ୍ପୂର୍ଣ୍ଣ କରିଥିଲେ। ବୁଦାପେଷ୍ଟର ତାପମାତ୍ରା ଅଧିକ ରହିଥିଲେ ମଧ୍ୟ ଏହା ଇଥିଓପିଆର ଏହି ଧାବିକାମାନଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। ଶାଙ୍କୁଲେ କହିଥିଲେ, ରେସ୍ ଆରମ୍ଭରୁ ଆମେ ଦଳଗତ ଭାବରେ ଅନ୍ୟମାନଙ୍କୁ ପଛରେ ଛାଡିଥିଲୁ। ପରବର୍ତ୍ତୀ ସମୟରେ ପରସ୍ପର ବିପକ୍ଷରେ ଟାଇଟଲ ପାଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲୁ। ତେବେ ଆମର ଆରମ୍ଭ ସାମାନ୍ୟ ଧିମା ରହିଥିଲା। ନଚେତ୍ ରେସ୍ ଆହୁରି ଶୀଘ୍ର ସମାପ୍ତ ହୋଇ ପାରିଥାନ୍ତା। ଡିଫେଣ୍ଡିଂ ଚାମ୍ପିୟନ



ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମାରାଥନ ବିଜୟିନୀ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ।

## ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍

ଗୋଟ୍ୟୋଟମ ଗେବ୍ରେଲେସ ମଧ୍ୟ ନିଜ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିଥିଲେ। ଚଳିତ ସିଜନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ସେ ମାତ୍ର ୧୧ ସେକେଣ୍ଡ ପଛରେ ରହିଯାଇଥିଲେ। ସେ ୨:୨୪:୩୪ ସେକେଣ୍ଡର ସମୟ ନେଇଥିଲେ। ତୃତୀୟ ସ୍ଥାନରେ ଥିବା ମରକ୍କୋର ଫାତିମା ଏଜହାରା ଗର୍ଦାଡି ୨:୨୫:୧୭ ସେଣ୍ଡେର ସମୟ ନେଇଥିଲେ। ଇଥିଓପିଆର ଅନ୍ୟତମ ଖେଳାଳି ୟାଲେମଜର୍ଫ ୟେହୁଲା ୨:୨୬:୧୩ ସେକେଣ୍ଡର ସମୟ ନେଇ ପଞ୍ଚମ ସ୍ଥାନରେ ରେସ୍ ଫିନିଶ୍ କରିଥିଲେ। ଇସ୍ରାଏଲର ଲୋହାନ ଚେମଟାଇ ସାଲପେଟର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହିତ ୨:୨୫:୩୮ ସେକେଣ୍ଡର ସମୟ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ। ୨୧ ସେକେଣ୍ଡ ବ୍ୟବଧାନରେ ସେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ।

ବିଗତ ବର୍ଷ ଓରେଗନରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୋଟ୍ୟୋଟମ ଗେବ୍ରେଲେସ ୨:୧୮:୧୧ ସେକେଣ୍ଡର ଟାଇମିଂ ସହିତ ବିଶ୍ୱ ରେକର୍ଡ କରିଥିଲେ। ଚଳିତ ସିଜନରେ ସେ ନିଜ ରେକର୍ଡର ସମକକ୍ଷ ହେବା ନେଇ ଆଶା କରାଯାଉଥିଲା। ତେବେ ଓରେଗନ୍‌ର ଥଣ୍ଡା ପରିବେଶ କାରଣରୁ ରେକର୍ଡ ଟାଇମିଂ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।

# ମିକାଏଲ୍ ୟମେରଙ୍କ ଅବସର ଘୋଷଣା


ମିକାଏଲ୍ ୟମେର।

ଲଣ୍ଡନ, ୨୬।୮(ଏପି)

ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର ମାତ୍ର ୨୪ ବର୍ଷ ବୟସରେ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି। ଡୋପିଙ୍ଗ ନିଷେଧାଦେଶକୁ ହଟାଇବାରେ ବିଫଳ ହେବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୟମେର ୨୦୨୨ରେ ପ୍ରତିଯୋଗିତା ବାହାରେ ହୋଇଥିବା ୩ ଡୋପ୍ ଟେଷ୍ଟରେ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଥିଲା। ତେବେ ସେ ସେହିବର୍ଷ ଜୁନ୍‌ରେ ଏକ ଇଣ୍ଡିପେଣ୍ଡେଣ୍ଟ ଟ୍ରିବ୍ୟୁନାଲରେ ଲଢେଇ କରି ଏଥିରୁ ମୁକ୍ତି ପାଇଥିଲେ। କିନ୍ତୁ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିଥିଲା। ପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଜୁଲାଇରେ ଆଂଶିକ ୨ବର୍ଷ ବାସନ୍ଦ ଦଣ୍ଡକୁ ସ୍ଥଗିତ ରଖିଥିଲେ ମଧ୍ୟ ୧୮ମାସ ସସ୍‌ପେଣ୍ଡ ଲାଗୁ କରିଥିଲା। ୟମେର ଜୁଲାଇରେ ଟୁଇଟ୍ କରି ଲେଖିଛନ୍ତି, ସେ ଥରେ ଦୋଷମୁକ୍ତ ହୋଇ ସାରିବା ପରେ ପୁଣି ଦଣ୍ଡିତ ହେବା ତାଙ୍କ ପକ୍ଷେ ଅସହ୍ୟ ବୋଧ ହେଲା। ସେ କହିଛନ୍ତି, ତାଙ୍କର ପ୍ରଥମ ଦୁଇ 'ହୋୟାରଆବାଉଟ୍ସ' ବିଫଳତାକୁ ସେ ସ୍ୱୀକାର କରନ୍ତି । ହେଲେ ତୃତୀୟଟିରେ ସେ କେବଳ ତାଙ୍କର ରହଣି ପାଇଁ ହୋଟେଲ ପରବର୍ତ୍ତନ କରିଥିଲେ। ତାଙ୍କ ଏଜେଣ୍ଟ ଏନେଇ ଆବଶ୍ୟକ ଅପଡେଟ୍ କରି ନ ଥିଲେ। ସେ କେବେ କୌଣସି ନିଷିଦ୍ଧ ଉପାଦାନ ସେବନ କରିନାହାନ୍ତି କିମ୍ବା ଏ ସମ୍ପର୍କରେ ତାଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଏପ୍ରିଲରେ ୟମେର ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୫୦ତମ ସ୍ଥାନ ଅଧିକାର କରିଥିଲେ। ଡେଭିସ୍ କପ୍‌ରେ ସେ ତାଙ୍କ ବଡ଼ ଭାଇ ଏଲିଆସ୍‌ଙ୍କ ସହ ସୁଇଡେନ୍‌ରୁ ପ୍ରତିନିଧିତ୍ୱ କରିଛନ୍ତି। ଏଲିଆସ ନିକଟରେ ଏଟିପି ର୍ୟାଙ୍କିଙ୍ଗରେ ୮୦ତମ ସ୍ଥାନରେ ରହିଥିଲେ।

# ନ୍ୟାଶନାଲ ଭୋଭିନାମ୍‌ରେ ଦିବ୍ୟରଞ୍ଜନଙ୍କୁ ସ୍ୱର୍ଣ୍ଣ

ବାରିପଦା,୨୬/୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସର କନେଷ୍ଟବଳ ଦିବ୍ୟ ରଞ୍ଜନ ଦଳେଇ ଆସାମରେ ଅନୁଷ୍ଠିତ ୧୨ତମ ନ୍ୟାଶନାଲ ଭୋଭିନାମ୍(ମାର୍ଶାଲ ଆର୍ଟ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ସଫଳତା ପାଇଁ ଏସ୍‌ପି ବି.ଗଙ୍ଗାଧର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୋଭିନମ ହେଉଛି ଭିଏତନାମର ଏକ ପ୍ରସିଦ୍ଧ ମାର୍ଶାଲ ଆର୍ଟ। ଆସାମରେ ଅନୁଷ୍ଠିତ ଦ୍ୱାଦଶ ଜାତୀୟ ଭୋଭିନମ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତି ଦିବ୍ୟ ରଞ୍ଜନ ଜିଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।



## ଟଙ୍ଗ୍‌ଙ୍କ ସ୍ଥାନରେ ଜୋର୍ଡାନ

ଲଣ୍ଡନ,୨୬।୮(ଏପି)

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ପାଇଁ ଇଂଲଣ୍ଡ ଦଳରେ ଯୋଗଦେବା ଲାଗି ସରେ ଅଲରାଉଣ୍ଡର କ୍ରିସ୍ ଜୋର୍ଡାନଙ୍କୁ ଡକାଯାଇଛି। ତାଙ୍କୁ ଓରସେଷ୍ଟରଶାୟାର ପେସ୍ ବୋଲର ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ସୁଯୋଗ ମିଳିଛି। ଟଙ୍ଗ୍ ଆଘାତପ୍ରାପ୍ତ ଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ କ୍ରିକେଟ ବୋର୍ଡ ଇସିବି ତରଫରୁ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଜୋର୍ଡାନ ଟି୨୦ କ୍ରିକେଟରେ ଇଂଲଣ୍ଡର ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର।

## କରାଟେ ରେଫରି, ଜଜ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୬।୮ (ବିଜୟ ରଣା)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏକ ଜାତୀୟ ରେଫରି/ଜଜ୍ ପ୍ରଶିକ୍ଷଣଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ସ୍ୱୀକୃତିପ୍ରାପ୍ତ ରେଫରି ହାନ୍‌ସୀ ପ୍ରେମଜିତ୍ ସେନ୍ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ପରୀକ୍ଷା ନେଇଥିଲେ। ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟରୁ ୪୯ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏଥିରେ ୧୮ଜଣ ପରୀକ୍ଷାର୍ଥୀ ଜଜ/ରେଫରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଶିକ୍ଷଣ ଶିବିର ଓ ରେଫରି ପରୀକ୍ଷା ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଇଣ୍ଡୋନେସିଆନ ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବାଲୁଗାଁ,୨୬।୮(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ଗୃହ ପରିସରରେ ଶନିବାର ଇଣ୍ଡୋନେସିଆନ ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନିଆ ଟୁର୍ନାମେଣ୍ଟରେ ରାଜ୍ୟର ୧୩ଟି ଜିଲା କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ଯାଜପୁର, ଗଞ୍ଜାମ, ବରଗଡ଼, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, କଟକ ଏବଂ ଖୋର୍ଦ୍ଧା ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ସମୁଦାୟ ୩୫୦ ପ୍ରତିଯୋଗୀ ଏଥିରେ ଅଶଂଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବାଣପୁର ନଗରପାଳ ମିଟୁ ନାୟକ, କାଉନସିଲର ଅଭିମନ୍ୟୁ ସ୍ୱାଇଁ, ଚିଲିକା ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ଓଡ଼ିଶା ପେନ୍‌ଚାକ ସିଲାଟ୍ ଆସୋସିଏଶନର ସଭାପତି ତାପସ କୁମାର ରାୟଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ଜିଲା ଅନୁଷ୍ଠାନର ସଭାପତି ସାରଦା ପ୍ରସନ୍ନ ଦାସ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଜଗନ ଲେଙ୍କା, ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପରିଚାଳନା ପାଇଁ ୧୬ଜଣ ରେଫରି, କୋଚ୍ ଏବଂ ମ୍ୟାନେଜର ଯୋଗଦେଇଛନ୍ତି।



ବାଲୁଗାଁରେ ଅନୁଷ୍ଠିତ ଇଣ୍ଡୋନେସିଆନ ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ।

# କ୍ଲବ ବ୍ୟୟ କଲେ ରେକର୍ଡ ୨୦୨୪ କୋଟି

ଲଣ୍ଡନ,୨୬।୮

ରେକର୍ଡ ଭାଙ୍ଗିଛି ପ୍ରିମିୟର ଲିଗ୍ କ୍ଲବ୍‌ମାନଙ୍କର ଟ୍ରାନ୍ସଫର ୱିଣ୍ଡୋ ବ୍ୟୟ। ଚଳିତ ସିଜନରେ ୧.୯୫ ବିଲିୟନ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ୨୦୨୪ କୋଟି ଟଙ୍କା ବ୍ୟୟ କରିସାରିଲେଣି। ସେପ୍ଟେମ୍ବର ୧ ଟ୍ରାନ୍ସଫର ୱିଣ୍ଡୋର ଅନ୍ତିମ ତାରିଖ ରହିଥିବା ବେଳେ ଏହା ୨ ବିଲିୟନ ଡଲାର ଅତିକ୍ରମ କରିବା ନେଇ ଆଶା

## ପ୍ରିମିୟର ଲିଗ୍ ଟ୍ରାନ୍ସଫର ୱିଣ୍ଡୋ

କରାଯାଉଛି। ବିଗତ ବର୍ଷରେ ୧.୯୨ ବିଲିୟନ ପାଉଣ୍ଡର ଅର୍ଥରାଶି ବ୍ୟୟ ହୋଇଥିଲା। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଖେଳାଳିଙ୍କ ଟ୍ରାନ୍ସଫରରେ ୧୦୦ ମିଲିୟନ ଡଲାର ବ୍ୟୟ ହୋଇଛି। ମୋଜେସ୍ କାଇସେଡୋଙ୍କୁ ୧୦୦ ମିଲିୟନ୍ ଡଲାରରେ ଚେଲ୍‌ସୀ ଓ ଡେକ୍ଲାନ ରାଇସେଙ୍କୁ ସମାନ ମୂଲ୍ୟରେ କ୍ରୟ କରିଛି ଆର୍ସେନାଲ। ଦଳଗତ ଭାବରେ ଚେଲ୍‌ସି ୯ ଜଣ ଖେଳାଳିଙ୍କୁ କିଣିଥିବା ବେଳେ ସର୍ବାଧିକ ୧ ବିଲିୟନ ଡଲାର ବ୍ୟୟ କରିଛି।

ଅନ୍ୟପକ୍ଷରେ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ୱିଙ୍ଗର ଜେରେମି ଡୋକୁଙ୍କୁ ୫୫ ମିଲିୟନ ପାଉଣ୍ଡରେ କ୍ରୟ କରିଛି। ଏହା ପୂର୍ବରୁ ଦଳ ଡିଫେଣ୍ଡର ଜୋସ୍କୋ ଜିଭାର୍ଡିଓଲଙ୍କୁ ୯୦ ମିଲିୟନ ପାଉଣ୍ଡରେ ଓ ମିଡ୍‌ଫିଲ୍ଡର ମାଟେଓ କୋଭାକିକଙ୍କୁ ୨୫ ମିଲିୟନ ପାଉଣ୍ଡରେ କିଣିଛି। ଏହା ବ୍ୟତୀତ ୭୨ ମିଲିୟନ ପାଉଣ୍ଡରେ ଦଳ ଷ୍ଟ୍ରାଇକର ରାସମସ ହୋଜଲୁଣ୍ଡଙ୍କୁ କିଣିଛି। ଅନ୍ୟପକ୍ଷରେ ଗତବର୍ଷର ରନର ଅପ୍ ଆର୍ସେନାଲ ୬୫ ମିଲିୟନ୍ ପାଉଣ୍ଡ ବ୍ୟୟରେ ଫରୱାର୍ଡ କାଇ ହାଭର୍ଟଜ୍‌ଙ୍କୁ କିଣିଛି। ଚଳିତ ବର୍ଷ ୪ର୍ଥ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ନ୍ୟୁ କାସେଲ ୟୁନାଇଟେଡ୍ ମିଡ୍‌ଫିଲ୍ଡର ସାନ୍ଦ୍ରୋ ତୋନାଲିଙ୍କୁ ୫୫ ମିଲିୟନ ପାଉଣ୍ଡରେ ଓ ୱିଙ୍ଗର ହାର୍ଭେ ବାର୍ନସଙ୍କୁ ୩୮ ମିଲିୟନ ପାଉଣ୍ଡରେ କ୍ରୟ କରିଛି।


ମୋଜେସ୍ କାଇସେଡୋ



ଡେକ୍ଲାନ ରାଇସେ

# ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୬।୮(ସରୋଜ ଜେନା)

ଭୁବନେଶ୍ୱର ସ୍ଥିତ ଇନ୍‌ଫୋସିଟିରେ ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇ ଯାଇଛି। ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ରାଜ୍ୟର ଯୁବ ପ୍ରତିଭା ମାନଙ୍କୁ ଚେସ୍‌ରେ ଆଗକୁ ବଢିବା ପାଇଁ ସୁଯୋଗ ଦେବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଓପନ ବର୍ଗରେ ୫୯ ଓ ବାଳିକା ବର୍ଗରେ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ତଥା ଟିଆଇଟିଇ କଲେଜ ଚେୟାରମ୍ୟାନ ଡ. ଅଭୟ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀପ ଖାରେ, ଆୟେଶା ବେଗ୍, ସୂର୍ଯ୍ୟକାନ୍ତ ମହାନ୍ତି, ସଂଗ୍ରାମ ମହାନ୍ତି, ଜେସିକା ପଟ୍ଟନାୟକ, ମନୋରଞ୍ଜନ ମିଶ୍ର, ସୁରେଶ ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଆର୍ବିଟର ଭାବରେ ଯୋଗ ଦେଇଥିବା ବେଳେ ଜ୍ୟୋତି ଶଙ୍କର ନନ୍ଦ ଓ ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।



୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Sunday, August 27/2023 | Page 20 | ₹ 7.00 | SAMBALPUR



**ଆହାନଙ୍କୁ ଡବଲ୍ ଟାଇଟଲ୍**

୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟୁର୍ଣ୍ଣାମେଣ୍ଟରେ ଆହାନ୍ ମିଶ୍ର ଡବଲ୍ ଟାଇଟଲ୍ ହାସଲ କରିଛନ୍ତି।

୦୮

୦୨

**ଆମେରିକା ଉପରାଷ୍ଟ୍ରପତି ପଦ ଲାଗି ଲଢ଼ିବେ ରାମସ୍ୱାମୀ**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଥିବା ବିବେକ ରାମସ୍ୱାମୀ ତାଙ୍କୁ ଏହି ସୁଯୋଗ ନ ମିଳିଲେ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେ ବୋଲି କହିଛନ୍ତି।



# ପଥର ତଳେ ଚାପିହୋଇ ମାମୁ ଭଣଜା ମୃତ



ପଥର କ୍ୱାରି

**ମୋହନା, ୨୬।୮ (ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବନ୍ଧାଗୁଡ଼ା ଗ୍ରାମ ନିକଟ ଏକ କ୍ରଶରର ପଥର କ୍ୱାରି ନିକଟରେ ଶୁକ୍ରବାର ୫୦ ଟନ୍‌ର ପଥର ତଳେ ଚାପିହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ଗାଁର ମାମୁ ନାରାୟଣ ନାହାକ (୪୭) ଓ ଭଣଜା ମଧୁରଛୁଆଗାଁର ବିଷ୍ଣୁ ପ୍ରସାଦ ନାହାକ (୨୫)।

ଉଭୟ ମାମୁ ଭଣଜା ୫ ବର୍ଷ ହେଲା ବନ୍ଧାଗୁଡ଼ା ଗ୍ରାମ ନିକଟରେ ଥିବା କ୍ରଶରରେ ଶ୍ରମିକ ଭାବେ କାର୍ଯ୍ୟକରି ଆସୁଥିଲେ। ସନ୍ଧ୍ୟା ୭ଟାରେ କ୍ରଶର ନିକଟ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ ହେବା ବେଳେ ଦୁହେଁ ଏକ ୫୦ ଟନ୍‌ର ପଥର ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ବ୍ଲାଷ୍ଟିଂ ଯୋଗୁ ସେହି ପଥରଟି ଥରି ଉଠି ତଳକୁ ଗଡ଼ିଯାଇଥିଲା। ଫଳରେ ପଥର ତଳେ ଚାପିହୋଇ ସେମାନଙ୍କର ମୃତ୍ୟୁ ଘଟିଥିଲା।

**ବ୍ଲାଷ୍ଟିଂ ବେଳେ ୫୦ ଟନ୍‌ର ପଥର ତଳେ ନେଇଥିଲେ ଆଶ୍ରୟ**

ମୋହନା ପୋଲିସ, ଅତିରିକ୍ତ ତହସିଲଦାର ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହାର କରିବା ପାଇଁ ଉଦ୍ୟମ ଚଳାଇଥିଲେ। ଖବର ପାଇ ରାତି ୯ଟାରେ ମୃତ ନାରାୟଣଙ୍କ ସାନଭାଇ ଶାନ୍ତନୁ ଏବଂ ମୃତ ବିଷ୍ଣୁଙ୍କ ସମ୍ପର୍କୀୟ ମାମୁ ବିଶ୍ୱଜିତ ପହଞ୍ଚି ମୃତଦେହ ଶୀଘ୍ର ବାହାର କରି ହସ୍ତାନ୍ତର କରିବା ଲାଗି ପ୍ରଶାସନକୁ ନିବେଦନ କରିଛନ୍ତି।

ଅପରପକ୍ଷେ ଶନିବାର ରାତି ସୁଦ୍ଧା ପଥର ତଳୁ ମୃତଦେହ ଉଦ୍ଧାର ହୋଇପାରି ନ ଥିବା ବେଳେ ପାରଳାଖେମୁଣ୍ଡିରୁ ପଥର କଟିଂ ମେଶିନ ପହଞ୍ଚିଛି। ଜିଲାପାଳଙ୍କ ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇ କହିଛନ୍ତି।

# ସିଲିଣ୍ଡର ଫାଟି ଟ୍ରେନ୍ ବଗି ଜଳିଲା: ୧୦ ମୃତ

**ଟ୍ରେନ୍‌ରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଛି। ଏହାର ଅବମାନନାକୁ ଅପରାଧ ବିବେଚନା କରାଯାଉଛି। ଏନେଇ ଟ୍ରେନ୍‌ର ବଗିଗୁଡ଼ିକରେ ସଚେତନତାଧର୍ମୀ ଲେଖା ରହିଥାଏ। ଏହାକୁ ଅନେକେ ଗୁରୁତ୍ୱ ଦେଉ ନ ଥିବାବେଳେ ବହୁ ଷ୍ଟେଶନରେ ଗ୍ୟାସ୍ ସିଲିଣ୍ଡର, କିରୋସିନ୍, ପେଟ୍ରୋଲ, ବିସ୍ଫୋରକ ସାମଗ୍ରୀ ପରିବହନକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନାହିଁ। ଏହାର କୁପରିଣାମ ଶନିବାର ତାମିଲନାଡୁର ମଦୁରାଇ ରେଳ ଷ୍ଟେଶନରେ ଦେଖିବାକୁ ମିଳିଛି। ଷ୍ଟେଶନରେ ଥିବା ଏକ ବଗିରେ ଏଲ୍‌ପିଜି ସିଲିଣ୍ଡର ଫାଟିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ଯାତ୍ରୀ ଜୀବନ୍ତଦଗ୍ଧ ହୋଇଥିବାବେଳେ ୨୦ ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୁରକ୍ଷାରେ ତ୍ରୁଟି ଓ ଅବହେଳା ଯୋଗୁ ପୁଣି ଥରେ ଦୁର୍ଘଟଣାର ଶିକାର ହୋଇଛନ୍ତି ରେଳଯାତ୍ରୀ, ଯାହାକି ବାଲେଶ୍ୱର ବାହାନଗା ଟ୍ରେନ୍ ଟ୍ରାଜେଡିରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହି ଦୁର୍ଘଟଣାରେ ୨୯୫ ଜଣଙ୍କ ମୃତ୍ୟୁ ଘଟିଥିଲା।**



**ମଦୁରାଇ, ୨୬।୮**

ତାମିଲନାଡୁର ମଦୁରାଇ ରେଳଷ୍ଟେଶନରେ ଶନିବାର ଭୋର ସମୟରେ ଛିଡ଼ା ହୋଇଥିବା ଏକ ବଗିରେ ନିଆଁ ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ବଗିରେ ବେଆଇନ ଭାବେ ଏକ ଗ୍ୟାସ୍ ସିଲିଣ୍ଡର ନିଆଯାଉଥିଲା, ଯାହା ଅଗ୍ନିକାଣ୍ଡର କାରଣ ବୋଲି ସଦର୍ନ ରେଲୱେ

**ଷ୍ଟେଶନଗୁଡ଼ିକରେ ଯାଞ୍ଚ ଢିଲା**

ପକ୍ଷରୁ କୁହାଯାଇଛି। ବଗିରେ ଲକ୍ଷ୍ନୌର ୬୫ ଯାତ୍ରୀ ଥିଲେ। ଘରୋଇ କୋଚ୍‌ଟି ପୁନାଲୁର-ମଦୁରାଇ ଏକ୍ସପ୍ରେସ୍‌ରେ ସଂଯୋଗ ହୋଇ ଭୋର ୩ଟା ୪୭ରେ ମଦୁରାଇରେ ପହଞ୍ଚିଥିଲା। ସେଠାରୁ ଉକ୍ତ ବଗି ଅନନ୍ତପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ସଂଯୋଗ ହୋଇ କୋଲ୍ଲାମ ଦେଇ ଚେନ୍ନାଇ ଯିବାର ଥିଲା। ଯାତ୍ରୀମାନେ ଘରୋଇ କୋଚ୍‌ରେ ଗ୍ୟାସ୍ ସିଲିଣ୍ଡର ଆଣି ନ ଥିଲେ ସେମାନେ ଶନିବାର ମଧ୍ୟାହ୍ନରେ ଚେନ୍ନାଇରେ ପହଞ୍ଚିଥାନ୍ତେ। ଦୁର୍ଭାଗ୍ୟକୁ ସେମାନେ କୋଚ୍ ଭିତରେ ଚା' କରିବା ପାଇଁ ଏକ ଷ୍ଟୋଭ୍ ଲଗାଇବାରୁ ସିଲିଣ୍ଡର ବିସ୍ଫୋରଣ ହୋଇ ସଙ୍ଗେ ସଙ୍ଗେ ସାରା କୋଚ୍‌କୁ ନିଆଁ ବ୍ୟାପିଯାଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ମଦୁରାଇ ଜିଲାପାଳ ଏମ୍.ଏସ୍. ସଙ୍ଗୀତା କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ପୋଲିସ, ଅଗ୍ନିଶମ ବାହିନୀ ଏବଂ ରେସ୍କ୍ୟୁ ସର୍ଭିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ। କୋଚ୍‌ଟି ଟ୍ରେନ୍‌ରୁ ଅଲଗା ହେବା ପରେ କେତେଜଣ ଯାତ୍ରୀ ଓହ୍ଲାଇଯାଇଥିଲେ ଓ ନିଆଁକୁ ଦେଖି ଅନ୍ୟ କେତେଜଣ ବଗିରୁ ଡେଇଁପଡ଼ି ବର୍ତ୍ତିଯାଇଥିଲେ। ଭୋର ୫ଟା ୧୫ରେ ନିଆଁ ଲାଗିଥିବାବେଳେ ଅଧଘଣ୍ଟା ବିଳମ୍ବରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ଏବଂ ☞ପୃଷ୍ଠା-୭

# ୮୩ ଉଚ୍ଚ ମାଧ୍ୟମିକ ସ୍କୁଲରେ ନୂଆ ପାଠ୍ୟକ୍ରମ ଖୋଲିବାକୁ ଅନୁମୋଦନ

**ଭୁବନେଶ୍ୱର, ୨୬।୮ (ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷାବର୍ଷରୁ ରାଜ୍ୟର ୮୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ନୂଆ ପାଠ୍ୟକ୍ରମ ଖୋଲିବାକୁ ଅନୁମୋଦନ ମିଳିଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ ବେସରକାରୀ ଯୁକ୍ତ୨ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଯାଇଛି। ଏହି ବିଷୟଗୁଡ଼ିକ ସେଲ୍‌ଫ-ଫାଇନାନ୍ସିଂ ମୋଡ୍‌ରେ ଖୋଲିବା ପାଇଁ କୁହାଯାଇଛି। ତେବେ ପାଠ୍ୟକ୍ରମ ପାଇଁ ଅନୁମୋଦିତ ସିଟ୍‌ର ୮୦% ଉପରେ ନାମଲେଖା ହେବା ଆବଶ୍ୟକ। ଏଥିସହ ଏହି ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ପ୍ରାକ୍ଟିକାଲ ଲାବ୍‌ର ଫଟୋ, କିଣାଯାଇଥିବା ସାମଗ୍ରୀର ଭାଉଚର ଆଦି କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶାଳୟକୁ ପଠାଇବେ। ଏଥିସହ ସରକାରଙ୍କ ପାଖରୁ କୌଣସି ଆର୍ଥିକ ସହାୟତା ପାଇଁ ଦାବି କରିପାରିବେନି ବୋଲି ଏକ ଅଣ୍ଡରଟେକିଂ ଦେବା ପାଇଁ କୁହାଯାଇଛି। ସେହିପରି ପ୍ରତି ପାଠ୍ୟକ୍ରମ ପାଇଁ ୧ ହଜାର ଟଙ୍କାର ଚାଲାଣ ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି।

# ଅନ୍‌ଲାଇନ ଗେମ୍‌ରୁ ଜୀବନ ଗଲା

## ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା

**ବାହାନଗା, ୨୬।୮ (ଅରୂପ୍ କୁମାର ଦାସ)**

ଅନଲାଇନ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହରାଇବା ପରେ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚକଜଗନ୍ନାଥପୁର ଗ୍ରାମରେ ଆଲୋଡନ ସୃଷ୍ଟି କରିଛି। ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଥିବା ବେଳେ ଶନିବାର ଫାଇନାନ୍ସ ବ୍ୟାଙ୍କର ୨ଜଣ କର୍ମଚାରୀ ଟଙ୍କା ନେବାକୁ ଆସିଥିବା ବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିବା ସହିତ ମାଡ଼ ମାରିଥିଲେ। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ଗ୍ରାମବାସୀଙ୍କଠାରୁ ୨ଜଣ ଯୁବକଙ୍କୁ ଉଦ୍ଧାର କରିଥିଲେ।

ଚକଜଗନ୍ନାଥପୁର ଗ୍ରାମର ଚିନ୍ମୟୀ ବାରିକ୍ (୨୬)ଗତ ଶୁକ୍ରବାର ଅପରାହ୍ନରେ ଘର ଭିତରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ଚିନ୍ମୟୀଙ୍କୁ ପ୍ରଥମେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର

**ଟଙ୍କା ନେବାକୁ ଆସିଥିବା ୨ ଫାଇନାନ୍ସ କର୍ମଚାରୀ ଅଟକ**

ମୃତ୍ୟୁ ଘଟିଥିଲା। ଚିନ୍ମୟୀ ଆତ୍ମହତ୍ୟା କରିବା ପୂର୍ବରୁ ଶୁକ୍ରବାର ଅପରାହ୍ନ ୩ଟା ୪୫ରେ ଆତ୍ମହତ୍ୟା କରିବେ ବୋଲି ନିଜର ହ୍ୱାଟସଆପ୍ ଷ୍ଟାଟସ୍‌ରେ ଲେଖି କରି ଛାଡିଥିବା ଗ୍ରାମର ଯୁବକମାନେ କହୁଛନ୍ତି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। କେହି କେହି ଘରୋଇ ବ୍ୟାଙ୍କରୁ ସେ ଋଣ ଆଣ ତାହା ଶୁଝି ନ ପାରି ଆତ୍ମହତ୍ୟା କରିଥିବା କହୁଥିବା ବେଳେ ଅନ୍ୟପଟେ ମୋବାଇଲରେ ଅନଲାଇନ୍ ଗେମ୍ ଖେଳି ୩ଲକ୍ଷ ଟଙ୍କା ହରାଇଦେଇଛନ୍ତି ବୋଲି ଲୋକେ କହୁଥିବା ଶୁଣିବାକୁ ମିଳୁଛି। ଶନିବାର ବାଲେଶ୍ୱରରୁ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଋଣ ଆଣିଥିବା ଘରୋଇ ଅର୍ଥଲଗାଣ ସଂସ୍ଥାର ୨ ଜଣ କର୍ମଚାରୀ ଆସି ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ଚିନ୍ମୟୀ ସେମାନଙ୍କୁ ଟଙ୍କା ନେବା ପାଇଁ ଶନିବାର ଆସିବାକୁ କହିଥିବା ସେମାନେ ଜଣାଇଥିଲେ। ଏହି ସମୟରେ ଲୋକେ ଉତ୍ତ୍ୟକ୍ତ ହୋଇ ମାଡ଼ ମାରି ପଞ୍ଚାୟତ ଘର ଭିତରେ ଅଟକ ରଖିଥିଲେ।

# 'ମୋ ସ୍କୁଲ' ନାଁରେ ଫେକ୍ ୱେବ୍‌ସାଇଟ୍

## ଚାକିରି ଦେବାକୁ କହି ୪୦ ଲକ୍ଷ ନେଇଗଲେ, ୩ ଗିରଫ



**ଭୁବନେଶ୍ୱର, ୨୬।୮ (ସୂର୍ଯ୍ୟକାନ୍ତ ବେହେରା)**

ଠକେଇ କରିବାକୁ 'ମୋ ସ୍କୁଲ ଅଭିଯାନ' ନାଁରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିଲେ। ଚାକିରି ଦେବା ନାଁରେ ବେକାର ଯୁବତୀଯୁବକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଉଥିବା ଏକ ଗ୍ୟାଙ୍ଗକୁ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଧରିଛି। ଏଥିସହ ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଭରତପୁରରୁ ଗିରଫ କରାଯାଇଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ଯାଜପୁରର ଅମର ସାମଲ, ଗଞ୍ଜାମର ମଦନ ନାଗ ଓ ରାଇଗୁଲୁ ପାତ୍ର। ସେମାନଙ୍କଠାରୁ ନଗଦ ୨ଲକ୍ଷ ଟଙ୍କା, ଦୁଇଟି ଲାପ୍‌ଟପ, ୧୩ଟି ମୋବାଇଲ, ବ୍ୟାଙ୍କ ଚେକ୍‌ବୁକ୍, ଏଟିଏମ୍ କାର୍ଡ, ଫେକ୍ ସିଲ୍ ଷ୍ଟାମ୍ପ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ ହୋଇଛି। ମୋ ସ୍କୁଲ ଅଭିଯାନରେ କାହାକୁ ଟିଚିଂ ତ ପୁଣି କାହାକୁ ନନ୍ ଟିଚିଂ, ଡାଟା ଏଣ୍ଟ୍ରି ଅପରେଟର, ପିଅନ, ଅଫିସ୍ ଆସିଷ୍ଟାଣ୍ଟ ଚାକିରି ସହ ଅନ୍ୟ ବିଭାଗରେ ବିଭିନ୍ନ ଚାକିରି ଦେବାକୁ କହି ୫୦ରୁ ଅଧିକ ଚାକିରି ଆଶାୟୀଙ୍କଠାରୁ ୪୦ ଲକ୍ଷ ଟଙ୍କାରୁ ଅଧିକ ଠକିଥିବା ତଦନ୍ତବେଳେ ଜଣାପଡିଛି। ଏପରିକି ଅଭିଯୁକ୍ତମାନେ ବିଶ୍ୱାସ ଜନ୍ମାଇବା ପାଇଁ ମୋ ସ୍କୁଲ୍ ଅଭିଯାନର ଅବିକଳ ୱେବ୍‌ସାଇଟ୍ ତିଆରି କରି ଏହି ଠକେଇ କରୁଥିଲେ ବୋଲି କମିଶନରେଟ ପୋଲିସ୍‌ର ଜୋନ୍-୫ ଏସିପି ଗୌତମ କିଶନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ☞ପୃଷ୍ଠା-୭





ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ଚନ୍ଦ୍ରୟାନ ଇତିହାସ ସୃଷ୍ଟି କରିଛି

ଏବଂ ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ଏହି କୀର୍ତ୍ତିମାନ ସ୍ଥାପନ କରିଛି । ସେହିଭଳି ଭାବେ ଆମର ଯୋଗ ଏବଂ ଆୟୁର୍ବେଦ ଯେଉଁଠି ପହଞ୍ଚିଛି ସେଠାରେ ଏପର୍ଯ୍ୟନ୍ତ ଆଧୁନିକ ମେଡିକାଲ ପ୍ରଣାଳୀ, ଏଲୋପାଥି ପହଞ୍ଚିବାରେ ସକ୍ଷମ ହୋଇନାହିଁ ।

ବିପି ଏବଂ ସୁଗାର୍ ପାଇଁ ଉନ୍ନତ ଗବେଷଣା ଏବଂ ପ୍ରମାଣ ଆଧାରରେ ପତଞ୍ଜଳି ଦ୍ୱାରା ତିଆରି କରାଯାଇଥିବା ଔଷଧଗୁଡ଼ିକ ଏଲୋପାଥିକ୍ ଔଷଧଠାରୁ ଅଧିକ ଉନ୍ନତ ଅଟେ ।

ଆଜି ପର୍ଯ୍ୟନ୍ତ ଆଧୁନିକ ମେଡିକାଲ ପ୍ରଣାଳୀ ବିଶ୍ୱାସ କରୁଛି ଯେ ବିପି ଓ ଡାଇବେଟିସ୍‌କୁ ଆରୋଗ୍ୟ କରାଯାଇପାରିବ ନାହିଁ । କିନ୍ତୁ ଆମେ ଯୋଗ, ଆୟୁର୍ବେଦ, ପଞ୍ଚକର୍ମ ଏବଂ ନେଚୁରୋପାଥି ମାଧ୍ୟମରେ ବିପିର ମୂଳୋତ୍ପାଟନ କରିବା ସହିତ ଡାଇବେଟିସ୍ ଟାଇପ୍ I ଓ ଟାଇପ୍ II ରୋଗୀଙ୍କୁ ଡାଇବେଟିସ୍‌ରୁ ମୁକ୍ତି ପ୍ରଦାନ କରିଛୁ ।




ପ୍ରକାଶିତ ରିସର୍ଚ୍ଚ ପେପର୍ ପାଇଁ ପରିଦର୍ଶନ କରନ୍ତୁ- https://pubmed.ncbi.nlm.nih.gov/36545334/

ଆମର ସମସ୍ତ ଔଷଧ ସାରା ଭାରତରେ ପତଞ୍ଜଳି ଷ୍ଟୋର୍ସ, ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଓ ଅନ୍ୟାନ୍ୟ ଷ୍ଟୋର୍ସରେ ଉପଲବ୍ଧ ।

ଉପରବର୍ଣ୍ଣିତ ଔଷଧର ବ୍ୟବହାର ପ୍ରସ୍ତାବ ମାତ୍ର ଅଟେ । ଉପରୋକ୍ତ ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ଚିକିତ୍ସାରେ ଏଗୁଡ଼ିକୁ ମୁଖ୍ୟତଃ ପ୍ରୟୋଗ କରାଯାଇଥାଏ । ନିଜ ଇଚ୍ଛାରେ ଔଷଧ ଖାଆନ୍ତୁ ନାହିଁ । ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ ଔଷଧ ବ୍ୟବହାର କରନ୍ତୁ ।



ଏଥେନ୍ସରେ ଗ୍ରୀସ୍ ରାଷ୍ଟ୍ରପତି କାଟେରିନା ସାକେଲାରପୋଉଲୋଉଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଘୃଣା ଅପରାଧ ଉପରେ ଲଗାମ କଷିବେ ସୁପ୍ରିମକୋର୍ଟ




**ନୂଆଦିଲ୍ଲୀ,୨୬।୮**

ଦେଶରେ ଘୃଣା ଅପରାଧ ରୋକିବାକୁ ୨୦୧୮ ଜୁଲାଇ ୭ରେ ସୁପ୍ରିମକୋର୍ଟ କେତେକ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଘୃଣା ଅପରାଧ ଉପରେ ଲଗାମ ଲଗାଇବା ପାଇଁ ପ୍ରତି ଜିଲାରେ ନୋଡାଲ ଅଫିସର ନିଯୁକ୍ତି ସମେତ ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିୟମଗୁଡ଼ିକର ଠିକ୍ ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର ୨୦୧୮ର ଗାଇଡ୍‌ଲାଇନ୍ସକୁ ସଶକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭିଡ଼ ହିଂସା ଓ ଘୃଣା ମନ୍ତବ୍ୟ ମାମଲାରେ ସମସ୍ତ ଅପରାଧୀଙ୍କୁ ସମାନ ଭାବେ ଦଣ୍ଡିତ କରିବା ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ୩ ସପ୍ତାହ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୧୮ ରାୟର ଅନୁପାଳନ ପୂର୍ବକ ରାଜ୍ୟଗୁଡ଼ିକ ଦ୍ୱାରା ନୋଡ଼ାଲ ଅଫିସର ନିଯୁକ୍ତି ସମ୍ପର୍କିତ ବିବରଣୀକୁ ନେଇ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଖଣ୍ଡପୀଠ କହିଛନ୍ତି, ପୂର୍ବ ଗାଇଡ୍‌ଲାଇନ୍‌ରୁ କିଛି ବାଦ୍ ପଡ଼ିବ ନାହିଁ। ବରଂ ସେଥିରେ ଆଉ କେତେକ ନୂଆ ନିୟମ ଯୋଡ଼ାଯିବ। ଘୃଣା ହିଂସା ରୋକିବା ସକାଶେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ସଂଲଗ୍ନ କରିବା ଉପରେ ଜୋର୍ ଦିଆଯିବ। ନିକଟରେ ହରିୟାଣାର ନୁହ୍ ଓ ଗୁରୁଗ୍ରାମରେ ଘଟିଥିବା ସାମ୍ପ୍ରଦାୟିକ ହିଂସା ପରେ ହିନ୍ଦୁ ସଂଗଠନଗୁଡ଼ିକ ପକ୍ଷରୁ ମୁସଲମାନମାନଙ୍କୁ ସାମାଜିକ ଓ ଅର୍ଥନୈତିକ ବାସନ୍ଦ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଘୃଣା ମନ୍ତବ୍ୟ ରୋକିବା ପାଇଁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ୍ ଦାଖଲ କରାଯାଇଥିଲା। ଖଣ୍ଡପୀଠ ସେଗୁଡ଼ିକର ଶୁଣାଣିକରି ଘୃଣା ଅପରାଧ ବିରୋଧରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି।

# ‘ଏକ୍ସ’କୁ ଫେରିଲେ ଟ୍ରମ୍ପ୍

## ଟୁଇଟର୍‌ରୁ ବିଦା ହୋଇଥିଲେ

**ୱାଶିଂଟନ,୨୬।୮**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୦ରେ ନିର୍ବାଚନରେ ପରାଜିତ ହେବାପରେ ଫଳ ପଲଟାଇବା ପାଇଁ ଉଦ୍ୟମ ଅଭିଯୋଗରେ ଜର୍ଜିଆ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୭୭ ବର୍ଷୀୟ ଟ୍ରମ୍ପ୍ ଗୁରୁବାର ଫୁଲଟନ୍ କାଉଣ୍ଟି ଜେଲରେ ପ୍ରାୟ ୨୨ ମିନିଟ୍ ବିତାଇଥିଲେ। ଆପରାଧିକ ମାମଲାଗୁଡ଼ିକର ଅଭିଯୋଗ ସ୍ଥିର କରାଯିବା ପରେ ଏହା ହେଉଛି ରିପବ୍ଲିକାନ୍ ଟ୍ରମ୍ପ୍‌ଙ୍କ ଚତୁର୍ଥ ଆତ୍ମସମର୍ପଣ। ଏହା ପୂର୍ବରୁ ଆମେରିକାରେ କୌଣସି ପୂର୍ବତନ ରାଷ୍ଟ୍ରପତି ଏଭଳି ଆପରାଧିକ ମାମଲାର ସମ୍ମୁଖୀନ ହୋଇ ନ ଥିଲେ। ବର୍ତ୍ତମାନ ଟ୍ରମ୍ପ୍‌ଙ୍କ ବିରୋଧୀ ୪ ମାମଲାରେ ୯୧ଟି ଅଭିଯୋଗ ରହିଛି। ୨୦୨୧ ଜାନୁୟାରୀ ୬ରେ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ କ୍ଷମତା ହସ୍ତାନ୍ତର ପର୍ବ ନେଇ ପ୍ରସ୍ତୁତି ଚାଲିଥିବାବେଳେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟୋଲ୍ ହିଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସେବେଠୁ ଟ୍ରମ୍ପ୍‌ଙ୍କୁ ଟୁଇଟର ବାସନ୍ଦ କରିଦେଇଥିଲା। ଏହାପରେ ସେ ଟ୍ରୁଥ୍ ସୋସିଆଲ୍ ନାମରେ ଏକ ସାମାଜିକ ଗଣମାଧ୍ୟମ ମଞ୍ଚ ପ୍ରତିଷ୍ଠା କରି ନିଜସ୍ୱ ମତ ରଖି ଆସିଥିଲେ। ଇତିମଧ୍ୟରେ ଗତବର୍ଷ ଟୁଇଟର୍‌ର ମାଲିକାନା ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ହାତକୁ ଯାଇଥିଲା। ଏହି ସୋସିଆଲ୍ ବ୍ଲଗିଂ ସାଇଟ୍‌ର ନାମ ମଧ୍ୟ ବଦଳି ‘ଏକ୍ସ’ ହୋଇଛି। ମସ୍କ ଟ୍ରମ୍ପ୍‌ଙ୍କ ଆକାଉଣ୍ଟକୁ ପୁନଃ ଅବସ୍ଥାପିତ କରିବା ପରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଣ୍ଟା ଭିଡ଼ିଥିବା ଏହି ଚତୁର ବ୍ୟବସାୟୀ କାଳ ବିଳମ୍ବ ନ କରି ପାଣ୍ଠି ସଂଗ୍ରହ ସକାଶେ ଏହାର ଫାଇଦା ଉଠାଇଛନ୍ତି। ଏଥିରେ ସେ ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗକୁ ଖଣ୍ଡନ କରିବା ସହ କେବେହେଲେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ‘ଏକ୍ସ’ରେ ଟ୍ରମ୍ପ୍‌ଙ୍କ ୮୬ ନିୟୁତରୁ ଊର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି।




# ଜାମିନ ଅବଧି ସୀମିତ କରନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮**

ଯଦି ଆବେଦନକାରୀ ଜାମିନ ପାଇବା ପାଇଁ ଯୋଗ୍ୟ ବୋଲି ବିଚାରପତି ନିଷ୍କର୍ଷରେ ପହଞ୍ଚନ୍ତି ତେବେ କୋର୍ଟଗୁଡ଼ିକ ଜାମିନକୁ ଏକ ନିର୍ଦ୍ଦିଷ୍ଟ ଅବଧିରେ ସୀମିତ କରିବା ଅନୁଚିତ। ସୁପ୍ରିମକୋର୍ଟ ଶୁକ୍ରବାର ଏହି ରାୟ ଦେଇଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏକ ସୀମିତ ଅବଧି ପାଇଁ ଜାମିନ ପ୍ରଦାନ କରାଗଲା ମାମଲାର ବିଚାର ପ୍ରକ୍ରିୟା ଗଡ଼ିଚାଲିବ। କାରଣ ଏହାଦ୍ୱାରା ଅଭିଯୁକ୍ତ ବାରମ୍ବାର ଜାମିନ ଆବେଦନ କରିବେ ଏବଂ ପିଟିଶନ୍‌ଗୁଡ଼ିକର ଶୁଣାଣି ନିମନ୍ତେ କୋର୍ଟଗୁଡ଼ିକର ଅଧିକ ସମୟ ନଷ୍ଟ ହେବ। ତେଣୁ ଜାମିନ ଅବଧି ସୀମିତ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ଆମେରିକା ଉପରାଷ୍ଟ୍ରପତି ପଦ ଲାଗି ଲଢ଼ିବେ ରାମସ୍ୱାମୀ

**ୱାଶିଂଟନ,୨୬।୮**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବାର ନାହିଁ ବୋଲି ଦୁଇଦିନ ପୂର୍ବରୁ ସ୍ପଷ୍ଟ ଭାବେ କହିଥିଲେ। ତେବେ ସେ ୨୦୨୪ ପାଇଁ ହ୍ୱାଇଟ ହାଉସ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗି ଦଳ ପକ୍ଷରୁ ଯଦି ମନୋନୀତ ନ ହୁଅନ୍ତି ତେବେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଶନିବାର ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ୩୮ ବର୍ଷୀୟ ରାମସ୍ୱାମୀ ତାଙ୍କର ପ୍ରଥମ ରିପବ୍ଲିକାନ୍ ପ୍ରେସିଡେନ୍ସିଆଲ ପ୍ରାଇମେରି ବିତର୍କରେ ସାମିଲ ହୋଇଥିଲେ। ଏହାକୁ ତାଙ୍କ ଦଳର ଅନ୍ୟତମ ଭାରତୀୟ ଆମେରିକୀୟ ଆଶାୟୀ ପ୍ରାର୍ଥୀ ନିକ୍କି ହାଲିଙ୍କ ସମେତ ଅନ୍ୟମାନେ ସମାଲୋଚନା କରିଛନ୍ତି। କୌଣସି ପବ୍ଲିକ୍ ଅଫିସ୍‌ର ନେତୃତ୍ୱ ନେବାରେ ରାମସ୍ୱାମୀଙ୍କର ଅଭିଜ୍ଞତା ନ ଥିବା ସେମାନେ କହିଛନ୍ତି। ଟ୍ରମ୍ପ୍‌ଙ୍କ ଉପରାଷ୍ଟ୍ରପତି ହେବାରେ ସେ ଖୁସି ହେବେ କି ବୋଲି ପ୍ରଶ୍ନ ହେବାରୁ ରାମସ୍ୱାମୀ କହିଥିଲେ, ଏଥିରେ ମୋର କିଛି କହିବାର ନାହିଁ। ମୋ ବୟସର ଜଣେ ବ୍ୟକ୍ତି ପାଇଁ ଏହା ଭଲ ପଦବୀ ବୋଲି ସେ କହିଛନ୍ତି। ଯଦି ଉପରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି, ତେବେ ରାମସ୍ୱାମୀ ଏହି ପଦବୀରେ ରହିବାରେ ଦ୍ୱିତୀୟ ସର୍ବକନିଷ୍ଠ ହେବେ। ଜେମ୍ସ ବୁଚାନାନଙ୍କ ରାଷ୍ଟ୍ରପତିତ୍ୱ ସମୟରେ ୧୮୫୭ରୁ ୧୮୬୧ ଜନ୍ ବ୍ରେକିନ୍‌ରିଜ୍ ୩୬ ବର୍ଷ ବୟସରେ ଉପରାଷ୍ଟ୍ରପତି ହୋଇଥିଲେ।



ବିବେକ ରାମସ୍ୱାମୀ

## ଅନ୍ୟାନ୍ୟ ଖବର

# ଆଜି ଜୀ ସାର୍ଥକରେ ଧାରା-ଅମ୍ବରଙ୍କ ବିବାହ ମହୋତ୍ସବ



**ଭୁବନେଶ୍ୱର,୨୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ-ସାର୍ଥକରେ ରବିବାର ସନ୍ଧ୍ୟା ୬ଟାରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଲୋକପ୍ରିୟ ଯୋଡ଼ି ଧାରା-ଆମ୍ବର। ଧାରାବାହିକ ‘ସାଥିରେ’ର ଏହି ଯୋଡ଼ିଙ୍କ ବିବାହ ଭବ୍ୟ ସମାରୋହରେ ଆୟୋଜିତ ହେଉଛି। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି, ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ। ବିବାହ ମହୋତ୍ସବ ପାଳନରେ ଆମ ଚ୍ୟାନେଲ ସବୁବେଳେ ଆଗରେ। ତେଣୁ ଅମ୍ବର ଓ ଧାରାଙ୍କ ଶୁଭ ବିବାହ ଆମେ ପାଳନ କରିବୁ ଖୁବ ଧୂମଧାମରେ ଓ ପାରମ୍ପରିକ ଓଡିଆ ସମାଜରେ ହେଉଥିବା ବାହାଘର ପରି। ପୂରା ଜୀ ସାର୍ଥକ ପରିବାର ସେଦିନ ଏକାଠି ହେବେ କେବଳ ଏହି ୨ ଜଣଙ୍କ ବାହାଘର ପାଇଁ। ମେଗା ଧାରାବାହିକର ଅଭିନେତ୍ରୀ, ଅଭିନେତାଙ୍କ ସହ ବହୁ ଲୋକପ୍ରିୟ କଳାକାର ମଧ୍ୟ ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ନିମନ୍ତ୍ରିତ ହୋଇଛନ୍ତି। ଏହି ବାହାଘରରେ ତାରିକ ଅଜିଜ ଓ ବିଷ୍ଣୁପ୍ରିୟାଙ୍କ ଦମଦାର୍ ପ୍ରଦର୍ଶନ ସମସ୍ତଙ୍କୁ ନାଚିବାକୁ ବାଧ କରିବ ଓ ପୂରା ନାଚ ଗୀତ ସହିତ ପାରିବାରିକ ମିଳନ ହେବ କେବଳ ଜୀ-ସାର୍ଥକରେ। ସମସ୍ତ ଦର୍ଶକଙ୍କୁ ସାଦର ନିମନ୍ତ୍ରଣ ଓ ସମସ୍ତେ ରବିବାର ସନ୍ଧ୍ୟା ୬ଟାରେ ଆମ ସହିତ ରହିବେ ବୋଲି ଆଶା ପ୍ରକାଶ କରିଛନ୍ତି ଜୀ ସାର୍ଥକ ବିଜ୍‌ନେସ ହେଡ ପ୍ରତୀକ ସିଲ।

# ଜାଗା ମିଶନ ତାଲିକାରେ ଭୂତ ହିତାଧିକାରୀ

**ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)**



ଜାଗା ମିଶନ୍ ସର୍ଭେରେ ହୋଇଥିବା ବଡ଼ କେଳେଙ୍କାରି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେଇ ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ) ତାଲିକାରେ ବହୁ ଅଯୋଗ୍ୟ ତଥା ନିଜ ସମ୍ପର୍କୀୟଙ୍କୁ ସ୍ଥାନ ଦେଇ ପ୍ରିୟାପ୍ରୀତି ତୋଷଣ କରିଥିବା ଅଭିଯୋଗ ହୋଇଆସୁଥିଲା। ତେବେ ତାଲିକା ପ୍ରକାଶ ପାଇବା ପରେ ଏଥିରେ ବହୁ ଭୂତ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଦେଖିବାକୁ ମିଳିଛି, ଯେଉଁମାନେ ବସ୍ତିରେ କେବେ ରହି ନାହାନ୍ତି କି ଦିଆଯାଇଥିବା ଠିକଣାରେ ସେପରି କୌଣସି ପରିବାର ବା ବ୍ୟକ୍ତି ନାହାନ୍ତି। ଫଳରେ ଆସନ୍ତା ୨୮ ତାରିଖରେ ଏସବୁ ଭୂତ ହିତାଧିକାରୀଙ୍କୁ ବିଏମ୍‌ସି କିପରି ଜମି ପଟ୍ଟା ବାଣ୍ଟିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ବସ୍ତିରେ ବିରୋଧର ସ୍ୱର ଉଠିଲାଣି। ୱାର୍ଡ ନଂ. ୩୮ ଅନ୍ତର୍ଗତ ବାଲିତୋଟା ସାହିରେ ମୋଟ୍ ୧୧୦ଟି ପରିବାର ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ମାତ୍ର ଜାଗାମିଶନ୍ ସର୍ଭେ ତାଲିକାରେ ସମ୍ପୃକ୍ତ ସାହି ବା ବସ୍ତିର ମୋଟ୍ ୧୭୩ଜଣଙ୍କୁ ଚୟନ କରାଯାଇଛି। ତାଲିକାରେ ସ୍ଥାନ ପାଇଥିବା ଅତିରିକ୍ତ ୬୩ଜଣ କିଏ? ସେମାନଙ୍କୁ କିପରି ଓ କାହିଁକି ବସ୍ତି ବାସିନ୍ଦା ବୋଲି ତାଲିକାରେ ଦର୍ଶାଯାଇଛି ସେ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ସେହିପରି ଏମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୩ଜଣଙ୍କୁ ଜମିପଟ୍ଟା ଦିଆଯିବାକୁ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ଥିବା ୨୩ଜଣ ସମ୍ପୃକ୍ତ ବସ୍ତିର ନୁହନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି କୌଣସି ବ୍ୟକ୍ତି ସେଠାରେ ରହୁ ନ ଥିବାରୁ ହିତାଧିକାରୀ ଚୟନ କରୁଥିବା ଏସ୍‌ଡିଏ ତାଲିକାରେ ଚଞ୍ଚକତା କରିଥିବା ସ୍ପଷ୍ଟ ହୋଇଛି। ସେହିପରି ବର୍ଷବର୍ଷ ଧରି ବସ୍ତିରେ ରହି ଆସୁଥିବା ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ଶ୍ରମିକ, ବ୍ୟବସାୟୀ ଓ ଦୋକାନ କର୍ମଚାରୀ। ମାତ୍ର ସେମାନଙ୍କୁ ଅଗ୍ରାଧିକାର ଦିଆ ନ ଯାଇ ବିଏମ୍‌ସି ଏବେ ଭୂତଙ୍କୁ ଜମି ପଟ୍ଟା ବାଣ୍ଟିବାକୁ ବସିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମେୟରଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି।

## ପଦାକୁ ଆସିଲା ବଡ଼ କେଳେଙ୍କାରୀ

- ତାଲିକାରେ ଥିବା ହିତାଧିକାରୀ ବସ୍ତିରେ ନାହାନ୍ତି
- ବଞ୍ଚିତ ହୋଇଛନ୍ତି ବହୁ ପ୍ରକୃତ ବସ୍ତିବାସିନ୍ଦା

## କର୍ପୋରେଟରଙ୍କ ପ୍ରସ୍ତାବକୁ ଅନୁମୋଦନ ଦିଆଯାଉନି

ସର୍ଭେରେ ଅନିୟମିତତା ନେଇ କର୍ପୋରେଟରମାନେ ମଧ୍ୟ ମୁହଁ ଖୋଲିଛନ୍ତି। ବିଭିନ୍ନ ୱାର୍ଡରୁ ହିତାଧିକାରୀ ଚୟନ ନେଇ ଅଭିଯୋଗ ଆସିବା ପରେ କର୍ପୋରେଟରମାନେ ସମ୍ପୃକ୍ତ ଏସ୍‌ଡିଏ କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ କର୍ପୋରେଶନ ବୈଠକରେ ପ୍ରସ୍ତାବ ଦେଇଥିଲେ, କାରଣ ସେମାନେ ହିଁ ବସ୍ତିର ଟିକିନିଖି ଜାଣିଛନ୍ତି। ତେବେ ବିଏମ୍‌ସି କର୍ତ୍ତୃପକ୍ଷ ଏହାକୁ ଅନୁମୋଦନ ଦେଇ ନ ଥିଲେ। ଏହାକୁ ନେଇ ଚଳିତ କର୍ପୋରେଶନ ବୈଠକରେ ହୋ ହାଲ୍ଲା ହୋଇଥିଲା।

## କ’ଣ କୁହନ୍ତି ଏମାନେ....



**୮୦ବର୍ଷ ହେବ ରହିଲୁଣି, ତାଲିକାରେ ନାଁ ନାହିଁ**

ମୋ ଶ୍ୱଶୁର ଏଠାରେ ୮୦ ବର୍ଷ ତଳେ ଘର କରିଥିଲେ। ମୁଁ ବୋହୂ ହୋଇ ଏଠାକୁ ଆସିଥିଲି, ଏବେ ନାତି ନାତୁଣୀ ଦେଖିଲିଣି। ସବୁ କାଗଜପତ୍ର ଥାଇ ବି ତାଲିକାରେ ମୋ ନାଁ ନାହିଁ। ମାତ୍ର ଯେଉଁମାନେ କାଲି ସକାଳେ ବସ୍ତିକୁ ଆସିଛନ୍ତି ସେମାନଙ୍କ ନାଁ ରହିଛି।

**-ଛବିରାଣୀ ବେହେରା, ବସ୍ତି ବାସିନ୍ଦା**



**ଏଠାରେ ରହୁ ନ ଥିବା ଲୋକଙ୍କୁ କିପରି ପଟ୍ଟା ମିଳିବ**

ଦୀର୍ଘବର୍ଷ ହେବ ଏଇଠି ରହି ଆସୁଛୁ। ଭାବିଥିଲୁ ସରକାର ଆମ ନାଁରେ ଜାଗା ଖଣ୍ଡେ କରିବେ। ହେଲେ ଏଠି ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରାଯାଉଛି। ଯେଉଁମାନେ ଏଠି ରହୁ ନାହାନ୍ତି, ଏଠିକା ଲୋକ ଯାହାକୁ କେବେ ଦେଖି ନାହାନ୍ତି, ସେମାନଙ୍କ ନାଁରେ ପଟ୍ଟା ମିଳିବ। ହେଲେ ଆମକୁ କେହି ପଚାରୁ ନାହାନ୍ତି।

**-ଭଗବାନ ମହୁରୀ, ବସ୍ତି ବାସିନ୍ଦା**



**ସର୍ଭେ ଅଧିକାରୀ ମନଇଚ୍ଛା ତାଲିକା କରିଛନ୍ତି**

ସର୍ଭେ କରୁଥିବା ଅଧିକାରୀ ତାଙ୍କ ମନଇଚ୍ଛା ତାଲିକା କରିଛନ୍ତି। ଆମେ ୪୦/୫୦ ବର୍ଷ ହେଲା ରହି ଆସୁଛୁ, ହେଲେ ଆମ ନାଁ ନାହିଁ। ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି।

**-ତିଳୋତ୍ତମା ଖଟୁଆ, ବସ୍ତିବାସିନ୍ଦା**



**ଅଭିଯୋଗ କରିଥିଲେ ବି କେହି ଶୁଣୁ ନାହାନ୍ତି**

ଯେଉଁମାନେ ଏଠିକାର ବାସିନ୍ଦା ନୁହନ୍ତି, ସେମାନେ ତାଲିକାରେ କୋଉଠୁ ଆସିଲେ ତା’ର ଉତ୍ତର କାହା ପାଖରେ ନାହିଁ। ଏନେଇ କର୍ପୋରେଟରଙ୍କଠାରୁ ଆରମ୍ଭ କରି ମେୟରଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ବି କେହି ଶୁଣୁ ନାହାନ୍ତି। କେବଳ ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କ ତାଲିକା ଆସିବ ବୋଲି କହୁଛନ୍ତି।

**-ଏସ୍.କେ ନୁର, ବସ୍ତି ବାସିନ୍ଦା**

## ଏସ୍‌ଡିଏଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି

ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ)ଙ୍କ ନାମରେ ବହୁ ଅଭିଯୋଗ ପରେ ବିଏମସି ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଥିଲା। ଗୋଟିଏ ଦୁଇଟି ବସ୍ତିରେ ଏସ୍‌ଡିଏଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। ତେବେ ଅଭିଯୋଗର ଫର୍ଦ୍ଦ ବଢିବା ପରେ ଏଥିରେ କେତେ ସତ୍ୟତା ଅଛି ତାହା ପରଖିବାକୁ ବିଏମ୍‌ସି ଅଧିକାରୀ ଏବଂ ସ୍ଥାନୀୟ କର୍ପୋରେଟଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ବସ୍ତି ଯାଞ୍ଚ କରିବା ସହ ସେହିଠାରେ ହିଁ ଅଭିଯୋଗ ନେଇ ଆଲୋଚନା କରିବ ଏବଂ ଅଭିଯୋଗ ସିଦ୍ଧ ହେଲେ ସମ୍ପୃକ୍ତ ଏସ୍‌ଡିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପରେ କୌଣସି ଏସ୍‌ଡିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ସେମାନଙ୍କୁ ଅଧିକ ତାଲିମ୍ ଦିଆଯାଇଥିଲା। ସେହିପରି ସର୍ଭେକୁ ନେଇ ଯେପରି ଗୋଟିଏ ବି ଅଭିଯୋଗ ନ ଆସେ ବୋଲି ମେୟର ଓ କମିଶନର ତାଗିଦ୍ କରିଥିଲେ। ଏଥିସହ ଯଥା ସମ୍ଭବ ଏହାକୁ ଚାପିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ପୁଣି ବିବାଦ ଘନେଇଛି।

## ମେୟରଙ୍କ ବାସଭବନ ଘେରିଲେ ବସ୍ତିବାସିନ୍ଦା

ବିଭିନ୍ନ ବସ୍ତିରେ ହୋଇଥିବା ଜାଗା ମିଶନ ସର୍ଭେରେ ବ୍ୟାପକ କେଳେଙ୍କାରିକୁ ନେଇ ବସ୍ତିବାସିନ୍ଦା ଓ ବିରୋଧୀ ଦଳ ପୂର୍ବରୁ ବାରମ୍ବାର ବିଏମ୍‌ସି ଘେରାଉ କରିଥିଲେ। ଏବେ ତାଲିକା ଆସିବା ପରେ ଶନିବାର ବାଲିତୋଟା ସାହିର ବାସିନ୍ଦା ମେୟର ସୁଲୋଚନା ଦାସଙ୍କ ଘର ଆଗରେ ଧାରଣା ଦେଇଥିଲେ। ବିଏମ୍‌ସିର ଏସ୍‌ଡିଏମାନେ ଦୁର୍ନୀତିରେ ବୁଡି ରହି ହିତାଧିକାରୀ ଚୟନରେ ଏଭଳି ଚଞ୍ଚକତା କରିଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷ କିଭଳି କିଛି ଜାଣିପାରୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ମେୟର ସେମାନଙ୍କ ସହ ଆଲୋଚନା କରିବା ପରେ ବିଏମ୍‌ସି କାର୍ଯ୍ୟାଳୟକୁ ଡାକି ଘଟଣା ସମ୍ପର୍କରେ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ସଂକ୍ଷେପରେ

### ଦେଓଗାଁ ବ୍ଲକ ୱାର୍ଡ ସଭ୍ୟ ସଂଘର କର୍ମକର୍ତ୍ତା ଚୟନ

ଦେଓଗାଁ,୨୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୱାର୍ଡସଭ୍ୟ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। କାର୍ତ୍ତିକ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ୱାର୍ଡ ସଭ୍ୟ ସଂଘ ଗଠନ ପାଇଁ ସର୍ବ ସମ୍ମତିକ୍ରମେ ମତପ୍ରକାଶ ପାଇଥିଲା। ପରେ ସଂଘ ସଭାପତି ଭାବେ କାର୍ତ୍ତିକ ଷଡଙ୍ଗୀ, ଉପ-ସଭାପତି ଭି. ପଧାନ, ସମ୍ପାଦକ ଜଳନ୍ଧର ଚନ୍ଦନ, ସହ-ସମ୍ପାଦକ ତରଣୀ ପଧାନ, କୋଷାଧ୍ୟକ୍ଷ ଭାବେ ଗୁଣନିଧି ବାରିକଙ୍କୁ ମନୋନୀତ କରାଯାଇଥିଲା। ବରିଷ୍ଠ ସଭ୍ୟ ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ କର୍ମକର୍ତ୍ତା ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ମେହେର ପ୍ରତିଶ୍ରୁତି ଦେଇଥିବା ସଂଘ ତରଫରୁ ସୂଚନା ଦିଆଯାଇଛି।

### ଟିଟିଲାଗଡ଼ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି

**ସୁଧୁରିବ ସାସ୍ଥ୍ୟସେବା**

ଟିଟିଲାଗଡ,୨୬।୮ (ଶରତ ମିଶ୍ର)

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନା ସବୁବେଳେ ଚର୍ଚ୍ଚାରେ ରହି ଆସିଥିଲା। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ଟିଟିଲାଗଡ଼ ଡାକ୍ତରଖାନାରେ ୬ ବିଶେଷଜ୍ଞ ଡାକ୍ତର, ଅସ୍ଥି ଶଲ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ, ପାଥୋଲୋଜି, ଚକ୍ଷୁ, ସର୍ଜରୀ ଆଦି ଡାକ୍ତରଙ୍କ ନିଯୁକ୍ତି କରାଯାଇଛି। ଏହି ସୂଚନା ମିଳିବା ପରେ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର ଜିଲା ସାଧାରଣ ସମ୍ପାଦକ ହେମେନ୍ଦ୍ରନାଥ ହାଁସଦା ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେଓଗାଁ,୨୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ଏହାକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ କର୍ମଶାଳା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ପଟେଲ, ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲା ସଂଯୋଜକ, ଗୁଡଭେଲା ଓ ପୁଇଁତଲା ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀମାନେ ଯୋଗ ଦେଇଥିଲେ। ଅତିଥିମାନେ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରିବା ସହ ମସଲା, ଫୁଲ, ଛତୁ ମିଶନ ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଡୁମେରପିଟା ଓ ରାମଚନ୍ଦ୍ରପୁର ପଞ୍ଚାୟତର ଅଗ୍ରଣୀ ଚାଷୀ, ଏଫଇଏସ ମାଷ୍ଟର ଟ୍ରେନର କୃଷ୍ଣ ପାଣିଗ୍ରାହୀ, କୃଷକ ସାଥୀ ତଥା ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଉପସ୍ଥିତ ଥିଲେ।

### ଯୋଗାଣ ସହାୟକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଦାବିପତ୍ର ପ୍ରଦାନ

ସଇଁତଲା,୨୬।୮ (ରାଖାଲ ପ୍ରସାଦ ଶତପଥୀ)

ବିଭିନ୍ନ ଦାବି ନେଇ ଆସନ୍ତା ୨୮ ତାରିଖରୁ ରାଜ୍ୟର ସମସ୍ତ ଯୋଗାଣ ସହାୟକ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ଯୋଗାଣ ସହାୟକ କମିଟି ତରଫରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିଠାରେ ଆନ୍ଦୋଳନ କରାଯିବ। ସଇଁତଲା ବ୍ଲକ ଅଞ୍ଚଳର ସମସ୍ତ ଯୋଗାଣ ସହାୟକ ଭୁବନେଶ୍ୱର ଯାଇ ସେଠାରେ ଆନ୍ଦୋଳନ କରିବେ। ଶୁକ୍ରବାର ଦିନ ବ୍ଲକର ଯୋଗାଣ ସହାୟକମାନେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଆସି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗଙ୍କୁ ଏ ନେଇ ଏକ ଦାବିପତ୍ର ଦେବା ସହ ଆଗାମୀ ଦିନରେ କାର୍ଯ୍ୟବନ୍ଦ କରିବେ ବୋଲି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଯୋଗାଣ ସହାୟକ ସଭାପତି ଯତୀନ୍ଦ୍ର ଦାସ, ରଜନୀକାନ୍ତ ବାଗ, ହମିତ ତାଣ୍ଡି, ସଂକୀର୍ତ୍ତନ ବାଗ, ପଦ୍ମଲୋଚନ ବାଗ, ଉମେଶ ଚନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

# ୧୮୦ କେଜି ଗଞ୍ଜେଇ ଜବତ, ୭ ଗିରଫ

**ବଲାଙ୍ଗୀର ଅବକାରୀ ଟିମ୍‌କୁ ବଡ଼ ସଫଳତା**

ବଲାଙ୍ଗୀର,୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଅବକାରୀ ବିଭାଗ ପକ୍ଷରୁ ଶନିବାର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୮୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଜିଲାର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅବକାରୀ ଟିମ୍ ପୁଇଁତଲା ଥାନା ଡାହିମାଲ ଛକ ନିକଟରେ ଏକ ମାରୁତି ସ୍ୱିଫ୍ଟ (ନଂ.ଓଆର୦୨ବି ୯୪୯୫) ଗାଡିକୁ ଅଟକାଇ ଥିଲେ। ସେହି ଗାଡିରୁ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗାଡିରେ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରିଥିଲେ। ଏହାପରେ ଅବକାରୀ ଟିମ୍ ଭାଲେର ଛକ ନିକଟରେ ଏକ ଜାଇଲୋ ଗାଡି (ନଂ.ଓଡି୧୭-ଜି-୫୬୫୫)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ମଧ ଗଞ୍ଜେଇ ଜବତ କରାଯାଇଥିଲା। ସେହି ଗାଡିରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହାପରେ ଦେଓଗାଁ ବସଷ୍ଟାଣ୍ଡ ନିକଟରେ ଅବକାରୀ ଟିମ୍ ଜଣେ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। ଅବକାରୀ ଅଧୀକ୍ଷକ ମୁଦୁଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ସ୍ୱତନ୍ତ୍ର ଅବକାରୀ ଟିମ୍‌କୁ ସତର୍କ କରି ବିଭିନ୍ନ ସ୍ଥାନରେ ମୁତୟନ କରିଥିଲେ। ବୌଦ୍ଧ ଜିଲାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଏହି ଗଞ୍ଜେଇ ଚୋରାଚାଲାଣକାରୀ ଦଳ ଦୁଇଟି ଗାଡିରେ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ନେଇ ଯାଉଥିବା ସୂଚନା ମିଳିବା ପରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ। ସୂଚନା ମୁତାବକ ଡାହିମାଲ ଏବଂ ଭାଲେର ଛକରେ ଦୁଇ ଗାଡିକୁ ପିଛା କରି ଗଞ୍ଜେଇ ଜବତ କରିଥିଲେ। ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦେଓଗାଁ ବସଷ୍ଟାଣ୍ଡରୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ଗୁଣ୍ଡୁଚିତରା ଗ୍ରାମର ଅକ୍ରୁର ବିଭାର, ସୁଶାନ୍ତ ବିଭାର, ଥବୀର ଦୀପ, ସୁରେନ୍ଦ୍ର ଦୀପ, ଅଶୋକ ଦୀପ ଏବଂ ବଲାଙ୍ଗୀର ଜିଲା ଦେଓଗାଁ ଥାନା ରତନପୁର ଗାଁର ବୈଚେନ୍ଦ୍ର ସୁନା ଓ ସଦର ଥାନା ଅନ୍ତର୍ଗତ ଗେଡାବାଞ୍ଜିର ପ୍ରମୋଦ ସେଠ୍। ଗୋଟିଏ ଦିନରେ ଏହି ଚଢ଼ାଉରେ ତଦନ୍ତକାରୀ ଅବକାରୀ ଅଧିକାରୀ ସରୋଜ ପରିଡା, ସଦର ଅବକାରୀ ଓଆଇସି ପଦ୍ମଲୋଚନ ନାଏକ, ସବ୍‌ଇନ୍ସପେକ୍ଟର ମଞ୍ଜୁ ପ୍ରତିମା ଏକ୍କା ଓ ଟିମ୍ ସାମିଲ ହୋଇଥିଲେ।

## ଟଙ୍କପାଣିରେ ପୋଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଅବସରରେ କିଶୋରୀମାନଙ୍କୁ ସ୍ୱାଗତ କରାଯାଉଛି।

ଲାଠୋର,୨୬।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ପୋଷଣ କାର୍ଯ୍ୟକ୍ରମ କ୍ଷେତ୍ର ପରିଦର୍ଶିକା ଅଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟଙ୍କପାଣି ପଞ୍ଚାୟତ ସରପଞ୍ଚ ସୁନାଫୁଲ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୁହାସିଂହା କ୍ଷେତ୍ର ପରିଦର୍ଶିକା ମାଧବୀଲତା ମହାନନ୍ଦ, ବିପିଏସଏ ଲକ୍ଷ୍ମୀନାରାୟଣ ବିଶି ଏବଂ ବିସି ଆଶିଷ କୁମାର ଶବର ଯୋଗ ଦେଇଥିଲେ। ଉପସ୍ଥିତ ବିଭିନ୍ନ ଗ୍ରାମର ଗର୍ଭବତୀ, ପ୍ରସୂତି ମହିଳା, ପ୍ରି-ସ୍କୁଲ ଅଭିଭାବିକା ଏବଂ କିଶୋରୀ ବାଳିକାମାନଙ୍କୁ ଅତିଥିମାନେ କହିଥିଲେ, ଖାଦ୍ୟାଭାବ ଯୋଗୁ ବିଶେଷ କରି ମହିଳା, ଶିଶୁ ଓ କିଶୋରୀମାନେ ପୁଷ୍ଟିହୀନତାର ଶିକାର ହୋଇଥାନ୍ତି। ଅପପୁଷ୍ଟିକୁ ଦୂର କରିବା ପାଇଁ ସରକାର ପୋଷଣ ଅଭିଯାନ ହାତକୁ ନେଇଛନ୍ତି। ଏଥିରେ ସମସ୍ତେ ସାମିଲ ହେବା ସହ ପ୍ରତିଦିନ ତ୍ରିରଙ୍ଗା ଖାଦ୍ୟ ଅର୍ଥାତ ସବୁଜ, ଧଳା ଏବଂ ହଳଦିଆ ରଙ୍ଗର ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ରନ୍ଧା ଖାଦ୍ୟ, ପିଠା ପଣା, ପନିପରିବା,ଡାଲିଜାତୀୟ ଶସ୍ୟ, କ୍ଷୀର, ଅଣ୍ଡା ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ସାନଉଡେନସ୍ଥିତ ସତ୍ୟନାରାୟଣ ପାଲା ଦଳ କଳାକାରମାନେ ପାଲା ମାଧ୍ୟମରେ ପୋଷଣ ଅଭିଯାନ ଉପରେ ସଚେତନ କରିଥିଲେ। ସେହିପରି ଟଙ୍କପାଣି ବିଦ୍ୟାଳୟର ବାଳିକାମାନେ ନାଚ, ଗୀତ ମାଧ୍ୟମରେ ସଚେତନ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଲାଠୋର କ୍ଷେତ୍ରର ୪୦ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଏବଂ ସହାୟିକା ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରୁ ଅଳ୍ପକେ ବର୍ତ୍ତିଲେ ନାବାଳକ

**ରଖେ ହରି ତ ମାରେ କିଏ**

କଣ୍ଟାବାଞ୍ଜି, ୨୬।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ୱାର୍ଡ ନଂ. ୧୪ ଆଶ୍ରମପଡ଼ାର ଜଣେ ନାବାଳକ ବିଦ୍ୟୁତ୍ ଆଘାତ ପାଇ ବି ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଫରେଷ୍ଟ ରେଞ୍ଜ ଅଫିସ ନିକଟରେ ଏକ ଲୁହା ଇଲେକ୍ଟ୍ରି ଖୁଣ୍ଟ ରହିଛି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୨ଟା ସମୟରେ ଦିବ୍ୟାଂଶୁ ହାତୀ (୧୦) କୌଣସି କାରଣରୁ ଉକ୍ତ ଖୁଣ୍ଟକୁ ଛୁଇଁ ଦେବାରୁ ବିଦ୍ୟୁତ୍ ଆଘାତ ପାଇ ଲାଗି ଯାଇଥିଲେ। ଆଖପାଖରେ ଥିବା ଲୋକେ ଏହା ଦେଖି ମଧ ଉକ୍ତ ବାଳକକୁ ବିଦ୍ୟୁତ୍ ଖୁଣ୍ଟରୁ ଛଡାଇବା ପାଇଁ ସତ୍‌ସାହାସ କରି ପାରି ନ ଥିଲେ। ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା ଘଟଣା ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ ସୌଭାଗ୍ୟବଶତଃ ବାଳକ ଜଣକ ପୁନର୍ବାର ବିଦ୍ୟୁତ୍ ଖୁଣ୍ଟରୁ ଛାଡି ହୋଇ ଯାଇଥିଲେ। ଦିବ୍ୟାଂଶୁ ହେଉଛନ୍ତି ସ୍ୱର୍ଗତ ଶିବ ହାତୀଙ୍କ ପୁଅ। ସେ ଅଜା ଆଇଙ୍କ ଘରେ ରହି ପାଠ ପଢୁଥିବା ଜଣାଯାଇଛି। ଏହି ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ପୂର୍ବରୁ ଆଶ୍ରମପଡାର ପରମେଶ୍ୱର ପୁଞ୍ଜିଙ୍କ ଏକ ଛେଳିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ନାବାଳକ ଜଣକ ବିଦ୍ୟୁତ୍ ଆଘାତ ପାଇବା ଜାଣି ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଉକ୍ତ ଖୁଣ୍ଟରେ ଥିବା ବିଦ୍ୟୁତ୍ ସରବରାହ ତାରକୁ ଯାଞ୍ଚ କରି ନୂତନ ଭାବେ ବିଦ୍ୟୁତ୍ ସଂଯୋଗ କରିଥିବା ଜଣାଯାଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com




@ ଜିତୁ




@ ପ୍ରାଞ୍ଜଳ



@ ସ୍ୱପନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଫେରାଦ ହେଲେ ମହିଳାଙ୍କ ଭାଇ

**ଶ୍ମଶାନ ଘାଟରୁ ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣା**

ଲୋଇସିଂହା,୨୬।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଲୋଇସିଂହା ଚମାରପଡାର ଜାନକୀ ମେହେର(୩୫)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏନେଇ ବାପ ଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଗଳିତ ମୃତଦେହକୁ କୁଶଙ୍ଗାଇ ଜୋର ଶ୍ମଶାନ ଘାଟରୁ ଜବତ କରିଥିଲା। ଇତିମଧ୍ୟରେ ଘଟଣାର ୬ ଦିନ ବିତି ଯାଇଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କ ବିରୋଧରେ ଲୋଇସିଂହା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାକୁ ନେଇ ମୃତା ମହିଳାଙ୍କ ବାପଘର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ଥାନାରେ ଅଟକ ଥିବା ଅଭିଯୁକ୍ତଙ୍କୁ ପୋଲିସ ଛାଡି ଦେବା ନେଇ ନା ନା ପ୍ରଶବାଚୀ ସୃଷ୍ଟି ହୋଇଛି। ନ୍ୟାୟ ଦାବିରେ ଶନିବାର ସମ୍ପୃକ୍ତ ମହିଳାଙ୍କ ଭାଇ ଗୋପାଳ ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରିଙ୍କ ଦ୍ୱାରସ୍ଥ ହୋଇ ଫେରାଦ ହୋଇଛନ୍ତି। ସେ ଲିଖିତ ଭାବେ ଜଣାଇ ନ୍ୟାୟ ଶୀଘ୍ର ଦେବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲା ସୋନପୁର ସହରର ଚମାରପଡାର ବାସନ୍ତୀ ରାଉତ ଓ ବିଦ୍ୟାଧର ରାଉତଙ୍କ ଝିଅ ଜାନକୀ ଲୋଇସିଂହା ଚମାରପଡାର ମକାରୁ ମେହେରଙ୍କୁ ୨୦୧୦ରେ ବିବାହ କରିଥିଲେ। କିନ୍ତୁ କୋଭିଡ ପରେ ମକାରୁଙ୍କ ସ୍ୱଭାବରେ ପରିବର୍ତ୍ତନ ଆସିଥିଲା। ପୁଅକୁ ଦୂରରେ ରଖି ମକାରୁ ସ୍ତ୍ରୀ ଜାନକୀଙ୍କୁ ଏକ ଘରେ ବନ୍ଦ ରଖି କୁଆଡେ ପୂଜା ତଥା ତନ୍ତ୍ର ସାଧନା କରୁଥିଲେ। ଜାନକୀ ଘରୁ ନ ବାହାରିବା ଏବଂ ସେହି ବନ୍ଦ ଘରୁ ପଚା ଦୁର୍ଗନ୍ଧ ବାହାରିବା ପରେ ପଡାବାସୀଙ୍କୁ ସନ୍ଦେହ ସୃଷ୍ଟି ହୋଇଥିଲା।

## ଲୋଇସିଂହାରେ ସ୍ଥାୟୀ ଚକ୍ଷୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ

ଲୋଇସିଂହା,୨୬।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଚକ୍ଷୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କାର୍ଯ୍ୟକ୍ଷମ ଭିଜନ ସେଣ୍ଟରରେ ପ୍ରତି ବୁଧବାର ଲୋକେ ସେବା ପାଇ ପାରିବେ। ଏଥିରେ ଜଣେ ବିଶେଷଜ୍ଞ ତାଲିମପ୍ରାପ୍ତ ଡାକ୍ତର ଓ କର୍ମଚାରୀ ଯୋଗଦେଇ ମାଗଣାରେ ଚକ୍ଷୁ ଚିକିତ୍ସା କରିବେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ଶେଖରଲାଲ ପଧାନଙ୍କ ସୂଚନା ଅନୁଯାୟୀ,ଏଠାରେ ସାଧାରଣ ଚକ୍ଷୁ ପରୀକ୍ଷାଠାରୁ ଆରମ୍ଭ କରି ମୋତିଆ ବିନ୍ଦୁ ଚିହ୍ନଟ, ଚଷମା ପରୀକ୍ଷା, ଚାପ ପରୀକ୍ଷା ସମେତ ସମସ୍ତ ଆଖି ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ଓ ଚିକିତ୍ସା ପ୍ରଦାନ କରାଯିବ। ସମସ୍ତ କାର୍ଯ୍ୟକ୍ରମ ଜିଲା ସ୍ୱାସ୍ଥ୍ୟ ସମିତି, ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମ, ନେତ୍ରଜ୍ୟୋତି କାର୍ଯ୍ୟକ୍ରମର ସମନ୍ୱୟ ଓ ଅନୁମୋଦନ କ୍ରମେ ହେବ। ଆବଶ୍ୟକ ଅନୁସାରେ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବଡ ମେଡିକାଲ ସହ ସଂଯୋଗ କରାଯିବ। ମୋତିଆ ବିନ୍ଦୁ ଚିହ୍ନଟ ହେଲେ ମାଗଣାରେ ଅସ୍ତ୍ରୋପଚାର କରିବାର ବ୍ୟବସ୍ଥା କରାଯିବ। ଗତ ବୁଧବାରଠାରୁ ଏହି ସେବା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୩୮ ଜଣ କେନ୍ଦ୍ରରୁ ସେବା ପାଇଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଚକ୍ଷୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଜଣାପଡିବା ପରେ ବୁଦ୍ଧିଜିବୀ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଏହି କେନ୍ଦ୍ରର ଲାଭ ନେବା ସହ ଅନ୍ଧତ୍ୱ ଦୂରୀକରଣରେ ଜନସାଧାରଣ ସହଭାଗିତା ହେବାକୁ କେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କୁଅନୁରୋଧକରାଯାଇଛି।

## ବଡ଼ମାଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ୍ ରହଣି ଦାବି

ସଇଁତଲା,୨୬।୮ (ରାଖାଲ ପ୍ରସାଦ ଶତପଥୀ)




ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ଅବସରରେ କାରଖାନାର ପ୍ରତିନିଧି ମଣ୍ଡଳୀ।

ବଲାଙ୍ଗୀର ଜିଲାର ସଇଁତଲା ଗୋଳାବାରୁଦ କାରଖାନା ନିକଟରେ ଥିବା ବଡ଼ମାଳ ରେଳଷ୍ଟେଶନଠାରେ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଦାବି ହେଉଛି। ଏ ନେଇ ଗୋଳାବାରୁଦ କାରଖାନାର କର୍ମଚାରୀମାନେ ଟିଟିଲାଗଡ଼ ବିଧାୟିକା ତଥା ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଳାବାରୁଦ କାରଖାନାରେ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ହାଇଦ୍ରାବାଦ ତଥା ଓଡ଼ିଶାର ସୁନ୍ଦରଗଡ଼, ମୟୁରଭଞ୍ଜ, ଝାରସୁଗୁଡ଼ା, ରାଉରକେଲା, ସମ୍ବଲପୁର, ବରଗଡ଼ ଜିଲାର ଶତାଧିକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କଲିକତାଠାରେ କାରଖାନାର ବୋର୍ଡ଼ କାର୍ଯ୍ୟାଳୟ ରହିଅଛି। ଗତ କୋଭିଡ଼ ପୂର୍ବରୁ ଟିଟିଲାଗଡ଼ରୁ ହାୱଡ଼ା, ଇସ୍ପାତ ସୁପରଫାଷ୍ଟ, ସମଲେଶ୍ୱରୀ, ଧାନବାଦ ଆଲେପି, ଭୁବନେଶ୍ୱର କୁର୍ଲା ଦ୍ରୁତଗାମୀ ଟ୍ରେନର ରହଣି ଥିଲା। କିନ୍ତୁ ମହାମାରୀ କରୋନା ପରେ ଏହିସବୁ ଟ୍ରେନର ରହଣି ବଡ଼ମାଳ ଷ୍ଟେଶନରେ ବନ୍ଦ ହୋଇଯାଇଛି। ଫଳରେ କର୍ମଚାରୀମାନେ ସରକାରୀ କାର୍ଯ୍ୟରେ କିମ୍ବା ନିଜ ଘରକୁ ଯିବାକୁ ହେଲେ ଟିଟିଲାଗଡ଼ କିମ୍ବା ସଇଁତଲା ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ଶୁକ୍ରବାର କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀ ସାହୁଙ୍କ ଟିଟିଲାଗଡ଼ସ୍ଥିତ ବାସଭବନରେ ଭେଟି ଦ୍ରୁତଗାମୀ ଟ୍ରେନଗୁଡିକର ବଡ଼ମାଳ ଷ୍ଟେଶନରେ ପୁନଃ ରହଣି ପାଇଁ ଲିଖିତ ଭାବରେ ଦାବି ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ ରେଳ ବିଭାଗକୁ ଟ୍ରେନ ରହଣି ପାଇଁ ଅନୁରୋଧ ପତ୍ର ଯଥାଶୀଘ୍ର ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ରାଉରକେଲା,୨୬।୮(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ରିଂରୋଡ୍‌ରେ ଶନିବାର ସକାଳେ ଏକ ଅଜଣା ଗାଡି ଧକ୍କା ଦେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛେଣ୍ଡର ପରମାନନ୍ଦ ସ୍ୱାଇଁ(୨୬)। ଏଥିରେ ଜଣେ ଆହତ ହୋଇ ଆଇଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୧୦୦।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ପରମାନନ୍ଦ ଓ ତାଙ୍କ ବନ୍ଧୁ ବାଇକ (ନଂ.ଓଡ଼ି୧୪ଏଏ/୧୯୨୬) ଯୋଗେ ସେକ୍ଟର-୨ରୁ ଛେଣ୍ଡକୁ ଯାଉଥିଲେ। ଏକ ଅଜଣା ପିକଅପ୍ ଭ୍ୟାନ ତାଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ୨ ମୋବାଇଲ ଲୁଟେରା ଗିରଫ

**ରାଉରକେଲା,୨୬।୮(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ସମେତ ବିଭିନ୍ନ ଅଞ୍ଚଳରୁ ମୋବାଇଲ ଲୁଟ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୧୫ ଅଂଚଳର ବିସମିଲ୍ଲା ଖାନ୍(୨୨) ଓ ସେକ୍ଟର-୧୮ରର ସୁବ୍ରତ ମୁଖୀ(୨୧)। ସେମାନଙ୍କଠାରୁ ୬ ମୋବାଇଲ ଓ ବାଇକ (ନଂ.ଓଡି୧୪ଏସି/୫୧୩୮) ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୧୨।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଜୋନ୍-୧ ପୁଷ୍ପାରାଣୀ ନିନଗୀ ସୂଚନା ଦେଇଛନ୍ତି। ସେ କହିଥିଲେ, ଗତ ୨୪ ତାରିଖରେ ଆରଏସପିରେ କାର୍ଯ୍ୟରତ ଶଙ୍କର ତାଣ୍ଡି ସାଇକେଲରେ ସେକ୍ଟର-୬ ଭିଏସଏସ୍ ପଲ୍ଲୀ ସ୍ଥିତ ଘରକୁ ଫେରୁଥିଲେ। ଏନ୍‌ଏସି ସ୍କୁଲ ସମ୍ମୁଖରେ ତାଙ୍କୁ ଏକ ଫୋନ ଆସିବାରୁ ସେ କଥାବାର୍ତ୍ତା କରୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ଏକ ବାଇକରେ ଆସି ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ରାଉରକେଲା କଲେଜରେ ରାଖୀ ପ୍ରସ୍ତୁତି ପ୍ରଶିକ୍ଷଣ କର୍ମଶାଳା

**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ):** ସେକ୍ଟର-୪ସ୍ଥିତ ରାଉରକେଲା ମହାବିଦ୍ୟାଳୟରେ ଅଧାପକ ଅନୁପ ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଖୀ ପ୍ରସ୍ତୁତି ପ୍ରଶିକ୍ଷଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଜାତା ପ୍ରଧାନଙ୍କ ପ୍ରେରଣାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ପ୍ରଶିକ୍ଷିକା ଭାବେ ଲଭଲି ଘୋଷ ଏବଂ ସହଯୋଗୀ ପ୍ରଶିକ୍ଷିକା ଡୁଲି ସୋରେନ ଯୋଗ ଦେଇଥିଲେ। କର୍ମଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇ ରାଖୀ ପ୍ରସ୍ତୁତି କଳା ଶିକ୍ଷାଲାଭ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଓ କର୍ମନିଯୁକ୍ତି ସୃଷ୍ଟି ପାଇଁ ଏହି କର୍ମଶାଳା ଉଦ୍ଦିଷ୍ଟ ଥିଲା। ଶିକ୍ଷାର୍ଥୀ ସୁଭଦ୍ରା ମାଝୀ, ଅଂଶୁ ଟପ୍ପୋ, ପୂର୍ଣ୍ଣିମା ସା କର୍ମଶାଳାରେ ନିଜ ଦକ୍ଷତା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ବରିଷ୍ଠ ଅଧ୍ୟାପିକା ଭାରତୀ ବରୱା ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇକେଲ ଚୋର ଗିରଫ

**ରାଉରକେଲା,୨୬।୮(ସଙ୍ଗୀତା ଜେନା):** ଜଗଦା ଫାଣ୍ଡି ଅନ୍ତର୍ଗତ ବାଲିଯୋଡ଼ି ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରୁ ସାଇକେଲ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମରେନ୍ଦ୍ର ପାଠଶାଣୀ(୨୮)। ତାଙ୍କଠାରୁ ଚୋରି ସାଇକେଲ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୨୭୫।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି।



ରାଉରକେଲା ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ସିଭିକ ସେଣ୍ଟରରେ ଶନିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି। ଫଟୋ: ବିପ୍ଳବ

# ଲୋକେ ଉପକୃତ, କର୍ମଚାରୀ ବଞ୍ଚିତ

**ରାଉରକେଲା,୨୬।୮(ସଙ୍ଗୀତା ଜେନା)**

ପରିବହନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟବାସୀଙ୍କୁ ସୁଲଭ ଦରରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଲାଗି ବସ୍ ସେବା ଯୋଗାଇ ଦିଆଯାଉଛି। ସହରକୁ ଗ୍ରାମାଞ୍ଚଳ ସହ ଯୋଡ଼ିବା, ସୁରକ୍ଷିତ ଯାତ୍ରୀ ପରିବହନ ଆଦି ଏହାର ଲକ୍ଷ୍ୟ ରହିଛି। ଭୁବନେଶ୍ୱର ପରି ରାଉରକେଲା ସ୍ମାର୍ଟସିଟିରେ ପରିବହନ ବ୍ୟବସ୍ଥାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସୁଲଭ ଯାତ୍ରୀ ପରିବହନ ପାଇଁ ରାଜ୍ୟ ସରକାର ଗତ ଜାନୁୟାରୀ ୫ ତାରିଖରେ ମୋ ବସ ସେବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ସହରବାସୀ ବହୁମାତ୍ରାରେ ଉପକୃତ ହେଉଥିଲେ ମଧ୍ୟ ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ଆନୁଷଙ୍ଗିକ ବ୍ୟବସ୍ଥାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି।

ରାଉରକେଲା ଓ ଏହାର ନିକଟବର୍ତ୍ତୀ, ରାଜଗାଙ୍ଗପୁର, ନୂଆଗାଁ, ବିରମିତ୍ରପୁର ଭଳି ଅନେକ ସ୍ଥାନକୁ ପ୍ରାୟ ୯୨ଟି ଉଭୟ ଏସି ଓ ନନ୍ ଏସି ମୋ ବସ ଚଳାଚଳ କରୁଛି। ଏଥିରେ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୭୦ ପ୍ରତିଶତ ମହିଳା କର୍ମଚାରୀ ଅଛନ୍ତି। ମୋ ବସଗୁଡ଼ିକ ବେଦବ୍ୟାସ ଡିପୋରୁ ଆସିବା ପରେ ନୂଆ ବସଷ୍ଟାଣ୍ଡରେ ରହଣି କରିଥାଏ। ପରେ ଉକ୍ତ ବସଷ୍ଟାଣ୍ଡରୁ ବିଭିନ୍ନ ରୁଟ୍‌କୁ ଯାଇଥାଏ। ୭ ମାସ ହେଲା ଏହି ସେବା ଚାଲୁ ହୋଇଥିଲେ ମଧ୍ୟ କର୍ମଚାରୀ ଓ ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ସେଡ୍, ରେଷ୍ଟସେଡ୍, ପାନୀୟଜଳ ଆଦି ବ୍ୟବସ୍ଥା ହୋଇପାରି ନ ଥିବା ଅଭିଯୋଗ ହୋଇଛି। ବସ ଚାଳକ, କଣ୍ଡକ୍ଟର, ମେକାନିକମାନେ ଖରାବର୍ଷାରେ ଖୋଲା ଆକାଶ ତଳେ ସମୟ ଅତିବାହିତ କରୁଛନ୍ତି। ମହିଳା କର୍ମଚାରୀଙ୍କ ପାଇଁ ଶୌଚାଳୟ ନ ଥିବାରୁ ସେମାନେ ସୁଲଭ ଶୌଚାଳୟକୁ ଯାଉଥିବା କହିଛନ୍ତି। ସକାଳ ୬ଟାରୁ ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ଏହି ସେବା ଯୋଗାଉଥିବା କର୍ମଚାରୀମାନେ ବିଭିନ୍ନ ସିଫ୍ଟରେ ବିଶ୍ରାମ କରିବାକୁ ସୁବିଧା ପାଉନାହାନ୍ତି।



ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ମୋ ବସ ରହଣି ସ୍ଥାନ।

**ରାଉରକେଲାରେ ମୋ ବସ୍ ସେବା**

- ମହିଳା କର୍ମଚାରୀଙ୍କ ପାଇଁ ନାହିଁ ମୌଳିକ ସୁବିଧା
- ଶୌଚାଳୟ, ରେଷ୍ଟ ଶେଡ୍ ହୋଇପାରିଲାନି
- ଜିପିଆର୍‌ଏସ୍ ସିଷ୍ଟମକୁ ସଶକ୍ତ କରିବାକୁ ଦାବି
- କଷ୍ଟମର କେୟାର ନମ୍ବର ଲାଗୁ କରିବାକୁ ଦାବି

ରାଉରକେଲା ନୂଆ ବସଷ୍ଟାଣ୍ଡରୁ ଜଗଦା, ଝିରପାଣି, ନୂଆଗାଁ, ଦକ୍ଷିଣ ରାଉରକେଲା, ଛେଣ୍ଡ ଓ ଅନ୍ୟାନ୍ୟ ସ୍ଥାନକୁ ୧୦୨, ୧୦୩, ୧୦୪, ୧୦୬, ୧୦୮, ୧୨୧, ୧୧୬, ୧୨୨ ଓ ଅନ୍ୟାନ୍ୟ ରୁଟ୍‌ରେ ମୋ ବସ ଚଳାଚଳ କରୁଛି। ରୁଟ ନଂ.୧୨୨ରେ କାର୍ଯ୍ୟରତ କର୍ମଚାରୀ କହିଛନ୍ତି, ଦକ୍ଷିଣ ରାଉରକେଲାକୁ ୧୨୨ ନମ୍ବର ରୁଟରେ ସମ୍ପ୍ରତି ୨ଟି ବସ ଚଳାଚଳ କରୁଛି। ଏଠାରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ଏଠାରେ ଅତିରିକ୍ତ ୨ଟି ବସ ଆବଶ୍ୟକ ହେଉଛି। ସେହିପରି ଆଇଡ଼ିଏଲ ଫ୍ୟାକ୍ଟ୍ରିରୁ ରୁଟ୍ ସମ୍ପ୍ରସାରଣ କରି ଡୋଲାକୁଦର, ରାମଯୋଡ଼ି ଆଦିକୁ ମୋ ବସ ସେବା ଦରକାର ପଡୁଛି। ଅନୁରୂପ ଭାବେ ଛେଣ୍ଡ ରୁଟରେ କାର୍ଯ୍ୟରତ ଜଣେ କର୍ମଚାରୀ କହିଛନ୍ତି, ଛେଣ୍ଡରେ ଯାତ୍ରୀଙ୍କ ଚାହିଦାକୁ ଦେଖି ଅଧିକ ବସ ଚଳାଚଳ ହେବା କଥା। ବିରମିତ୍ରପୁରକୁ ଯାଉଥିବା ଯାତ୍ରୀ ପ୍ରତିଭା କିଷାନ କହିଥିଲେ, ମୋ ବସ ସେବା ଆରମ୍ଭ ହେବାଠାରୁ ଆମେ ଘରୋଇ ଅଟୋ ଓ ବସ୍ ଦୌରାତ୍ମ୍ୟରୁ ରକ୍ଷା ପାଇଛୁ। ଏଥିରେ କଷ୍ଟମର କେୟାର ନମ୍ବର, ଜିପିଆର୍‌ଏସ୍ ସିଷ୍ଟମ ସେବା ସଶକ୍ତ ହେଲେ ଯାତ୍ରୀମାନେ ଅଧିକ ସୁବିଧା ପାଇପାରନ୍ତେ। ଏ ସମ୍ପର୍କରେ ଆରଟିଓ ବି. ବି. ସାମନ୍ତସିଂହାରଙ୍କୁ ପଚାରାଯିବାରୁ ସେ କହିଲେ, ମୋ ବସ ସେବା କ୍ୟାପିଟାଲ ରିସୋର୍ସ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପରିଚାଳନା କରୁଛି। ଏଥିରେ ସମସ୍ତ ବ୍ୟବସ୍ଥା କ୍ରୁଟ କର୍ତ୍ତୃପକ୍ଷ କରିବେ। ତେବେ ଏ ସମସ୍ତ ସମସ୍ୟା ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କ୍ରୁଟ୍‌ର (ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ) ଲୋକ ସମ୍ପର୍କ ଅଧିକାରୀ ନିବେଦିତା ସିଂଦେଓ କହିଛନ୍ତି।

### ଫ୍ଲିପକାର୍ଟ ଷ୍ଟୋରରୁ ଡକାୟତି ମାମଲା, ୪ ଗିରଫ

**ରାଉରକେଲା,୨୬।୮(ସଙ୍ଗୀତା ଜେନା)** ଗତ ଜୁଲାଇ ମାସରେ ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲି ସ୍ଥିତ ଫ୍ଲିପକାର୍ଟ ଷ୍ଟୋରରୁ ଡକାୟତି ମାମଲାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୯ କାରମେଲ ସ୍କୁଲ ନିକଟରେ ରହୁଥିବା ଭାଗିରଥୀ ପାଢ଼ୀ, ଉର୍ଦ୍ଦୁ ସ୍କୁଲ ଗଳିର ମୋହିତ ଚୌଧୁରୀ, ମଧୁସୂଦନପାଲିର ସନି ଭଗତ, ଜନତା ନିୱାସ ଗଳିର ବିଶୁ ସାହୁ। ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ୍, ୨ଟି ସ୍ମାର୍ଟ ୱାଚ, ଇଅର ପଡ୍ ଆଦି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୭।୨୩) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଜୁଲାଇ ୧୦ ତାରିଖ ରାତିରେ ଫ୍ଲିପକାର୍ଟ ଷ୍ଟୋର ସଟର କାଟି ଅଭିଯୁକ୍ତମାନେ ପଶିଥିଲେ ଏବଂ ୬ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ।

### ସରସ୍ୱତୀ ବିଦ୍ୟାପୀଠରେ କବିତା ଆବୃତ୍ତି ପ୍ରତିଯୋଗିତା

**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ):** କୋଏଲନଗର ସ୍ଥିତ ସରସ୍ୱତୀ ବିଦ୍ୟାପୀଠରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉପଲକ୍ଷେ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ପ୍ରଧାନ ଶିକ୍ଷକ ଶିବିର ପାଣିଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଚାରକ ଭାବେ ହରମୋହନ ମିଶ୍ର ଓ ପ୍ରଦୀପ କୁମାର ପଣ୍ଡା ଯୋଗଦେଇ କବିତା ଆବୃତ୍ତିର ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ପଲ୍ଲବୀ ତାଣ୍ଡି ପ୍ରଥମ, ସୃଷ୍ଟି କିରୋ ଦ୍ୱିତୀୟ ଓ ସୋହମ କଂସାରୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ପାଖରୁ ପୁରସ୍କୃତ ହୋଇଥିଲେ। ସୁପ୍ରଭା ସାମଲ, ଅନ୍ନପୂର୍ଣ୍ଣା ନାୟକ, ବନିତା ସେଜପଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଏକ୍ସପୋ ମେଳା ଉଦ୍‌ଘାଟିତ

**ରାଉରକେଲା,୨୬।୮(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଏକ୍ସପୋ ମେଳା ଶନିବାର ଉଦ୍‌ଘାଟିତ ହୋଇଛି। ଏହି ମେଳାକୁ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ସଭାପତି ହିମାଂଶୁ ଶେଖର ବଳ, ଜଗଦା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ସଞ୍ଜୀବ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ମେଳାରେ ଥାଇଲାଣ୍ଡ, ଆଫଗାନିସ୍ଥାନ, ବାଙ୍ଗଲାଦେଶ, ମାଲେସିଆ ସମେତ ଭାରତର ଦିଲ୍ଲୀ, ପଞ୍ଜାବ, ମୁମ୍ବାଇ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ରାଜ୍ୟର ବିଭିନ୍ନ ସାମଗ୍ରୀ ଗୁଡିକୁ ଷ୍ଟଲରେ ପ୍ରଦର୍ଶନ କରାଯାଉଛି। ଏଥିସହ ମେଳାରେ ମାଲେସିଆ ଫାଉଣ୍ଟେନ୍, ଥାଇଲାଣ୍ଡର ମେଳା ପାଇନ, କୋକରି, ଆଫଗାନିସ୍ଥାନର ଡ୍ରାଏ ଫୁଡ୍, ବାଙ୍ଗଲାଦେଶର ସିଲ୍‌କି ଶାଢି ସମେତ ଦିଲ୍ଲୀର ବିଭିନ୍ନ ଗାର୍ମେଣ୍ଟସ, ଆସାମର ହ୍ୟାଣ୍ଡଲୁମ, ବୋଧେଇର କାରପେଟ, କେରଳର ହାଲୁଆ ଷ୍ଟଲରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ମେଳାରେ ମୋଟ ୨୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ରଙ୍ଗାରଙ୍ଗ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ମଣ୍ଡଳୀ ସୂଚନା ଦେଇଛନ୍ତି। ଏଥିସହ ମେଳାରେ ସୁସ୍ୱାଦୁ ବ୍ୟଞ୍ଜନ ସହ ପିଲାମାନଙ୍କ ପାଇଁ ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି। ତେଣୁ ସହରରେ ପ୍ରଥମ ଥର କରି ଲାଗିଥିବା ଇଣ୍ଟରନ୍ୟାଶନାଲ ଟ୍ରେଡ ଏକ୍ସପୋ ମେଳାରେ ବହୁସଂଖ୍ୟାରେ ସହରବାସୀ ଯୋଗ ଦେବା ପାଇଁ ଆୟୋଜକ ମଣ୍ଡଳୀ ପକ୍ଷରୁ ଅନୁରୋଧ କରାଯାଇଛି। ଉତ୍ସବରେ ଆୟୋଜକ କମିଟି ବରିଷ୍ଠ ସଦସ୍ୟ ବୀର ବାହାଦୂର ସିଂହ, ଆକାଶ ଯାଦବ, ନିରଞ୍ଜନ ନାୟକ, କିଷ୍ଣା ଦେ, ପ୍ରମୋଦ ଜେନା, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଷ୍ଟଲ ବୁଲି ଦେଖୁଛନ୍ତି।

## ସ୍ୱେରେଜ କାମ ବାଟବଣା, ଆନ୍ଦୋଳନ ଚେତାବନୀ

**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା କୋଏଲ ନଗରର ସ୍ୱରେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ସିପିଆଇମ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଗକୁ ସ୍ୱରେଜ ବ୍ୟବସ୍ଥାକୁ ନେଇ ଆନ୍ଦୋଳନ ହେବ ବୋଲି ଶନିବାର ରାଉରକେଲା ସିପିଆଇଏମ ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ରାଉରକେଲା ଓଡିଶାର ଦ୍ୱିତୀୟ ସ୍ମାର୍ଟସିଟି ମାନ୍ୟତା ପାଇଛି। ତଥାପି ଆରଏମସି ଏବଂ ସ୍ମାର୍ଟସିଟି କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଇବାରେ ଅସମର୍ଥ। ରାଉରକେଲାର କୋଏଲ ନଗର ଅଞ୍ଚଳରେ ବିଶେଷତଃ ସହରର ବରିଷ୍ଠ ନାଗରିକମାନେ ବସବାସ କରନ୍ତି। ମାତ୍ର ଏହି ଅଞ୍ଚଳରେ ସ୍ୱରେଜ ସିଷ୍ଟମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଚାରିଆଡେ ସ୍ୱରେଜ ସିଷ୍ଟମ ଏକପ୍ରକାର ଅଚଳ ହୋଇ ପଡିଛି। ଫଳରେ ବରିଷ୍ଠ ନାଗରିକଙ୍କ ସହିତ କୋଏଲ ନଗର ଅଞ୍ଚଳର ବାସିନ୍ଦା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍ୱରେଜ ସିଷ୍ଟମର ଅଳିଆ ପାଣି ପାଇପ ଜଳରେ ମିଶୁଛି। ବାରମ୍ବାର ମରାମତି କରିବାକୁ କୁହାଗଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। କେତେକ ସ୍ଥାନରେ ଠିକାଦାର ସ୍ୱରେଜ ସିଷ୍ଟମ ମରାମତି କାମ ହାତକୁ ନେଇଥିବା ବେଳେ କାମ କରୁ ନାହାନ୍ତି। ଫଳରେ ସ୍ୱରେଜ ସମସ୍ୟା ଅଞ୍ଚଳବାସୀଙ୍କୁ ବିଭିନ୍ନ ଦୁରାରୋଗ୍ୟରେ ସଂକ୍ରମିତ କରିବା ସହିତ ଲୋକଙ୍କ ସ୍ୱାସ୍ଥ୍ୟରେ ପ୍ରଭାବ ପକାଉଛି। ଏଣୁ ଆଗକୁ ଏ ନେଇ ଆନ୍ଦୋଳନ ହେବ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି।

## ଡିଆଇସିଙ୍କୁ ଦାବିପତ୍ର ଦେଲେ ମାଇନ୍ସ ପ୍ରତିନିଧି

**ରାଉରକେଲା,୨୬।୮(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ସଭାପତି ହିମାଂଶୁ ବଳଙ୍କ ନେତୃତ୍ୱରେ ବଲାଣୀ ଓ ବରସୁଆଁ ମାଇନ୍ସର ଏକ ପ୍ରତିନିଧି ଦଳ ଶୁକ୍ରବାର ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ଇଡ଼ି (ମାଇନ୍ସ) ଆଲୋକ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ବଲାଣୀ ମାଇନ୍ସରେ ମାଇନିଂ ମେଟ୍ କର୍ମଚାରୀଙ୍କୁ ଫୋରମ୍ୟାନ ପ୍ରମୋଶନ, ଭାରିଯାନ ଚାଳକମାନଙ୍କୁ ହେଭି ଇକ୍ୟୁପମେଣ୍ଟ ଅପରେଟର କରିବା, ଆର୍‌ଏସ୍‌ପି କ୍ଲଷ୍ଟର ପ୍ରମୋଶନକୁ ସମ୍ପୂର୍ଣ୍ଣ ଓଡ଼ିଶା ଗ୍ରୁପ୍ ମାଇନ୍ସରେ ଲାଗୁ କରିବା ଆଦି ଦାବି କରିଥିଲେ। ସେହିପରି ବରସୁଆଁ ମାଇନ୍ସରେ ପ୍ରଚଳିତ ରିୱାର୍ଡ ବୋନସକୁ ରିଭାଇଜ କରିବା, ଟେନସା ମେଡ଼ିକାଲରେ ପ୍ରସୂତି ଏବଂ ଶିଶୁ ବିଭାଗ ଡାକ୍ତର ନିଯୁକ୍ତି ସହ ଡିଜିଟାଲ ଏକ୍ସ-ରେ ଏବଂ ଆନାଲାଇଜର ମେଶିନ ସ୍ଥାପନା, ଟେନସା ଖେଳ ପଡ଼ିଆ ମରାମତି ଆଦି ଦାବି କରାଯାଇଥିଲା। ଏହି ଦାବିଗୁଡିକ ଶୀଘ୍ର ପୂରଣ କରାଯିବ ବୋଲି ଭୌମିକ ପ୍ରତିଶ୍ରୁତି ଦେଇଥିଲେ। ବଲାଣୀ ମାଇନ୍ସର ଅଭିମନ୍ୟୁ ସିଂ, କ୍ରିପାଲ ସିଂ, ପରମଜିତ୍ ସିଂ, ଶ୍ୟାମସୁନ୍ଦର ମୁଣ୍ଡା, ମଳୟ ସାହୁ, ମାନସ ପ୍ରଧାନ ଏବଂ ବରସୁଆଁ ମାଇନ୍ସର କ୍ରିଷ୍ଣକାନ୍ତ ଦୁବେ, ପ୍ରଫୁଲ୍ଲ ପାତ୍ର, ପବନ ଠାକୁର, ତ୍ରିଲୋକୀ କୁମାର, ବୁଟୁ ମହାନ୍ତି, ପରେଶ ମିଶ୍ର, ଅମିତେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ମାଇନ୍ସ ପ୍ରତିନିଧି ଦଳ ଡିଆଇସିଙ୍କୁ ଦାବିପତ୍ର ଦେଉଛନ୍ତି।

## ଜାତୀୟ କର ସମ୍ମିଳନୀ ଉଦ୍‌ଘାଟିତ

**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଟ୍ୟାକ୍ସ ବାର ଆନୁକୂଲ୍ୟରେ ଶନିବାର ହୋଟେଲ ପାହାଡିଠାରେ ଜାତୀୟ କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ସମ୍ମାନିତ ଅତିଥି, ଅଲ ଇଣ୍ଡିଆ ଫେଡେରେଶନ ଅଫ ଟ୍ୟାକ୍ସ ପ୍ରାକ୍ଟିସର୍ସ ସଭାପତି ପଙ୍କଜ ଘିୟା, ଅଧକ୍ଷ ବାସୁଦେବ ଚାଟାର୍ଜୀ, ରାଉରକେଲା ଟ୍ୟାକ୍ସ ବାର ସଭାପତି ରାମକୃଷ୍ଣ ମିଶ୍ର, ଜାତୀୟ ଟ୍ୟାକ୍ସ ପାଳନ କମିଟି ଅଧକ୍ଷ ସୁବାଷ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ତାଳପତ୍ର କହିଥିଲେ ଯେ, ଜାତୀୟ କର ସେବା ନିୟମ ଓ ଆଇନରେ ବିଭିନ୍ନ ପରିବର୍ତ୍ତନ ହେଉଛି। ଏତଦବ୍ୟତୀତ ଜାତୀୟ କର ଜନିତ ବହୁ ମାମଲା ଆଇନ ଦୃଷ୍ଟିକୋଣରୁ କମ୍ ତଥ୍ୟାତ୍ମକ ଆଧାରରେ ବେଶୀ ଫଳାଫଳ ଆସୁଛି। ଜାତୀୟ କର ନୀତିରେ ଜୁଡିସିଆଲ ଭିତ୍ତିଭୂମି ଆଶାତୀତ ସୁଦୃଢ ହୋଇପାରିନାହିଁ। ଏହାର ପ୍ରଭାବ ବାଣିଜ୍ୟ, ରାଜସ୍ୱ କ୍ଷେତ୍ରରେ ପଡିବା ସହିତ କର ସେବାରେ ଜଡିତ ଆଇନଜୀବୀ ଏବଂ କରଦାତାମାନଙ୍କୁ ଦ୍ୱିଧାରେ ପକାଉଛି। କର ଜନିତ ମାମଲାରେ ଓକିଲଙ୍କ ଭୂମିକା ଓ କର ଆଇନ ବିଷୟରେ ମୁଖ୍ୟଅତିଥି ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଦାଶ କରଦାତା ଏବଂ ଲୋକମାନଙ୍କ ହିତରେ କିଭଳି ଆଇନଜୀବୀ ଗୁରୁ ଦାୟିତ୍ୱ ତୁଲାଇବେ ତାହା ଉପରେ ବିବରଣୀ ଦେଇଥିଲେ। ମାଷ୍ଟର ଅଫ ସିରୋମନୀ ସୁପ୍ରିତା ଚୌଧୁରୀ ସମ୍ମିଳନୀ ସଂଯୋଜନା କରିଥିଲେ। ପରେ ସେମିନାର ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ମିଳନୀରେ ୩ଶହରୁ ଊର୍ଦ୍ଧ୍ୱ ବରିଷ୍ଠ କର ବିଶେଷଜ୍ଞ, ଆଇନଜୀବୀ, ଚାର୍ଟାଡ ଆକାଉଣ୍ଟାଣ୍ଟ, ବିଭିନ୍ନ କମ୍ପାନୀର ଏକ୍‌ଜିକ୍ୟୁଟିଭ ସଦସ୍ୟ ଓ କରଦାତା ଉପସ୍ଥିତ ଥିଲେ। ରାଉରକେଲା ଟ୍ୟାକ୍ସ ବାର୍ ଉପସଭାପତି ପ୍ରଦୀପ୍ତ କୁମାର ରାଉତ, ସମ୍ପାଦକ ଚଞ୍ଚଳ କେଡିଆ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରଜାପତି, ଆଇଟି ସମ୍ପାଦକ ନରେଶ ଅଗ୍ରୱାଲା, ସହସମ୍ପାଦକ ସଞ୍ଜୟ ମିଶ୍ର, ସହ ସମ୍ମିଳନୀ ସମ୍ପାଦକ ଦିଲୀପ ଅଗ୍ରୱାଲା, ସହସମ୍ପାଦକ ସଞ୍ଜୟ ଅଗ୍ରୱାଲା, ସହ ଅଧକ୍ଷ ପ୍ରତାପ ଚନ୍ଦ୍ର ରଥ, କୋଷାଧକ୍ଷ ବିକାଶ ରାଠି, ପ୍ରଦୀପ୍ତ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାଜେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଅତିଥିମାନେ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ସଭାଘର ପାଇଁ ୪୦ ଲକ୍ଷ

ସରଣ୍ଡା,୨୬।୮(ଯୁଧିଷ୍ଠିର ମହାପାତ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଗୋଡଭଗା ଛକରେ ମୁଖ୍ୟମନ୍ତ୍ରୀ ସଭା ଘର ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ପୂର୍ବରୁ ଗୋଡଭଗାରେ ଏକ କଲ୍ୟାଣ ମଣ୍ଡପ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଶନିବାର ଅନୁଦାନ ସମ୍ପର୍କିତ ଚିଠି ହସ୍ତଗତ ହେବା ପରେ ଅଞ୍ଚବାସୀ ତଥା ସମଲେଶ୍ୱରୀ ମନ୍ଦିର କମିଟି ସଭାପତି ଲକ୍ଷ୍ମଣ ଭୋଇ, ସମ୍ପାଦକ ଜଗଦୀଶ ବାରିକ, ମା' ଦୁର୍ଗା କମିଟି ସଭାପତି କୁଳମଣି ପ୍ରଧାନ, ସମ୍ପାଦକ ରମକିଶନ ଅଗ୍ରୱାଲ, ଲାୟନ୍ସ କ୍ଲବର ଦେବବ୍ରତ ରଥ ଓ ସତୀଶ ଦାଶ ପ୍ରମୁଖ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### କୋସଲ ସେନା ଆନ୍ଦୋଳନ ମୁହାଁ

#### କୋସଲ ସେନା କର୍ମୀଙ୍କୁ ଗିରଫର ପ୍ରତିବାଦ



ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭେଡ଼େନ ଥାନା ରୁଖୁଡ଼ା ଫାଣ୍ଡି ଅନ୍ତର୍ଗତ ଖୁଣ୍ଟପାଲିରେ ଯାତ୍ରା ପୋଷ୍ଟର ଚିରା ଘଟଣାକୁ ନେଇ ପୋଲିସ ଅତାବିରା ଥାନା ନାଇକେନପାଲି ଗ୍ରାମର ରମଣୀ ଦନ୍ତା(୩୯) ଏବଂ ଭେଡ଼େନ ଥାନା ଦେଶକୁମ୍ଭାରୀ ଗ୍ରାମର ସୌମ୍ୟକାନ୍ତ ଦାଶ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ଏବେ ବରଗଡ଼ ସବଜେଲରେ ଅଛନ୍ତି। ତେବେ ରମଣୀ ଏବଂ ସୌମ୍ୟକାନ୍ତ କୋସଲ ସେନାର ୨ଜଣ ସକ୍ରିୟ କର୍ମୀ ହୋଇଥିବାବେଳେ ରାଜନୈତିକ ଚାପ ତଥା ମିଥ୍ୟା ଅଭିଯୋଗରେ ପୋଲିସ ଉଭୟଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରିଥିବା ଅଭିଯୋଗ କରିଛି। ଅନ୍ୟପଟେ କୋସଲ ସେନା କର୍ମୀ ଦେଇଥିବା ଏତଲା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ଏଭଳି ଅଭିଯୋଗ କରି କୋସଲ ସେନାର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ପି.ଏସ୍ ମିନାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କୁ ଭେଟି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଥିଲେ। ପୋଲିସ ଏହାର ନିରପେକ୍ଷ ତଦନ୍ତ ସହିତ ମିଥ୍ୟା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ ନେଲେ କୋସଲ ସେନା ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଉକ୍ତ ସଙ୍ଗଠନର ବିରବଲ ମହାକୁଡ଼ କହିଛନ୍ତି। ବିଭିନ୍ନ ସଙ୍ଗଠନକୁ ଏକାଠି କରି ବେଆଇନ ଗିରଫଦାରି ପ୍ରତିବାଦରେ ବରଗଡ଼ ଜିଲା ବନ୍ଦ ଡାକର ମଧ୍ୟ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋସଲ ସେନାର ଅଶୋକ ଛତର, ସମୀର ଭୋଇ, ହିମାଂଶୁ ସାହୁ, ଗଣେଶ ମଟାରୀ, ଦୀପକ କୁମ୍ଭାର, ସିପୁନ ଖମାରୀ, ପାଉଲ ମେହେରପ୍ରମୁଖ ଜିଲା ପୋଲିସ ମୁଖ୍ୟାଳୟକୁ ଆସିଥିଲେ।

### ସ୍ୱାସ୍ଥ୍ୟ ଆଧାରିତ ତାଲିମ କାର୍ଯ୍ୟକ୍ରମ

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଅଡ଼ିଟୋରିୟମରେ ସ୍ୱାସ୍ଥ୍ୟ ଉପରେ ଆଧାରିତ ଜିଲାସ୍ତରୀୟ ସିବିଏସ୍‌ଇ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ସମସ୍ତ ଦାୟିତ୍ୱ ମା' ବାପା, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପରେ ନ୍ୟସ୍ତ ବୋଲି କହିଥିଲେ। ତାଲିକ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଟୁନା ବିଶ୍ୱାଳ (ସିବିଏସଇ, ୟୁନେସ୍କୋ, ଏନସିଇଆରଟି) ଉତ୍ତମ ସ୍ୱାସ୍ଥ୍ୟ ଉପରେ ପ୍ରଶିକ୍ଷଣ ଏବଂ ବିଭିନ୍ନ ପରାମର୍ଶ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଶିକ୍ଷାକ୍ଷେତ୍ରରେ ସୁଦୃଢ଼ କରିବାକୁ ହେଲେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ। ତାଲିମ କାର୍ଯ୍ୟକ୍ରମରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲାର ୬୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଛନ୍ତି ।

# ହିମାଚଳ ପ୍ରଦେଶକୁ ଲମ୍ବିଛି ଚେର

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)




ଜବତ କଫ ସିରପ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଜିଲା ପୋଲିସ କଫ ସିରପ୍ କାରବାର ଦମନ ଅଭିଯାନକୁ କଡ଼ାକଡ଼ି କରିଛି। ଗତ ୨୨ତାରିଖରେ ପୋଲିସ ୭୮୦୦ ବୋତଲ କଫ ସିରପ୍ ଜବତ କରିବା ସହ ୬୦ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ୫ଦିନ ନ ବିତୁଣୁ ବରଗଡ଼ ପୋଲିସ ପୂର୍ବ ମାମଲାରେ ଲିଙ୍କ୍ ଥିବା ଯୋଗୁ କଟକର ଏକ ଗୋଦାମରେ ଚଢ଼ାଉ କରି ପୁଣି ୮୩୮୦ ବୋତଲ କଫ ସିରପ୍ ଜବତ କରିଛି। ଏହାସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଚୌଦ୍ୱାର ଥାନା ଚାରବାଟିଆର ସିଦ୍ଧାର୍ଥ କୁମାର ନାୟକ(୩୫), ମାଲଗୋଦାମ ଥାନା କଲେଜ ସ୍କୋୟାର ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ବେହେରା(୪୪) ଏବଂ ବରଗଡ଼ ଟାଉନ ଥାନା ଗଙ୍ଗାଧର ନଗର ବାସିନ୍ଦା ଲକ୍ଷ୍ମୀଧର ମେହେର(୩୦)। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫୨୮।୨୩) ରୁଜୁ ହୋଇଛି ।

ବରଗଡ଼ ଏସ୍‌ଡ଼ିପିଓଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, ଗତ ୨୨ତାରିଖରେ ଚଢ଼ାଉରେ ଧରାପଡ଼ିଥିବା ଅଭିଯୁକ୍ତଙ୍କ ବୟାନକୁ ଆଧାର କରି କଟକର ଏକ ଗୋଦାମରୁ ବରଗଡ଼ ଜିଲାକୁ କଫ ସିରପ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଫଳରେ ବରଗଡ଼ ପୋଲିସର ଏକ ଟିମ୍ ଶୁକ୍ରବାର ସେହି ଗୋଦାମକୁ ଠାବ କରିବା ସହିତ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଗୋଦାମରେ ୭୦ କାର୍ଡବୋର୍ଡ଼ କାର୍ଟୁନରେ କଫ ସିରପ୍ ଥିବା ଜଣାପଡ଼ିଥିଲା। ୬୯କାର୍ଟୁନରେ ୧୨୦ଟି ଲେଖାଏଁ ଏବଂ ଅନ୍ୟ ଗୋଟିଏ କାର୍ଟୁନରେ ୧୦୦ ବୋତଲ କଫ ସିରପ୍ ରହିଥିବା ଦେଖିବାକୁ ମିଳିଥିଲା ।

ସେହି କାରବାରରେ ସମ୍ପୃକ୍ତ ଥିବାରୁ ଉକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ ଜେରାବେଳେ ଦିଲ୍ଲୀରେ ଥିବା ମାକ୍ସ ଫର୍ମାସିଉଟିକାଲ ପ୍ରାଇଭେଟ୍ ଲିମିଟେଡ୍‌ରୁ କଟକର ଗୋଦାମକୁ ତାହା ଆସିଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ମାକ୍ସ ଫର୍ମାସିଉଟିକାଲ ପ୍ରାଇଭେଟ୍ ଲିମିଟେଡ୍, ଦିଲ୍ଲୀ ଆକାଉଣ୍ଟରେ ରହିଥିବା ୩୨ଲକ୍ଷ ୯୨ହଜାର ୫୮୨ଟଙ୍କାକୁ ଫ୍ରିଜ୍ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ଜବତ ହୋଇଥିବା କଫ ସିରପ୍‌ର ବ୍ୟାଚ୍ ନମ୍ବରକୁ ଯାଞ୍ଚ କରାଯିବାରୁ ତାହା ହିମାଚଳ ପ୍ରଦେଶର ଏକ କମ୍ପାନୀରୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି ଏବଂ ଏ ନେଇ ଅଧିକ ଖୋଳତାଡ଼ ଚାଲିଛି ବୋଲି ଏସ୍‌ପି ମୀନା କହିଛନ୍ତି। ଆଗକୁ ଏହି ଅଭିଯାନ ଜାରି ରହିବ ଏବଂ ଏଭଳି କାରବାରରେ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ ପ୍ରମୁଖ ଉପସ୍ଥିତ ଥିଲେ।

**କଫ୍ ସିରପ୍ କାରବାର**

- କଟକ ଗୋଦାମରେ ବରଗଡ଼ ପୋଲିସର ଚଢ଼ାଉ
- ପୁଣି ଜବତ ହେଲା ୮୩୮୦ ବୋତଲ କଫ ସିରପ୍
- କଟକରୁ ୨, ବରଗଡ଼ରୁ ଜଣେ ଗିରଫ



ଅବାଧ ଗଛକଟା: ବରଗଡ଼ ଜିଲା ପଦ୍ମପୁର ଖଲିଆପାଲି ପଞ୍ଚାୟତ ଅଧୀନ ଗନ୍ଧମାର୍ଦ୍ଦନ ଜଙ୍ଗଲ ସଂଲଗ୍ନ ମୁଣ୍ଡୋମହୁଲ ଓ ଚକମକଜୁରୀ ରାସ୍ତାକଡ଼ରେ କଟାଯାଇଥିବା ଗଛଗୁଡିକ ପଡିଛି। (ଫଟୋ: ପ୍ରଦୀପ୍ତ)

## ଲମ୍ବରଜୁନାରେ ବେଙ୍ଗ-ବେଙ୍ଗୁଲି ବିବାହ

ପଦ୍ମପୁର,୨୬।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଲମ୍ବରଜୁନା ଗ୍ରାମରେ ଶୁକ୍ରବାର ବେଙ୍ଗ ବେଙ୍ଗୁଲି ବିବାହ ସମ୍ପନ୍ନ ହୋଇଛି। ଏହି ଉତ୍ସବ ଗତ ରବିବାରଠାରୁ ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ଲଗ୍ନ ଅନୁସାରେ ମାଟିପକା, ଝାଙ୍କର ପୂଜା, ଦୁଲାନାଚ, ପାଣି ବଦଳ, ବରାନୁଗମନ, ବିବାହ ପାଣିଗ୍ରହଣ, କନ୍ୟାବିଦାୟ ଓ ଇନ୍ଦ୍ରପୂଜା ଆଦି କାର୍ଯ୍ୟକ୍ରମ ରହିଥିଲା। ମାଧବ ବରିହା ସପତ୍ନୀକ କନ୍ୟା ମାତା ପିତା ଏବଂ ଅଭି ଧରୁଆ ସପତ୍ନୀକ ବର ମାତାପିତା ଦାୟିତ୍ୱ ତୁଲାଇଥିଲେ। ଅମୃତଲାଲ ସାହୁ, ମୀନକେତନ ବିଶ୍ୱାଳ, ବୃନ୍ଦାବନ ବଡେଇ, ମଧୁକର ବିଶ୍ୱାଳ, ଚିନ୍ତାମଣି ବିଶ୍ୱାଳ, ଦିବ୍ୟକିଶୋର ପ୍ରଧାନ, ସାନନ୍ଦ ବାରିକ, କୈଳାଶ ବାରିକ ସହଯୋଗ କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ଯତ୍ନଶୀଳ ହେବାକୁ ପଡ଼ିବ

ପାଇକମାଲ,୨୬।୮(ବଡ ଶତପଥୀ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳନ**

ବରଗଡ ଜିଲା ପାଇକମାଳ ବ୍ଲକ କେର୍ମେଲାବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସଂସ୍କୃତ ଶିକ୍ଷକ ସଂଘ ତରଫରୁ ସଂସ୍କୃତ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ରମେଇ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ସୁରେଶ ଚୌହାନ ମୁଖ୍ୟ ଅତିଥି, ଗୋଷ୍ଠୀ ସହ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ ସମ୍ମାନିତ ଅତିଥି, ସଂସ୍କୃତ ଭାରତୀ ଓଡିଶା ପ୍ରାନ୍ତୀୟ ପ୍ରଶିକ୍ଷଣ ପ୍ରମୁଖ ମାନସ ରଞ୍ଜନ ସାହୁ, ସମ୍ପାଦକ ଅଶ୍ୱିନୀ ସାହୁ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠ୍ ବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ଉପଯୋଗିତା ତଥା ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଭାଷାର ପ୍ରଚାର ପ୍ରସାର ଦିଗରେ ସଂସ୍କୃତ ଶିକ୍ଷକଙ୍କୁ ଯତ୍ନଶୀଳ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଅରବିନ୍ଦ ଦାଶ ଓ ନଗେନ୍ଦ୍ର କୁମାର ପାଣିଗ୍ରାହୀ, ଖବରଦାତା ସୁରଥ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ପ୍ରଧାନ, ଅନିତା ପାଣିଗ୍ରାହୀ, କଳ୍ପନା ସାହୁ, ଆନନ୍ଦିନୀ ସେଠ୍, ଚନ୍ଦନ ବିଶ୍ୱାଳ କେର୍ମେଲାବାହାଲ ଉଚ୍ଚ ବିଦ୍ୟାଳୟ ଓ ପାଇକମାଳ ସଂସ୍କୃତ ଶିକ୍ଷକ ସଂଘର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା ଓ ଶିକ୍ଷକ ଲୋହିତ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବୈଠକ

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)

ମୋ ସ୍କୁଲ ଅଭିଯାନ ପାଇଁ ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଣାପ୍ରତାପ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରିବା ଏବଂ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନରେ ନିଜକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ, ମୃଦୁଳାରାଣୀ ଖୋସଲା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସରକାରୀ ଡାକ୍ତରଖାନା ଦୁରବସ୍ଥା, ସିଡିଏମ୍‌ଓଙ୍କୁ ଦାବିପତ୍ର



ଆପ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବରପାଲି,୨୬।୮(ଚିତ୍ତରଞ୍ଜନ ସାହୁ)

ବରପାଲି ସରକାରୀ ଡାକ୍ତରଖାନାର ଦୁରବସ୍ଥା ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ୫-ଟି ସଚିବ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତଥା ବରଗଡ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ଡାକ୍ତରଖାନା ଉପରେ ବରପାଲି ବ୍ଲକ, ରାମପୁର, ବିଜେପୁର ଓ ଭେଡେନ ବ୍ଲକର ଲୋକ ନିର୍ଭର କରିଥାନ୍ତି। ହେଲେ ଏଠାରେ ଭେଷଜ, ଶିଶୁ ରୋଗ, ଶଲ୍ୟ ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଡାକ୍ତର ନାହାନ୍ତି। ରୋଗ ନିରୂପଣ ପାଇଁ ରକ୍ତ ପରୀକ୍ଷା, ଡିଜିଟାଲ ଏକ୍ସରେ, ଅଲଟ୍ରାସାଉଣ୍ଡ ଆଦି ନାହିଁ। ଫଳରେ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏହାର ସମାଧାନ ପାଇଁ ସିଡିଏମ୍‌ଓଙ୍କ ନିକଟରେ ଦାବି କରାଯାଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ




ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ବୈଠକ ।

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)

**ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଚେତାବନୀ**

ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘ ପରିଚାଳନା ପରିଷଦ, ଉପଦେଷ୍ଟା କମିଟି, ସମସ୍ତ ଶାଖା ପରିଚାଳକଙ୍କ ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଏହି ବୈଠକରେ ସଂଘର ବିଭିନ୍ନ ଦାବି ଅର୍ଥାତ୍ ସପ୍ତମ ବେତନ ବକେୟା ରାଶି ପ୍ରଦାନରେ ବିଳମ୍ବ ଏବଂ ସରକାରଙ୍କ ବିଭିନ୍ନ କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ହାନୀକାରକ ନୀତିଗୁଡ଼ିକ ବିରୋଧରେ ଡାକରା ହୋଇଥିବା ଆନ୍ଦୋଳନର ସଫଳ ରୂପାୟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଘ ସଭାପତି ଅବିନାଶ ପତି କର୍ମଚାରୀମାନଙ୍କୁ ଆନ୍ଦୋଳନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଅବଗତ କରାଇଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ସେପ୍ଟେମ୍ବର ୧ରୁ ମୋ ଘର, ମିଶନ ଶକ୍ତି ସ୍କୁଟର, ବଳରାମ, ବଳିଆ ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ଅସହଯୋଗ କରିବା ପାଇଁ ସଭାପତି ଆହ୍ୱାନ ଦେଇଥିଲେ। ଆସନ୍ତା ୧୦ତାରିଖରୁ କର୍ମଚାରୀମାନେ କଳାବ୍ୟାଜ ପରିଧାନ, ଧାରଣା, ୧୮ରେ ସାମୂହିକ ଛୁଟିରେ ଯିବା ତଥା ସେପ୍ଟେମ୍ବର ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ବନ୍ଦ ପାଳନ ଆଦି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଫୁଟ୍‌ବଲ: ଗଣ୍ଡତୁରୁମ ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳି।

ଭେଡ଼େନ, ୨୬।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ମେହେନା ଗ୍ରାମର ମା' ଆଇବୁଢୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଗଣ୍ଡତୁରୁମ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଉଦେପୁର ଦଳକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ଏହି ଆଖ୍ୟା ଅର୍ଜନ କରିଛି। ସେମିଫାଇନାଲ ମ୍ୟାଚରେ ଯଥାକ୍ରମେ ଗର୍ଭଣାକୁ ହରାଇ ଉଦେପୁର ଏବଂ ମହୁଲେ ଆମ୍ବେଦକର କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଗଣ୍ଡତୁରୁମ ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମହୁଲପାଲି ସମିତିସଭ୍ୟ ଅଶୋକ ଉର୍ମା, ସାମାଜିକ କର୍ମୀ ଚକ୍ରଧର ରଣା ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ଗାଁ ଗାଁ ବୁଲି ଭତ୍ତା ବାଣ୍ଟିଲେ ଏବିଡିଓ

ଭେଡ଼େନ,୨୬।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତରେ ମଧୁବାବୁ ପେନଶନ ଯୋଜନାରେ ସାମିଲ ନୂତନ ହିତାଧିକାରୀଙ୍କୁ ଏବିଡ଼ିଓ ପ୍ରିତିଶ କୁମାର ଦୋରା ଶନିବାର ଗାଁ ଗାଁ ବୁଲି ଭତ୍ତା ବଣ୍ଟନ କରିଛନ୍ତି । ପ୍ରକାଶ ଯେ, ମଧୁବାବୁ ପେନଶନ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କ ଭତ୍ତା ଟଙ୍କା ଗତ ୧୩ତାରିଖରୁ ଉଠାଣ ହୋଇଥିଲେ ମଧ ବଣ୍ଟନ କରାଯାଇ ନ ଥିଲା। ଏପରିକି ବ୍ଲକ ପ୍ରଶାସନ ହିତାଧିକାରୀଙ୍କୁ ପାସବୁକ ମଧ ଦେଇ ନ ଥିଲେ। ଫଳରେ ସେମାନେ ଭତ୍ତା ପାଇବାରୁ ବଞ୍ଚିତ ରହିଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀ ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ଲଲାଟ କୁମାର ଲୁହା ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖନୀୟ, ଭେଡ଼େନ ବ୍ଲକର ୨୧ ପଞ୍ଚାୟତରେ ୨୧୬୦ ଜଣ ନୂତନ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନଶନ ଯୋଜନାରେ ସାମିଲ କରାଯାଇଛି। ଗତ ୧୬ତାରିଖରେ ସବୁ ପଞ୍ଚାୟତରେ ଭତ୍ତା ଦିଆଯିବ ବୋଲି ଉପଜିଲାପାଳ ବ୍ଲକ ପ୍ରଶାସନକୁ ସୂଚନା ଦେଇଥିଲେ। ମାତ୍ର କୌଣସି ସରପଞ୍ଚଙ୍କୁ ସୂଚନା ନ ଦେଇ ବିଧାୟିକା ବ୍ଲକକୁ ଆସି କେଇ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପୂର୍ବ ସୂଚନା ଅନୁସାରେ ଅନେକ ବୃଦ୍ଧାବୃଦ୍ଧ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଭତ୍ତା ନ ପାଇ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା।



ଏବିଡ଼ିଓ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

## ଡିଭିଆର୍ ଆଣ୍ଡ ଜିଆର୍‌ସିଆର୍ ଟ୍ରଷ୍ଟର ପ୍ରତିଷ୍ଠା ସମାରୋହ

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)




ସମାରୋହରେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ପ୍ରାଙ୍ଗଣରେ ଦାସରୀ ଭୀର ରାଜୁ(ଡିଭିଆର୍) ଏବଂ ଗୁନ୍ନମ ରାମ ଚନ୍ଦ୍ର ରାଓ(ଜିଆର୍‌ସିଆର୍) ମେମୋରିଆଲ ଟ୍ରଷ୍ଟର ୧୭ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଗ୍ରାଜୁଏଶନ ଡେ ଭାବେ ପାଳିତ ଏହି ଦିବସରେ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପାରମ୍ପରିକ ଗ୍ରାଜୁଏଶନ ବେଶରେ ମାନପତ୍ର ପ୍ରଦାନ ସହିତ ଉତ୍ସବକୁ ମାତାପିତାଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏବଂ ପରିବାର ସଦସ୍ୟ ସ୍ୱର୍ଗୀୟ ଦାସରୀ ଭୀର ରାଜୁ ଏବଂ ସ୍ୱର୍ଗୀୟ ଗୁନ୍ନମ ରାମଚନ୍ଦ୍ରଙ୍କ ଚିତ୍ରପଟରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଏବଂ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ୨୦୨୨-୨୩ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ ଏବଂ ବିକାଶ ଲ ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ର୍‍ୟାଙ୍କ ପାଇଥିବା ୩୫ ଛାତ୍ରୀଛାତ୍ର, ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିଭିନ୍ନ କଲେଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ବେଷ୍ଟ ଗ୍ରାଜୁଏଟ୍ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଏମ୍‌ପି ଆଚାର୍ଯ୍ୟଙ୍କୁ ସମାଜ ପ୍ରତି ବିଶେଷ ଅବଦାନ ପାଇଁ ଦାସରୀ ଭୀର ରାଜୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଚେୟାରମ୍ୟାନ କ୍ରୀଷ୍ଣା ବିଶ୍ୱବିଦ୍ୟାଳୟ ସ୍ତରରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଉପରେ ବିଶ୍ୱାସ ରଖିଥିବାରୁ ସେମାନଙ୍କ ମାତାପିତାଙ୍କୁ ଧନ୍ୟବାଦ ଦେଇଥିଲେ। ମ୍ୟାନେଜିଂ ଡାଇରେକ୍ଟର ରାଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବାବେଳେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରାଓ ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ଏବଂ ଅନୁଷ୍ଠାନର ଭବିଷ୍ୟତ ଯୋଜନା ଉପରେ ସୂଚନା ଦେଇଥିଲେ। ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ବିକାଶର ସମାଜୋନ୍ମୁଖୀ ଚିନ୍ତାଧାରାର ପ୍ରାଶସ୍ତ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଦାସରୀ ଭୀର ରାଜୁ ମେମୋରିଆଲ ଲେକ୍‌ଚର ମାଧ୍ୟମରେ କ୍ୟାମ୍ପସ ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ହିଣ୍ଡାଲକୋ ଏବଂ ଉତ୍କଳ ଆଲୁମିନାର ଜଏଣ୍ଟ ପ୍ରେସିଡେଣ୍ଟ (ମାନବ ସମ୍ବଳ ବିଭାଗ) କ୍ରୀଷ୍ଣା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଷ୍ଟୁଡେଣ୍ଟ ଟୁ ପ୍ରଫେଶନାଲ ଶୀର୍ଷକ ଉପରେ ସେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିକାଶର ଏକାଡେ଼ମିକ୍ ଡାଇରେକ୍ଟର ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ କୁମାର, ବିକାଶ ଭବାନୀପାଟଣାର ଡାଇରେକ୍ଟର ଡି. ଶ୍ୟାମ, ଡି. ରାମକୁମାର, ଡି. ନିକିତା ଚୌଧୁରୀ, ଅଧ୍ୟକ୍ଷ ଡ. ବିକ୍ରମ ଦାସ, ପ୍ରଫେସର ସତ୍ୟବ୍ରତ ମିଶ୍ର, ପ୍ରଫେସର ୱାଇ.ଡି ଷ୍ଟେଲା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ଏବଂ ଇଂ. ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି) ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ସାଲେପାଲି ପୋଖରୀରେ ବୁଡ଼ି ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ରଣଜୀତ କର୍ତ୍ତା(୬୮)। ଧରୁଆଡିହି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ରଣଜୀତଙ୍କ ମୃତ୍ୟୁ ଘଟିଥିଲା।

### କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ



କୁତ୍ରା,୨୬।୮(ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ପକ୍ଷରୁ ଶନିବାର ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଜବତ କରାଯାଇଛି। ଏଥିସହ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗର ଡ୍ରାଇଭର ମଧୁସୂଦନ ପଟ୍ଟନାୟକ (୨୭) ଓ ଖଲାସି ଅମିତ ଘୋଷ (୨୬)। ପୋଲିସ ୫ କେଜିଆ କେନ୍ଦୁପତ୍ର ବଣ୍ଡଲ ୨୪୦ଟି ଜବତ କରିଥିବାବେଳେ ସେଥିରେ ୧ କୁଇଣ୍ଟାଲ କେନ୍ଦୁପତ୍ର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୁତ୍ରା ପୋଲିସ ପକ୍ଷରୁ ଅପରାହ୍ନରେ ଥାନା ସମ୍ମୁଖରେ ଗାଡି ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ପିକ୍‌ଅପ୍ ଡବ୍ଲ୍ୟୁ ବି ୧୯ ଡି ୬୮୯୩ ଉପରେ ପାଲ ଢାଙ୍କି ଦ୍ରୁତଗତିରେ ଯାଉଥିଲା। ପୋଲିସ ଅଟକେଇବାକୁ ଚେଷ୍ଟା କରିଥିଲେ ହେଁ ସେ ଅଟକି ନ ଥିଲା। ପୋଲିସ ମନରେ ସନ୍ଦେହ ହେବାରୁ ପିକ୍‌ଅପ୍‌କୁ ପିଛା କରି କୁତ୍ରା ଗ୍ରାମଦେବତା ପିଠ ସମ୍ମୁଖରେ ଅଟକାଇ ଥିଲା। ପଚାରା ଉଚୁରା କରିବା ସହିତ ଗାଡି କାଗଜ ପତ୍ର ମାଗିଥିଲେ ହେଁ ସେମାନଙ୍କ ପାଖରେ କିଛି ନଥିଲା। ପୋଲିସ କେନ୍ଦ୍ରପୁତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରିଛି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ



କୁଆଁରମୁଣ୍ଡା,୨୬।୮(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗାୟତ୍ରୀ ମନ୍ଦିର ନିକଟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶନିବାର ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ସଂଘ ଉପଦେଷ୍ଟା କ୍ଷୀରୋଦ ମହାନ୍ତିଙ୍କ ଆବାହକତ୍ୱରେ ଏ ନେଇ ଏକ ବୈଠକ ନିକଟସ୍ଥ ରାଧାଗୋବିନ୍ଦ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଏବିଡିଓ ରତ୍ନାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଅଞ୍ଚଳର ସରକାରୀ, ରେଲୱେ, ଆର୍‌ଏସପି, ସମବାୟ, ଶିକ୍ଷା ଇତ୍ୟାଦି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବୈଠକରେ ସାମିଲ ହୋଇଥିଲେ। ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ବୃକ୍ଷରୋପଣ, ନାଳ ନର୍ଦ୍ଦମା ସଫେଇ, ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର, ଅସହାୟ ବ୍ୟକ୍ତିବିଶେଷଙ୍କୁ ସହାୟତା ଯୋଗାଇବା ଇତ୍ୟାଦି ସଂଘର ପ୍ରାଥମିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସଭାପତି ବିଶ୍ୱାଳ ଅବଗତ କରାଇଥିଲେ। ଏହି ଅବସରରେ ସଂଘର ସାମ୍ବିଧାନିକ ନିୟମ ଅନୁଯାୟୀ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତିଭାବେ ଶିବନାରାୟଣ ସାହୁ, ଉପସଭାପତି ରବିନ୍ଦ୍ର କୁମାର ବେହେରା, ସମ୍ପାଦକ ଗଙ୍ଗାଧର ରଣା, ସହ ସମ୍ପାଦକ ସୁବାସ ତ୍ରିପାଠୀ, କୋଷାଧ୍ୟକ୍ଷ ନିକୁଞ୍ଜ କିଶୋର ସ୍ୱାଇଁ, ଉପଦେଷ୍ଟା ଭାବେ କ୍ଷୀରୋଦ ମହାନ୍ତି, ଉଦୟ ପାତ୍ର, ରତ୍ନାକର ବିଶ୍ୱାଳଙ୍କ ମନୋନୟନ କରାଯାଇଥିବାବେଳେ ଆଇନ ପରାମର୍ଶଦାତାଭାବେ ପ୍ରଶାନ୍ତ କୁମାର ସିହ୍ନା, ଜିତେନ୍ଦ୍ର କୁମାର ମହାକୁଡ଼ଙ୍କୁ ମନୋନୀତ କରାଯାଇଛି।

# ସ୍ୱାବଲମ୍ବୀ କରିଛି ଛତୁ, ଜିଆଖତ ଚାଷ

ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)



ଛତୁ, ଜିଆଚାଷ କରି ସ୍ୱାବଲମ୍ବୀ ହୋଇଥିବା ମହିଳା।

- ୪୪ ମହିଳା ସାଜିଛନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ
- ଛତୁଚାଷରୁ ବାର୍ଷିକ ରୋଜଗାର ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଦୃଢ଼ ମନୋବଳ ଓ ଇଚ୍ଛା ଶକ୍ତି ବଳରେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଫୁଲଧୂଡି ଗାଁର ୪୦ ମହିଳା ଛତୁ ଓ ଜିଆଖତ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନେ ନିଜ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟମାନଙ୍କ ପାଇଁ ଉଦହାରଣ ସାଜିଛନ୍ତି। ୨୦୧୭ ଡିସେମ୍ବର୧ ରେ ସୁନ୍ଦରଗଡ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳରେ ଆରମ୍ଭ ହୋଇଥିବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ଫୁଲଧୂଡି ବନ ସୁରକ୍ଷା ସମିତିର ପୁନଃଗଠନ ପରେ ସୁନ୍ଦରଗଡ ବନଖଣ୍ଡ, ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ ତଥା ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ଦ୍ୱାରା ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ନିରନ୍ତର ସଚେତନତା କରାଯାଉଛି। ତତ୍କାଳୀନ ବନଖଣ୍ଡ ଅଧିକାରୀ ଡ.ଅରୁଣ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗ ଦ୍ୱାରା ୨୦୧୮ରେ ପ୍ରଥମ ଥର ପାଇଁ ଗ୍ରାମର କେତକୀ କାଲୋ ନାମ୍ନୀ ଜଣେ ମହିଳା ଛତୁ ଚାଷ ଆରମ୍ଭ କରି ସଫଳ ହେବା ପରେ ଏହାକୁ ଅନୁସରଣ କରିଥିଲେ ଗ୍ରାମର ଆହୁରି ୧୦ ଜଣ ମହିଳା। ଧୀରେ ଧୀରେ ଏହି ଛତୁ ଚାଷ ଏକ ଚିରସ୍ଥାୟୀ ଜୀବିକାର ସ୍ଥାନ ନେବା ସଙ୍ଗେ ସଙ୍ଗେ ସୃଷ୍ଟି କରିପାରିଛି ୭ ଜଣ ଲକ୍ଷପତି ମହିଳା ଛତୁ ଚାଷୀ। ଉଭୟ ପାଳ ଛତୁ ଓ ଧିଙ୍ଗିଡି ଛତୁରୁ ବାର୍ଷିକ ଆୟ କରୁଛନ୍ତି ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। କେବଳ ଏତିକିରେ ସନ୍ତୁଷ୍ଟ ହୋଇନାହାନ୍ତି ଏହି ଆଗ୍ରହୀ ମହିଳା ଗୋଷ୍ଠୀ। ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିର ସଦବ୍ୟବହାର କରି ୨୦୨୨ରୁ ପ୍ରଥମ କରି ଆରମ୍ଭ ହୋଇଛି ଜିଆଖତ ଚାଷ। ଫୁଲଧୂଡି ବନ ସୁରକ୍ଷା ସମିତିର ୪୪ ମହିଳା ଏଥିରେ ସାମିଲ ହୋଇ ୨୦୨୨ରେ ୫୦୦ ରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଜିଆଖତ ବିକ୍ରି କରିଥିବା ବେଳେ ଚଳିତ ବର୍ଷ ୧୦୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜିଆଖତ ବିକ୍ରି କରି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନଖଣ୍ଡର ବିଭିନ୍ନ ବନାଞ୍ଚଳ ସମେତ ଦେବଗଡ ଓ ବଣାଇଁ ବନଖଣ୍ଡକୁ ଏହି ଜିଆଖତ ବିକ୍ରି କରି ଲାଭବାନ ହୋଇଛନ୍ତି ଏହି ମହିଳା ଗୋଷ୍ଠୀ। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଫୁଲଧୂଡି ଗ୍ରାମର ମହିଳାଙ୍କୁ ବଞ୍ଚିବାର ଏକ ନୂତନ ରାହା ଦେଖାଇବା ସଙ୍ଗେ ସଙ୍ଗେ ଏକ ଚିରସ୍ଥାୟୀ ଜୀବିକା ଦେବାରେ ସକ୍ଷମ ହୋଇଛି ବୋଲି କହିଛନ୍ତି ଗ୍ରାମର ଅଗ୍ରଣୀ ଛତୁଚାଷୀ ଭାରତୀ ପୃଷେଠ ।

## ୨ ଦନ୍ତାଙ୍କ ଉପଦ୍ରବ ଜାରି



ରାସ୍ତା ପାର ହେଉଥିବା ୨ ଦନ୍ତା।

ଲହୁଣୀପଡ଼ା,୨୬।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ବାଙ୍କି ରେଞ୍ଜ ଅନ୍ତର୍ଗତ ରାଜାମୁଣ୍ଡା ସେକ୍ସନରେ ୨ ଜଙ୍ଗଲି ଦନ୍ତା ଗତ କିଛିଦିନ ହେବ ଆତଙ୍କ ଖେଳାଇଛନ୍ତି। ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରିଥିବା ଜଣାପଡିଛି। ହାତୀ ୨ ଟି ବଡ ପୁରୁଣାପାଣି ଭିଏସଏସ ଜଙ୍ଗଲରେ ଥିବା ବେଳେ ବାଙ୍କି ରେଞ୍ଜ ଅଧିକାରୀଙ୍କ ସହକର୍ମଚାରୀ ୧୫ ଜଣିଆ ହାତୀ ଘଉଡାଳି ଦଳ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲ ଆଡ଼କୁ ଘଉଡାଇବାକୁ ଚେଷ୍ଟା ଜାରି ରଖିଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ

**ଘଉଡ଼ାଇବାକୁ ବନ ବିଭାଗର ଉଦ୍ୟମ**

ପରିବାରଙ୍କୁ ପ୍ରାଥମିକ ଅନୁକମ୍ପା ମୂଳକ ସହାୟତା ୨୫ ଶହ ଟଙ୍କା ସହ ଚାଉଳ ଯୋଗାଇଦିଆଯାଇଛି। ଏଥିସହ କ୍ଷତିଗ୍ରସ୍ତ ପରିବାରଙ୍କ ଆବଶ୍ୟକୀୟ ଦସ୍ତାବିଜ ବନବିଭାଗ ସଂଗ୍ରହ କରି ଆଣିଥିବା ବେଳେ ଖୁବ ଶୀଘ୍ର ସେମାନଙ୍କୁ କ୍ଷତିପୂରଣ ସହାୟତା ଯୋଗାଇ ଦିଆଯିବ ବୋଲି ରେଞ୍ଜ ଅଧିକାରୀ ଅଜୟ କୁମାର ଖେସ ପ୍ରକାଶ କରିଛନ୍ତି।

## ମିଶନ ପଥରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ବଡ଼ଗାଁ, ୨୬।୮(ଅଶୋକ ଷଡ଼ଙ୍ଗୀ)

ମହିଳାଙ୍କୁ ସଶକ୍ତିକରଣ କରିବା ସହ ଆତ୍ମନିର୍ଭରଶୀଳ କରିବା ପାଇଁ ଏକ ବଡ଼ ଭୂମିକା ଗ୍ରହଣ କରିଛି ରାଜ୍ୟ ସରକାରଙ୍କ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ। ଏହି ଅଭିଯାନରେ ମହିଳାଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରିବା ସହିତ ତାଲିମ୍ ପ୍ରଦାନ କରୁଥିବାବେଳେ କିଭଳି ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଉଦ୍ୟମ ଚଳାଇଛି ପ୍ରକଳ୍ପ। ଏହି ପରିପ୍ରେକ୍ଷୀରେ ଖଣ୍ଡିୟ ପରିଚାଳନା ଏକକ ସୁନ୍ଦରଗଡ ପକ୍ଷରୁ କ୍ଷେତ୍ରୀୟ ପରିଚାଳନା ଏକକ ବଡ଼ଗାଁର ସହଯୋଗରେ ଗତ ୪ ଦିନ ଧରି ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କର ଆବର୍ତ୍ତନ ପାଣ୍ଠି ବ୍ୟବହାର କରି ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟ ସମ୍ପାଦନ ନିମିନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଫରେଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ସୁଶାନ୍ତ କୁମାର ନାଏକ, ପ୍ରାଣୀ ସମ୍ପଦ ଚିକିତ୍ସକ ଡ.ଦୀପକ କୁମାର୍ ବିନ୍ଧାଣି, କିଷାନ ସାଥୀ ଫାଉଣ୍ଡେଶନର ମୁଖ୍ୟ ଅମୂଲ୍ୟ ଲାକ୍ରା, ଖଣ୍ଡୀୟ ପରିଚାଳନା ଏକକର ବିଷୟବସ୍ତୁ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ ମୁଖ୍ୟ ପ୍ରଶିକ୍ଷଣଭାବେ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ। ଜିଆଖତ ପ୍ରସ୍ତୁତି କାରଣ, ପନିପରିବା ଚାଷ, କୁକୁଡ଼ା,ବତକ, ଗୋ ପାଳନ, ଜୈବିକ କୃଷି ପଦ୍ଧତି ଉପରେ ସେମାନେ ପ୍ରଶିକ୍ଷଣ ଦେଇଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମରେ ୩୦ଟି ବନ ସୁରକ୍ଷା ସମିତିର ୬୨ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬୨୦ ଜଣ ସଭ୍ୟା ଅଂଶଗ୍ରହଣ କରିଥିଲେ। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ବଡ଼ଗାଁର କ୍ଷେତ୍ର ପରିଚାଳନା ଏକକ ମୁଖ୍ୟ ପ୍ରଦୀପ କୁମାର ଭୂତିଆ, ଉପ ବନାଞ୍ଚଳ ଅଧିକାରୀ ଉମା ଶଙ୍କର ନାୟକ, ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ବାରିକ, ସଂଯୋଜିକା ସବିତା ସ୍ୱାଇଁ, ସହଯୋଗୀ ଅନୁଷ୍ଠାନ ସେବକର ଦଳପତି ଏଲିଆସ ଲୁଗୁନ, ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସାହୁ, ବିଜୟ କୁମାର ପରମାଣିକ ତାଲିମ୍ ପରିଚାଳନାରେ ସହଯୋଗ କରିଥିଲେ।

## ଝରିଆ ଗଉଡ଼ ସମାଜ ପକ୍ଷରୁ ବନ ମହୋତ୍ସବ



ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)

କିଞ୍ଜିରକେଲାସ୍ଥିତ ଗିରିଗୋବର୍ଦ୍ଧନ ପର୍ବତରେ ଝରିଆ ଗଉଡ ସମାଜ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଉଡ ସମାଜ ସଭାପତି ସୁରେଶ ଚନ୍ଦ୍ର ବାଘଙ୍କ ନେତୃତ୍ୱରେ ପ୍ରଥମେ ଗିରିଗୋବର୍ଦ୍ଧନ ପର୍ବତରେ ଶ୍ରୀକୃଷ୍ଣଙ୍କୁ ପୂଜା କରାଯାଇଥିଲା। ପରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କିଞ୍ଜିରକେଲା ଗୌନ୍ତିଆ ଅଶୋକ ନାଏକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବ୍ରଜ କିଶୋର ସାହୁ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସମାଜର ଜିଲା ଉପଦେଷ୍ଟା ଗଜେନ୍ଦ୍ର ଭଏଁସାଲ, ସାମାଜିକ ପଞ୍ଚାୟତସ୍ତରୀୟ ସଭାପତି ସହଦେବ ରାୟ, ଉପସଭାପତି ଲାଲୁ ଲାରିଆ, ବେହେରାଡିହି ସାମାଜିକ ସଭାପତି ମଧୁସୂଦନ କଉଡି, ସେକ୍ରେଟାରୀ ଦଶ୍ରୁ କଉଡି, ଦେଓଭୁବନପୁର ସାମାଜିକ ପଞ୍ଚାୟତସ୍ତରୀୟ ସଭାପତି କୃଷ୍ଣଚନ୍ଦ୍ର ଚିତା, ବଡ଼ଗାଁ ସଭ୍ୟ ସୁବାସ ଡିଲା, ବିରକାଲଡ଼ିହି ସଭାପତି ସତ୍ୟାନନ୍ଦ ବାଘ ଓ ସମାଜର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ବନ ବିଭାଗର ଫରେଷ୍ଟର ସାନିକା ଟପ୍ପୋ ମଧ୍ୟ ଏଥିରେ ଯୋଗଦେଇଥିଲେ।

## କୋଇଡ଼ା ଖଣି ଅଞ୍ଚଳରୁ ବାରମ୍ବାର ମାଙ୍ଗାନିଜ ଚୋରି

ଟେନ୍‌ସା,୨୬।୮(ସମୀର ପାଢ଼ୀ)

କୋଇଡା ଖଣି ଅଞ୍ଚଳରୁ ବାରମ୍ବାର ମାଙ୍ଗାନିଜ ଚୋରି ହେଉଛି। ଦିନ ଦ୍ୱିପହରରେ ମେସିନ୍ ଏବଂ ଶ୍ରମିକ ଲଗାଇ ମାଙ୍ଗାନିଜ ଚୋରି କରାଯାଉଛି। ଏଠାରେ ବନ୍ଦ ପଡ଼ିଥିବା ମାଙ୍ଗାନିଜ ଖଣି ଏବଂ ଉତ୍ତୋଳନ ହୋଇ ଗଚ୍ଛିତ ଥିବା ମାଙ୍ଗାନିଜ ପଥର ଉପରେ ରାଜ୍ୟ ବାହାର ଖଣି ମାଫିଆଙ୍କ ନଜର ରହିଛି। ତେବେ ଏ ସବୁ ଚୋରି ସମ୍ଭବପର କିପରି ହୋଇପାରୁଛି ତାହା ଏବେ ବଡ଼ ପ୍ରଶ୍ନ। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଶୁକ୍ରବାର ମଧ୍ୟ ରାତ୍ରୀରେ କୋଇଡା ବ୍ଲକ୍ ମାଲଦା ପଞ୍ଚାୟତ ଗଣୁଆଁ ଅଞ୍ଚଳର କେନାଭେଟା ଜଙ୍ଗଲ ମଧ୍ୟରୁ ମାଙ୍ଗାନିଜ ଚୋରି କରୁଥିବା ଏକ ଓଡି ୦୯ ଏସ୍ ୬୯୦୦ ନମ୍ବର ଟ୍ରକ୍‌କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଟ୍ରକ୍‌କୁ ଜବତ କରିଥିଲେ। ହେଲେ ଘଟଣା ସ୍ଥଳରୁ ଖଣି ମାଫିଆ ସମେତ ଡ୍ରାଇଭର ହେଲ୍ପର ଟ୍ରକକୁ ଛାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।



ଜବତ ଚୋରି ମାଙ୍ଗାନିଜ।

## ଯୋଗାଣ ସହାୟକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବଡ଼ଗାଁ,୨୬।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବି ସମ୍ବଳିତ ପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଏଥିସହ ଶାସନ ସଚିବ, ଖାଦ୍ୟ ଯୋଗାଣ ଓ କଲ୍ୟାଣ ବିଭାଗଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ଯୋଗାଣ ସହାୟକ ସଂଘର ନିଳୀମା ରାଉତରାୟ, ମଧୁମିତା ପଣ୍ଡା, କଲ୍ୟାଣୀ ଚୌଧୁରୀ, ଲବ ପ୍ରଧାନ, ନାରାୟଣ ବିଶ୍ୱାଳ, ମାନୁଆଲ ଖାଲକୋ, ଗୋବିନ୍ଦ ଚନ୍ଦ୍ର ବେହେରା, ଆଲିରାମ ସାହୁ, ସୁଧୀର ଟପୋ, ବିଜୟ ଲକ୍ଷ୍ମୀ ରୋହିଦସ, ଚନ୍ଦନ ସାହୁ ପ୍ରମୁଖ କର୍ମକର୍ତ୍ତା ବିଡିଓଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।



ଯୋଗାଣ ସହାୟକ ସଂଘର କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡ଼ା,୨୬।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଝିରପାଣି (ଝରାଟୋଲା) ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମାସି ମୁଣ୍ଡା(୪୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପାରିବାରିକ କଳହରୁ ମାସି ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ସରକାରୀ କଲେଜରେ ନାରୀ ସମାନତା କର୍ମଶାଳା

ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ ନାରୀ ସମାନତା ସମ୍ପର୍କିତ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ଆଲୋକ କୁମାର ନାଏକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଏସପି ଅମୃତା ନନ୍ଦିନୀ ମହାନ୍ତି ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ନାରୀ ଅଧିକାର, ସମାନତା ଉପରେ ସମ୍ବିଧାନରେ ସ୍ଥାନୀତ ବିଭିନ୍ନ ଧାରାର ବିଶ୍ଳେଷଣ ସହ ନାରୀ ସଶକ୍ତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞଭାବେ ସିଆର ଆରଟିଡିର କମିଟି ମେମ୍ବର ତଥା ସାମାଜିକକର୍ମୀ ସମିମା ବେଗମ ଯୋଗଦେଇ ଛାତ୍ରୀଙ୍କୁ ନିଜ ଅଧିକାର, ସ୍ୱାଧୀନ ଚିନ୍ତା, ମାନସିକ ସ୍ତରରେ ଦୃଢ଼ତା ରହିବା ପାଇଁ ବକ୍ତବ୍ୟ ପ୍ରଦାନ କରିବାସହ ବିଭିନ୍ନ ପ୍ରଶ୍ନୋତ୍ତର ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଆଞ୍ଜେଲିନ୍ କିଣ୍ଡୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଅଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ ଏବଂ ସହକାରୀ ପ୍ରଫେସର ନୂତନ ଖମାରୀ ବର୍ତ୍ତମାନ ସମୟରେ ନାରୀଙ୍କ ସ୍ଥାନ ତଥା ନାରୀ ସମାନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ବିକାଶ ବିଭାଗର ସଭ୍ୟା ଡ.ଅନୀମା ତିର୍କୀ, ମେରୀ ରୋଜ ଲାକ୍ରା, ପ୍ରଜ୍ଞା ପରମିତାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ତଥା ଛାତ୍ରୀଛାତ୍ର ଯୋଗଦେଇଥିଲେ। ସହକାରୀ ପ୍ରଫେସର ଡ.ବିନୋଦ ବିହାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି।

## ୨୦୨୪ ନିର୍ବାଚନରେ ବଣେଇଁରେ ଶଙ୍ଖନାଦ କରିବ

ଲହୁଣୀପଡ଼ା,୨୬।୮(ଦାଶରଥି ପଣ୍ଡା)




ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବିଜେଡିର ବିରାଟ ସାଧାରଣ ସଭା**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଶସ୍ୟକଳା ପଞ୍ଚାୟତ ବରସୁଆଁ ରେଳ ଷ୍ଟେସନ ନିକଟରେ ଶନିବାର ରାଉରକେଲା ସାଙ୍ଗଠନିକ ଜିଲା ବିଜୁ ଜନତା ଦଳ ତରଫରୁ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶ୍ରମ ଓ ଇଏସଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଉପସ୍ଥିତ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶାରେ ବିଜେଡି କ୍ଷମତାସୀନ ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ବଣେଇଁ ନିର୍ବାଚନମଣ୍ଡଳୀରେ ସାମାନ୍ୟତମ ବିକାଶ ଦେଖିବାକୁ ମିଳି ନ ଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ଜାରି ରହିଥିବା ବେଳେ ଏ ଅଞ୍ଚଳକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରି ସାରିଛନ୍ତି। ନିର୍ବାଚନ ମଣ୍ଡଳୀର ୨ଟି ବ୍ଲକରେ ଖଣି ରହିଥିବାରୁ ସେହି ଖଣିରେ ପେଟ ପାଟଣା ପାଇଁ ଶ୍ରମିକମାନେ ନିର୍ଭର କରି ଆସୁଥିଲେ ମଧ ସେମାନେ ଶୋଷିତ ହେଉଛନ୍ତି। ଶ୍ରମିକଙ୍କ ଶୋଷଣ ପରିବର୍ତ୍ତେ ଉତ୍ଥାନ କରାଯିବ ବୋଲି ମନ୍ତ୍ରୀ ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଗରିବ ଆଦିବାସୀ ଜନ ସାଧାରଣଙ୍କ ଉନ୍ନତି ପାଇଁ ବିଜୁ ଜନତା ଦଳର ଏକ ବିଧାୟକର ଆବଶ୍ୟକତା ଅଛି। ୨୦୨୪ ସାଧାରଣ ନିର୍ବାଚରେ ନିର୍ବାଚନ ମଣ୍ଡଳୀରେ ଶଙ୍ଖ ନାଦ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ସେ କହିଥିଲେ। ସଭାରେ ଜିଲା ସଭାପତି ହାଲୁ ମୁଣ୍ଡାରୀ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ତଥା ସୁନ୍ଦରଗଡ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ସୁନ୍ଦରମଣି ପ୍ରଧାନ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚରେ ବଣେଇଁ ପର୍ଯ୍ୟବେକ୍ଷକ ଷ୍ଟାଲୀନ ପରିଜା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ସାମାଜିକକର୍ମୀ ବଜରଙ୍ଗ ଅଗ୍ରୱାଲ, ବିରମିତ୍ରପୁର ମ୍ୟୁନସିପାଲିଟି ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ଉପସଭାପତି ଜୟନ୍ତ କୁମାର ମିଶ୍ର, ସମ୍ପାଦକ ଦିଗାମ୍ବର ମହାନ୍ତି, ଶ୍ରମିକ ନେତା ପ୍ରସନ୍ନ କୁମାର ନାୟକ, ମଧୁସୂଦନ ନାୟକ, ବୈଦ୍ୟନାଥ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁ ଚରଣ ସ୍ୱାଇଁ, କରୁଣାକର ପାତ୍ର, ରମେଶ ନାୟକ, ସନ୍ଧ୍ୟାରାଣୀ ଲାକ୍ରା, ସାମୁଏଲ ହର, କେଦାର ମାହାନ୍ତ, ଅଜୟ ନାୟକ, ବୈଲୋଚନ ନାୟକ, କାନ୍ଦୁର କିଷାନ, ଉମେଶ ରାୟ, ସନ୍ତୋଷ ରାୟଙ୍କ ସମେତ ବରସୁଆଁ ଓ ଭୁଡୁଡା ପଞ୍ଚାୟତର କର୍ମୀ ଓ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଓ ସିପିଆଇଏମ ଦଳରୁ ମନୋଜ ଯୋଯୋ, ଲକ୍ଷ୍ମୀ ପାତ୍ର, ଉଷାରାଣୀ ବେହେରା, ପଦ୍ମାବତୀ ବୋଦ୍ରା, ଆଲିଆସ ମାଝି, ଅନିତା ବେହେରା, କୁନି ବାରିକ ସମେତ ପ୍ରାୟ ୧୦ଜଣରୁ ଊର୍ଦ୍ଧ୍ୱ ଦଳରେ ସାମିଲ ହୋଇଥିବାରୁ ସମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ। ଏହି ସାଧାରଣ ସଭାରେ ବହୁ ସଂଖ୍ୟାରେ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଇମା ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ତାର

ନୂଆପଡ଼ା,୨୬।୮ (ମକାରୁ ବେମାଲ)

ନୂଆପଡା ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ମାଲିମୁଣ୍ଡାଠାରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଘାଟିପଡ଼ାଠାରୁ ଧିଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ୯୦ କି.ମି. ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ କେଉଁଠି ଖାଲଖମା ତ କେଉଁଠାରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋମନା ବ୍ଲକ ଅନ୍ତର୍ଗତ ଖଗ୍ରାହି ପଞ୍ଚାୟତ ମାଲିମୁଣ୍ଡା ଗାଁ ନିକଟ ବିଜୁ ଏକ୍ସପ୍ରେସ ୱେ ଉପରେ। ମାଲିମୁଣ୍ଡା ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ୧୧ କେଭି ତାର ବିଜୁ ଏକ୍ସପ୍ରେସ ୱେ ପାରି ହୋଇ ଗାଁକୁ ଯାଇଛି। ଗାଁକୁ ସଂଯୋଗ କରୁଥିବା ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇ ଯାଇଥିବା ବେଳେ ତାର ଝୁଲି ରହିଛି। ସେହି ରାସ୍ତା ଦେଇ ଯାଉଥିବା ଗାଡ଼ିରେ ଲାଗି ଯିବା ସମ୍ଭାବନା ରହିଛି। ଦିନକୁ ଦିନ ଶହ ଶହ ଯାନବାହନ ଚଳାଚଳ କରୁଛି। କେତେବେଳେ ପଡ଼ି ଯିବା ସମ୍ଭାବନା ରହିଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଖୁଣ୍ଟ ବାହାର କରି ନୂତନ ଖୁଣ୍ଟ ପୋତିବା ସହ ଝୁଲି ରହିଥିବା ତାର ଟଣାଯାଉ ବୋଲି ସାଧାରଣରେ ଦାବି ହେଉଛି।



### ଚାଇନା ପତ୍ରିକାରେ ସ୍ଥାନିତ ହେଲା ଡ.ଭବାନୀ ଶଙ୍କର ନିଆଲଙ୍କ କବିତା

ଭବାନୀପାଟଣା,୨୬।୮ (ଉତ୍ତମ କୁମାର ଦାଶ)

ଚାଇନାର ପ୍ରସିଦ୍ଧ ସାହିତ୍ୟ ପତ୍ରିକା ରେଡିସନ ଅଫ ଇଣ୍ଟରନ୍ୟାଶନାଲ ପୋଏଟ୍ରିରେ ସ୍ଥାନିତ ହେଲା ଭାରତୀୟ କବି ଡ଼.ଭବାନୀ ଶଙ୍କର ନିଆଲଙ୍କ କବିତା କାଲି ଯାହା ସତ ଥିଲା ଆଜି ମିଛ, ଦ୍ରୁତ ଟ୍ରେନର ଗତି ଓ ଦିନେ ମୋତେ ବି ମରିବାର ଅଛି। ସୂଚନାଯୋଗ୍ୟ ଯେ, ଉକ୍ତ ପତ୍ରିକା ଚାଇନାର ମୁଖ୍ୟ ଧାରାର ପତ୍ରିକା। ଏହାର ସମ୍ପାଦନା କରିଛନ୍ତି ଡ଼.ଜାଙ୍ଗ ଜି। ଜଣେ ଚାଇନାର ବିଖ୍ୟାତ କବି ତଥା ସମ୍ପାଦକ। କ୍ରମାଗତ ଭାବେ କବି ନିଆଲଙ୍କ କବିତା ଇଂରାଜୀ, ଇଟାଲୀ, ରୁଷ, ଫ୍ରାନ୍ସ, ଚୀନ, ଆର୍ବିକ, ପାର୍ସିଆ, ପୋଲିସ, ସ୍ପେନିସ, ଆଲବାନିୟନ, ଫିଲିପିନୋ, ଭିଏତନାମା, ଜାପାନ, କିର୍ଗିଜ, ହିବ୍ରୁ ଭଳି ଆନ୍ତଃରାଷ୍ଟ୍ରୀୟ ଭାଷାରେ ଅନୁଦିତ ହୋଇଛି। ତାଙ୍କ ବହୁ ଚର୍ଚ୍ଚିତ ଲକଡାଉନ ପୁସ୍ତକ ସଂକଳନ ୪ଟି ବିଦେଶୀ ଭାଷା ଯଥା, ଇଟାଲୀ, ଜର୍ମାନି, ଫ୍ରାନ୍ସ ଓ ଫିଲିପ୍ପିନିରେ ପୁସ୍ତକ ପ୍ରକାଶିତ ହୋଇଛି। ବର୍ତ୍ତମାନ କବି ଡ଼. ଭବାନୀ ନିଆଲଙ୍କ କବିତା ପୁନଃ ଚାଇନା ପତ୍ରିକାରେ ପ୍ରକାଶିତ ହେବା ଏକ ଗର୍ବର ବିଷୟ।

### ରାସ୍ତା କାମର ଟଙ୍କା ହଡ଼ପ ଅଭିଯୋଗ କଲେ ପେଟି ଠିକାଦାର

ଖଡ଼ିଆଳ,୨୬।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ବୋଡେନ ବ୍ଲକ ଭାଇସାଦାନି ଗ୍ରାମଠାରୁ ପାଟଦରା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କାମ ଟଙ୍କା ହଡ଼ପ କରାଯାଇଛି। ଏ ନେଇ ଜଣେ ପେଟି ଠିକାଦାର ଖଡ଼ିଆଳ କଲ୍ୟାଣ ମଣ୍ଡପ ଦୁଇରେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ୨୦୨୦-୨୧ରେ ଠିକାଦାର ରାମଜାନୀ ସିଂ ମା' ଭବାନୀ କନଷ୍ଟ୍ରାକସନ କମ୍ପାନୀ (ବିହାର)ଙ୍କ ନାମରେ ମୋଟ ୨,୯୫ ଲକ୍ଷ ଟଙ୍କା କାମ ହୋଇଥିଲା। ଏହି କାମ ପେଟି ଠିକାଦାର ସୁଭାଷ କୁମାର ସିଂଙ୍କ ମାଧ୍ୟମରେ ତିଆରି ହୋଇଥିଲା ବୋଲି ସମ୍ମିଳନୀରେ ପ୍ରକାଶ କରିଥିଲେ। ପ୍ରଥମ ଫେଜ ଓ ଆର୍ ୨୪୮୭ କାମର ଟଙ୍କା ପାଇଥିଲେ, ୨ୟ ଫେଜ ଓ ଆର୍ ୨୪୮୮ କାମର ଟଙ୍କା ହାରାହାରି ୧ କୋଟି କୋଟି ଟଙ୍କା ମୁଖ୍ୟ ଠିକାଦାରଠାରୁ ପାଇଁ ନ ଥିବା ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଏହି କାମ ଚାଲୁଥିବା ସମୟ ପୂର୍ବରୁ ୨୦୧୬ରେ ବିଲ ତିଆରି ହୋଇ ଟଙ୍କା ଉଠାଣ ହୋଇଥିବା ସୂଚନା ଆଇନ ମାଧ୍ୟମରେ ଜାଣିଥିଲେ ବୋଲି ସୁବାସ କୁମାର ସିଂହ କହିଥିଲେ। କାମର ଟଙ୍କା ପାଇ ନ ଥିବା ବେଳେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି କାମ ଭୁବନେଶ୍ୱର ଏକ କମ୍ପାନୀ ମାଧ୍ୟମରେ ହେଉଥିବାରୁ କିଛି କରି ହେବ ନାହିଁ ବୋଲି କହିବାରୁ ଥାନାରେ ଅଭିଯୋଗ ଦେବାକୁ ଜିଲାପାଳ କହିଥିଲେ। ଥାନାର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଥିଲେ। ନିଜ ଟଙ୍କା କେମିତି ଫେରସ୍ତ ପାଇବେ ବୋଲି ପ୍ରେସ ବିବୃତିରେ ଅନୁରୋଧ କରିଥିଲେ।



ଜିଲାସ୍ତରୀୟ ଏସଆଇଓଏସ ମେଘା କ୍ୟାମ୍ପରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ।

# ଗୋଟିଏ ଦିନରେ ନାମ ଲେଖାଇଲେ ୫୦୧ ଛାତ୍ରୀଛାତ୍ର

ଭବାନୀପାଟଣା,୨୬।୮
(ଉତ୍ତମ କୁମାର ଦାଶ)

**ଜିଲାସ୍ତରୀୟ ଏସ୍ଆଇଓଏସ୍ ମେଘା କ୍ୟାମ୍ପ**

**■ କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟର ମେଘା ପ୍ଲାନ**

ଅଧାରୁ ପାଠ ଛାଡ଼ିଥିବା କିମ୍ବା ଦଶମରେ ଫେଲ ଅବା ଅନୁପସ୍ଥିତ ଥିବା ବହୁସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏସ୍ଆଇଓଏସ୍)ରେ ଏକାଥରକେ ନାମ ଲେଖାଇବା ଉଦ୍ଦେଶ୍ୟରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ଜିଲାର ୧୩ଟି ବ୍ଲକରୁ ବହୁସଂଖ୍ୟକ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି, ଏସଆଇଓଏସ ସଂଯୋଜକ, ବିଇଓ, ଏବିଇଓମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଏସଆଇଓଏସରେ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ଡ୍ରପଆଉଟ ପିଲାଙ୍କୁ ଏସଆଇଓଏସରେ ନାମ ଲେଖାଇ ପୁଣିଥରେ ମୁଖ୍ୟସ୍ରୋତକୁ ଆଣିବା ପାଇଁ ନିଆରା ପ୍ରୟାସ ଜାରି ରଖିଛି। ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟକୁ ଏହିପରି ୧୦ରୁ ୧୫ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ପ୍ରଦାନ କରିବା ସହିତ ଜଣେ ପଏଣ୍ଟ ପର୍ସନ ନିଯୁକ୍ତି କରାଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଘରକୁ ଘର ଯାଇ ପିଲାଙ୍କୁ କାଉନସେଲିଂ କରୁଛନ୍ତି। କିଛି ପିଲା ରାଜ୍ୟ ବାହାରେ ଥିଲେ ମଧ୍ୟ ତାଙ୍କ ଫୋନ ନମ୍ବର୍ ସଂଗ୍ରହ କରି ସେମାନଙ୍କୁ ବୁଝାଉଛନ୍ତି। ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ ବାଣ୍ଟିବା ସହିତ ଅଟୋ ରିକ୍ସାରେ ବୁଲି ମାଇକ ଯୋଗେ ଘୋଷଣା କରୁଛନ୍ତି। ଡିଇଓ, ଏଡିଇଓ, ବିଇଓ ତଥା ଏସଆଇଓଏସ ସଂଯୋଜକମାନେ ଏହାକୁ ତଦାରଖ କରି ଏହାର ପ୍ରଗତିର ସମୀକ୍ଷା କରୁଛନ୍ତି। ଜିଲା ଶିକ୍ଷା ବିଭାଗ ଏଥିରେ ଏମିତି ଲାଗିପଡ଼ିଛି ଯେ, କଳାହାଣ୍ଡିରେ ଏହା ଏକ ଆନ୍ଦୋଳନର ରୂପ ନେଇ ସାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କ୍ୟାମ୍ପରେ ଗୋଟିଏ ଦିନରେ ମୋଟ ୫୦୧ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ଆଜି ପର୍ଯ୍ୟନ୍ତ ଜିଲାରେ ୮୪୭ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଆଗାମୀ ୩୧ ତାରିଖ ମଧ୍ୟରେ ଏହିପରି ୧୦୦% ଛାତ୍ରୀଛାତ୍ରଙ୍କ ନାମ ଲେଖା ସାରିବା ପାଇଁ ଜିଲା ଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି ବୋଲି ଜିଲା ବିଜ୍ଞାନ ପାର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ବ୍ଲକ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା ଧନ୍ୟବାଦ ଅର୍ପଣ କରିଥଲେ।

# କୋକସରା ଜେଏମ୍ଏଫ୍‌ସି କୋର୍ଟର ୪ର୍ଥ ପ୍ରତିଷ୍ଠା ଦିବସ ପାଳିତ

କୋକସରା,୨୬।୮
(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକଠାରେ ୨୦୧୯ ଅଗଷ୍ଟ ୨୬ରେ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଶନିବାର ୪ବର୍ଷ ପୂର୍ତ୍ତି ଅବସରରେ କୋକସରା ବାର ଆସୋସିଏଶନ ପକ୍ଷରୁ କୋର୍ଟ ପରିସରରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜେଏମଏଫସି କୋର୍ଟ ବିଚାରପତି ରିତିକା ଜେନା ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ୪ବର୍ଷ ପୂର୍ତ୍ତି ଅବସରରେ କେକ କାଟି ଶୁଭେଚ୍ଛା ଜଣାଇବା ସହ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ବାର ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରି, ସମ୍ପାଦକ ଲକ୍ଷ୍ମୀଧର ମେହେର, ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜେଏମଏଫସି କୋର୍ଟ କୋକସରା ବ୍ଲକରେ ପ୍ରତିଷ୍ଠା ଫଳରେ ଏହି ଅଞ୍ଚଳର ଜନସାଧାରଣ ଉପକୃତ ହୋଇଛନ୍ତି। ବାର ଆସୋସିଏଶନ ପକ୍ଷରୁ ମଧ୍ୟ ବିଭିନ୍ନ ମାମଲା ନେଇ ଆସୁଥିବା ଜନସାଧାରଣଙ୍କୁ ଉପଯୁକ୍ତ ସେବା ଦିଆଯାଉଛି ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ପ୍ରିୟ ରଞ୍ଜନ ବେହେରା, ଆଇନଜୀବୀ ପଞ୍ଚାନନ ବେଶ୍ରା, ମାନସ ରଞ୍ଜନ ସିଂ, ରସିକ ରାଜ ଦୁର୍ଗା, ପ୍ରେମଲାଲ ସିଂ, ମନୋଜ କୁମାର ନାଏକ, ଲଳିତ କୁମାର ଦାସ, ଝୁନା ଦାସ, ଉଗ୍ରେସନ ବାଗ, ଜଗା ପଟ୍ଟନାୟକ, ସୁଜିତ ପଟ୍ଟନାୟକ ଓ ଜେଏମଏଫସି କୋର୍ଟର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।




ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

# କଲେଜ, ଛାତ୍ରୀଛାତ୍ରଙ୍କ ସମସ୍ୟା ନେଇ ଆଲୋଚନା

ଖଡ଼ିଆଳ,୨୬।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ସମସ୍ତ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଖଡ଼ିଆଳସ୍ଥିତ ଅଗ୍ରେସେନ ଭବନଠାରେ ଟୁଲୁ ବାବୁଙ୍କ ନେତୃତ୍ୱରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଲେଜ ଏବଂ ଛାତ୍ରୀଛାତ୍ରଙ୍କ ସମସ୍ୟା ନେଇ ଆଲୋଚନା ହୋଇଥିଲା ଏବଂ ତା'ର ସମାଧାନ ପାଇଁ ଆଗତ କରାଗଲା। ଜିଲାର ୫ଟି ବ୍ଲକ ଓ ୩ଟି ଏନ୍ଏସିରେ ମୋଟ ୮ଟି ସେଣ୍ଟ୍ରାଲ ଲାଇବ୍ରେରିର ପ୍ରତିଷ୍ଠା, ଜିଲାରେ ଥିବା ସମସ୍ତ କଲେଜରେ ଶ୍ରେଣୀ ଗୃହ ଅଭାବ ପୂରଣ, ଛାତ୍ର ବୃତ୍ତି ଓ ସ୍କୋଲାର ସିପ ବୃଦ୍ଧି, କୌଣସି ଗରିବ ପିଲା ଟଙ୍କା ପାଇଁ ଶିକ୍ଷାରୁ ବଞ୍ଚିତ ନ ହେବା ଏବଂ ଦାଦନ ଖଟି ନ ଯାଉ, ଛାତ୍ରୀଛାତ୍ରଙ୍କ ପାଇଁ ବସ ଭଡ଼ାରେ ୫୦% ପ୍ରତିଶତ ରିହାତି, କଲେଜ ଛାତ୍ରୀଛାତ୍ରଙ୍କ ଆଡ଼ମିଶନ ଓ ରି ଆଡ଼ମିଶନ ଫି' ଅହେତୁକ ବୃଦ୍ଧି ରୋକାଯାଉ, ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ପୂରଣ, କଲେଜ ଲାବ୍ରୋଟାରିରେ ପୁସ୍ତକ ଅଭାବ ପୂରଣ, କଲେଜରେ ବିଜ୍ଞାନ ଲାବ୍ରୋଟାରିରେ ବିଜ୍ଞାନ ଉପକରଣର ଅଭାବ ପୂରଣ, କଲେଜ କର୍ତ୍ତୃପକ୍ଷ କିମ୍ବା ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଉଥିଲେ ଜିଲା ଛାତ୍ର ସଂଘକୁ ଜଣାଇବାକୁ ଅନୁରୋଧ କରାଯାଇଥିଲା। ପରେ ଜିଲା ଛାତ୍ର ସଂଘ କମିଟି ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲା ଛାତ୍ର ସଂଘ ଜିଲା କମିଟି ଆସନ୍ତା ସେପ୍ଟେମ୍ବର ୧୭ରେ ଗଠନ କରାଯିବା ପାଇଁ ଛାତ୍ରୀଛାତ୍ରମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ବିପିନ ଠେଲା, ପ୍ରେମଲାଲ ଧରୁଆ, ଧର୍ମେନ୍ଦ୍ର ବାଗ, ସ୍ୱାଗତ ପୁରୋହିତ, ଲୋହିତ ସରାଫ, ଅଶୋକ ବାଗ, ତୁଳାରାମ ମହାନନ୍ଦ, ପୀତବାସ ବାଗ, ପଦ୍ମଲୋଚନ ମାଝି, ତ୍ରିଲୋଚନ ମାଝି, ସଞ୍ଜିବ କୁମାର ଜଗତ, ପୂର୍ଣ୍ଣଚନ୍ଦ୍ର ଗହିର, ପ୍ରବୀଣ କୁମାର ରଣା, ମଣ୍ଟୁ ହେର୍ଣ୍ଡା, ଧବଳେଶର କାଣ୍ଡ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ କଲେଜର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ବିଭିନ୍ନ କଲେଜର ଛାତ୍ରମାନେ।

# ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ପଞ୍ଚାୟତ ଅଫିସ ଘେରାଉ



ଭାଜପା କର୍ମକର୍ତ୍ତା ପଞ୍ଚାୟତ ଅଫିସ ଘେରାଉ କରୁଛନ୍ତି।

ନୂଆପଡ଼ା,୨୬।୮ (ମକାରୁ ବେମାଲ)

ନୂଆପଡା ଜିଲାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶନିବାର ଭାଜପା ବରିଷ୍ଠ ନେତା, ଚାଷୀ ଓ ଶ୍ରମିକ ନେତାମାନଙ୍କୁ ନେଇ ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀଙ୍କ ନେତୃତ୍ୱରେ କାଦୋମେରି ପଞ୍ଚାୟତ ଅଫିସ ଶତାଧିକ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଘେରାଉ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା, ଭତ୍ତାରୁ ବଞ୍ଚିତ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ, ୨୦୧୯ରୁ ୨୧ ପର୍ଯ୍ୟନ୍ତ କୃଷି ବୀମା ରାଶି ପ୍ରଦାନ ଆଦି ଦାବି ନେଇ ପଞ୍ଚାୟତ ଘେରାଉ କରାଯାଇଥିଲା। ଭାଜପା ବରିଷ୍ଠ ନେତା ଚତୁର୍ଭୁଜ ଶର୍ମା ପଞ୍ଚାୟତ ଘେରାଉ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କାଦୋମେରି ସରପଞ୍ଚ କିଶୋର ବାରିକ, ଚନ୍ଦ୍ର ଶେଖର ଚନ୍ଦ୍ରକାର, ରତନ ଚନ୍ଦ୍ରକାର, ନନ୍ଦୁ ଚନ୍ଦ୍ରକାର, ସନ୍ତୋଷ ଚନ୍ଦ୍ରକାର, ଲୋହିତ ଶବର, ମୁରଲୀଧର ବରିହା, ରମେଶ ପାଣ୍ଡେ, ଅବତରାମ କୁମ୍ଭାର ପ୍ରମୁଖ ସହ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୨୬।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳରେ ୩ରୁ ୪ ମାସ ମଧ୍ୟରେ ହାରାହାରି ୧୦ଜଣ ଦାଦନ ଶ୍ରମିକଙ୍କ ମୃତଦେହ ବିଭିନ୍ନ ରାଜ୍ୟରୁ ଗାଁକୁ ଫେରିଛି। ଶୁକ୍ରବାର ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଛି। ମୃତକ ଦାଦନ ଶ୍ରମିକ ହେଲେ ଲାଞ୍ଜିଗଡ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ଅଧୀନ ଦୋରାସାର୍ଲି ଗ୍ରାମର ତିଲୋତ୍ତମା ସାହୁ (୨୧)। ମୃତଦେହ ଆମ୍ବୁଲାନ୍ସ ଯୋଗେ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ଶବ ଶତ୍କାର କରାଯାଇଥିଲା। ସୂଚନା ଅନୁସାରେ ତିଲୋତ୍ତମା ବାପାଙ୍କ ଦେହାନ୍ତ ପରେ ପରିବାର ପ୍ରତିପୋଷଣ ପାଇଁ କିଛି ଦିନ ତଳେ ତାମିଲନାଡୁର ତ୍ରିପୁରସ୍ଥିତ ଏକ ଲୁଗା କାରଖାନାକୁ ତଳେ ଯାଇଥିଲେ। ସେଠାରେ କପଡା ପେକିଂ କାମ କରୁଥିଲେ। ସାଙ୍ଗ ସାଥିଙ୍କ କହିବା ଅନୁସାରେ ତିଲୋତ୍ତମାଙ୍କୁ ୩ଦିନ ଜ୍ୱର ହୋଇଥିଲା। କୋଇମ୍ବାଟୁରର ଏକ ଘରୋଇ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିଲେ। ଚିକିତ୍ସା ପରେ ବି ଅସୁସ୍ଥ ହୋଇଥିଲେ ତିଲୋତ୍ତମା। ମଙ୍ଗଳବାର ହଠାତ ରକ୍ତବାନ୍ତି ହୋଇଥିଲା ଏବଂ ସେହି ସ୍ଥାନରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ବୃକ୍ଷରୋପଣ ବଣ୍ଟନ କାର୍ଯ୍ୟକ୍ରମ

ଖଡ଼ିଆଳ,୨୬।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବିରଞ୍ଜ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବୃକ୍ଷ ରୋପଣ ଏବଂ କଲମ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ବରିଷ୍ଠ ଛାତ୍ର ନେତା ସତ୍ୟମ ସିଂଘାଲ, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଜି.କେ ବାଗ, ନଗର ଛାତ୍ର ସଭାପତି ଅନ୍ୱେଷ ତ୍ରିବେଦୀ ଏବଂ କ୍ୟାମ୍ପସ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ପାରାୟଣ ପାଇଁ କଳସ ଯାତ୍ରା

କର୍ଲାମୁଣ୍ଡା,୨୬।୮ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଆଖଣ୍ଡଳମଣି ବଲବମ ସଂଘ ଡୁକେରମାଲ ପକ୍ଷରୁ ପାରାୟଣ ପାଇଁ ଶନିବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଶୋଭାଯାତ୍ରାରେରେ ବାହାରି ନିକଟସ୍ଥ ସରବରା ଜୋରଠୁଁ କଳସରେ ଜଳ ଆଣି ପୂଜା ମଣ୍ଡପରେ ପହଞ୍ଚିଥିଲେ। ରବିବାର, ସୋମବାର, ମଙ୍ଗଳବାର ୩ ଦିନ ବ୍ୟାପି ହେବାକୁ ଥିବା ତୁଳସୀ ରାମାୟଣ ପାରାୟଣ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଭବାନୀ ଶଙ୍କର ସାହୁ ଓ ଚିନ୍ମୟୀ ସାହୁ ରହିଥିବା ବେଳେ ପୂଜକ ନୃସିଂହ ଚରଣ ତ୍ରିପାଠୀ, ପାଟଣାଗଡର ପାରାୟଣ ଗାୟିକା ସୁଶ୍ରୀ ବର୍ଷା ରାଣୀ ତ୍ରିପାଠୀ ରହିଛନ୍ତି। ପାରାୟଣ କାର୍ଯ୍ୟ ସୁପରିଚାଳନା ନିମନ୍ତେ ସଭାପତି ଚନ୍ଦ୍ରଭାନୁ ସାହୁ, ସମ୍ପାଦକ କୁଞ୍ଜ ସାହୁ, କଲ୍ପ ସାହୁ, କାହ୍ନୁ ଚରଣ ସାହୁ, ମନ୍ଦିର ସାହୁ, ଉଦ୍ଧବ ସାହୁ, ଆକାଶ ସାହୁ, ବିକ୍ରମ ମାଝି, ମିଟୁ ସାହୁ, ସୁନଧାର ସାହୁ, ଜଗଦୀଶ ଭୋଇଙ୍କ ସମେତ ଅନ୍ୟମାନେ ଦାୟିତ୍ୱରେ ରହିଛନ୍ତି। କମିଟି ପକ୍ଷରୁ ପ୍ରତେକ ଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ବ୍ୟବସ୍ଥା ଥିବା କମିଟି ସମ୍ପାଦକ କୁଞ୍ଜ ସାହୁ ସୂଚନା ଦେଇଛନ୍ତି।



ଭକ୍ତମାନେ କଳସ ଯାତ୍ରାରୁ ଫେରିବା ପରେ ପୂଜାର୍ଚ୍ଚନା କରୁଛନ୍ତି।

# ଧର୍ମଗଡ଼କୁ ଜିଲା ମାନ୍ୟତା ଦାବି ପୁଣି ତେଜିଲା

ବେହେରା,୨୬।୮ (ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ପୁଣି ତେଜିଲା। ଏ ନେଇ ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟି ଆବାହକ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ଉପାଧ୍ୟକ୍ଷ ମୋନୀଷା ମିଶ୍ର, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ମନୋଜ ପଟ୍ଟଯୋଶୀ, କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସମ୍ପାଦକ ହୃଷିକେଶ ମିଶ୍ର, ଓକିଲ ସଂଘ ସଭାପତି ପ୍ରସନ୍ନ ଅଗସ୍ତି, ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ଓବିସି ସଂଘ ସଭାପତି ଡମ୍ବରୁଧର ଲହଜଲ, ଚେମ୍ବର ଅଫ କମର୍ସ ସଭାପତି ବିଦ୍ୟାଧର ସାହୁ, ସିଟିଜେନ ଫୋରମ ସଭାପତି ବଙ୍କିମ ସାଗର, ସାମ୍ବାଦିକ ସଂଘ ଜିଲା ସଭାପତି ବିରଞ୍ଚି ଜାଲ, ବିଜେଡିର ରାଜେନ୍ଦ୍ର ମୁନି, ବିବେକ ମିଶ୍ର, ଭାଜପାର ଲକ୍ଷ୍ମୀକାନ୍ତ ବାଗ, କଂଗ୍ରେସର ଦିଗାମ୍ବର ଦୁରିଆଙ୍କ ସମେତ ପ୍ରାୟ ସବୁ ଦଳର ନେତା ଆଉ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଦଳମତ ନିର୍ବିଶେଷରେ ଦୀର୍ଘ ଦଶନ୍ଧି ଧରି ଜିଲା ମାନ୍ୟତା ଦାବିକୁ ଜୋରଦାର କରିବା ପାଇଁ ସମସ୍ତେ ମତ ରଖିଥିଲେ। ଧର୍ମଗଡ଼ ଉପଖଣ୍ଡ ଭୌଗଳିକ ସ୍ଥିତି, ଜନସଂଖ୍ୟା ଓ ଭିତ୍ତିଭୂମିକୁ ଦେଖିଲେ ନୂଆପଡ଼ା, ଦେବଗଡ଼, ବୌଦ୍ଧ, ଝାରସୁଗୁଡା ଜିଲାଠାରୁ ବେଶ ଅଧିକ। ଧର୍ମଗଡ଼ ଉପଖଣ୍ଡ ଧର୍ମଗଡ଼, କୋକସରା, ଗୋଲାମୁଣ୍ଡା, କଲମପୁର, ଜୟପାଟଣା ଆଉ ଜୁନାଗଡ଼ ବ୍ଲକକୁ ନେଇ ଗଠିତ। ଏହାର ଜନସଂଖ୍ୟା ୭ ଲକ୍ଷରୁ ବି ଊର୍ଦ୍ଧ୍ୱ। ଜନସଂଖ୍ୟାକୁ ହିସାବ କଲେ ଦେବଗଡ଼ ଜିଲାରୁ ୨ଗୁଣରୁ ଅଧିକ। ଏପଟେ ସୀମାନ୍ତରେ ଛତିଶଗଡ଼ ରହିଥିବାରୁ ଏ ଜିଲାର ମାନ୍ୟତା ନିହାତି ରହିଛି। ତେଣୁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଜିଲା ଦାବିକୁ ତୀବ୍ରତର କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି।



ବୈଠକରେ ଯୋଗଦେଇଥିବା ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଏବଂ ଅନ୍ୟମାନେ।

**ଦଳମତ ନିର୍ବିଶେଷରେ ଏକାଠି ହେଲେ ନେତା, ଜନତା**

## ଦୁଇ ବଖରା ଭସ୍ମୀଭୂତ

ପୁରୁଣାକଟକ,(ସୁକାନ୍ତ ପଟ୍ଟନାୟକ): ହରଭଙ୍ଗା ବ୍ଲକ ବାଣିଭୂଷଣପୁର ପଞ୍ଚାୟତ ଠିକିଜୋର ହାଟପଦା ସାହିରେ ଅଗ୍ନିକାଣ୍ଡ ଘଟି କୁବେର ମଲିକଙ୍କ ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ସୂଚନା ମତେ କୁବେରଙ୍କ ଘରେ ତାଙ୍କ ବୁଢ଼ୀମା' ରୋଷେଇ କରୁଥିବା ସମୟରେ ହଠାତ୍ ଚୁଲିରୁ ନିଆଁ ବାହାରି ଚାଳକୁ ଧରିଥିଲା। ନିମିଶକ ମଧ ଚାଳ ଘର ପୋଡି ନଷ୍ଟ ହୋଇଯାଇଥିଲା। ସାଇପଡ଼ିଶା ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘର ସମେତ ଭିତରେ ଥିବା ଧାନ ଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।



## ସଂକ୍ଷେପରେ

### ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଶନିବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୬।୩।୨୨ ତାରିଖରେ ବୌଦ୍ଧ ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମଚାରୀ ବୌଦ୍ଧ ଥାନା ଦୁର୍ଗାପ୍ରସାଦ (ଗୁନିଗାନି) ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଘର ପଛପଟ ଦୁର୍ଗାପ୍ରସାଦ ଗ୍ରାମର ଅଭିଯୁକ୍ତ ପ୍ରଶାନ୍ତ କୁମାର ମଲିକ (୨୬) ଜରି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରୁଥିବା ବେଳେ ଅବକାରୀ କର୍ମଚାରୀଙ୍କ ହାତରେ ଧରାପଡିଥିଲେ। ଅବକାରୀ କର୍ମଚାରୀ ତାଙ୍କଠାରୁ ୩ ଗୋଟି ବସ୍ତାରୁ ୪୫ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (୨ଏସିସି୭/୨୨) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ମିଶ୍ର, ଅମ୍ରିତ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

### ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା ଯୋଗାଇଲା ମାନବ ସେବା ସଦନ

ଘଣ୍ଟାପଡ଼ା,୨୬।୮(ପ୍ରଭାତ କୁମାର ସାହୁ)

କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଉଡେର ଗ୍ରାମ ନିକଟ ଆର୍‌ଡ଼ି ରାସ୍ତାରେ ଶନିବାର ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇ ପଡ଼ିରହିଥିଲେ। ରୁଗୁଡ଼ିପାଲିର ସ୍ୱେଚ୍ଛାସେବୀ ସଙ୍ଗଠନ ମାନବ ସେବା ସଦନ ସଦସ୍ୟ ଖବର ପାଇ ସେଠାରେ ପହଞ୍ଚିଥିଲେ। ସଦନ ସଦସ୍ୟ ଆଜାଦ କଲତା ଓ ଗଜାନନ ପ୍ରଧାନ ଆମ୍ବୁଲାନ୍ସ ଜରିଆରେ ଆହତ ବ୍ୟକ୍ତିଙ୍କୁ କନ୍ଧମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା କରାଯାଉଛି। ଆହତ ବ୍ୟକ୍ତି ବରଡ଼ିବାହାଲ ଗ୍ରାମର ବୈଶାଖୁ ପାତ୍ର ବୋଲି ଜଣାପଡିଛି। ଚିକିତ୍ସା ପରେ ତାଙ୍କୁ କନ୍ଧମାଳ ପୋଲିସ ଜିମାରେ ରଖାଯାଇଛି ବୋଲି ସଙ୍ଗଠନର ସଭାପତି ବଳରାମ ବାଘ କହିଛନ୍ତି।

### କଫ୍ ସିରପ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶନିବାର ଏକ କଫ୍ ସିରପ ମାମଲାର ବିଚାର କରି ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବାଉଶୁଣୀ ଥାନା ବାଉଶୁଣୀ ଗ୍ରାମର ଅଭିଯୁକ୍ତ ସଞ୍ଜୟ କୁମାର ଅଗ୍ରୱାଲା, ଓମ୍ ପ୍ରକାଶ ଅଗ୍ରୱାଲା, ରାଜେଶ କୁମାର ଅଗ୍ରୱାଲା ନିଜ ଘରେ ବିକ୍ରି କରିବା ପାଇଁ କଫ୍ ସିରପ ମହଜୁଦ ରଖିଥିଲେ। ଏହି ଖବର ପାଇ ବାଉଁଶୁଣୀ ପୋଲିସ ଗତ ୧୬।୨।୨୦୧୫ରେ ଅଭିଯୁକ୍ତଙ୍କ ଘରେ ଚଢାଉ କରି ବିପୁଳ ପରିମାଣର କଫ୍ ସିରପ ଜବତ କରିଥିଲା। ପୋଲିସ ସେମାନଙ୍କ ପାଖରୁ ୧୨୪୫ କଫ୍ ସିରପ ବୋତଲ ଜବତ କରିଥିଲା। ସେହିଦିନ ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୮/୨୦୧୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ କେସ୍ ନଂ.୧୯/୨୦୧୫ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ସମସ୍ତ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରିତମ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ୫-ଟି ସଚିବଙ୍କ ଗସ୍ତ ପରେ ମନ୍ଦିର ନିର୍ମାଣ ଆଶା ଉଜ୍ଜୀବିତ

## ପାତାଳି ଶ୍ରୀକ୍ଷେତ୍ର

■ସର୍ଭେ ପରେ ଡିପିଆର ପ୍ରସ୍ତୁତ କରୁଛି ଓବିଏଣ୍ଡସିସି

ସୋନପୁର,୨୬।୮(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ପରେ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାରେ ଲାଗିଛି। ସଚିବ ଜୁଲାଇ ୪ ତାରିଖରେ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ପାତାଳି ଶ୍ରୀକ୍ଷେତ୍ରରୁ ଜଗନ୍ନାଥଙ୍କ ଦର୍ଶନରୁ ସଚିବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେହିଦିନ ଜିଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିଲା। ଏବେ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଉଲୁଣ୍ଡା ବ୍ଲକର କୋଟସମଲାଇରେ ଭବ୍ୟ ମନ୍ଦିର ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ଓଡିଶା ବ୍ରିଜ୍ କନଷ୍ଟ୍ରକଶନ କୋର୍ପୋରେଶନ ଲିମିଟେଡ୍(ଓବିଏଣ୍ଡସିସି)କୁ ନୂତନ ମନ୍ଦିର ନିର୍ମାଣ ପାଇଁ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ପ୍ରଦାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଓବିଏଣ୍ଡସିସିର ଇଞ୍ଜିନିୟରମାନେ ନିକଟରେ ପାତାଳି ଶ୍ରୀକ୍ଷେତ୍ରସ୍ଥିତ ମନ୍ଦିର ନିର୍ମାଣ ସ୍ଥଳ ଓ ଆଖପାଖ ଅଞ୍ଚଳ ସର୍ଭେ କରି ଫେରିଛନ୍ତି। ଏବେ ମନ୍ଦିର ନିର୍ମାଣ ପାଇଁ ଡ୍ରଇଂ କାର୍ଯ୍ୟ ଚାଲିଛି। ଡିପିଆର ପ୍ରସ୍ତୁତ ପରେ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତେଣୁ ୫-ଟି ସଚିବଙ୍କ ଗସ୍ତ ପରେ ମନ୍ଦିର ନିର୍ମାଣ ପାଇଁ ସରକାର ତତ୍ପର ଥିବା ଜଣାପଡିଛି । ଏହା ଜଣାପଡିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ନିକଟରେ ଜିଲାର ଗୋଧନେଶ୍ୱର ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଖଇରମାଳ ପ୍ରକଳ୍ପ ପାଇଁ ଟେଣ୍ଡର ବାହାରିବ। ସଚିବଙ୍କ ପ୍ରତିଶ୍ରୁତି ମୁତାବକ ଏବେ ଜିଲାର ପର୍ଯ୍ୟଟନ କ୍ଷେତ୍ର ପାପକ୍ଷୟ ଘାଟ, ମା' ମେଟାକାନୀ ମନ୍ଦିର, ବାରପାହାଡ ପୀଠ ଓ ଜିଲାର ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ପୀଠ ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ମିଳିଛି।

ପ୍ରକାଶ ଯେ, ଉଲୁଣ୍ଡା ବ୍ଲକ ଛଳିଆ ପାହାଡରେ ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ଯାହାକି ପ୍ରାମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। କୋଟସମଲାଇସ୍ଥିତ ପାହାଡରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୨୦୧୨ ଜୁଲାଇ ୫ରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଭୂମିପୂଜା ହୋଇଥିଲା। ତେବେ ଏହି ପ୍ରସ୍ତାବ ଫାଇଲର ନାଲିଫିତା ତଳେ ଚାପି ହୋଇ ରହିଥିବାରୁ ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ପାତାଳି ଶ୍ରକ୍ଷେତ୍ରରେ ନିର୍ମିତ ହେବାକୁ ଥିବା ମନ୍ଦିରର ଗର୍ଭ ଗୃହ ଓ ମୁଖଶାଳା ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କାର ବ୍ୟୟ ଅଟକଳ ଥିଲା। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହା ଅନୁମୋଦିତ ହୋଇଥିଲା। କିନ୍ତୁ ରାଜ୍ୟ ସଂସ୍କୃତି ବିଭାଗ ଏହି ମନ୍ଦିର ନିର୍ମାଣ ପାଇଁ ଆଦୌ ତତ୍ପର ନହେବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଥିଲା। ମନ୍ଦିର ନିର୍ମାଣ ହୋଇ ନଥିବାରୁ ୨୦୧୧ରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ଚତୁର୍ଦ୍ଧାମୂର୍ତ୍ତି ଏକ ଅସ୍ଥାୟୀ ଘରେ ଏବେ ପୂଜା ପାଉଛନ୍ତି ।



ଚତୁର୍ଦ୍ଧାମୂର୍ତ୍ତି ଅସ୍ଥାୟୀ ଘରେ ପୂଜା ପାଉଛନ୍ତି।

## ତାଲୁକ ଆଇନସେବା କମିଟିର ସଚେତନତା ଶିବିର




ପ୍ରଥମଶ୍ରେଣୀ ବିଭାଗୀୟ ଦଣ୍ଡାଧିଶ ଓ ଅନ୍ୟ ଅତିଥିମାନେ।

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ତାଲୁକା ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ଶନିବାର ପୁରୁଣାକଟକ କଲ୍ୟାଣ ମଣ୍ଡପଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ହରଭଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନସେବା କମିଟି ଅଧ୍ୟକ୍ଷ ପ୍ରିତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ପୁରୁଣାକଟକ ସରପଞ୍ଚ ଅଶୋକ କୁମାର ସେଠୀ, ସମିତି ସଭ୍ୟ ସରୋଜ ପ୍ରଧାନ, ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ଆଇନଜୀବୀ ରବିଚନ୍ଦ୍ର ପ୍ରଧାନ, ବନମାଳି ଦାସ ପ୍ରମୁଖ ଯୋଗଦେଇ ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। କୋର୍ଟ କର୍ମଚାରୀ ସଞ୍ଜୀବ କୁମାର ବାଗ, ପ୍ରବୀଣ କୁମାର ସାହୁ, ତ୍ରୁମ୍ନନାଥ ପାତ୍ର, ରମାକାନ୍ତ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ପୁରୁଣାକଟକ ଅଞ୍ଚଳର ୨୦୦ରୁ ଅଧିକ ମହିଳାପୁରୁଷ ଯୋଗ ଦେଇଥିଲେ।

## ଯୋଗୀନ୍ଦ୍ରଦେବ ହାଇସ୍କୁଲ, ବାପୁଜୀନଗର ବିଜୟୀ



ଖେଳାଳିଙ୍କ ସହ ଅତିଥି।

### ଏନ୍‌ଏସି ଫୁଟ୍‌ବଲ ଲିଗ୍

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କଚେରି ପଡିଆଠାରେ ଏନ୍‌ଏସି ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଜବାହର ନବୋଦୟ ବିଦ୍ୟାଳୟ ପାଲଝାର ଓ ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ବୌଦ୍ଧ ମଧ୍ୟରେ ହୋଇଥିଲା। ଏଥିରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ୨-୦ ଗୋଲରେ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଜୟ ଭୈରବୀ କ୍ଲବ ଓ ଗୋଲଡେନ କ୍ଲବ ବାପୁଜୀନଗର ମଧ୍ୟରେ ହୋଇଥିଲା। ଏଥିରେ ବାପୁଜୀନଗର ଦଳ ୨-୦ ଗୋଲରେ ବିଜୟ ଲାଭ କରିଥିଲା। ମ୍ୟାଚକୁ ରେଫରି ବିଭୁତି ବେହେରା, ଚନ୍ଦନ ମହାରଣା, ସୁରେନ ବେହେରା, ବିକ୍ରମ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଏସ୍‌ଡିପିଓଙ୍କ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାହ୍ୟାକୁ ପଦୋନ୍ନତି

ସୋନପୁର,୨୬।୮(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ(ଏସ୍‌ଡିପିଓ) ଭାବେ କାର୍ଯ୍ୟରତ ରାଜ କିଶୋର ମିଶ୍ରଙ୍କୁ ପଦୋନ୍ନତି ମିଳିଛି। ୧୯୯୫ ବ୍ୟାଚ୍‌ର ପୋଲିସ ଅଧିକାରୀ ମିଶ୍ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାହ୍ୟାକୁ ଶୁକ୍ରବାର ପଦୋନ୍ନତି ପାଇଛନ୍ତି। ସେ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ



ସୋନପୁର ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ସମ୍ବଲପୁର ଜିଲା କୁଚିଣ୍ଡା ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। କୁଚିଣ୍ଡାରେ ଯୋଗଦାନ ପୂର୍ବରୁ କଳାହାଣ୍ଡି ଜିଲାରେ ଡିଏସପି ଭାବେ ସେ କାର୍ଯ୍ୟ କରିଥିଲେ। ପୂର୍ବରୁ ବରଗଡ, ଝାରସୁଗୁଡା ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନାରେ ସେ ଆଇଆଇସି ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

## ୧୦ଦିନ ପରେ ବି ପୋଲିସ ହାତ ଖାଲି

### ଶିକ୍ଷକଙ୍କୁ ସ୍କୁଲରେ ମାଡ଼ ମାରିବା ଘଟଣା

ଘଣ୍ଟାପଡ଼ା,୨୬।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘିକୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ମାଡ଼ ମାରିବା ଘଟଣାର ୧୦ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ରହିଛି। ଅଭିଯୋଗ ଅନୁସାରେ, ଘିକୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ହରିଶଙ୍କର ଦାସ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିବା ବେଳେ ହଠାତ୍ ସେହି ଗ୍ରାମର ଦୁଇ ଯୁବକ ବାଉଁଶ ବାଡିରେ ତାଙ୍କୁ ମାଡ଼ ମାରି କୁଆଡେ ଚାଲିଯାଇଥିଲେ। ଶିକ୍ଷକଙ୍କ ପରିବାର ଲୋକେ ଖବର ପାଇ ଶିକ୍ଷକ ଦାସଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ପରିବାର ପକ୍ଷରୁ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୧୯୬/୨୩ରେ ମାମଲା କରୁଜୁ କରଛି। ପୋଲିସ ମିଥୁନ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହାକୁ ପ୍ରତିବାଦ କରି ବ୍ଲକ ମିଳିତ ଶିକ୍ଷକ ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି ହୋଇଥିଲା। ପରେ ସମସ୍ତ ଶିକ୍ଷକ ମନମୁଣ୍ଡା ଥାନାକୁ ଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଆଜକୁ ୧୦ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଏ ସମ୍ପର୍କରେ ମନମୁଣ୍ଡା ଥାନା ଆଇଆଇସି ଅଶ୍ୱିନୀ ଭିତିରିଆ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ବିକ୍ଷୋଭ

ବାଉଁଶୁଣୀ,୨୬।୮(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ଶନିବାର ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମଣ୍ଡଳ ସଭାପତି ନବୀନ କୁମାର ହୋତାଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ଭାରତୀ ପୁରୋହିତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନେତାମାନେ ପ୍ରଧାନମନ୍ତ୍ରୀ ଆବାସ ଘର ବଣ୍ଟନରେ ଅନିୟମିତତା, ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ, ପାଇଖାନା ଦୁର୍ନୀତି, ବିଭିନ୍ନ ଯୋଜନାରେ ପ୍ରିୟାପ୍ରୀତି ତୋଷଣ ଆଦି ଅଭିଯୋଗ ଆଣି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ବିଧାନସଭା ସଂଯୋଜକ ଯୁଗଲ କିଶୋର ସାମଲ, ସୂର୍ଯ୍ୟନାରାୟଣ ମହାପାତ୍ର, ଶମ୍ଭୁ ପ୍ରଧାନ, ସୁଦାମ ଚରଣ ମେହେର, ସୁଶାନ୍ତ ବହିଦାର, ନାରାୟଣ ମେହେର, ସସ୍ମିତା ପଟେଲ, କୌଶଲ୍ୟା ମେହେର, ପ୍ରେମଶୀଳା ମେହେର ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ଆଗକୁ ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ କରାଯିବ ବୋଲି କୁହାଯାଇଛି।



ସମାବେଶରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

## ବୃକ୍ଷରୋପଣ ବଣ୍ଟନ କାର୍ଯ୍ୟକ୍ରମ

ଖଡ଼ିଆଳ,୨୬।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବିରଞ୍ଜ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବୃକ୍ଷ ରୋପଣ ଏବଂ କଲମ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ବରିଷ୍ଠ ଛାତ୍ର ନେତା ସତ୍ୟମ ସିଂଘାଲ, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଜି.କେ ବାଗ, ନଗର ଛାତ୍ର ସଭାପତି ଅନ୍ୱେଷ ତ୍ରିବେଦୀ ଏବଂ କ୍ୟାମ୍ପସ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ସୁବଳୟାରେ ଆରମ୍ଭ ହେଲା ପ୍ରସିଦ୍ଧ ଝୁଲଣଯାତ୍ରା

ଅମରପାଲି,୨୬।୮(ପୀତାମ୍ବର ସାହୁ)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାଠାରେ ଶନିବାର ପବିତ୍ର ଶ୍ରାବଣ ମାସର ଶୁକ୍ଳ ପକ୍ଷ ଦଶମୀ ତିଥିଠାରୁ ପ୍ରସିଦ୍ଧ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏଠାକାର ଏହି ଯାତ୍ରା ୧୧୫ ବର୍ଷ ପୁରୁଣା। ଅପରାହ୍ନରେ ବିଭିନ୍ନ ସ୍ଥାନରେ ଏଥିପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆସନ୍ତା ୧ ତାରିଖରେ ନଗର ପରିକ୍ରମା ସହ ଯାତ୍ରା ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି। ଯାତ୍ରା ଅବସରରେ ପ୍ରଭୁ ରାଧାକୃଷ୍ଣ ସୁବଳୟାର ବିଭିନ୍ନ ସ୍ଥାନରେ ସୁସଜ୍ଜିତ ଝୁଲଣ ଗାଦିରେ ଅଧିଷ୍ଠିତ ହୋଇଥାନ୍ତି। ସେଠାରେ ପୂଜାର୍ଚ୍ଚନା ସହ ସଙ୍କୀର୍ତ୍ତନ ଆଦି ପରିବେଷିତ ହୋଇଥାଏ। ଶ୍ରାବଣ ପୂର୍ଣ୍ଣିମା ଦିନ ଆଡ଼ମ୍ବର ସହକାରେ ବିଭିନ୍ନ ମେଢରେ ରାଧାକୃଷ୍ଣ ବିଜେ ପୂର୍ବକ ନଗର ପରିକ୍ରମାରେ ବାହାରି ଥାନ୍ତି। ଚଳିତବର୍ଷ ନଗର ପରିକ୍ରମା ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ସମ୍ବଲପୁରୀ ମେଲୋଡି ଓ ରେକର୍ଡ ନୃତ୍ୟ ଆଦି ଯାତ୍ରାର ଅନ୍ୟତମ ଆକର୍ଷଣ ଥିବା ଜଣାପଡ଼ିଛି। ସୁବଳୟାର ବଳଦେବ କ୍ଲବ, ସାନଦାଣ୍ଡର ଶ୍ରୀରାମଚନ୍ଦ୍ର କ୍ଲବ, ବଡ଼ଦାଣ୍ଡର ବୀର ବଜରଙ୍ଗ କ୍ଲବ, ଧୀବରପଡ଼ାର ବାବା ଅବଧୂତ କ୍ଲବ, ଗଡଭିତରର ଭଗବତ କ୍ଲବ ଆଦି ଏଥିରେ ଅଂଶଗ୍ରହଣ କରିଥାନ୍ତି। ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ସୁପରିଚାଳନା ସକାଶେ ଏହା ମଧ୍ୟରେ ସୁବଳୟା ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

## ଦ୍ୱିଦିବସୀୟ କୋସଲ କପ୍ ଫୁଟବଲ ଉଦ୍‌ଘାଟିତ



ଉଦଘାଟନୀ ଉତ୍ସବରେ ଖେଳାଳିଙ୍କ ସହିତ ଅତିଥିମାନେ।

### ଜେଜେଏଫସି ହୀରାକୁଦକୁ ହରାଇ ବୌଦ୍ଧ ଫାଇନାଲରେ

ଅମରପାଲି, ୨୬।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ପ୍ରଥମ କୋସଲ କପ୍ ଫୁଟବଲ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି କିଶୋର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଫୁଟବଲ କପ୍‌କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜୋନ-୨ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ବୀରମହାରାଜପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଦଳ ବୀରମହାରାଜପୁରକୁ ୬-୧ ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ଜେଜେଏଫସି ହୀରାକୁଦ ଓ ଜୟ କଳାପାଟ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁରକୁ ୨ -୦ ଗୋଲରେ ହରାଇ ହୀରାକୁଦ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚର ବିଜେତା ବୌଦ୍ଧ ଓ ଦ୍ୱିତୀୟ ମ୍ୟାଚର ବିଜେତା ହୀରାକୁଦ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ବୌଦ୍ଧ ଦଳ ୩-୦ ରେ ହୀରାକୁଦକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ପ୍ରାରମ୍ଭରେ ଅବସରପ୍ରାପ୍ତ ଖେଳ ଶିକ୍ଷକ କିଶୋର ମୋହନ ଡାଙ୍ଗ ଓ କ୍ରୀଡା ସଂଗଠକ ପର୍ଶୁରାମ ଦେହୁରୀ ଏବଂ ସେମିଫାଇନଲ ମ୍ୟାଚ ପ୍ରାରମ୍ଭରେ ଇଂ.ଆଶ୍ରୟ ମହାନନ୍ଦ ଓ ଅବସରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ଓ କ୍ରିଡାବିତ ଅର୍ଜୁନ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚଗୁଡିକରେ ଚିକୁ ପଣ୍ଡା, ସିଦ୍ଧାର୍ଥ ପାତ୍ର, ପ୍ରଶାନ୍ତ ସେଠୀ ଓ ରାଜେଶ ଥନାପତି ପ୍ରମୁଖ ରେଫରି ଭାବେ ଖେଳ ପରିଚଳନା କରିଥିଲେ। ଅଭିମନ୍ୟୁ ବର୍ଗର୍ତ୍ତୀ ମ୍ୟାଚର ଧାରବିବରଣୀ ପ୍ରଦାନ କରିଥିଲେ। ରବିବାର ଦିନ ପ୍ରଥମ ମ୍ୟାଚ ୫ ଆଇ.ଆର.ବି ବୌଦ୍ଧ ଓ ସମଲେଶ୍ୱରୀ ବଲାଙ୍ଗୀର ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ ବରଗଡ ରୋୟାଲ ଓ ବୀର ବଜରଙ୍ଗ ସମ୍ବଲପୁର ମଧ୍ୟରେ ହେବା ସହିତ ଏହି ପୁଲ୍‌ର ସେମି ଫାଇନାଲ ଓ ଏହାର ବିଜେତା ବୌଦ୍ଧ ସହିତ ଫାଇନାଲ ମ୍ୟାଚ ଖେଳିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

## ଅଙ୍ଗନୱାଡି କେନ୍ଦ୍ର ତାଲା ଭାଙ୍ଗି ଚାଉଳ ଚୋରି




ଗୁଡପଡା ଅଙ୍ଗନୱାଡ଼ି କେନ୍ଦ୍ର।

ବାଉଁଶୁଣୀ,୨୬।୮(ଦେବାଶିଷ ନେପାକ)

ବାଉଁଶୁଣୀ ଥାନା ଅଁଳାପାଲି ପଞ୍ଚାୟତ ଗୁଡପଡା ଅଙ୍ଗନୱାଡ଼ି କେନ୍ଦ୍ର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କ ପାଇଁ ଚାଉଳ, ଡାଲି, ଖେଳନା ଆଦି ସାମଗ୍ରୀ ରହିଥିଲା। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଚାଉଳ ଚୋରି କରିନେଇଥିବା କେନ୍ଦ୍ରର କର୍ମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ କିଛିଦିନ ହେବ ଏହି ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତିଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ସଂକ୍ଷେପରେ**

## ଅବକାରୀ ଚଢ଼ାଉ: ୮ ଗିରଫ



**ସମ୍ବଲପୁର,୨୬।୮ (ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସହଯୋଗନଗରରେ ଚାଲାଣ ବେଳେ ଅବକାରୀ ଗୋଇନ୍ଦା ବିଭାଗ ଚଢ଼ାଉ କରି ୨୫୦ ବୋତଲ କଫ୍ ସିରପ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ କମଲେଶ ସାହା, ବଳରାମ ବାଗ ଓ ସୋନପୁର ଜିଲା ଉଲୁଣ୍ଡା ଗ୍ରାମର ଅମିତ ନାଏକ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ବ୍ୟବହୃତ ବାଇକ୍ (ଓଡି୩୧ଜେ-୨୬୮୬) ଜବତ ହୋଇଛି । ସେହିପରି ଅବକାରୀ ବିଭାଗ ସହରର କଟରଧୁଆ ତଳିପଡାରେ ଚଢ଼ାଉ କରି ବେଆଇନ ଦେଶୀ ରନ୍ଧାମଦ ଓ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଲକ୍ଷ୍ମଣ ମୁଣ୍ଡା ଓ ଜିତୁ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନୁରୂପ ଭାବେ ଅବକାରୀ ମୋବାଇଲ ୟୁନିଟ୍ ଖେଜୁରିଆପଡ଼ା ଓ ଜାମପାଲିରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କୁନ୍ତୀ ମୁଣ୍ଡା, ଅଞ୍ଜଳି ମୁଣ୍ଡା ଓ ଚାଆଁରପୁରର ଅଶ୍ୱନୀ ବରର୍ଡ଼ି।

## ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୬।୮ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଶନିବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୬।୩।୨୨ ତାରିଖରେ ବୌଦ୍ଧ ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମଚାରୀ ବୌଦ୍ଧ ଥାନା ଦୁର୍ଗାପ୍ରସାଦ (ଗୁନିଗାନି) ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଘର ପଛପଟ ଦୁର୍ଗାପ୍ରସାଦ ଗ୍ରାମର ଅଭିଯୁକ୍ତ ପ୍ରଶାନ୍ତ କୁମାର ମଲିକ (୨୬) ଜରି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରୁଥିବା ବେଳେ ଅବକାରୀ କର୍ମଚାରୀଙ୍କ ହାତରେ ଧରାପଡିଥିଲେ। ଅବକାରୀ କର୍ମଚାରୀ ତାଙ୍କଠାରୁ ୩ ଗୋଟି ବସ୍ତାରୁ ୪୫ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (୨ଏସିସି୭/୨୨) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ମିଶ୍ର, ଅମ୍ରିତ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ଅଙ୍ଗନୱାଡି କେନ୍ଦ୍ର ତାଲା ଭାଙ୍ଗି ଚାଉଳ ଚୋରି

**ବାଉଁଶୁଣୀ,୨୬।୮ (ଦେବାଶିଷ ନେପାକ)**

ବାଉଁଶୁଣୀ ଥାନା ଅଁଳାପାଲି ପଞ୍ଚାୟତ ଗୁଡପଡା ଅଙ୍ଗନୱାଡ଼ି କେନ୍ଦ୍ର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କ ପାଇଁ ଚାଉଳ, ଡାଲି, ଖେଳନା ଆଦି ସାମଗ୍ରୀ ରହିଥିଲା। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଚାଉଳ ଚୋରି କରିନେଇଥିବା କେନ୍ଦ୍ରର କର୍ମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ କିଛିଦିନ ହେବ ଏହି ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତିଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ

### ପ୍ରଫେସର ଚିତ୍ତରଞ୍ଜନ ଦାଶଙ୍କ ଜନ୍ମ ଶତବାର୍ଷିକୀରେ ସେତୁ ପକ୍ଷରୁ ଆଲୋଚନାଚକ୍ର

**ସମ୍ବଲପୁର,୨୬।୮ (ବି.ଶଙ୍କର)**



ଆଲୋଚନା ଚକ୍ରରେ ଅତିଥିମାନେ।

ସେତୁ ପକ୍ଷରୁ ପ୍ରଫେସର ଚିତ୍ତରଞ୍ଜନ ଦାଶଙ୍କ ଜନ୍ମ ଶତବାର୍ଷିକୀ ଓ ଚମ୍ପତିମୁଣ୍ଡା ଜୀବନ ବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶନିବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ରବିନ୍ଦ୍ରନାଥ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଚିତ୍ତରଞ୍ଜନ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁ ଭୂଷଣ ମିଶ୍ର କହିଥିଲେ, ଚିତ୍ତରଞ୍ଜନ ଯୁଗ ପୁରୁଷ ଥିଲେ। ତାଙ୍କର ବିକଳ୍ପ ଶିକ୍ଷା ପଦ୍ଧତି ବର୍ତ୍ତମାନର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସକାଶେ ଗବେଷଣାର ବିଷୟ ଅଟେ। ଅନ୍ୟମାନଙ୍କ ମଧ୍ୟରେ ଜୀବନ ବିଦ୍ୟାଳୟର ପୁରାତନ ଛାତ୍ର ଶଶୀଭୂଷଣ ପାଣିଗ୍ରାହୀ ଓଶାନ୍ତି ପାଣିଗ୍ରାହୀ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଫେସର ମୃଣାଳ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିତ୍ତରଞ୍ଜନଙ୍କ ସାହିତ୍ୟ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେତୁ ସାଧାରଣ ସମ୍ପାଦକ ସୁକାନ୍ତ କର ଅତିଥି ପରିଚୟ ଓ ବରିଷ୍ଠ ସଦସ୍ୟ ହରିନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସାହିତ୍ୟିକା ଡ. କିରଣବାଳା ରଥଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

### ନୋଟିସ ଦେଇ ଅଭିଯୁକ୍ତଙ୍କୁ ଛାଡ଼ିଦେଲା ପୋଲିସ

**ସମ୍ବଲପୁର,୨୬।୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଏକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡିଦେଇଥିବା ଅଭିଯୋଗ ହୋଇଛି। ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ କିଭଳି ଛାଡିଦେଲେ ବୋଲି ଦମ୍ପତିଙ୍କ ପୁଅ ସନ୍ତୋଷ ଶର୍ମା ପ୍ରଶ୍ନ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସନ୍ତୋଷଙ୍କ ଅଭିଯୋଗ କ୍ରମେ ଦୁର୍ଗାମଙ୍ଗଳମ ଶ୍ୟାମ ଭାଟିକାରେ ବାପା ନନ୍ଦକିଶୋର ଓ ମା' ଇନ୍ଦ୍ରମଣୀଙ୍କ ସମେତ ଆମ ପରିବାର ରହୁ। ଘର ପାର୍ଶ୍ୱରେ ଯାଇଥିବା ଡ୍ରେନ୍ ଜାମ ହୋଇଯାଇଥିଲା। ଏହାକୁ ସଫା କରିବା ପାଇଁ ଶ୍ରମିକ ନିୟୋଜିତ କରି ବାପା ଉପସ୍ଥିତ ଥିଲେ। ହେଲେ ଅଭିଯୁକ୍ତ ଜଣକ ସେଠାକୁ ଆସି କାମ ବନ୍ଦ କର, ଆମ ଗାଡି ଯିବ ବୋଲି କହିଥିଲେ। ଡ୍ରେନ୍ ସଫା କରିବାର ଆବଶ୍ୟକ ରହିଛି ବୋଲି ବାପା କହିଥିଲେ। ଉଭୟ ପରିବାର ସଦସ୍ୟଙ୍କ ଭିତରେ ଏଭଳି କଥା ଚାଲିଥିବା ବେଳେ ଅଭିଯୁକ୍ତ ବାପା ଓ ମାଆଙ୍କୁ ଠେଲି ଦେଇଥିଲେ। ବାପାଙ୍କ ଶରୀରରେ ଆଘାତ ଲାଗିଥିବା ବେଳେ ମା' ଇନ୍ଦ୍ରମଣୀଙ୍କୁ ଠେଲିଦେବାରୁ ତଳେ ପଡି ତାଙ୍କ ମୁଣ୍ଡ ଫାଟିଯାଇଛି। ଏହିସବୁ ଘଟଣା ସିସି ଟିଭିରେ କଏଦ ହୋଇଛି।



ଆହତ ଇନ୍ଦ୍ରମଣୀ

ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୧୪/୨୩ରେ ମାମଲା ରୁଜୁ କରିଛି। ହେଲେ ଆମ ଅଜାଣତରେ ପୋଲିସ ଅଭିଯୁକ୍ତଙ୍କୁ ଛାଡି ଦେଇଛି। ପୁଣି ଆକ୍ରମଣ କରିବା ଭୟରେ ଆମେ ଘର ଛାଡିଦେଇଛୁ ବୋଲି ସନ୍ତୋଷ କହିଛନ୍ତି। ଏ ସମ୍ପର୍କରେ କ୍ଷେତରାଜପୁର ଥାନା ଅଧିକାରୀ ପ୍ରିୟଙ୍କା ରାଉତରାୟ କହିଛନ୍ତି, ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇଛି। ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି।

## ଜଲାନ ଅଟୋମୋବାଇଲରେ ଡ୍ରିମ୍ ଡ୍ରାଇଭକୁ ସ୍ୱାଗତ



ସମ୍ବଲପୁର ଜଲାନ ଅଟୋମୋବାଇଲରେ ଡ୍ରିମ୍ ଡ୍ରାଇଭକୁ ସ୍ୱାଗତ କରାଯାଉଛି।

**ସମ୍ବଲପୁର,୨୬।୮ (ଶୁଭାଶିଷ ପାଢ଼ୀ)**

### ଅଶୋକ ଲେଲାଣ୍ଡ ପାଳୁଛି ୭୫ ବର୍ଷ

ସମ୍ବଲପୁର ରେମେଡ୍‌ସ୍ଥିତ ଜଲାନ ଅଟୋମୋବାଇଲରେ ଅଶୋକ ଲେଲାଣ୍ଡର ଡ୍ରିମ୍ ଡ୍ରାଇଭକୁ ଶନିବାର ସ୍ୱାଗତ କରାଯାଇଛି। ଅଶୋକ ଲେଲାଣ୍ଡ ପକ୍ଷରୁ ୭୫ ବର୍ଷ ପାଳନ ଅବସରରେ କମ୍ପାନୀର ଏକ ବସ୍ ଓ ବଡାଦୋସ୍ତ ମିନିଟ୍ରକ୍ ଦେଶର ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରୁଛି। ଏହି ୨ଗାଡ଼ି ମଧ୍ୟାହ୍ନ ୧୨ଟାରେ ସମ୍ବଲପୁରରେ ପହଞ୍ଚିବା ପରେ ଜଲାନ ଅଟୋମୋବାଇଲ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ। ଏହି ଅବସରରେ ଜଲାନ ଗ୍ରୁପ୍ ଅଧ୍ୟକ୍ଷ ଅଶୋକ ଜଲାନ, ପରିଚାଳନା ନିର୍ଦ୍ଦେଶକ ଯୋଗେଶ ଜଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବସ୍‌ରେ ପରିଭ୍ରମଣ କରୁଥିବା ଅଶୋକ ଲେଲାଣ୍ଡ କମ୍ପାନୀର ଏସ୍‌ପିଡିଏଲ୍‌ସିଭି ଜି.ଭି. ଶ୍ରୀନିବାସନ, ନେଟ୍‌ୱର୍କ ମୁଖ୍ୟ ଶୁଭେନ୍ଦୁ ମୋଇତ୍ର, ଜୋନାଲ ମ୍ୟାନେଜର ପ୍ରବୀର ମଣ୍ଡଳ, ଆଞ୍ଚଳିକ ମ୍ୟାନେଜର ଶୈକତ ମଣ୍ଡଳଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ ଏହି ଡ୍ରିମ୍ ଡ୍ରାଇଭ ଦେଶ ସହ କମ୍ପାନୀର ସମ୍ପର୍କ ବଢାଇବା ଲକ୍ଷ୍ୟ ରଖିଛି। ଏହି କ୍ରମରେ ୧୦ଟି ଯାନ ଡ୍ରିମ୍ ଡ୍ରାଇଭରେ ସାମିଲ କରାଯାଇ ୫ ଗୋଟି ମାର୍ଗ ବେଙ୍ଗାଲୁରୁ, ଜମ୍ମୁ, ମୁମ୍ବାଇ, କୋଲକାତା ଓ ଡେବ୍ରୁଗଡ଼ରୁ ପରିଭ୍ରମଣ ଆରମ୍ଭ କରିଛି। ଶେଷରେ ଉତ୍ପାଦନ କାରଖାନାରେ ଡ୍ରିମ୍ ଡ୍ରାଇଭ ପରିଭ୍ରମଣ ଶେଷ ହେବ ।

## ୨୮ରୁ ଯୋଗାଣ ସହାୟକଙ୍କ ସାମୂହିକ ଛୁଟି

**କୁଚିଣ୍ଡା,୨୬।୮ (ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକର ୧୭ଗୋଟି ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକ ଆସନ୍ତା ୨୮ତାରିଖରୁ ସାମୂହିକ ଛୁଟିରେ ରହିବେ। କୁଚିଣ୍ଡା ଯୋଗାଣ ସହାୟକ ସଂଘ ପକ୍ଷରୁ ୬ଦଫା ଦାବିରେ ଆନ୍ଦୋଳନ କରିବାକୁ ଶୁକ୍ରବାର ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ ଦିଆଯାଇଛି। ବ୍ଲକ ଯୋଗାଣ ସହାୟକ ସଂଘ ସଭାପତି ଅଭିଳାଷ ଜିତ ଓ ସମ୍ପାଦକ ସୁପ୍ରିୟା ପଟେଲଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଚାକିରି ସ୍ଥାୟୀ ସାଙ୍ଗକୁ ମାସିକ ଦରମା ୨୫ହଜାର ଟଙ୍କା କରିବା, ପିଡିଏସ ଲାଇସେନ୍ସ ତାଙ୍କ ନାମରେ କରିବା, ମୃତ୍ୟୁକାଳିନ ସହାୟତା ରାଶି ସହ ପରିବାରର ଜଣକୁ ଚାକିରି ଦେବା ଆଦି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୁମରମଣି ସାହୁ, ଲେନିନ ପୃଷେଠ, ସନ୍ତୋଷିନୀ ପଟେଲ, କେତକୀ ଗୌଡ, ମମତା ନାଏକ, ନୀଳିମା ନାଏକ, ବିନତା ପୃଷେଠ,ବବିତା ବେହେରା, ନମିତା ସାଥୁଆ, ରେଣୁବାଳା ବାଙ୍କଲା ପ୍ରମୁଖ ଯୋଗାଣ ସହାୟକ ଉପସ୍ଥିତ ଥିଲେ।

## ଭାଜପାର ପଞ୍ଚାୟତ ଅଫିସ ଘେରାଉ



ଜିଆର୍‌ଏସ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

**କୁଚିଣ୍ଡା,୨୬।୮ (ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଗୁଦଗୁଦା ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଙ୍କେ ପଞ୍ଚାୟତ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତ ଜିଆର୍‌ଏସ୍ ବଚନ ଗୌଡଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, କୁଚିଣ୍ଡା ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ବିକାଶ ପାଇଁ ଅନେକ ସଂସ୍ଥା କାର୍ଯ୍ୟ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ଉନ୍ନତି ହୋଇପାରି ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାରେ ଚଞ୍ଚକତା କରାଯାଉଛି। ଅଯୋଗ୍ୟଙ୍କୁ ଘର ଦିଆଯିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ତୁରନ୍ତ ପାଉଣା ଦେବା, ବିଦ୍ୟୁତ ଦର କମାଇବା ସହିତ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇ ଦେବା, ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଦିଆଯିବା, କୁଚିଣ୍ଡାକୁ ଜିଲା ଘୋଷଣା କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଦଳ ଚେତାବନୀ ଦେଇଛି। ଆନ୍ଦୋଳନରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସମିତିସଭ୍ୟ ସମୀର କଉଡି, ଭାଜପା ବାଙ୍କେ ପଞ୍ଚାୟତ ପ୍ରମୁଖ ହରିହର ସାହୁ, ଟଙ୍କଧର ବାଘଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଅନୁଷ୍ଠାପନ ସମାରୋହ

**ସମ୍ବଲପୁର,୨୬।୮ (ବି.ଶଙ୍କର)**




ସମାରୋହରେ ମଞ୍ଚାସୀନ ଅତିଥିମାନେ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ସଭାକକ୍ଷରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଅନୁଷ୍ଠାପନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସିକତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟଅତଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ନିଜସ୍ୱ ଉଦ୍ୟମ ଓ କଠିନ ପରିଶ୍ରମ ଦ୍ୱାରା କିପରି ସଫଳତା ପାଇବେ ସେ ନେଇ ଆଲୋକପାତ କରିଥିଲେ। ଆଇକ୍ୟୁଏସି ଅଧ୍ୟକ୍ଷ ପ୍ରଫେସର ଦୁର୍ଲ୍ଲଭ କୁମାର ସା ଶୃଙ୍ଖଳିତ ଛାତ୍ର ଜୀବନ, ମହାବିଦ୍ୟାଳୟର ନୀତିନିୟମ ବିଷୟରେ ଅବଗତ କରାଇଥିଲେ। ଅଧ୍ୟାପକ ପ୍ରଫେସର ସତ୍ୟପ୍ରକାଶ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ.ରଘୁମଣୀ ନାୟକ ଓ ଡ. ପ୍ରଦୀପ କୁମାର ହରିପାଲ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ଓ ଅଧ୍ୟୟନର ବିଭିନ୍ନ ଦିଗ ଉପରେ ଦଗ୍‌ଦର୍ଶନ ଦେଇଥିଲେ।ଶେଷରେ ମହାବିଦ୍ୟାଳୟ ଓଡିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଙ୍କୁ ମାଡ଼, ଶିକ୍ଷକଙ୍କ ନାମରେ ମାମଲା

**ଜମନକିରା,୨୬।୮ (ରବୀନ୍ଦ୍ର ଦାନି)**

ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ମୁଣ୍ଡେନପାଲି ଗାଁ ସ୍କୁଲରେ ଶିକ୍ଷକଙ୍କ ମାଡ଼ରେ ୮ମ ଶ୍ରେଣୀର ଛାତ୍ର ଆହତ ହୋଇଛନ୍ତି। ଛାତ୍ରଙ୍କ ପିତା ଏ ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଏକ ମାମଲା (ନଂ.୯୯/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମୁଣ୍ଡେନପାଲି ଉଚ୍ଚ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ଗତ ଗୁରୁବାର ୮ମ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କୁ ବାଡେଇଥିଲେ। ଏଥିରେ ଛାତ୍ର ଜଣକ ଗୁରୁତର ଆହତ ହୋଇଥିଲା। ଏହା ଶୁଣିବା ପରେ ଛାତ୍ରଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି।

## ଗୃହ ନିର୍ମାଣ ଦାବିରେ ଆଶାକର୍ମୀ ଏକାଠି

**ସମ୍ବଲପୁର,୨୬।୮ (ବି.ଶଙ୍କର)**

ବୁର୍ଲାସ୍ଥିତ ଭିମ୍‌ସାରକୁ ପ୍ରସୁତିକାଳୀନ ସେବା ପାଇଁ ରୋଗୀଙ୍କ ସହ ଆଶାକର୍ମୀମାନେ ଆସୁଛନ୍ତି। ହେଲେ ଆଶାମାନଙ୍କ ରହଣି ପାଇଁ ଗୃହଟିଏ ନାହିଁ। ଫଳରେ ସେମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଜିଲାର ପ୍ରାୟ ୨ଶହ ଆଶାକର୍ମୀ ବୁର୍ଲା ଭାରତୀ କ୍ଲବଠାରେ ଏକଜୁଟ ହୋଇ ଆଲୋଚନା କରିଥିଲେ। ପରେ ସେମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଭିମ୍‌ସାର ପରିସରରେ ପହଞ୍ଚିଥିଲେ। ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପାଇଁ ମେଡିକାଲ ଆଇସିୟୁ କମ୍ପ୍ଲେକ୍ସର ଏକ କୋଠାକୁ ଅସ୍ଥାୟୀ ଭାବେ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ସ୍ତ୍ରୀ ଓ ପ୍ରସୁତି ବିଭାଗ କୋଠା ଉପରେ ଆଶାଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆଶାକର୍ମୀ ଶାନ୍ତ ହୋଇଥିଲେ। ଆଲୋଚନାରେ ବିଏଚ୍‌ଏମ୍‌ଏସ୍ ଜିଲା ସମ୍ପାଦକ ଆଶୁତୋଷ ବିଶି, ଉପସଭାପତି ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ।



ବୁର୍ଲା ଭିମ୍‌ସାରରେ ଆଶାକର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ଦେବଗଡ଼କୁ ହରାଇ ଛାମୁଣ୍ଡା ଦଳ ବିଜୟୀ

### ଛାମୁଣ୍ଡାରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା

**ସମ୍ବଲପୁର,୨୬।୮ (ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଛାମୁଣ୍ଡାରେ ପ୍ରତିବର୍ଷ ଭଳି ୪ ଦିନିଆ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶନିବାର ଫାଇନାଲ ମ୍ୟାଚରେ ଦେବଗଡ ଜିଲାକୁ ୨-୧ରେ ହରାଇ ଛାମୁଣ୍ଡା (ସମ୍ବଲପୁର) ଦଳ ବିଜୟୀ ହୋଇଛି। ଫାଇନାଲ ମାଚ ପ୍ରଥମାର୍ଦ୍ଧରେ ଉଭୟଦଳ ୧-୧ରେ ବରାବର ରହିଥିବା ବେଳେ ଶେଷ ସମୟରେ ଛାମୁଣ୍ଡା ଦଳର ଜାତୀୟ ସ୍ତରର ଖେଳାଳି ରଜତ ମିଞ୍ଜ ଗୋଲସ୍କୋର କରି ଦଳକୁ ବିଜୟୀ କରିଥିଲେ। ପ୍ରତିଯୋଗିତାରେ ସମ୍ବଲପୁର ସମେତ ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା ଜିଲାରୁ ମୋଟ ୪୦ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ବରୁଣ ଦେହୁରି, ସମ୍ମାନିତ ଅତିଥିଭାବେ ସରପଞ୍ଚ ବନିତା ଭୋଇ, ସମିତି ସଭ୍ୟ ଡେଭିଟ ଭାତ୍ରା, ସୁମନ୍ତ ସାହୁ ଯୋଗ ଦେଇଥିଲେ। ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଗତ ୨୩ ତାରିଖରେ ମ୍ୟାଚ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା ଯୋଗଦେଇଥିଲେ। ଛାମୁଣ୍ଡା ସାହାରା କ୍ଲବ ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଅନିକେଶ ଗୁଡିଆ, ଅମର ଖଙ୍ଗାଡି ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ହକି ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

# ଅଟକିନାହିଁ ନ୍ୟାୟିକ ଲଢ଼େଇ

ବରଗଡ଼,୨୬।୮ (ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ, ସମଲେଶ୍ୱରୀ ସଂଘର କର୍ମକର୍ତ୍ତାବୃନ୍ଦ ।

**ଲେଙ୍ଗୁ ମିଶ୍ର ଛକ-ନୂଆ ଜିରା ବ୍ରିଜ ଜବରଦଖଲ ଉଚ୍ଛେଦ**

- ଉଚ୍ଛେଦ ସପକ୍ଷରେ ରାୟ ପାଇଁ ଆଶାବାଦୀ
- ବିଚଳିତ ନହୋଇ ଅପେକ୍ଷା ପାଇଁ ନିବେଦନ

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଥମିବା ନାଁ ନେଉନାହିଁ। ଉଚ୍ଛେଦରେ ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ସ୍ଥଗିତାଦେଶ ଆଣିବା ପରେ ଉଚ୍ଛେଦ ପ୍ରକ୍ରିୟା ଅଧାରେ ଅଟକି ରହିଛି। ଅନ୍ୟପଟେ ନ୍ୟାୟାଳୟରେ ଏହାର ବିଚାର ପ୍ରକ୍ରିୟା ଜାରି ରହିଛି। ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ରହିଛି। ଏଭଳି ସ୍ଥିତିରେ ଉଚ୍ଛେଦକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନ୍ୟପଟେ ନ୍ୟାୟିକ ଲଢ଼େଇରେ ନିଶ୍ଚୟ ବିଜୟ ହେବ ଏବଂ ଉକ୍ତ ରାସ୍ତାରୁ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ହଟିବ ବୋଲି ଶନିବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉଚ୍ଛେଦ ଦାବିର ନେତୃତ୍ୱ ନେଉଥିବା ଜିଲା ଓକିଲ ସଂଘ ଏବଂ ସମଲେଶ୍ୱରୀ ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ସେହିପରି ନ୍ୟାୟିକ ପ୍ରକ୍ରିୟା ଜାରି ରହିଥିବାବେଳେ କିଛି ଲୋକ ସୋସିଆଲ ମିଡ଼ିଆରେ ଉଚ୍ଛେଦକୁ ନେଇ ନକରାତ୍ମକ ଦୃଷ୍ଟିଭଙ୍ଗୀ ରଖୁଥିବାରୁ ତାକୁ ନାପସନ୍ଦ କରାଯିବା ସହିତ ସକାରାତ୍ମକ ମନୋଭାବ ରଖିବାକୁ ଉଭୟ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ସମଲେଶ୍ୱରୀ ସଂଘର ସଭାପତି ସମୀର କୁମାର ପ୍ରଧାନ ସୂଚନା ଦେଇ କହିଥିଲେ, ଉକ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଦାବି ନୂଆ ନୁହେଁ। ଏହା ଦୀର୍ଘବର୍ଷର ଦାବି ହୋଇଥିବା ସତ୍ତ୍ୱେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ସୁଦ୍ଧା ହୋଇ ପାରି ନ ଥିଲା। ଗତ ଜୁନ ୨୧ତାରିଖ ସଂଘ ପକ୍ଷରୁ ଏ ନେଇ ପ୍ରଶାସନଠାରେ ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ପ୍ରାଥମିକ ପର୍ଯ୍ୟାୟରେ ହମିଦ୍ ନକ୍ସା ବଦଳରେ ମେଜର ନକ୍ସାରେ ପ୍ରଶାସନର ସୀମା ଚିହ୍ନଟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ଏବଂ ଏ ନେଇ ସମଲେଶ୍ୱରୀ ସଂଘ, ଜିଲା ଓକିଲ ସଂଘ ପୁନର୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପ୍ରଶାସନ କମିଟି ଗଠନ କରି ମେଜର ନକ୍ସା ଅନୁଯାୟୀ ସରକାରୀ ବିଭାଗ ନାମରେ ରହିଥିବା ଜାଗା ଚିହ୍ନଟ କରି ଉଚ୍ଛେଦ ଆରମ୍ଭ କରିଥିଲା। କିନ୍ତୁ ଘଟଣାଟି ନ୍ୟାୟାଳୟକୁ ପହଞ୍ଚି ଥିବାବେଳେ ନ୍ୟାୟିକ ପ୍ରକ୍ରିୟା ଚାଲିଥିବାରୁ ଉଚ୍ଛେଦ ପାଇଁ ପ୍ରଶାସନକୁ ସମୟ ଦେବାକୁ ପଡ଼ିବ ବୋଲି ପ୍ରଧାନ କହିଥିଲେ।

ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ କହିଥିଲେ, ସହରବାସୀଙ୍କ ଦୀର୍ଘବର୍ଷର ଦାବି ଯେଭଳି ପୂରଣ ହେବ ଏବଂ ଉକ୍ତ ରାସ୍ତାରୁ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ହେବ, ତାକୁ ଗୁରୁତ୍ୱର ସହିତ ନିଆଯାଉଛି । ପ୍ରଶାସନ ମଧ୍ୟ ଏଥିରେ ସହଯୋଗ କରୁଛି। କମିଟି ମଧ୍ୟ ବାରମ୍ବାର ବୈଠକ କରୁଛି ଏବଂ ଯେଉଁ ପ୍ରସ୍ତାବ ନିଆଯାଉଛି, ସେସବୁକୁ ପାଳନ କରାଯାଉଛି। ଉକ୍ତ ରାସ୍ତାରେ ୧୪୮ ପରିବାର ରହୁଥିବା ଜଣାପଡ଼ିଥିବା ବେଳେ ଜବରଦଖଲରେ ୫୮ପ୍ଲଟ ରହିଥିବା ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସେଥିମଧ୍ୟରୁ ୪୪ପ୍ଲଟର ଆଂଶିକ ଉଚ୍ଛେଦ ହୋଇ ସାରିଛି । ଉଚ୍ଛେଦ ପ୍ରକ୍ରିୟା ଚାଲିଥିବାବେଳେ ଜଣେ ପରେ ଜଣେ ଏଭଳି ୪୯ଜଣ ନ୍ୟାୟାଳୟରୁ ରହିତାଦେଶ ଆଣିସାରିଛନ୍ତି ଏବଂ ତାର ନ୍ୟାୟିକ ପ୍ରକ୍ରିୟା ଚାଲିଛି । ନ୍ୟାୟାଳୟରେ ଦାଖଲ ପାଇଁ ଆବଶ୍ୟକ ଦସ୍ତାବିଜ୍, ତଥ୍ୟ ସଂଗୃହୀତ ହୋଇଛି । ଉଚ୍ଛେଦ ସପକ୍ଷରେ ନିଶ୍ଚୟ ନ୍ୟାୟାଳୟ ରାୟ ଦେବେ ଏବଂ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ହେବ । ଫଳରେ ବିଚଳିତ ନ ହୋଇ ତାକୁ ଅପେକ୍ଷା କରିବା ପାଇଁ ସରାଫ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘର ସମ୍ପାଦକ ଉତ୍ତର କୁମାର ସାହୁ ଏବଂ ସମଲେଶ୍ୱରୀ ସଂଘର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

# ଘୁଲୁଘୁଲାପଦରରେ ପାନୀୟ ଜଳ ସମସ୍ୟା

ଘଣ୍ଟାପଡ଼ା,୨୬।୮ (ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ସୂଚନା ଅନୁସାରେ ଦୁଇ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଉକ୍ତ ଗ୍ରାମକୁ ପାନୀୟ ଜଳ ସୁବିଧା ପାଇଁ ୫୦ଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପ ଆଜକୁ ୨୦ଦିନ ହେବ ଅଚଳ ହୋଇପଡ଼ିଛି। ଏ ନେଇ ଅଭିଯୋଗ କଲେ ସୁଦ୍ଧା ବିଭାଗ ପକ୍ଷରୁ ମରାମତି କରାଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ପାଣି ପାଇଁ ଗାଁ ଲୋକେ ଗ୍ରାମ ବିଦ୍ୟାଳୟ ସମ୍ମୁଖରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରୁଛନ୍ତି। ହେଲେ ଗରାଏ ପାଣି ନେବାକୁ ଜଣକୁ ପ୍ରାୟ ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତୁରନ୍ତ ଏହି ପ୍ରକଳ୍ପ ମରାମତି କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସମାଧାନ ନ ହେଲେ ମହିଳାମାନେ ଗରା ଧରି ବ୍ଲକ କାର୍ଯ୍ୟାଳୟ ସହ ରାଜ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**୨୦ଦିନ ହେଲା ପ୍ରକଳ୍ପ ଅଚଳ**



ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ।

# ସାରସ୍ୱତ କୃତି ଲୋକଲୋଚନକୁ ଆଣିବା ଲକ୍ଷ୍ୟ

ସୋନପୁର,୨୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୨ଟି ନୂତନ ଟ୍ରଷ୍ଟ ଶୁକ୍ରବାର ରେଜିଷ୍ଟ୍ରିଭୁକ୍ତ ହୋଇଛି। ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟ ଏବଂ ଶ୍ରୀ ଯୋଗେଶ୍ୱର ମନ୍ଦିର ଚାରିଟେବଲ ଟ୍ରଷ୍ଟ ନାମରେ ଏହା ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଜଣାପଡିଛି। ଏହି ଦୁଇଟି ଟ୍ରଷ୍ଟରେ ବରିଷ୍ଠ ଆଇନଜୀବୀ ଗୋରେଖନାଥ ସାହୁ ଟ୍ରଷ୍ଟି ସଭାପତି ଅଛନ୍ତି। ଏହାର ଉପସଭାପତି ଓ ସଂପାଦକ ଭାବେ ଯଥାକ୍ରମେ ଡ. ଦେବାଶିଷ ପାଣ୍ଡିଆ, ପ୍ରାଧ୍ୟାପକ ଶମ୍ଭୁଭୂଷଣ ପଣ୍ଡା, ଦିଲୀପ କୁମାର ରଥ, ଡ. ଅନିରୁଦ୍ଧ କୁରକୁରିଆ ଅଛନ୍ତି । ପ୍ରାଧ୍ୟାପିକା ମୀନା ମହାରଣା, ଲକ୍ଷ୍ମୀନାରାୟଣ ସାହୁ, ଡ. ବର୍ଣ୍ଣାଳୀ ସାହୁ, ମିଥୁନ କୁମାର ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ନାରାୟଣ ସାହୁ, ଗୋପାଲ ସା, ଅଗସ୍ତି ବିଶି , ମିତ୍ରଭାନୁ ମିଶ୍ର, ଭୁବନେଶ୍ୱର ମେହେର, ମହନ୍ତ ନିମ୍ବାର୍କ ଚରଣ ଦାସ, ସତ୍ୟ ନାରାୟଣ ପୂଜାହାରୀ, ଗୌର ଚନ୍ଦ୍ର ପରିଚ୍ଛା, ଦାମୋଦର ମିଶ୍ର, ମକୁନ୍ଦ ଧରୁଆ ଓ ଚନ୍ଦ୍ରାବତୀ ପାଣ୍ଡେ ଟ୍ରଷ୍ଟର ସଭ୍ୟାସଭ୍ୟ ଅଛନ୍ତି। ସନ୍ଥକବି ଚନ୍ଦ୍ରମଣି ଦାସ ଏବଂ ସନ୍ଥକବି ଭୀମଭୋଇଙ୍କ ଆଧ୍ୟାତ୍ମିକ ଓ ସାରସ୍ୱତ କୃତିକୁ ଲୋକଲୋଚନକୁ ଆଣି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଟ୍ରଷ୍ଟର ଲକ୍ଷ୍ୟ ରହିଛି।


## PANCHAYAT SAMITI OFFICE, HEMGIR, DIST- SUNDARGARH
**TENDER CALL NOTICE 01/2023-24**

No. 1897/Date: 25.08.2023

No.i-334:- Tender is hereby invited vide Tender Call Notice No. 03 of 2023-24 from eligible contractors for the following work. The details documents will be downloaded from district website www.sundergarh.nic.in w.e.f. 25.08.2023 to 02.09.2023.

| Sl. No. | Name of the Work | Amount put to Tender in ₹. (Excluding GST) | Cost of Tender paper (Non-refundable) in ₹. | Bid secuirity/ EMD (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Transformation and Infrastructure Development work at Vesaja Patel Degree College, Duduka G.P., Hemgir Block. | 29,66,103/- | 6,000/- | 29,661/- | Two Months | 'C' Class |
| 2 | Transformation and Infrastructure Development work at Panchayat Samiti Higher Secondary School, Hemgir G.P., Hemgir Block. | 25,42,400/- | 6,000/- | 25,424/- | Two Months | 'C' Class |

1. Date and time for download Tender Paper: From Dt.25.08.2023 to 02.09.2023. 2. Last Date of Receipt of Tender Paper: Dt.02.09.2023 (5.00 P.M.). 3. Date of Opening of Tender Paper: Dt.05.09.2023 (11.30 A.M.).

OIPR-19104/11/0007/2324 — Sd./- Block Development Officer, Hemgir

Government of Odisha
## Office of the Executive Engineer, Rural Works Division-II, Nabarangpur, Umerkote
email:eerwukt@gmail.com & eerwukt@ymail.com

Letter No.2738 — **e-Procurement Notice** — Date:22.08.2023

**No.O-760:**1. Name of the Work: Road Works. 2. Total No. of Works: 3 (Three) Nos. 3. Approx. Estimated Cost: Varies from 53.13 Lakhs to 75.63 Lakhs. 4. Class of Contractor: "B" Class of Contractor. 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last date & time seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Division-II, Nabaranpur, Umerkote | Online Tender/02/RWD-UKT/2023-24 | 29.08.2023 at 11.00 A.M. | 11.09.2023 upto 5.00 PM | 08.09.2023 at 01.00 PM | 12.09.2023 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.

**Sd./- Executive Engineer, Rural Works Division-II, Nabarangpur, Umerkote**
OIPR-25103/11/0004/2324

GOVERNMENT OF ODISHA
## OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR
Letter No, Dated. Email i.d.: crew_bbsr@yahoo.com

**"e" Procurement Notice for bridge works in Odisha (Online-05 (Bridge) / 2023-24 dt. 23.08.2023)**

**No.O-775:**1. Name of the work : Construction of bridge work. 2. Total No. of works : 19 (Nineteen) nos. 3.Estimated cost : Rs 1043.00 lakh to Rs 4488.00 lakh. 4.Class of contractor: A Class, Special Class & Super Class as applicable. 5. Period of completion : 15(Fifteen), 18 (Eighteen), 20 (Twenty) & 30 (Thirty) calendar months. (As mentioned in Clo. 7 of TCN Annexure.) 6. Other details :

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha,Bhubaneswar | Online-05 (Bridge)/ 2023-24 | 19 (Nineteen) Nos. | 29.08.2023 at 11.00 A.M. | 13.09.2023 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in.**

**Sd./- Chief Engineer (Buildings & Bridges) Rural Works, Odisha, Bhubaneswar**
OIPR-25123/11/0022/2324

Government of Odisha
## Office of the Chief Construction Engineer Rural Works Circle, Sambalpur
E-mail Id:serwcirclesbp@yahoo.com

**Bid Identification No. Road tender Online RWCSBP-24 No:2163, Dated: 24.08.2023**

**No.O-756:**The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 05 (Five) Nos. of Road work under CMRL & SACI.

1.Name of work : Road works under CMRL & SACI. 2. No. of works: 05 (Five) Nos. of Road Work Details as per DTCN. 3. Estimated cost: Approximately Cost Rs.224.83 lakhs to Rs.645.73 lakhs. 4.Class of Contractor : 'B', "A" and 'Special' Class. 5.Cost of tender paper and mode of deposit : Rs.10,000/- per set.( to be deposited On-line) in favour of concerned Superintending Engineer. 6.Mode of submission of tender : Tender should be submitted only Online in website www.tendersorissa.gov.in. (https//tendersodisha.gov.in). 7.EMD and mode of deposit : **1% of estimated cost of the work to be remitted online as mentioned in DTCN.**

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-24/2023-24 | 31.08.2023 at 11.00 A.M. | 14.09.2023 upto 5.00 P.M. | 12.09.2023 upto 5.00 P.M. | 15.09.2023 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in) * Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. * Bidder should inspect the road before bidding and quote his rate accordingly.

**Sd./- Chief Construction Engineer, Rural Works Circle, Sambalpur**
OIPR-25091/11/0038/2324

GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR
Tel.06766-258094 (O), Mail: eerwl_kjr@yahoo.com

**"e" Procurement Notice for Road Works**
**Identification No.Online NCB-04/2023-24**

**No.O-768:**1. Name of the work : 02 Nos. Road Works. 2. Total Number of Work : 02 Nos. 3.Estimated cost : Rs.19.83 lakhs to Rs. 38.14 lakhs. 4.Class of contractor: D, C and B Class. 5. Period of completion : As per Annexure of e-Procurement Notice No.04/2023-24. 6. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o.S.E.R.W. Division-I, Keonjhar |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.04 | Dt.29.08.2023 at 11.00 A.M. | Dt.07.09.2023 upto 5.00 P.M. | Dt.05.09.2023 upto 5.00 PM | Dt.08.09.2023 at 11.00 A.M. |

Further details can be seen from the Website www.tenderorissa.gov.in.

OIPR-25110/11/0010/2324 — **Sd./- Superintending Engineer R.W.Division-I, Keonjhar**

GOVERNMENT OF ODISHA — No.O-776
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR
AT/PO- Nayabazar, Cuttack-753004, Tel No. 0671-2444488, Email-serw_kpd@yahoo.com

Letter No.2965 — **2nd Corrigendum Notice** — Date:- 25.8.23

**2nd Corrigendum to Bid Identification No. Tender Online RCK-25/23 invited this office Letter No.-2757, Dt.-08.08.2023**

The changes as detailed below are hereby made in the above N.I.T.:-

1 Clause No.-06 of NIT modified below:-

| Procurement Officer | Bid Identification No. | Availability of Tender on-line for bidding: To | | Last Date & Time of seeking tender clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| 1 | 2 | 4 | | 5 | | 6 | | 7 | |
| | | Previously Fixed on | Presently Modified on | Previously Fixed on | Presently Modified on | Previously Fixed on | Presently Modified on | Previously Fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-25/23 | 01.09.2023 to 05.30 P.M. | 05.09.2023 to 05.30 P.M. | 01.09.2023 upto 02.00 P.M. | 05.09.2023 upto 2.00 P.M. | 02.09.2023 at 11.30 A.M. | 07.09.2023 at 11.30 A.M. | Will be intimated later | 12.09.2023 at 11.30 A.M. |

**All other conditions of NIT remain unaltered.**

OIPR-25129/11/0030/2324 — **Sd./- Chief Construction Engineer, Rural Works Circle, Kendrapara-Jajpur**

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA
No. O-763

E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada

**"e"-Procurement Notice for Bridge Work | Identification No. Online Tender-Bridge N.C.B. No. 304 for 2023-24**

**Letter No. 4068/Date: 24.08.2023**

1. Name of the work :- **Bridge work under Biju Setu Yojana in the District of Mayurbhanj.** 2. Total No. of works :- **02** Nos. (Two). 3. Estimated Cost :- **Rs.410.41** lakhs to **Rs.412.37** lakhs (approximately). 4. Eligible Class of Contractor :- As per annexure. 5. Period of Completion :- As per annexure.
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.,R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Baripada** | **Bridge Online N.C.B. No.304** | **Dt.28.08.2023 at 11.00 A.M.** | **Dt.11.09.2023 up to 5.00 P.M.** | **Dt.08.09.2023 up to 5.00 P.M.** | **Dt.12.09.2023 at 11.00 A.M.** | **Will be intimated later** |

- **Further details can be seen from the website www.tendersorissa.gov.in**
- **Any Corrigendum / Addendum will be displayed in the above e_tender website only.**

OIPR-25130/11/0030/2324 — **Sd./- Er.S.K. Rout, Chief Construction Engineer, R.W. Circle, Baripada**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-765

**"e" Procurement Notice for Road Work**
Identification No. Online Tender - Road NCB No. 28 for 2023-24

Letter No. 3636 — Date: 21.08.2023

1. Name of the Work : Special Assistance to States Capital Investment (SACI)
2. Total No. of Work : 06 Nos. of Work.
3. Estimated Cost : From Rs.398.51 lakhs to Rs.620.70 lakhs (Approximately)
4. Eligible Class of Contractor : As per Annexure
5. Period of Completion : (As per Annexure)
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 28 | 28.08.2023 at 11.00 A.M. | 12.09.2023 upto 5.00 P.M. | 11.09.2023 upto 5.00 P.M. | 13.09.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0028/2324 — **Sd./- Chief Construction Engineer, R.W. Circle, Balasore**

GOVERNMENT OF ODISHA — No.O-770:
## OFFICE OF THE EXECUTIVE ENGINEER RURAL WORKS DIVISION, NIMAPARA
Mail Id:ee_nimapara@yahoo.co.in

No.Tender Online-Divn.NPR-05/2022-23 — Date: 22.08.2023

**e-Procurement Notice**

1. Name of the Work : Building Work for the year 2022-23. 2. Total No. of Projects: 5 (Five) Nos. 3. Estimated Cost of Projects: Varies from Rs.80.34 lakh to Rs.88.65 lakh. 4. Class of Contractor: B Class (of Odisha PWD) or equivalent Class of other licensing authorities. 5. Time for completion: 06 Months.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Nimapara | Tender Online-Divn. NPR-05/2023-24 | 28.08.2023 At 11.00 A.M. | 04.09.2023 upto 5.00 P.M. | 04.09.2023 upto 11.00 A.M. | 05.08.2023 at 11.00 A.M. Office of the S.E.R.W. Division, Nimapara | Will be intimated to the qualified Bidders through the Website later |

Further details can be seen from the website www.tendersorissa.gov.in.

**Sd./- Superintending Engineer, Rural Works Division, Nimapara**
OIPR-25099/11/0004/2324

## BHUBANESWAR DEVELOPMENT AUTHORITY
AKASH SHOVA BUILDING
SACHIVALAYA MARG, BHUBANESWAR - 751001
PABX No. 0674-2392801/0998/6437, Fax No. 0674-2390633/085
Visit us at: http://www.bda.gov.in/

**Invitation for Bids**

**Bid Identification No.962/EM/BDA — Date: 25.08.2023**

No.CAD-1855:- Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1. | Nature of works | : | Lake Zone Development |
| 2. | Total No. of works | : | 03 (three) Nos. |
| 3. | Amount put to tender | : | i) Rs.11.92 Crore<br>ii) Rs.14.30 Crore<br>iii) Rs.13.51 Crore |
| 4. | Class of Contractor | : | **'A' Class & 'Special' Class** |
| 5. | Period of Completion | : | i) 09 (Nine) Calendar months<br>ii) 09 (Nine) Calendar months<br>iii) 09 (Nine) Calendar months |
| 6. | Cost of Bid Documents | : | Rs. 10,000.00 + 18% GST= Rs. 11,800.00 |
| 7. | Earnest Money Deposit (EMD) | : | 1% of estimated cost put to tender. |
| 8. | Availability of Tender | : | **From 29.08.2023 to 5.00 PM of 11.09.2023** in the website |
| 9. | Date & time of opening of Tender | : | **Dt. 14.09.2023 at 11.30 AM** |
| 10. | Place of opening of Tender | : | O/o - Engineer Member, BDA, Bhubaneswar. |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Engineer Member, BDA, Bhubaneswar**
OIPR-13033/11/0268/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL
No. B-765 — Email: eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B), 17/2023-24**
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Single Cover System in ONLINE MODE only, for Construction of Building Work & Electrical Work as detailed below. | | |
| 2. | Nature of Work | : | Civil (Building) Works |
| 3. | No. of Work | : | 01 No. |
| 4. | Bid Cost | : | Rs.6,000/- |
| 5. | Class of Contractor | : | 'C' & 'D' Class |
| 6. | Availability of Bid Documents in the website | : | From 10.00 A.M. of 28.08.2023 to 5.00 P.M. of 11.09.2023 |
| 7. | Date of Opening of Bid | : | Dt.12.09.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

**Sd./- Superintending Engineer Dhenkanal (R&B) Division**
OIPR-34016/11/0017/2324

E-Mail Id.- se.hdc@rediffmail.com — No.A-470:
GOVERNMENT OF ODISHA
DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER HIRAKUD HEAD WORKS & ADDITIONAL SPILLWAY,BURLA
**E-Procurement notice No.- HHW & ASC-01/2023-24**

| | | | |
|---|---|---|---|
| 1 | Type of the work | : | Road Work as per DTCN |
| 2 | No. of works | : | 01 (One) No. |
| 3 | Class of contractor | : | "A" & "B " class |
| 4 | Bid identification No. | : | HHW & ASC-01/2023-24 |
| 5 | Estimated cost | : | Rs. 169.98 Lakhs (Approx.) (Excluding GST) |
| 6 | Period of completion | : | 11 (Eleven) Calendar Months |
| 7 | Date and time of availability of bid documents in the portal | : | Dt.28.08.2023 at 11.00 AM to Dt. 13.09.2023 up to 5.00 PM. |
| 8 | Last date/ time for receipt of bids in the portal | : | Dt.13.09.2023 upto 5.00PM. |
| 9 | Date of opening of Technical Bid (Cover-I) | : | Dt.14.09.2023 at 11.30 AM, O/o Additional Chief Engineer, Hirakud Head Works and Additional Spillway, Burla |
| 10 | Date of opening of Financial Bid (Cover-I I) | : | To be intimated later |
| 11 | Name and Address of the Officer inviting Bid | : | Additional Chief Engineer, Hirakud Head Works and Additional Spillway, Burla ,768017 Email Id: se.hdc@rediffmail.com |

**Bid Identification no.- HHW & ASC-01/2023-24**

1. Any addendum/corrigendum/ cancellation/ erratum of tender can also be seen in the said Website.
2. Further details can be seen from Government Website- http://tenderodisha.gov.in.

**Sd/-
ADDITIONAL CHIEF ENGINEER,
HIRAKUD HEAD WORKS &
ADDITIONAL SPILLWAY, BURLA**
OIPR-32494/11/0001/2324

# ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଛାତ୍ରୀଛାତ୍ର ସିଙ୍ଗାପୁର ଗଲେ




## 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୮ (ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୦ଜଣଙ୍କୁ ବଛାଯାଇ 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯାଇଛି। ଚୟନ ହୋଇଥିବା ଏହି ଛାତ୍ରୀଛାତ୍ର ଶନିବାର ବିମାନ ଯୋଗେ ସିଧାସଳଖ ସିଙ୍ଗାପୁରରେ ପହଞ୍ଚିଛନ୍ତି। ପ୍ରଥମଥର ପାଇଁ ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଜାତୀୟ ମାନର ତାଲିମ ପାଇଁ ଏଭଳି ସୁଯୋଗ ମିଳୁଥିବାରୁ ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସିଙ୍ଗାପୁର ଯାଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ଅନୁଭୂତି ସେମାନଙ୍କ ଶିକ୍ଷା ଓ ତାଲିମକୁ ଏକ ନୂଆ ଦିଗ ଦେବ ଏବଂ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି କହିଛନ୍ତି।

ଇଲେକ୍ଟ୍ରିକାଲ ଟେକ୍ନୋଲୋଜିର ଛାତ୍ରୀ ଅଲିଭା ପ୍ରିୟଦର୍ଶିନୀ ସାହୁ କହିଛନ୍ତି, ସିଙ୍ଗାପୁରରେ ଆମକୁ ଡ୍ରୋନ୍ ଏବଂ ରୋବୋଟିକ୍ସ ବିଷୟରେ ବହୁତ କିଛି ନୂଆ କଥା ଶିଖିବାକୁ ମିଳିବ। ତା'ଛଡ଼ା ସିଙ୍ଗାପୁରର ବିଭିନ୍ନ ସ୍ଥାନକୁ ଅତି ପାଖରୁ ଦେଖିବାକୁ ପାଇବି। 'ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନ'ର ଛାତ୍ର ଆୟୁଷ ପ୍ରଧାନ କହିଛନ୍ତି, ବିଦେଶ ଯାଇ ବିଶ୍ୱସ୍ତରୀୟ ଶିକ୍ଷା ସୁଯୋଗ ପାଇବି ବୋଲି ମୁଁ କେବେ ଭାବି ନ ଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେବା ଫଳରେ ମୋ' ପାଇଁ ଆଜି ତାହା ସାକାର ହୋଇଛି।

ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ୭ଟି ଅତ୍ୟାଧୁନିକ ବିଷୟରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନିସିଙ୍ଗ୍ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ ଦୁନିଆ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରାଯାଉଛି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ତେବେ ଏହି ୪୦ଜଣ ଛାତ୍ରୀଛାତ୍ର ୨ସପ୍ତାହ ଧରି ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ (ଆଇଟିଇ)ରେ ଅତିରିକ୍ତ ତାଲିମ ନେବା ସହ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହ ମିଶିବାର ସୁଯୋଗ ପାଇବେ।

# ରାଖୀରେ ପରିବେଶ ସୁରକ୍ଷା ବାର୍ତ୍ତା

## ରାଖୀ ଓ ଗଛର ନିଆରା ସମ୍ପର୍କ ସୃଷ୍ଟି କରୁଛି ବକୁଳ ଫାଉଣ୍ଡେଶନ

ଭୁବନେଶ୍ୱର, ୨୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଖୀ ଓ ଗଛର ଏକ ନିଆରା ସମ୍ପର୍କ ସୃଷ୍ଟି କରୁଛି ବକୁଳ ଫାଉଣ୍ଡେଶନ। ଜୈବିକ ରାଖୀ ମାଧ୍ୟମରେ ଦେଉଛି ପରିବେଶ ସୁରକ୍ଷାର ବାର୍ତ୍ତା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏପରି ପ୍ରୟାସ ଜାରି ରଖିଛି ଫାଉଣ୍ଡେଶନ। ୨୦୧୮ରୁ ଫାଉଣ୍ଡେଶନ ପ୍ରଦୂଷଣକାରୀ ରାଖୀର ବିକଳ୍ପ ଭାବେ ଜୈବିକ ବିହନ ରାକ୍ଷୀ ପ୍ରଦାନ କରିଆସୁଛି। ଏ ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଗଛ ସହିତ ବ୍ୟକ୍ତିଗତ ସମ୍ପର୍କକୁ ପ୍ରୋତ୍ସାହନ ଦେବା ଓ ସାଂସ୍କୃତିକ ଅଭ୍ୟାସ ମାଧ୍ୟମରେ ଆମ ସଂସ୍କୃତିରେ ଗଛର ଗୁରୁତ୍ୱକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ଆମେ 'ମୋ ଗଛ ଅଭିଯାନ' ଆରମ୍ଭ କରିଥିଲୁ। ରାଖୀ, ଦୀପାବଳି, ଭାଲେଣ୍ଟାଇନ ଡେ' ଭଳି ସ୍ୱତନ୍ତ୍ର ଦିବସରେ ଗଛଲତା ଉପହାର ଦେବାର ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଉଥିଲୁ। ତେବେ ରାସାୟନିକ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ରାଖୀ ଯୋଗୁ ହେଉଥିବା ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଆମେ ଜୈବିକ ରାଖୀକୁ ଆମ ଆନ୍ଦୋଳନରେ ଯୋଡିବାକୁ ନିଷ୍ପତ୍ତି ନେଲୁ। ଫାଉଣ୍ଡେଶନ ପକ୍ଷରୁ ମଧ୍ୟ ବିଭିନ୍ନ ସ୍କୁଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କିଛି ନିଆରା ଭାବେ ରାକ୍ଷୀ ପୂର୍ଣ୍ଣିମା ପାଳନ କରିବା ପାଇଁ ନିବେଦନ କରାଯାଉଛି। ବୃକ୍ଷ ବନ୍ଧନ ରୂପରେ ସେମାନେ ଯାଇ ନିଜ ଘରେ ଗଛରେ ରାକ୍ଷୀ ବାନ୍ଧନ୍ତୁ ନଚେତ୍ ରାସ୍ତାଘାଟ ଓ ସର୍ବସାଧାରଣ ପାର୍କ ଭଳି ସ୍ଥାନରେ ରାକ୍ଷୀ ବାନ୍ଧନ୍ତୁ। ସେହିଭଳି ଜୈବିକ ରାଖୀ ସହ ଏକ ଆକର୍ଷଣୀୟ ଗିଫ୍ଟ ପ୍ଲାଣ୍ଟ ଦିଆଯାଉଛି। ଜଣେ ବଡ଼ ହେଉଥିବା ଗଛ ଯେପରିକି ଆମ୍ବ ଗଛ, ଔଷଧୀୟ ଗଛ କିମ୍ବା ଫୁଲ ଗଛକୁ ଚୟନ କରିପାରିବ, ଯାହାକୁ ପୋତାଯାଇପାରିବ। ଯିଏ ଚାହିଁବ ଇନଡୋର ପ୍ଲାଣ୍ଟ ମଧ୍ୟ ଚୟନ କରିପାରିବ। ରାଖୀ ସହ ଗଛର ଦାମ୍ ୧୦୦ରୁ ୪୦୦ ମଧ୍ୟରେ ରହିଛି।



### ଜୈବିକ ରାଖୀର ମହତ୍ତ୍ୱ

ପ୍ରାକୃତିକ ସାମଗ୍ରୀରେ ତିଆରି ହୋଇଥିବା ଜୈବିକ ରାଖୀ ପରିବେଶ ଅନୁକୂଳ। ବିଶେଷକରି ଏହା ଗଛ ସହ ସମ୍ପର୍କ ରହିଛି। ଏଥିରେ ବିଭିନ୍ନ ମଞ୍ଜି ଲଗାଯାଉଥିବାବେଳେ ମାଟିରେ ପଡ଼ିବା ପରେ ତାହା ଗଛ ହୋଇ ପରିବେଶକୁ ସୁରକ୍ଷା ଦେଇଥାଏ। ଏଥିରେ ପରିବେଶ ସୁରକ୍ଷା ନେଇ ସଚେତନ ସୃଷ୍ଟି କଲାଭଳି ଦୃଶ୍ୟ ରହିଛି। ସାଧାରଣତଃ ମଧ୍ୟପ୍ରଦେଶର ଛିନ୍ଦବାଡାରେ ଗ୍ରାମବାସୀଙ୍କ ଦ୍ୱାରା ଉତ୍ପାଦିତ ଅଣ-ଜିଏମ୍ କପାରୁ ପ୍ରସ୍ତୁତ ଏହି ରାକ୍ଷୀ ସବୁଜ ରଙ୍ଗର। ଏଥିରେ ମହାରାଷ୍ଟ୍ରର ବର୍ଦ୍ଧାରେ ମହିଳାଙ୍କ ଦ୍ୱାରା ହସ୍ତଚାଳିତ ଚରଖାର ଦୃଶ୍ୟ ରହିଥିବାବେଳେ ଏହା ଇରୋଡରେ କାରିଗରଙ୍କ ଦ୍ୱାରା ପ୍ରାକୃତିକ ଭାବରେ ରଙ୍ଗାୟିତ ଏବଂ ମଧ୍ୟପ୍ରଦେଶର ପାରାଡସିଙ୍ଗ ଗାଁରେ ମହିଳାମାନେ ଏହାର ବ୍ୟାଣ୍ଡ ତିଆରି କରିଥାନ୍ତି। 'ବୀଜପତ୍ର' ନାମକ ଏକ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ଏହି ରାକ୍ଷୀରେ ଆମରନ୍ଥସ, ତୁଳସୀ, ପର୍ସଲେନ, ବିମ୍ବ ଆଦି ମଞ୍ଜି ଥାଏ। ଏପରିକି ପୁନଃଚକ୍ରଣ ହୋଇଥିବା କାଗଜରେ ମଧ୍ୟ ସନ୍ନିବେଶିତ କରାଯାଇଥାଏ, ଯେଉଁଥିରେ ରାଖୀଗୁଡ଼ିକ ବନ୍ଧା ହୋଇ ରହିଥାଏ। ଏହି ରାଖୀ ଓ ସଂଲଗ୍ନ କାଗଜକୁ ଯଦି ଫିଙ୍ଗି ଦିଆଯାଏ ତାହା ସହଜରେ ନଷ୍ଟ ହୋଇଯାଏ ଏବଂ ସେଥିରୁ ଚାରା ଫୁଟିଥାଏ।

# ଆବୁଧାବିରୁ ଫେରି ଦିଲ୍ଲୀରେ ଓଡ଼ିଆ ଶ୍ରମିକ ନିଖୋଜ

ବାଲୁଗାଁ, ୨୬।୮ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ନାଭାଲ ଫାଣ୍ଡିଅଧୀନ ବେଲପଡ଼ା ଗ୍ରାମର ରଞ୍ଜନ ସ୍ୱାଇଁ। ବୟସ ୩୦। ଆବୁଧାବିର ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟରତ ଥିଲେ। ଗତ ୧୯ତାରିଖରେ ସେ ଗ୍ରାମକୁ ଫେରୁଥିବା ବେଳେ ଦିଲ୍ଲୀରୁ ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ନିଖୋଜ ମାମଲା (ନଂ.୩୦/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ରଞ୍ଜନ ୩ବର୍ଷ ପୂର୍ବେ ଆବୁଧାବି ସହରକୁ ଯାଇ ସେଠାରେ ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟରତ ଥିଲେ। ଗତ ୧୮ତାରିଖରେ ଉକ୍ତ କମ୍ପାନୀ ରଞ୍ଜନଙ୍କୁ ଘରକୁ ଯିବା ପାଇଁ ବିମାନ ଟିକେଟ ଯୋଗାଇଦେଇଥିଲା।



ଆବୁଧାବିରୁ ମୁମ୍ବାଇ ଏବଂ ମୁମ୍ବାଇରୁ ଦିଲ୍ଲୀ ପର୍ଯ୍ୟନ୍ତ ଉକ୍ତ ଟିକେଟ ରହିଥିଲା। ରଞ୍ଜନଙ୍କ ସାଥିରେ ମଧ୍ୟ ଉକ୍ତ କମ୍ପାନୀର ଜଣେ ମୁସଲିମ୍ ସହକର୍ମୀ ଦିଲ୍ଲୀ ପର୍ଯ୍ୟନ୍ତ ଆସିଥିଲେ। ତେବେ ୧୯ତାରିଖରେ ଦୁହେଁ ଦିଲ୍ଲୀରେ ପହଞ୍ଚିବା ପରେ ରଞ୍ଜନଙ୍କ କୌଣସି ସନ୍ଧାନ ମିଳୁନାହିଁ। ୭ଦିନ ବିତିଯାଇଥିଲେ ମଧ୍ୟ ରଞ୍ଜନ ଘରେ ପହଞ୍ଚି ନାହାନ୍ତି। ପରିବାର ପକ୍ଷରୁ ଉକ୍ତ କମ୍ପାନୀ ସହିତ ଯୋଗାଯୋଗ କରାଯିବାରେ କମ୍ପାନୀ କର୍ତ୍ତୃପକ୍ଷ ରଞ୍ଜନଙ୍କ ସାଥିରେ ଆସିଥିବା ସହକର୍ମୀଙ୍କ ଫୋନ ନମ୍ବର ଦେଇ ଯୋଗାଯୋଗ କରିବା ପାଇଁ କହିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କୁ ଫୋନ ଯୋଗେ ରଞ୍ଜନଙ୍କ ସମ୍ପର୍କରେ ପଚାରିବାରୁ କହିଥିଲେ, ଏୟାରପୋର୍ଟରେ ଓହ୍ଲାଇବା ପରେ ଟ୍ୟାକ୍ସି ଯୋଗେ ମୁଁ ଘରକୁ ଫେରିଲି ଏବଂ ରଞ୍ଜନ ଓଡ଼ିଶା ଯିବା ପାଇଁ ଅନ୍ୟ ଏକ ଟ୍ୟାକ୍ସି ଯୋଗେ ଦିଲ୍ଲୀ ଷ୍ଟେଶନକୁ ଯାଇଥିଲେ। ତେବେ କୌଣସି ଯୋଗାଯୋଗ ନ ହୋଇପାରିବାରୁ ପରିବାର ଲୋକେ ବିଭିନ୍ନ ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି। ଇତିମଧ୍ୟରେ ଗତ ୨୪ତାରିଖ ବିଳମ୍ବିତ ରାତ୍ରୀରେ ଦିଲ୍ଲୀରୁ ଏକ ଫୋନ କଲ୍ ରଞ୍ଜନଙ୍କ ବାପାଙ୍କ ମୋବାଇଲକୁ ଆସିଥିଲା। ୨୫ତାରିଖ ସକାଳେ ଉକ୍ତ ନମ୍ବରକୁ ଯୋଗାଯୋଗ କରାଯିବାରେ ବ୍ୟକ୍ତି ଜଣକ ଏହା ଦିଲ୍ଲୀ ବୋଲି କହି ଫୋନ୍ କାଟିଦେଇଥିଲା। ଏନେଇ ପରିବାରଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ଫଳରେ ରଞ୍ଜନଙ୍କ ବାପା ଅକ୍ଷୟ ସ୍ୱାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## 'ମୋ ସ୍କୁଲ' ନାଁରେ...





ଅଭିଯୁକ୍ତମାନେ 'ମୋ ସ୍କୁଲ.ଇନ୍' ବଦଳରେ 'ମୋ ସ୍କୁଲ.ଅନ୍‌ଲାଇନ୍' ନାମରେ ୱେବ୍‌ସାଇଟ ତିଆରି କରିଥିଲେ। ସେଥିରେ ଓଡ଼ିଶା ସରକାରଙ୍କ ଅଫିସିଆଲ ଲୋଗୋ ବ୍ୟବହାର କରି ନିଯୁକ୍ତି ବିଜ୍ଞପ୍ତି ଦେଉଥିଲେ। ଅଭିଯୁକ୍ତ ଅମର ନିଜକୁ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀର ପରିଚୟ ଦେଇ ଆଶାୟୀଙ୍କୁ ଉକ୍ତ ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ ପାଇଁ କହୁଥିଲେ। ପରେ ଆଶାୟୀଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ପରେ

ସେମାନଙ୍କୁ କେବଳ ସରକାରୀ ଷ୍ଟାମ୍ପ ଥିବା ଲେଟର ଦେଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଏନେଇ ଗତ ଜୁଲାଇ ୧୨ରେ 'ମୋ ସ୍କୁଲ' ପକ୍ଷରୁ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ତଦନ୍ତ କରି ସେମାନଙ୍କୁ ଧରିବାରେ ସଫଳ ହୋଇଛି।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଶାୟୀଙ୍କଠାରୁ ଟଙ୍କା ନେବା ପାଇଁ ଠକମାନେ ବେନାମୀ ଆକାଉଣ୍ଟ ବ୍ୟବହାର କରୁଥିଲେ। ଅଭିଯୁକ୍ତ ଅମର ପୁରୀର ଜଣେ ବୟସ୍କ ମହିଳାଙ୍କୁ ଲୋନ କରାଇ ଦେବାର ଲୋଭ ଦେଖାଇ ତାଙ୍କ ଟିପ ଚିହ୍ନ ଏବଂ ଡକ୍ୟୁମେଣ୍ଟ ଆଧାରରେ ବ୍ୟାଙ୍କରେ ନିଜକୁ ମହିଳାଙ୍କ ସ୍ୱାମୀ ପରିଚୟ ଦେଇ ଆକାଉଣ୍ଟ ଖୋଲିଥିଲେ। ସେହି ଆକାଉଣ୍ଟରେ ଠକେଇ ଟଙ୍କା କାରବାର କରୁଥିଲେ। ଉକ୍ତ ଆକାଉଣ୍ଟ ଓ ସେଥିରେ ହୋଇଥିବା ଟଙ୍କା କାରବାର ନେଇ ଅଧିକ ଖୋଳତାଡ଼ କରୁଛି ପୋଲିସ।

## ସିଲିଣ୍ଡର ଫାଟି...

ସକାଳ ୭ଟା ୧୫ ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା ବୋଲି ସଦର୍ନ ରେଲୱେ ପକ୍ଷରୁ କୁହାଯାଇଛି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯେ କେହି ଆଇଆର୍‌ସିଟିସି ପୋର୍ଟାଲ ବ୍ୟବହାର କରି ପ୍ରାଇଭେଟ୍ ପାର୍ଟି କୋଚ୍ ବୁକିଂ କରିପାରିବେ। ତେବେ ସେଥିରେ ଗ୍ୟାସ୍ ସିଲିଣ୍ଡର ଭଳି ଦହନଶୀଳ ସାମଗ୍ରୀ ନେବାର ଅନୁମତି ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-28, ତା.17.08.2023ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ ସିଗ୍ନାଲ/ ଟିଟିଲାଗଡ଼ ଅଧୀନସ୍ଥ ସିକିର(SFK)-ରହେନବଟା (RNBT), ଟିଟିଲାଗଡ଼ (TIG)-ଥେରୁବାଲି (THV), ଭବାନୀପାଟଣା (BWIP)-ଜୁନାଗଡ଼ (JNRD) ସେକ୍ସନ ନିମନ୍ତେ ସିଗ୍ନାଲ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (₹) :** 41,70,670.60, ବିଡ୍ ସିକ୍ୟୁରିଟି (₹) : 83,400.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.11.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-495/O/23-24

**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR-751001
PABX No.0674-2392801 / 0998 / 6437, FAX No.-0674-2390633 / 085
Visit us at : http://www.bda.gov.in

**INVITATION FOR BIDS** No.CAD-1853

Bid Identification No. 969/EM/BDA/2023-24 Date 25.08.2023

Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1 | Nature of works: | : | Police Aid Post at 47 locations of Bhubaneswar (Building work) |
| 2 | Total No. of works | : | 01 (One) No. |
| 3 | Amount put to tender | : | Rs.114.32 Lakh |
| 4 | Class of contractor | : | 'B' & 'A' Class |
| 5 | Period of completion | : | 03 (Three) calendar months |
| 6 | Cost of bid documents | : | Rs.10,000.00 + 18% GST = Rs.11,800.00 |
| 7 | Earnest Money Deposit (EMD) | : | 1% of estimated cost put to tender |
| 8 | Availability of tender | : | From 29.08.2023 to 5.00 P.M. of 11.09.2023 in website |
| 9 | Date of time of opening of tender | : | Dt.14.09.2023 at 11.30 A.M. |
| 10 | Place of opening of tender | : | O/o The Engineer Member, BDA, Bhubaneswar |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Engineer Member
BDA, Bhubaneswar
OIPR-13033/11/0267/2324

बैंक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ସୁରକ୍ଷିତ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ (ଇ-ନିଲାମ)**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲ ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀ ଅନୁଯାୟୀ ନିମ୍ନଦର୍ଶିତ ନିଲାମ ତାରିଖରେ ସମ୍ପତ୍ତି ବିକ୍ରୟ କରାଯିବ। ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ବିବରଣୀ, ବକେୟା ଦେୟ, ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ଏବଂ ସେବାବଦ ଜଣା ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଦଖଲର ପ୍ରକାର, ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଓ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନମତେ ପ୍ରଦତ୍ତ:

| କ୍ର. ନଂ. | ବ୍ରହ୍ମପୁର ଶାଖା (ଶାଖା ଫୋନ୍ ନଂ.: ୬୩୭୦୭୦୪୮୫୩) / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଜଣା ଥିବା ଏନ୍‌କମ୍ବ୍ରାନ୍‌ସେସ୍ ସହିତ ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ / ଦଖଲ ପ୍ରକାର | ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ନର୍ମଦା କୁମାରୀ ବେଜ, ସ୍ୱାମୀ: ୰ ତ୍ରିନାଥ ବେଜ, ଠିକଣା: ସା/ପୋ: ଖାରିଆଗୁଡ଼ା, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୨୦୯ / କୋ-ଆପ୍ଲିକାଣ୍ଟ: ଶ୍ରୀ ରଞ୍ଜନ କୁମାର ବେଜ, ପିତା: ୰ ତ୍ରିନାଥ ବେଜ, ଠିକଣା: ସା/ପୋ: ଖାରିଆଗୁଡ଼ା, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୨୦୯ / ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ବେଜ, ପିତା: ୰ ତ୍ରିନାଥ ବେଜ, ଠିକଣା: ସା/ପୋ: ଖାରିଆଗୁଡ଼ା, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୨୦୯ | ଶ୍ରୀମତୀ ନର୍ମଦା କୁମାରୀ ବେଜଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର. ନଂ.: ୨୫୦/୨୦୬, ସର୍ଭେ/ପ୍ଲଟ୍ ନଂ.: ୧୬୩/୮୫୫, ଏସ୍‌ଆରଓ: ପାତ୍ରପୁର, ମୌଜା: ମୁକୁନ୍ଦପୁର, ପୋ: ଖାରିଆଗୁଡ଼ା, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ୧୩୧୪ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହେବାକୁ ଥିବା / ନିର୍ମିତ ହୋଇଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୧୯୧୮ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୯୧୮ ବର୍ଗଫୁଟ (ବିଲ୍ଟ ଅପ୍), ୨ଟି ଫ୍ଲୋର୍‌ରେ ଥିବା ସର୍ବମୋଟ ୪ଟି ରୁମ୍ (କୋଠରୀ) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର୍ସ, ଏହାର ଚାରିପାର୍ଶ୍ୱରେ (ଡକ୍ୟୁମେଣ୍ଟ(କାଗଜପତ୍ର)ଅନୁଯାୟୀ) ପୂର୍ବ: ଦିଲ୍ଲିପ କୁମାର ଗୁରୁଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା, ଉତ୍ତର: ମୁଖ୍ୟ ରାସ୍ତା, ଦକ୍ଷିଣ: ସରକାରୀ ଜମି(ଆର୍.ଆଇ.କାର୍ଯ୍ୟାଳୟ) /ଭୌତିକ | ଟ.୨୮,୧୩,୬୩୯/- + ୦୬.୦୯.୨୦୨୨ ଠାରୁ ଭବିଷ୍ୟତ ସୁଧ | ଟ.୧୮,୧୫,୦୦୦/- / ଟ.୧,୮୧,୫୦୦/- / ଟ.୫୦,୦୦୦/- | ୧୫.୦୯.୨୦୨୩ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ୫ ମିନିଟ୍‌ର ସ୍ୱତଃ ବର୍ଦ୍ଧିତ ସମୟ ସହିତ ଯଦି ଶେଷ ୫ ମିନିଟ୍ ମଧ୍ୟରେ ବିଡ୍ ଦାଖଲ ହୋଇଥାଏ |

ବିଡ୍ / ଅମାନତ ରାଶି ଜମା ଓ ପ୍ରମାଣ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ : ୧୫.୦୯.୨୦୨୩ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ

ସମ୍ପତ୍ତିର ତନଖି ତାରିଖ ଏବଂ ସମୟ : ୧୪.୦୯.୨୦୨୩ ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଦ୍ରଷ୍ଟବ୍ୟ : ଏହି ନୋଟିସ୍‌ଟି ସମ୍ପୃକ୍ତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ଭାବେ ବିବେଚନା କରାଯିବ। ସମ୍ପତ୍ତିର ନିଲାମ ବିକ୍ରୟ ଅନ୍‌ଲାଇନ୍ ଇ-ନିଲାମ / ବିଡିଙ୍ଗ୍ ୱେବ୍‌ସାଇଟ୍ https://www.mstcecommerce.com ମାଧ୍ୟମରେ ଅନୁଷ୍ଠିତ ହେବ। ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଇଥିବା ଲିଙ୍କ୍ "https://www.bankofmaharashtra.in" ଏବଂ ଇ-ବିକ୍ରୟ (e-Bକ୍ରୟ) ପୋର୍ଟାଲ (www.ibapi.in) ମଧ୍ୟ ଦେଖନ୍ତୁ।

* "ଋଣଗ୍ରହୀତାମାନଙ୍କୁ ଜଣାଇ ଦିଆଯାଉଛି କି, ପଞ୍ଚନାମା ଅନୁସାରେ ତା.୦୯.୦୩.୨୦୨୩ ରିଖରେ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲ ନେବା ସମୟରେ ସମ୍ପତ୍ତିରେ ଉପଲବ୍ଧ ଥିବା ଅସ୍ଥାବର ଜିନିଷ ପତ୍ର ଗୁଡ଼ିକୁ ଫେରାଇ ନେବା ପାଇଁ ତା.୧୨.୦୯.୨୦୨୩ ରିଖ ସୁଦ୍ଧା ବ୍ରହ୍ମପୁର ଶାଖାରେ ଆବେଦନ ଦାଖଲ କରନ୍ତୁ। ଯଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ କୌଣସି ଆବେଦନ ଗ୍ରହଣ କରାଯାଏ ନାହିଁ ତେବେ ଏହାକୁ ସମ୍ମତି ଭାବରେ ଗ୍ରହଣ କରାଯିବ ଯେ, ଋଣଗ୍ରହୀତା ତାଙ୍କର ଜିନିଷ ପତ୍ର ଗୁଡ଼ିକୁ ନେବା ପାଇଁ ଇଚ୍ଛା ପ୍ରକାଶ କରୁନାହାଁନ୍ତି ଏବଂ ନିଲାମ ନିର୍ଦ୍ଦିଷ୍ଟ ତାରିଖରେ ପରିଚାଳିତ ହେବ। ଏ ସମ୍ବନ୍ଧୀୟ ପରବର୍ତ୍ତୀ କୌଣସି ଦାବୀ/ଅଭିଯୋଗକୁ ପ୍ରଶ୍ରୟ ଦିଆଯିବ ନାହିଁ।"

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୭.୦୮.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

राष्ट्रीय परीक्षा एजेंसी
**National Testing Agency**
Excellence in Assessment
Azadi Ka Amrit Mahotsav
सत्यमेव जयते

(उच्चत्तर शिक्षा विभाग, शिक्षा मंत्रालय, भारत सरकार के तहत एक स्वायत्त संगठन)
(An Autonomous Organization under the Department of Higher Education, Ministry of Education, Government of India)
First Floor, NSIC-MDBP Building, Okhla Industrial Estate, New Delhi -110020
Website: https://nta.ac.in/

ରେଫରେନ୍ସ: ଏନ୍‌ଟିଏ/ଆଡ୍‌ମିନ୍/ରିକ୍ରୁଟ୍./ଏଡିଭିଟି./ଡିଇପି/୨୦୨୩ ତାରିଖ: ୨୭ ଅଗଷ୍ଟ, ୨୦୨୩

**ଖାଲିପଦବୀ ସମ୍ବନ୍ଧୀୟ ଅଧିସୂଚନା**

**ତାରିଖ: ୧୦ ଅଗଷ୍ଟ ୨୦୨୩**

ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ), ଶିକ୍ଷା ମନ୍ତ୍ରଣାଳୟ (ଏମ୍‌ଓଇ), ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଏକ ଆତ୍ମ-ପୋଷିତ ସ୍ୱୟଂଶାସିତ ସଂଗଠନ ଯାହାର ଉଦ୍ଦେଶ୍ୟ ହେଉଛି ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ପ୍ରାର୍ଥୀମାନଙ୍କର ଯୋଗ୍ୟତାର ମୂଲ୍ୟାୟନ କରିବା ଲାଗି ଦକ୍ଷ, ସ୍ୱଚ୍ଛ ଏବଂ ଅନ୍ତର୍ଜାତୀୟ ମାନର ପରୀକ୍ଷା ସଞ୍ଚାଳନ କରିବା। ଜାତୀୟ ପରୀକ୍ଷା ଏଜେନ୍ସି ନିମ୍ନଲିଖିତ ପଦବୀଗୁଡ଼ିକୁ ଡେପୁଟେଶନ୍ ଭିତ୍ତି/ବୈଦେଶିକ ସେବା ସର୍ତ୍ତରେ ପୂରଣ କରିବା ପାଇଁ ଆଗ୍ରହୀ/ଯୋଗ୍ୟ/ଉପଯୁକ୍ତ ପ୍ରାର୍ଥୀମାନଙ୍କଠାରୁ ସର୍ବଶେଷ ୧୨ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛନ୍ତି।

| କ୍ର.ସଂ. | ପଦବୀର ନାମ | ଗ୍ରୁପ୍ | ୭ମ ସିପିସି ଅଧୀନରେ ବେତନ ସ୍ତର | ଖାଲିପଦବୀ ସଂଖ୍ୟା |
|---|---|---|---|---|
| ୧. | ନିର୍ଦ୍ଦେଶକ | ଏ | ସ୍ତର – ୧୩ | ୦୪ |
| ୨. | ଯୁଗ୍ମ ନିର୍ଦ୍ଦେଶକ | ଏ | ସ୍ତର – ୧୨ | ୦୨ |
| ୩. | ଗବେଷଣା ବୈଜ୍ଞାନିକ 'ସି' | ଏ | ସ୍ତର – ୧୨ | ୦୧ |
| ୪. | ବରିଷ୍ଠ ପ୍ରୋଗ୍ରାମର୍ | ଏ | ସ୍ତର – ୧୧ | ୦୨ |
| ୫. | ଉପ ନିର୍ଦ୍ଦେଶକ | ଏ | ସ୍ତର – ୧୧ | ୦୨ |
| ୬. | ଗବେଷଣା ବୈଜ୍ଞାନିକ 'ବି' | ଏ | ସ୍ତର – ୧୧ | ୦୧ |
| ୭. | ପ୍ରୋଗ୍ରାମର୍ | ଏ | ସ୍ତର – ୧୦ | ୦୩ |
| ୮. | ସହକାରୀ ନିର୍ଦ୍ଦେଶକ | ଏ | ସ୍ତର – ୧୦ | ୦୪ |
| ୯. | ଗବେଷଣା ବୈଜ୍ଞାନିକ 'ଏ' | ଏ | ସ୍ତର – ୧୦ | ୦୨ |
| ୧୦. | ବରିଷ୍ଠ ଅଧୀକ୍ଷକ | ବି | ସ୍ତର – ୭ | ୦୪ |
| ୧୧. | ଷ୍ଟେନୋଗ୍ରାଫର୍ | ବି | ସ୍ତର – ୬ | ୦୩ |

ଯୋଗ୍ୟତା ମାନଦଣ୍ଡ/ଶିକ୍ଷାଗତ ଯୋଗ୍ୟତା/ଅଭିଜ୍ଞତା, ଆବେଦନ ଓ ମନୋନୟନ ପ୍ରକ୍ରିୟା ଇତ୍ୟାଦି ପାଇଁ ଦୟାକରି http://recruitment.nta.ac.inରେ ଖାଲିପଦବୀ ଅଧିସୂଚନା ଏବଂ ତାହାର ଶୁଦ୍ଧିପତ୍ର/ଯୋଗପତ୍ର ଦେଖନ୍ତୁ। ଏନ୍‌ଓସି, ଏପିଏଆର୍, ଭିଜିଲାନ୍ସ କ୍ଲିୟରାନ୍ସ, ସତ୍ୟନିଷ୍ଠା ପ୍ରମାଣପତ୍ର ସହିତ ସବୁ ଦିଗରୁ ସମ୍ପୂର୍ଣ୍ଣ ଆବେଦନପତ୍ର ଜାତୀୟ ପରୀକ୍ଷା ଏଜେନ୍ସି, ପ୍ରଥମ ମହଲା, ଏମ୍‌ଡିବିପି-ବିଲ୍ଡିଂ, ଓଖ୍ଲା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଦିଲ୍ଲୀ – ୧୧୦୦୨୦ ଠିକଣାରେ ଉପଯୁକ୍ତ ଚ୍ୟାନେଲ୍ (ପାହ୍ୟା ନିୟନ୍ତ୍ରକ କର୍ତ୍ତୃପକ୍ଷ/ସମ୍ପୃକ୍ତ ମୂଳ ସଂଗଠନ) ମାଧ୍ୟମରେ ୧୮ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

Sd/-
Director General

cbc 21354/12/0002/2324

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
Rushikulya Bahuda Basin, Berhampur- 760004
e-mail id: se_sicbam@yahoo.com
No.A-485

**e-Procurement Notice No.ACE, RBB-03/2023-24**

1. Type of work : Flood Protection & Road work. 2. Total No. of works: 03 (Three) Nos. 3. Amount put to tender : Rs.592.49 to 697.64 Lakh. 4. Period of completion: 11 (Eleven) calendar months.

| Procurement Officer | Bid Identification No. | Bid Amount (Rs. in lakh) | Availability & Submission of bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (CHID)-06/2023-24 | 697.64 | From 01.09.2023, 10.00 A.M. to 16.09.2023, 5.00 P.M. |
| | ACE, RBB (CHID)- 07/2023-24 | 631.86 | |
| | ACE, RBB (CHID)- 08/2023-24 | 592.49 | |

Date of opening of the technical bid : 18.09.2023 at 11.30 A.M.
Further details can be seen from the Govt. website www.tendersodisha.gov.in

Sd./- Additional Chief Engineer, Rushikulya Bahuda Basin, Berhampur
OIPR-32411/11/0005/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
e-mail: serw_ctc@yahoo.com
No.Tender Online RWC-18/23 Letter No.2872 Date: 23.08.23 No.O-754

**e-Procurement NOTICE**

1. Name of the work : Construction of Road & Bridges works.
2. Class of contractor
   a) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   b) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of othr licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for completion : As specified in the Column-6 of the Annexure.
4. Detail Projects : As per Annexure attached.
5. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-18/23 | 01.09.2023 at 11.30 A.M. | 15.09.2023 upto 05.00 P.M. | 14.09.23 upto 02.00 P.M. | 16.09.23 at 05.30 P.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer, Rural Works Circle, Cuttack
OIPR-25097/11/0020/2324

# ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳକୁ ସ୍ୱର୍ଣ୍ଣ

**ବର୍ମିଂହାମ୍, ୨୬।୮ (ପି.ଟି.)**

ଭାରତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ ଦଳ ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ଭାରତ ପ୍ରଥମେ ଅଷ୍ଟ୍ରେଲିଆକୁ ନିର୍ଦ୍ଧାରିତ

## ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସ

୨୦ ଓଭରରେ ୧୧୪/୮ରେ ସୀମିତ କରିଦେଇଥିଲା। ମାତ୍ର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ୪୨ ରନର ବିଜୟ ଲକ୍ଷ୍ୟକୁ ୩.୩ ଓଭରରେ ୧ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ ୱାର୍ଲ୍ଡ ଗେମ୍ସ (ଆଇବିଏସ୍ଏ)ରେ ପ୍ରଥମ ଥର ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଛି। ୱାର୍ଲ୍ଡ ଗେମ୍ସର ଏହା ଥିଲା ପ୍ରଥମ ଫାଇନାଲ। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳି ଆସିଛି। ଅଗଷ୍ଟ ୨୦ରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫୯/୬ରେ ସୀମିତ କରିଦେବା ପରେ ବିଜୟ ଲକ୍ଷ୍ୟକୁ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ପରେ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉକେଟ ବିନିମୟରେ ବିଶାଳ ୨୬୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଙ୍ଗୱା ଏବ୍ ଆକର୍ଷଣୀୟ ବ୍ୟାଟିଂ କରି ୬୦ ବଲ୍‌ରୁ ୧୧୭ ରନ କରିଥିଲେ। ଇଂଲଣ୍ଡ ଏହି ମ୍ୟାଚ ୧୮୫ ରନରେ ହାରିଯାଇଥିଲା। ଭାରତ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଗତ ବୁଧବାର ଅଷ୍ଟ୍ରେଲିଆକୁ ୧୬୩ ରନରେ ପରାସ୍ତ କରିଥିଲା।


ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳ।

# ଆହାନ ମିଶ୍ରଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୬।୮ (ସରୋଜ ଜେନା)**

ରାଜ୍ୟର ପ୍ରତିଭାବାନ ଟେନିସ୍ ଖେଳାଳି ଆହାନ ମିଶ୍ର ମେଣ୍ଢାଶାଳରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍‌ରେ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ଉଭୟ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଆହାନ ଟାଇଟଲ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲରେ ସେ ୬-୧ ଓ ୬-୦ରେ ଅଂଶୁମାନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ଡବଲ୍ସରେ ସେ ସ୍ୱୟମ୍ ସାହୁଙ୍କ ସହ ମିଶି ଟାଇଟଲ ହାସଲ କରିଥିଲେ। ଆହାନ-ସ୍ୱୟମ ଯୋଡି ଫାଇନାଲରେ ସୁତବ୍ୟ କୁମାର ଓ ଜଗତ ପତିଙ୍କୁ ୬-୩ ଓ ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଓଡ଼ିଶା ଟେନିସ ଏକାଡେମୀରେ ପ୍ରଶିକ୍ଷିତ ଆହାନଙ୍କ ଖେଳ ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି। ଆଗାମୀ ଦିନରେ ସେ ଆହୁରି ଉନ୍ନତି କରିବେ ବୋଲି କୋଚ୍ ସନ୍ତୋଷ କୁମାର ମଲିକ୍ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଜିଏସ୍‌ଟି ଡେପୁଟି କମିଶନର ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର ଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରେଫରି ଭାବରେ ସିଦ୍ଧାର୍ଥ ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଆହାନ ମିଶ୍ର

# ବେଙ୍ଗାଲୁରୁରେ କ୍ୟାମ୍ପ କରିବ ନେଦରଲାଣ୍ଡ୍ସ


ଫେୟାର ବ୍ରି ତ୍ରିରାଷ୍ଟ୍ରୀୟ ସିରିଜ୍ ବିଜୟୀ ନେଦରଲାଣ୍ଡ୍ସ ଦଳ।

**ବେଙ୍ଗାଲୁରୁ, ୨୬।୮ (ପି.ଟି.)**

ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ନେଦରଲାଣ୍ଡ୍ସ। ଦଳ ଆଗୁଆ ଭାରତ ଗସ୍ତ କରିବା ସହିତ ଅଧିକରୁ ଅଧିକ ପରିମାଣରେ ଅଭ୍ୟାସ ମ୍ୟାଚ୍ ଖେଳିବା ଉପରେ ଗୁରୁତ୍ୱ ଦେଇଛନ୍ତି କୋଚ୍ ର୍ୟାନ୍ କୁକ୍। ସେପ୍ଟେମ୍ବର ଅଧାରୁ ତଥା ବିଶ୍ୱକପର ୧୫ ଦିନ ଆଗରୁ ଦଳ ଭାରତ ଗସ୍ତ କରି ଏଠାକାର ପରିବେଶ ସହିତ ଅଭ୍ୟସ୍ତ ହେବାକୁ ପ୍ରୟାସ କରିବ। ଏହା ସହିତ ଅଷ୍ଟ୍ରେଲିଆ ଓ ଭାରତ ପରି

## ଦିନିକିଆ ବିଶ୍ୱକପ୍

ଶକ୍ତିଶାଳୀ ଦଳକୁ ଅଭ୍ୟାସ ମ୍ୟାଚ୍‌ରେ ଭେଟିବାକୁ ଥିବା ବେଳେ ଏହା ଦଳର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବେଙ୍ଗାଲୁରୁରେ କ୍ୟାମ୍ପ ସମୟରେ ନେଦରଲାଣ୍ଡ୍ସ ଏକାଧିକ ସ୍ଥାନୀୟ ଦଳଙ୍କ ସହିତ ମ୍ୟାଚ୍ ଖେଳିବ ବୋଲି ଜଣାପଡିଛି। ଜୁଲାଇ ମାସରେ ନେଦରଲାଣ୍ଡ୍ସ ଦଳ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତରେ ଦଳ ୧୯୯୬ ଓ ୨୦୧୧ ସଂସ୍କରଣର ବିଶ୍ୱକପ ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଶେଷ ସଫଳ ହୋଇନାହିଁ। ତେବେ ଭାରତରେ ଆଗୁଆ କ୍ୟାମ୍ପ କରିବା ଦଳ ପାଇଁ ଲାଭଦାୟକ ରହିବ ବୋଲି ଅଧିନାୟକ ସ୍କଟ୍ ଏଡୱାର୍ଡସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଆମେ ପାକିସ୍ତାନ ଓ ଶ୍ରୀଲଙ୍କା ସହିତ ଦ୍ୱିପାକ୍ଷିକ ସିରିଜ୍ ଖେଳିଛୁ। ଏହା ଆମକୁ ବିଶ୍ୱକପରେ ସହାୟକ ହେବ ବୋଲି ଏଡୱାର୍ଡସ କହିଛନ୍ତି। ଶନିବାର ଥାଇଲାଣ୍ଡ ଓ ସ୍କଟଲାଣ୍ଡକୁ ନେଇ ଖେଳା ଯାଇଥିବା ଫେୟାର ବ୍ରି ତ୍ରିରାଷ୍ଟ୍ରୀୟ ସିରିଜ୍ ବିଜୟୀ ହେବା ପରେ ଏଡୱାର୍ଡସ୍ ଏହା ପ୍ରକାଶ କରିଥିଲେ।

# ଏସିଆନ ଗେମ୍ସ କ୍ୟାମ୍ପରେ ପ୍ରଜ୍ଞାନନ୍ଦ, ଗୁକେଶ

**କୋଲକାତା, ୨୬।୮ (ପି.ଟି.)**

ଏସିଆନ ଗେମ୍ସରେ ଭାଗ ନେବାକୁଥିବା ଭାରତୀୟ ଚେସ୍ ଦଳ ପାଇଁ କୋଲକାତାରେ ଅଗଷ୍ଟ ୩୦ରୁ ଏକ ୪ଦିନିଆ କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିରେ ବିଶ୍ୱକପ୍ ରୌପ୍ୟ ବିଜେତା ଗ୍ରାଣ୍ଡମାଷ୍ଟର ରମେଶବାବୁ ପ୍ରଜ୍ଞାନନ୍ଦ ଏବଂ ଅନ୍ୟ ୩ଜଣ କ୍ୱାର୍ଟରଫାଇନାଲିଷ୍ଟ ରହିଛନ୍ତି। ହାଙ୍ଗଝୋ ଗସ୍ତ କରିବାକୁ ଥିବା ପୁରୁଷ ଦଳରେ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀ, ଅର୍ଜୁନ ଏରିଗିଆସି, ଆର୍. ଗୁକେଶ ଏବଂ ଭେଟେରାନ ପେଣ୍ଟାଲା ହରେକ୍ରିଷ୍ଣା ପ୍ରମୁଖ ସ୍ଥାନ ପାଇଛନ୍ତି। କିମ୍ବଦନ୍ତୀ ଗ୍ରାଣ୍ଡମାଷ୍ଟର ବୋରିସ ଗେଲ୍‌ଫାଣ୍ଡ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଶ୍ରୀନାଥ ନାରାୟଣନ କୋଚ୍ ଏବଂ ବୈଭବ ସୁରି ଓ ଅର୍ଜୁନ କଲ୍ୟାଣ ସହକାରୀ କୋଚ୍ ରହିଛନ୍ତି। ବର୍ତ୍ତମାନ ଚାଲିଥିବା ମହିଳା କୋଚିଂ କ୍ୟାମ୍ପ ମଙ୍ଗଳବାର ଶେଷ ହେବ। ଏଥିରେ କୋନେରୁ ହମ୍ପି, ହାରିକା ଦ୍ରୋଣାଭାଲି, ବୈଶାଳୀ ରମେଶବାବୁ, ଭାନ୍ତିକା ଅଗ୍ରୱାଲ ଓ ସବିତା ଶ୍ରୀ. ବି ପ୍ରମୁଖ ଯୋଗ ଦେଇଛନ୍ତି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ଏଠାରେ ଟାଟା ଷ୍ଟିଲ୍ ଇଣ୍ଡିଆ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟର ୫ମ ସଂସ୍କରଣ ହେବାକୁ ଥିବାବେଳେ ସେ ସମୟରେ କ୍ୟାମ୍ପ ଅନୁଷ୍ଠିତ ହେବ। ଏସିଆନ ଗେମ୍ସରେ ଭାଗ ନେବାକୁ ଥିବା ଭାରତୀୟ ଦଳର ସମସ୍ତ ସଦସ୍ୟ ଏଥିରେ ଭାଗ ନେବେ। ପୂର୍ବତନ ବିଶ୍ୱ ବ୍ଲିଜ୍ ଚାମ୍ପିୟନ ମାକ୍ସିମ ଭାଚିର ଲାଗ୍ରେଭ୍ ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ୱେନ୍‌ଜୁନ୍ ଜୁ ଏଥିରେ ଭାଗ ନେବେ।

# ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ ସିଜନ-୨ ସ୍ଥଗିତ

**ବେଙ୍ଗାଲୁରୁ, ୨୬।୮ (ପି.ଟି.)**

ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ (ଜିପିବିଏଲ୍)ରୁ ବହୁ ଖେଳାଳି ଓହରିଯିବାରୁ ରବିବାରଠାରୁ ଆରମ୍ଭ ହେବାକୁଥିବା ଏହି ପ୍ରତିଯୋଗିତାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଛି। ଲିଗ୍ କମିଶନର ପ୍ରଶାନ୍ତ ରେଡ୍ଡୀ ଶନିବାର ଏ ବିଷୟରେ ସୂଚନା ଦେଇଛନ୍ତି। ଲିଗ୍‌ର ଆୟୋଜନ ପାଇଁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଆବଶ୍ୟକ ଅନୁମତି ପ୍ରଦାନ କରି ନ ଥିଲା। 'ବାଇ'କୁ ବୁଝାଇବା ଲାଗି ଆମର ସମସ୍ତ ପ୍ରୟାସ ବିଫଳ ହୋଇଥିଲା। ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହେବ। ଜିପିବିଏଲ୍ ଏକ ବଡ଼ ଆକାରରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଡ୍ଡୀ ପ୍ରକାଶ କରିଛନ୍ତି। ଶୁକ୍ରବାର କର୍ଣାଟକ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ୍ ଜିପିବିଏଲ୍ ଆୟୋଜନ ସପକ୍ଷରେ ରାୟ ଦେଇଥିଲେ। ମାତ୍ର 'ବାଇ' ଶୁକ୍ରବାର ବିଳମ୍ବିତ ରାତିରେ ଅଗଷ୍ଟ ୨୨ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଆଧାରରେ ଏକ ସର୍କୁଲାର ଜାରି କରିଥିଲା। ଖେଳାଳି, କୋଚିଂ ଓ ଟେକ୍ନିକାଲ ଷ୍ଟାଫ୍ କୌଣସି ଅଣସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ କିମ୍ବା ଲିଗ୍‌ରେ ଭାଗ ନେଇପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। କର୍ଣାଟକ ହାଇକୋର୍ଟ ପିଟିଶନଟିର ଉଚିତ ବିଚାର କରି ନାହାନ୍ତି। ମାମଲାର ଚୂଡ଼ାନ୍ତ ଶୁଣାଣି ସେପ୍ଟେମ୍ବର ୧୨କୁ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୧୨ ରାୟ ଯଦି ଜିପିବିଏଲ୍ ଏବଂ ଏହାର ଆୟୋଜକଙ୍କ ବିପକ୍ଷରେ ଯାଏ ତେବେ ଖେଳାଳି ଓ ଅନ୍ୟ ଷ୍ଟାଫ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଟୁର୍ନାମେଣ୍ଟରେ ମିଥୁନ ମଞ୍ଜୁନାଥ ଓ ବି. ସାଇ ପ୍ରଣିଥଙ୍କ ସମେତ ଦେଶର କେତେଜଣ ଟପ୍ ଖେଳାଳି ଅଂଶଗ୍ରହଣ କରିଥାନ୍ତେ। ଅଗଷ୍ଟ ୫ରେ ହୋଇଥିବା ଖେଳାଳି ନିଲାମିରେ ମିଥୁନଙ୍କୁ ଚେନ୍ନାଇ ସୁପରଷ୍ଟାର୍ଜ ୧୪.୫ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ପ୍ରଣିଥଙ୍କୁ ନର୍ଥଇଷ୍ଟ ରାଇନୋଜ୍ ୧୦ଲକ୍ଷ ଟଙ୍କାରେ ନେଇଥିଲା।




# ଅମନ, ଆକାଶଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା

ପଟିଆଲା, ୨୬।୮ (ପି.ଟି.): ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସ ପଟିଆଲାରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ଗ୍ରୀକୋ ରୋମାନ ଫର୍ମାଟରେ ସମୁଦାୟ ୨୦ ଜଣ ଖେଳାଳି ଯୋଗ୍ୟତା ଅର୍ଜନ କରିଥିଲେ। ଦ୍ୱିତୀୟ ଦିନରେ ଅଲିମ୍ପିକ୍ସ ପଦକ ବିଜେତା ଦୀପକ ପୁନିଆ ଓ ବଜରଙ୍ଗ ପୁନିଆ ଟ୍ରାଏଲ୍ସରେ ଯୋଗ ଦେଇ ନ ଥିବା ବେଳେ ଅମନ ଶେରାୱତ ଓ ଆକାଶ ଦହିୟା ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୭ କିଗ୍ରା ବର୍ଗରେ

## ରେସ୍‌ଲିଂ ଟ୍ରାଏଲ୍ସ

ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମନ ଫାଇନାଲରେ ଆକାଶ ତୋଡକରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୬୧ କିଗ୍ରା ଫାଇନାଲରେ ଆକାଶ ନୀରଜ କୁମାରଙ୍କୁ ପରାସ୍ତ କରିଛନ୍ତି। ୬୫ କିଗ୍ରା ଓଜନ ବର୍ଗରୁ ବଜରଙ୍ଗ ପୁନିଆ ଓହରି ଯାଇଥିବା ବେଳେ ଅନୁଜ କୁମାର ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ବଜରଙ୍ଗ ନୁହନ୍ତି ବରଂ ଯନ୍ତର ମନ୍ତରରେ ଧାରଣାରେ ବସିଥିବା ଜିତେନ୍ଦର କିନ୍‌ହା, ସାକ୍ଷୀ ମଲିକଙ୍କ ସ୍ୱାମୀ ସତ୍ୟବ୍ରତ କାଡିୟାନ୍ ମଧ୍ୟ ଏହି ଟ୍ରାଏଲ୍ସରେ ଭାଗ ନେଉନାହାନ୍ତି।

ଅନ୍ୟପକ୍ଷରେ ଏସିଆନ୍ ଗେମ୍ସ ଟ୍ରାଏଲ୍ସ ବିଜେତା ବିଶାଳ କାଳୀରମଣଙ୍କୁ ଶକ୍ତ ଧକ୍କା ଲାଗିଛି। ଏସିଆନ୍ ଟ୍ରାଏଲ୍ସ ବିଜୟୀ ହୋଇଥିବା ବେଳେ ବଜରଙ୍ଗଙ୍କୁ ଚୟନ କରାଯାଇ ତାଙ୍କୁ ସବ୍‌ଷ୍ଟିଚ୍ୟୁଟ ଭାବରେ ରଖାଯାଇଥିଲା। ବର୍ତ୍ତମାନ ଅନୁଜଙ୍କଠାରୁ ପରାଜିତ ହୋଇ ବିଶାଳଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣ ଉପରେ ମଧ୍ୟ ଆଶଙ୍କା ଦେଖାଦେଇଛି। ୭୦ କିଗ୍ରା ଓଜନ ବର୍ଗରେ ମୁଲାୟମ ଯାଦବ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ ହାସଲ କରିଥିବା ବେଳେ ୭୪ କିଗ୍ରା ଇଭେଣ୍ଟରେ ନବୀନ ଯୋଗ୍ୟତା ହାସଲ କରିଛନ୍ତି। ୭୯ କିଗ୍ରା ଇଭେଣ୍ଟରେ ରୋହିତ ଗୁଲିୟାଙ୍କୁ ପରାସ୍ତ କରି ସଚିନ ମୋରେ ଯୋଗ୍ୟତା ହାସଲ କରିଛନ୍ତି। ୮୬ କିଗ୍ରା ବର୍ଗରେ ଦୀପକଙ୍କ ଅନୁପସ୍ଥିତିରେ ସନ୍ଦୀପ ସିଂ, ୯୨ କିଗ୍ରା ବର୍ଗରେ ପୃଥ୍ୱୀରାଜ ପାଟିଲ ଓ ୯୭ କିଗ୍ରା ବର୍ଗରେ ସାହିଲ ବିଜୟୀ ହୋଇଛନ୍ତି। ୧୨୫ କିଗ୍ରା ଓଜନ ବର୍ଗରେ ସୁମିତ ମଲିକ ବିଜୟୀ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ସର୍ବିୟାର ବେଲଗ୍ରେଡରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜିତ ହେବ। ଭାରତୀୟ ରେସ୍‌ଲିଂ ମହାସଂଘ ଉପରେ ବ୍ୟାନ ଲାଗିଥିବାରୁ ଭାରତୀୟ ଖେଳାଳିମାନେ ନ୍ୟୁଟ୍ରାଲ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ବିଦେଶରେ ପ୍ରଶିକ୍ଷଣ ନେବା ପାଇଁ ଦୁଇ ଅଲିମ୍ପିଆନ୍ ବଜରଙ୍ଗ ପୁନିଆ ଓ ଦୀପକ ପୁନିଆ ଟ୍ରାଏଲ୍ସରୁ ଓହରି ଯାଇଛନ୍ତି। ବଜରଙ୍ଗ ଏସିଆନ ଗେମ୍ସ ପ୍ରସ୍ତୁତି ପାଇଁ ଓହରିଥିବା ବେଳେ ସେ କିର୍ଗିଜସ୍ତାନରେ ଅଭ୍ୟାସ କରିବେ। ଅନ୍ୟପକ୍ଷରେ ଦୀପକ ରୁଷିଆରେ ଅଭ୍ୟାସ କରୁଛନ୍ତି।



୫୭ କିଗ୍ରା ଓଜନ ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ଅର୍ଜନ କରିଥିବା ଅମନ ଶେରାୱତ(ମଝି)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ